# ଧରିତ୍ରୀ
DHARITRI

ରାୟଗଡ଼ା, ମଙ୍ଗଳବାର, ଜାନୁୟାରୀ ୧୫ /୨୦୧୯ (୧୬ ପୃଷ୍ଠା) Rayagada, Tuesday, January 15 / 2019 ★

୮ମ ଭାଗ ୩୩୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



DSPL-346

ଓଡ଼ିଶା ସରକାର

ଆମ ଗାଁ ଆମ ବିକାଶ

ODISHA ONE
ଓଡ଼ିଶା ଆମ ଗୌରବ

# PEETHA

( PEOPLES EMPOWERMENT ENABLING TRANSPARENCY AND ENHANCING ACCOUNTABILITY ON ODISHA INITIATIVES )

# ପିଠା


ସଶକ୍ତିକରଣ ଏବଂ ସଚେତନତା

**ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ୩ଟି (3T) ମନ୍ତ୍ରକୁ ଆଧାର କରି ଜାନୁଆରୀ ମାସର ୧୫ ରୁ ୨୦ ତାରିଖ ମଧ୍ୟରେ ପ୍ରତି ଗ୍ରାମପଞ୍ଚାୟତ ଓ ସହରାଞ୍ଚଳ ରେ ଅନୁଷ୍ଠିତ ହେବ ପିଠା ଶିବିର**



- ୩ଲକ୍ଷ ନୂଆ ଗଢା ଯାଇଥିବା ସ୍ୱୟଂସହାୟକ ଗୋଷ୍ଠୀକୁ ଯୋଗାଇ ଦିଆଯିବ ୧୫,୦୦୦ ଟଙ୍କା ଲେଖାଏଁ ମୂଳଧନ ସେଥିପାଇଁ ମଞ୍ଜୁର ହୋଇଛି ୩୭୩ କୋଟି ଟଙ୍କା
- ନୂଆ ଗଢ଼ା ହୋଇଥିବା ପ୍ରତି ସ୍ୱୟଂସହାୟକ ଗୋଷ୍ଠୀ ପାଇଁ ଅଙ୍ଗନୱାଡ଼ି କର୍ମୀ ଙ୍କୁ ୫୦୦/- ଟଙ୍କା ଏବଂ ପ୍ରତି ଅଙ୍ଗନୱାଡ଼ି ସହାୟିକାଙ୍କୁ ୨୦୦ ଟଙ୍କା ଲେଖାଏଁ ଯୋଗାଇ ଦିଆଯିବ
- ଶୁଭାରମ୍ଭ ହେବ ଆମ ଏଲ୍. ଇ. ଡି (LED) ଯୋଜନା, ଯେଉଁଥିରେ ଟଙ୍କିକିଆ ଚାଉଳ ପାଉଥିବା ପରିବାର ମାନଙ୍କୁ ମାଗଣାରେ ଯୋଗାଇ ଦିଆଯିବ ୪ଟି ଏଲ୍. ଇ. ଡି ବଲ୍ବ
- ସୁନେତ୍ର ଯୋଜନାରେ ଚକ୍ଷୁର ମାଗଣା ଚିକିତ୍ସା ଓ ମାଗଣା ଚଷମା ପାଇପାରିବେ
- ଚାଷୀ ଭାଇମାନେ କାଳିଆ ଯୋଜନା ବିଷୟରେ ଜାଣିପାରିବେ
- ସହରାଞ୍ଚଳ ର ପିଠା ଶିବିର ରେ ମଧ୍ଯ ବିଭିନ୍ନ ଯୋଜନା ର ସୁବିଧା ପାଇପାରିବେ

19001/13/0027/1819



"ବିଗତ ୪ ବର୍ଷ ମଧ୍ୟରେ ମାଓବାଦୀ ହିଂସା ୫୦ ପ୍ରତିଶତ ହ୍ରାସ ପାଇଛି । ତେବେ କଶ୍ମୀରରେ ଅସ୍ଥିରତା ସୃଷ୍ଟି କରିବାକୁ ପଡ଼ୋଶୀ ପାକିସ୍ତାନ ଚଳାଇଥିବା ଷଡ଼ଯନ୍ତ୍ର ଦେଶ ପାଇଁ ଏକ ଚ୍ୟାଲେଞ୍ଜ୍ ହୋଇଛି ।"
- ରାଜନାଥ ସିଂ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ



## ସଂକ୍ଷେପରେ

### ମାଲବାହୀ ବିମାନ ଦୁର୍ଘଟଣା, ୧୫ ମୃତ



**ତେହେରାନ,୧୪ା୧**-ଇରାନ ରାଜଧାନୀ ତେହେରାନଠାରେ ସୋମବାର ଏକ ସାମରିକ ମାଲବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। କିର୍ଗିଜ୍‌ସ୍ତାନର ବିଶେକ୍‌ରୁ ମାଂସ ନେଇ ଆସୁଥିବା 'କାର୍ଗୋ ୭୦୭' ବିମାନ ରନ୍‌ୱେରେ ଅବତରଣ କରିବା ପରେ ଭାରସାମ୍ୟ ହରାଇ ଏକ କାନ୍ଥକୁ ଧକ୍କା ଦେଇଥିଲା। ପରେ ଏହା ଜଳି ଉଠିଥିଲା। ଏଥିରେ ଥିବା ୧୫ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଜଣେ ଇଞ୍ଜିନିୟର ଏହି ଭୟାବହ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦୁର୍ଘଟଣାସ୍ଥଳରେ ବିମାନଟି ଖଣ୍ଡବିଖଣ୍ଡିତ ଅବସ୍ଥାରେ ପଡ଼ି ରହିଛି।

### ପ୍ରଧାନମନ୍ତ୍ରୀଙ୍କୁ ଫିଲିପ୍ କୋଟଲର ପୁରସ୍କାର



**ନୂଆଦିଲ୍ଲୀ,୧୪ା୧(ପି.ଟି.)**-ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ଫିଲିପ୍ କୋଟଲର ପ୍ରେସିଡେନ୍‌ସିଆଲ୍' ପୁରସ୍କାର ପ୍ରଦାନ କରାଯାଇଛି। 'ପିପୁଲ୍ସ, ପ୍ରଫିଟ୍ ଏବଂ ପ୍ଲାନେଟ୍' ୩ ମାନଦଣ୍ଡ ଉପରେ ଏହା ଆଧାରିତ। ପ୍ରତିବର୍ଷ କୌଣସି ଏକ ଦେଶର ଉତ୍କୃଷ୍ଟ ନେତୃତ୍ୱବହନକାରୀ ନେତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବାକୁ ଘୋଷଣା ହୋଇଛି। ଏପରିସ୍ଥଳେ ପ୍ରଥମଥର ମୋଦି ନିଃସ୍ୱାର୍ଥ ସେବା ପ୍ରଦାନକାରୀ ନେତା ଭାବେ ଏହି ପୁରସ୍କାର ଗ୍ରହଣ କରିଥିବା ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ସୂଚିତ କରାଯାଇଛି। ଦେଶର ଆର୍ଥିକ, ସାମାଜିକ ଓ ବୈଷୟିକ ବିକାଶ କ୍ଷେତ୍ରରେ ମୋଦିଙ୍କ ବଳିଷ୍ଠ ନେତୃତ୍ୱକୁ ବିଚାରକୁ ନିଆଯାଇ ତାଙ୍କୁ ଏଥିପାଇଁ ଉପଯୁକ୍ତ ବିବେଚିତ କରାଯାଇଥିବା ପୁରସ୍କାର ପ୍ରଶସ୍ତିପତ୍ରରେ ଉଲ୍ଲେଖ ରହିଛି। ଏଥିରେ ଦର୍ଶାଯାଇଛି ଯେ, ସାମାଜିକ ଓ ଆର୍ଥିକ ସୁବିଧା ଯୋଗାଇଦେବା ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ଡିଜିଟାଲ୍ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ, ଷ୍ଟାର୍ଟଅପ୍ ଇଣ୍ଡିଆ, ସ୍ୱଚ୍ଛ ଭାରତ ବିଶ୍ୱବାସୀଙ୍କୁ ପ୍ରଭାବିତ କରିଛି। ଫିଲିପ୍ କୋଟଲର ନର୍ଥୱେଷ୍ଟର୍ନ ୟୁନିଭର୍ସିଟି, କେଲୋଗ୍ ସ୍କୁଲ ଅଫ୍ ମାନେଜମେଣ୍ଟ ମାର୍କେଟିଂର ଜଣେ ବିଶ୍ୱପ୍ରସିଦ୍ଧ ପ୍ରଫେସର ଅଟନ୍ତି। ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଇମୋରି ୟୁନିଭର୍ସିଟି, ଜର୍ଜିଆର ଜଗଦୀଶ ସେଠ୍ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରିଛନ୍ତି।

### ଶିବପାଲ୍‌ଙ୍କ ଦଳକୁ ଚାବି ଚିହ୍ନ

**ନୂଆଦିଲ୍ଲୀ,୧୪ା୧**-ଲୋକ ସଭା ନିର୍ବାଚନ ପୂର୍ବରୁ ଶିବପାଲ୍ ଯାଦବଙ୍କ ଦଳ ପ୍ରଗତିଶୀଳ ସମାଜବାଦୀ ପାର୍ଟି (ଲୋହିଆ)କୁ ନିର୍ବାଚନ କମିଶନ 'ଚାବି' ଚିହ୍ନ ପ୍ରଦାନ କରିଛନ୍ତି। ଉତ୍ତରପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପତ୍ର ଲେଖି ଇସି ଏହା ଜଣାଇଛନ୍ତି। ଶିବପାଲ୍‌ଙ୍କ ପିଏସ୍‌ପି(ଏଲ୍)କୁ ଅଣସ୍ୱୀକୃତ ଦଳ ଭାବେ ପଞ୍ଜୀକୃତ କରାଯାଇଛି। ଆଗାମୀ ନିର୍ବାଚନରେ ପିଏସ୍‌ପି (ଏଲ୍) ପ୍ରାର୍ଥୀ ଚାବି ଚିହ୍ନରେ ଲଢ଼ିପାରିବେ।

## ଇତିହାସର ଆଇନାରେ

### ଜାନୁୟାରୀ ୧୫ର ପ୍ରମୁଖ ଘଟଣା

୧୯୬୯ ଜାନୁୟାରୀ ୧୫ରେ ସୋଭିଏଟ୍ ୟୁନିୟନ୍ ଦ୍ୱାରା ସୋୟୁଜ୍ ୫ ଲଞ୍ଚ୍ କରାଯାଇଥିଲା। ମାନବଯୁକ୍ତ ଏହି ମହାକାଶଯାନରୁ ଦୁଇ ମହାକାଶଚାରୀଙ୍କୁ ପୃଥିବୀର କକ୍ଷପଥରେ ଥିବା ସୋୟୁଜ ୪କୁ ସ୍ଥାନାନ୍ତର କରାଯାଇଥିଲା।

୧୯୭୦ ଜାନୁୟାରୀ ୧୫ରେ ମୁଆମାର ଗଦାଫି ଲିବ୍ୟାର ପ୍ରଧାନମନ୍ତ୍ରୀ ଘୋଷିତ ହୋଇଥିଲେ। ୧୯୪୨ରେ ଜନ୍ମିତ କର୍ଣ୍ଣେଲ ଗଦାଫି ଲିବ୍ୟାର ଜଣେ ବିପ୍ଳବୀ, ରାଜନେତା ଏବଂ ରାଜନୈତିକ ତତ୍ତ୍ୱବାଦୀ ବ୍ୟକ୍ତି। ୧୯୬୯ରୁ ୧୯୭୭ ମଧ୍ୟରେ ସେ ଲିବ୍ୟାର ଶାସନ ପରିଚାଳନା କରୁଥିଲେ।

■ କମ୍ପ୍ୟୁଟର ଯାଞ୍ଚ ବିରୋଧରେ ଜନସ୍ୱାର୍ଥ ମାମଲା

# କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନୋଟିସ



- ■ ୧୦ କେନ୍ଦ୍ରୀୟ ସଂସ୍ଥାକୁ ଯାଞ୍ଚ ଦାୟିତ୍ୱ
- ■ ଡିସେମ୍ବର ୨୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା
- ■ ଆଇନଜୀବୀ ମନୋହରଲାଲ ଶର୍ମା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ

**ନୂଆଦିଲ୍ଲୀ,୧୪ା୧(ପି.ଟି.)**

ସରକାର ୧୦ଟି କେନ୍ଦ୍ରୀୟ ଏଜେନ୍ସିକୁ ଯେକୌଣସି ସଂସ୍ଥା ଓ ବ୍ୟକ୍ତିଙ୍କ କମ୍ପ୍ୟୁଟର ଯାଞ୍ଚ କରିବା ଲାଗି ଦାୟିତ୍ୱ ଦେଇଥିବାବେଳେ ଏହାକୁ ଚାଲେଞ୍ଜ କରି ଦାଏର ହୋଇଥିବା ଜନସ୍ୱାର୍ଥ ମାମଲା ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ୬ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କେନ୍ଦ୍ରକୁ କୁହାଯାଇଛି।

ସୂଚନା ପ୍ରଯୁକ୍ତି ଆଇନ ଅନୁଯାୟୀ କମ୍ପ୍ୟୁଟର ଯାଞ୍ଚ ପାଇଁ ୧୦ଟି କେନ୍ଦ୍ରୀୟ ତଦନ୍ତକାରୀ ଏବଂ ଗୋଇନ୍ଦା ସଂସ୍ଥାକୁ ସରକାର ଦାୟିତ୍ୱ ଦେଇଥିଲେ। ଏନେଇ ଡିସେମ୍ବର ୨୦ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଖଣ୍ଡପୀଠରେ ଚାଲେଞ୍ଜ କରାଯାଇଥିଲା। ବିଜ୍ଞପ୍ତି ଅନୁଯାୟୀ ଇଣ୍ଟେଲିଜେନ୍ସ ବ୍ୟୁରୋ, ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ, ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ, ଜାତୀୟ ତଦନ୍ତକାରୀ ସଂସ୍ଥା, ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍, ଜମ୍ମୁ-କଶ୍ମୀର, ଉତ୍ତରପୂର୍ବାଞ୍ଚଳ, ଆସାମରେ ସିଗ୍‌ନାଲ ଗୋଇନ୍ଦା ନିର୍ଦ୍ଦେଶାଳୟ ଏବଂ ଦିଲ୍ଲୀ ପୋଲିସ କମିଶନରଙ୍କୁ ଯାଞ୍ଚ ଅନୁମତି ଦିଆଯାଇଥିଲା। ଆଇନଜୀବୀ ମନୋହର ଲାଲ ଶର୍ମାଙ୍କ ପକ୍ଷରୁ ଦାଏର ଜନସ୍ୱାର୍ଥ ମାମଲାରେ ସରକାରଙ୍କ ଏଭଳି ବିଜ୍ଞପ୍ତିକୁ ବେଆଇନ, ଅସାମ୍ବିଧାନିକ ଏବଂ ଆଇନ ପରିସର ବାହାରେ ବୋଲି କୁହାଯାଇଥିଲା। ସୂଚନା ପ୍ରଯୁକ୍ତି ଆଇନର ବ୍ୟବସ୍ଥା ଅନୁଯାୟୀ ଯେକୌଣସି ବ୍ୟକ୍ତିଙ୍କ କମ୍ପ୍ୟୁଟର ଯାଞ୍ଚରୁ ଉପରୋକ୍ତ ସଂସ୍ଥାଗୁଡ଼ିକୁ ବାଦ୍ ଦେବାକୁ ଆବେଦନକାରୀ କୋର୍ଟଙ୍କୁ ନିବେଦନ କରିଥିଲେ। ଏଭଳି ବିଜ୍ଞପ୍ତି ସରକାରଙ୍କୁ ଯେକୌଣସି ବ୍ୟକ୍ତିଙ୍କ ସମସ୍ତ ଯୋଗାଯୋଗ ଏବଂ ମୋବାଇଲ ତଥ୍ୟ ଜାଣିବା ଲାଗି ଅଧିକାର ପ୍ରଦାନ କରିବ। ଫଳରେ ଏହାକୁ ରାଜନୈତିକ ସ୍ୱାର୍ଥ ଲାଗି ବ୍ୟବହାର କରାଯିବା ସମ୍ଭାବନା ରହିଛି ବୋଲି ଆବେଦନକାରୀ ଦର୍ଶାଇଥିଲେ।

ସରକାରଙ୍କ ଏଭଳି ଉଦ୍ୟମକୁ ବିରୋଧୀ ଦଳଗୁଡ଼ିକ ମଧ୍ୟ ବିରୋଧ କରିଥିଲେ। କେନ୍ଦ୍ର ସରକାର ଭାରତକୁ ଏକ ସର୍ବେକ୍ଷଣ ରାଷ୍ଟ୍ରରେ ପରିଣତ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ବିରୋଧୀ ଦଳ ଅଭିଯୋଗ କରିଥିଲେ। ତେବେ ୨୦୦୯ରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ବେଳେ କମ୍ପ୍ୟୁଟର ତଥ୍ୟ ଯାଞ୍ଚ ନିୟମ ପ୍ରଣୟନ ହୋଇଥିଲା ବୋଲି କେନ୍ଦ୍ର କହିଥିଲା। ଏପରିକି ଏନ୍‌ଡିଏ ସହଯୋଗୀ ଶିବସେନା ମଧ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିର ବିରୋଧ କରିଥିଲା। ଏହା ପ୍ରକୃତ ଗଣତନ୍ତ୍ରର ଲକ୍ଷଣ ନୁହେଁ ବରଂ କ୍ଷମତାରେ ରହିବା ଲାଗି ବ୍ୟଗ୍ରତା ବୋଲି ଶିବସେନା କହିଥିଲା। ସାମାଜିକ କର୍ମୀଙ୍କ ସମେତ ବିଭିନ୍ନ ମହଲ ସରକାରଙ୍କ ଏଭଳି ବିଜ୍ଞପ୍ତିକୁ ବିରୋଧ କରିଥିଲେ। ବ୍ୟକ୍ତିଗତ ତଥ୍ୟ ଯାଞ୍ଚ ଲାଗି ତଦନ୍ତକାରୀ ସଂସ୍ଥାକୁ ଅନୁମତି ଦେବା ଅତ୍ୟନ୍ତ ଚିନ୍ତାଜନକ ଏବଂ ଏହାର ଅପବ୍ୟବହାର ହେବ ବୋଲି କଂଗ୍ରେସ ନେତା ଅହମଦ ପଟେଲ କହିଥିଲେ। ଏହା ଦ୍ୱାରା ବ୍ୟକ୍ତିର ଗୋପନୀୟତା ଅଧିକାର କ୍ଷୁଣ୍ଣ ହେବ ବୋଲି ଅଭିଯୋଗ ହୋଇଥିଲା।

■ ଜେଏନ୍‌ୟୁ ଦେଶଦ୍ରୋହ ମାମଲା

## କହ୍ନେୟାଙ୍କ ବିରୋଧରେ ଚାର୍ଜଶିଟ୍

**ନୂଆଦିଲ୍ଲୀ,୧୪ା୧(ପି.ଟି.)**



କହ୍ନେୟା କୁମାର

୨୦୧୬ର ଏକ ଦେଶଦ୍ରୋହ ମାମଲାରେ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର ପୂର୍ବତନ ଛାତ୍ର ସଂସଦ ସଭାପତି କହ୍ନେୟା କୁମାରଙ୍କ ସମେତ ୧୦ ଜଣଙ୍କ ବିରୋଧରେ ଦିଲ୍ଲୀ ପୋଲିସ ସୋମବାର ଚାର୍ଜଶିଟ୍ ଦାଖଲ କରିଛି। ପଟିଆଲା ହାଉସ୍ କୋର୍ଟରେ ଦାଖଲ ଚାର୍ଜଶିଟ୍‌ରେ ଅନ୍ୟ ଯେଉଁମାନଙ୍କୁ ଅଭିଯୁକ୍ତ କରାଯାଇଛି ସେମାନେ ହେଲେ ଜେଏନ୍‌ୟୁର ପୂର୍ବତନ ଛାତ୍ର ଉମର ଖଲିଦ, ଅନିର୍ବାଣ ଭଟ୍ଟାଚାର୍ଯ୍ୟ, କଶ୍ମୀର ଛାତ୍ର ଅକ୍ୱିବ ହୁସେନ୍, ଉମର ଗୁଲ, ରାୟିଆ ରାସୋଲ, ବସିର ଭଟ ଏବଂ ବଶରତ। ପାର୍ଲାମେଣ୍ଟ ଭବନ ଆକ୍ରମଣର ମାଷ୍ଟରମାଇଣ୍ଡ ଅଫଜଲ ଗୁରୁଙ୍କୁ ଫାଶୀର ବର୍ଷପୂର୍ତ୍ତିରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରରେ ୨୦୧୬ ଫେବୃୟାରୀ ୯ରେ ଏମାନେ ବିଶ୍ୱବିଦ୍ୟାଳୟ ପରିସରରେ ଭାରତ ବିରୋଧୀ ସ୍ଲୋଗାନ ଦେଇଥିଲେ। ଚାର୍ଜଶିଟ୍‌ରେ ସିପିଆଇ ନେତା ଡି. ରାଜାଙ୍କ କନ୍ୟା ଅପରାଜିତା, ତତ୍କାଳୀନ ଜେଏନ୍‌ୟୁ ଛାତ୍ର ସଂଗଠନର ଉପସଭାପତି ଶେହଲା ରଶିଦ୍, ରାମ ନାଗା, ଆଶୁତୋଷ କୁମାର ଏବଂ ବନଜ୍ୟୋସ୍ନା ଲାହିରିଙ୍କ ସମେତ ୩୬ ଜଣଙ୍କର ନାଁ ରହିଛି। ତେବେ ସେମାନଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ନ ଥିବାରୁ ସେମାନଙ୍କ ନାମକୁ ଚାର୍ଜଶିଟ୍‌ର ୧୨ ନମ୍ବର ସ୍ତମ୍ଭରେ ରଖାଯାଇଥିବା ପୋଲିସ କହିଛି। ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସିର ଧାରା ୧୨୪ଏ (ଦେଶଦ୍ରୋହ) ସମେତ ଧାରା ୩୨୩, ୪୬୫, ୪୭୧, ୧୪୩, ୧୪୯, ୧୪୭ ଏବଂ ୧୨୦ ବି ଲଗାଯାଇଛି। ଏଥିସହିତ ସିସିଟିଭି ଫୁଟେଜ, ମୋବାଇଲ ଫୁଟେଜ ଏବଂ ଅନ୍ୟ ଦସ୍ତାବିଜ୍‌କୁ ପ୍ରମାଣ ଭାବେ ଦିଆଯାଇଛି। କହ୍ନେୟା ଅନ୍ୟମାନଙ୍କୁ ଭାରତ ବିରୋଧୀ ସ୍ଲୋଗାନ ଦେବାକୁ ଉସୁକାଇଥିଲେ ବୋଲି ଚାର୍ଜଶିଟ୍‌ରେ ଉଲ୍ଲେଖ କରାଯାଇଛି।

ଭାଜପା ଏମ୍‌ପି ମହେଶ ଗିରି ଏବଂ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଅଭିଯୋଗ କ୍ରମେ ୨୦୧୬ ଫେବୃୟାରୀ ୧୧ରେ ଦିଲ୍ଲୀର ବସନ୍ତକୁଞ୍ଜ (ଉତ୍ତର) ଥାନାରେ ମାମଲା ରୁଜୁ ହୋଇଥିଲା। ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲାରେ ଚାର୍ଜଶିଟ୍ ଦାଖଲ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହ୍ନେୟାକୁମାର କହିଛନ୍ତି।

**କର୍ଣ୍ଣାଟକ ରାଜନୀତିରେ ଦଳ ବଦଳ ଚର୍ଚ୍ଚା**

## ବିପଦରେ କୁମାରସ୍ୱାମୀ ସରକାର

**ବେଙ୍ଗାଲୁରୁ,୧୪ା୧(ପି.ଟି.)**



ଲୋକ ସଭା ନିର୍ବାଚନ ପୂର୍ବରୁ କର୍ଣ୍ଣାଟକରେ ସୋମବାର ନୂଆ ନାଟକ ଦେଖିବାକୁ ମିଳିଛି। ଭାଜପାର ୧୦୦ରୁ ଊର୍ଦ୍ଧ୍ୱ ବିଧାୟକ ଦିଲ୍ଲୀ ପଳାଇଯାଇ ଗୁରଗାଁଓରେ ରହିଥିବାବେଳେ କଂଗ୍ରେସର ୫ ବିଧାୟକ ନିଖୋଜ ଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀ ଦଳ ଭିତରେ ଫାଟ ସୃଷ୍ଟି ଲାଗି ଉଦ୍ୟମ କରୁଥିବା ଭାଜପା ଅଭିଯୋଗ କରିଛି। ଶାସକ କଂଗ୍ରେସ-ଜେଡିଏସ୍ ଏବଂ ବିରୋଧୀ ଦଳ ଭାଜପା ପରସ୍ପରର ବିଧାୟକଙ୍କୁ କିଣିବା ଲାଗି ଯୋଜନା କରୁଥିବା ଚର୍ଚ୍ଚା ଜୋର ଧରିଛି। ଫଳରେ ଏଚ.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାର ପ୍ରତି ବିପଦ ଆଶଙ୍କା ଦେଖାଦେଇଛି। ସରକାର ଚଳାଇବାକୁ ତାଙ୍କ ପାଖରେ ଯଥେଷ୍ଟ ସଂଖ୍ୟା ରହିଥିବା କୁମାରସ୍ୱାମୀ କହିଛନ୍ତି। ଭାଜପା ତାଙ୍କ ବିଧାୟକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ନିଜ ଆଡକୁ ନେବା ପାଇଁ ଉଦ୍ୟମ କରୁଥିବା କଂଗ୍ରେସ-ଜେଡିଏସ୍ ମେଣ୍ଟ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଭାଜପା ରାଜ୍ୟ ସଭାପତି ବି.ଏସ୍. ୟେଦୁରାପ୍ପା ଅଭିଯୋଗକୁ ଖଣ୍ଡନ କରିଛନ୍ତି। କଂଗ୍ରେସର ନିଖୋଜ ବିଧାୟକ ମୁମ୍ବାଇର ଏକ ହୋଟେଲରେ ଭାଜପା ନେତାଙ୍କୁ ଭେଟିଥିବା କୁହାଯାଉଛି।

■ ବୁଲନ୍ଦସହର ଗୋହତ୍ୟା ମାମଲା

## ୭ ଅଭିଯୁକ୍ତଙ୍କ ବିରୋଧରେ ଏନ୍‌ଏସ୍‌ଏ

**ବୁଲନ୍ଦସହର,୧୪ା୧(ପି.ଟି.)**

ଉତ୍ତରପ୍ରଦେଶର ବୁଲନ୍ଦସହରରେ ଗତ ମାସରେ ଘଟିଥିବା ଗୋହତ୍ୟା ମାମଲାରେ ଗିରଫ ୭ ଅଭିଯୁକ୍ତଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏ) ଲାଗୁ ହୋଇଛି। ଗତ ଡିସେମ୍ବର ୩ରେ ଗୋରୁ କଙ୍କାଳ ମିଳିବା ଘଟଣାକୁ ନେଇ ଉତ୍ତେଜନା ହିଂସାର ରୂପ ନେଇଥିଲା। ଏହି ହିଂସାରେ ଜଣେ ପୋଲିସ ଅଫିସର ଏବଂ ଜଣେ ସ୍ଥାନୀୟ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ଏନ୍‌ଏସ୍‌ଏ ଲାଗୁ ହୋଇଥିବା ଜିଲା ମାଜିଷ୍ଟ୍ରେଟ ଅନୁଜ ଝା କହିଛନ୍ତି।

ମାହାଓ୍ୱ ଏବଂ ନୟାଗାଁଓ ଗ୍ରାମର କେତେଜଣ ଲୋକ ଡିସେମ୍ବର ୧ ଓ ୨ରେ ଜଙ୍ଗଲରେ ୪ଟି ଗୋରୁ ମାରିଥିବା ସ୍ୱୀକାର କରିଥିଲେ। ୪ ତାରିଖରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ୫ରେ ଆସିଫ କୁରଶି, ରକିବ, ଅମନ ଖାନ ଏବଂ ଓ୍ୱାସିମ ପଠାନଙ୍କୁ ଗିରଫ କରାଯାଇଥିଲା। ହିଂସା ସୃଷ୍ଟି କରିବା ଅଭିଯୋଗରେ ଯୋଗେଶ ରାଜଙ୍କୁ ଗିରଫ କରାଯାଇଥିଲା।

## ଫୁର୍‌ସତ

### ବୁଦ୍ଧଦେବ ଦାସଗୁପ୍ତାଙ୍କୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ

**କୋଲକାତା:**

ବିଶିଷ୍ଟ ନିର୍ଦ୍ଦେଶକ ବୁଦ୍ଧଦେବ ଦାସଗୁପ୍ତାଙ୍କୁ 'ସତ୍ୟଜିତ ରାୟ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ' ଆୱାର୍ଡ ପ୍ରଦାନ କରାଯାଇଛି। ଭାରତୀୟ ସିନେମାକୁ ତାଙ୍କର ବହୁମୂଲ୍ୟ ଅବଦାନ ପାଇଁ ୱେଷ୍ଟ ବେଙ୍ଗଲ ଫିଲ୍ମ ଜର୍ନାଲିଷ୍ଟ ଆସୋସିଏସନ୍ (ଡବ୍ଲ୍ୟୁବିଏଫ୍‌ଜେଏ) ଦ୍ୱାରା ତାଙ୍କୁ ସମ୍ମାନିତ କରାଯାଇଛି।

ରବିବାର ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଉଦ୍‌ବୋଧନ ଦେଇ ୭୪ ବର୍ଷ ବୟସ୍କ ବୁଦ୍ଧଦେବ କହିଲେ, ବଙ୍ଗଳାର ସମସାମୟିକ ନିର୍ଦ୍ଦେଶକମାନଙ୍କ କାର୍ଯ୍ୟ ବିଶ୍ୱର ଦର୍ଶକଙ୍କ ନିକଟରେ ପହଞ୍ଚିବା ଉଚିତ। ଆମର ସୃଷ୍ଟି ବିଶ୍ୱର ବିଭିନ୍ନ ଭାଗରେ ହେଉଥିବା ପ୍ରସିଦ୍ଧ ଚଳଚ୍ଚିତ୍ର ଉତ୍ସବରେ ସ୍ଥାନ ପାଇଲେ ଏହା ସମ୍ଭବ ହୋଇପାରିବ। ସେ ପୂର୍ବରୁ ବାଗ ବାହାଦୁର, ତାହାଦର କଥା, ଉତ୍ତରା, କାଳପୁରୁଷ ସମେତ କେତେକ ଫିଲ୍ମ ପାଇଁ ଅନ୍ତର୍ଜାତୀୟ ସମ୍ମାନ ଲାଭ କରିଛନ୍ତି।


### ଡ୍ରାଗନ୍ ସ୍ପେସ୍‌କ୍ରାଫ୍ଟର ପୃଥିବୀ ଅବତରଣ




ୱାଶିଂଟନ୍: ପୃଥିବୀର କକ୍ଷପଥରେ ଅବସ୍ଥାନ କରିବାର ମାସେ ପରେ ଡ୍ରାଗନ ସ୍ପେସ୍‌କ୍ରାଫ୍ଟ ସୋମବାର ରାତିରେ ପୃଥିବୀରେ ଅବତରଣ କରିବ। ଏହା ରବିବାର ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ୍‌ରୁ ଛାଡ଼ିଥିଲା।

ନାସା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସ୍ପେସେକ୍ସ ଡ୍ରାଗନ କାର୍ଗୋ ସୋମବାର ମଧ୍ୟରାତ୍ରି ୧୨ଟା ୧୫ରେ ପ୍ରଶାନ୍ତ ମହାସାଗରରେ ପାରାଚ୍ୟୁଟ୍ ଯୋଗେ ଅବତରଣ କରିବ। ଏହାପରେ ସେଠାରୁ ସ୍ପେସେକ୍ସ କର୍ମକର୍ତ୍ତାଙ୍କ ଦ୍ୱାରା ସଦର୍ନ କାଲିଫର୍ନିଆର ଏକ ବନ୍ଦରକୁ ନିଆଯିବ। ପ୍ରଥମ ଥର ପାଇଁ ରାତ୍ରି ସମୟରେ ଡ୍ରାଗନ ସ୍ପେସ୍‌କ୍ରାଫ୍ଟ ପୃଥିବୀରେ ଅବତରଣ କରିବ। ପୃଥିବୀରେ ଅବତରଣ ସମୟରେ ପୂର୍ଣ୍ଣ ଚନ୍ଦ୍ରାଲୋକ ଦ୍ୱାରା ଏହାର ଗତିପଥକୁ ନିରୀକ୍ଷଣ କରାଯାଇପାରିବ ବୋଲି ନାସା ପକ୍ଷରୁ କୁହାଯାଇଛି।

ଏହି କମର୍ସିଆଲ କାର୍ଗୋ ଭେସେଲ ପୃଥିବୀକୁ ବିଭିନ୍ନ ଜଟିଳ ଗବେଷଣାମୂଳକ ତଥ୍ୟ ଆଣି ଅବତରଣ କରିବ। ୨୦୧୮ ଡିସେମ୍ବର ୮ରେ ୫,୬୦୦ ପାଉଣ୍ଡ ଓଜନର ବିଭିନ୍ନ ବୈଜ୍ଞାନିକ ଯନ୍ତ୍ରାଂଶ ବହନ କରି ଏହା ଆଇଏସ୍‌ଏସ୍‌କୁ ଲଞ୍ଚ୍ କରିଥିଲା।




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୦ | ୧୨.୨ |
| ଚାନ୍ଦବାଲି | ୨୮.୨ | ୧୪.୦ |
| କଟକ | ୨୯.୨ | ୧୨.୮ |
| ପାରାଦ୍ୱୀପ | ୨୭.୫ | ୧୪.୭ |
| ଭୁବନେଶ୍ୱର | ୩୦.୭ | ୧୩.୪ |
| ଗୋପାଳପୁର | ୨୮.୮ | ୧୫.୪ |
| ପୁରୀ | ୨୭.୬ | ୧୬.୦ |
| ଅନୁଗୋଳ | ୨୮.୧ | ୧୦.୬ |
| ବାରିପଦା | ୨୫.୮ | ୧୩.୫ |
| ଝାରସୁଗୁଡ଼ା | ୨୭.୫ | ୧୩.୮ |
| କେନ୍ଦୁଝର | ୨୭.୧ | ୧୨.୪ |
| ସମ୍ବଲପୁର | ୨୭.୮ | ୧୩.୨ |
| ସୁନ୍ଦରଗଡ଼ | --- | ୧୦.୫ |
| ହୀରାକୁଦ | ୨୬.୯ | ୧୪.୧ |
| ତାଳଚେର | ୩୦.୫ | ୧୨.୮ |
| ଭବାନୀପାଟଣା | --- | ୧୨.୫ |
| ବଲାଙ୍ଗୀର | --- | ୧୧.୦ |
| କୋରାପୁଟ | ୨୭.୦ | ୧୧.୦ |
| ଫୁଲବାଣୀ | ୨୬.୫ | ୯.୮ |
| ଟିଟିଲାଗଡ଼ | --- | ୧୧.୫ |
| ମାଲକାନଗିରି | ୩୧.୦ | ୧୫.୪ |
| ସୋନପୁର | ୨୮.୮ | ୧୧.୪ |
| ଦାରିଙ୍ଗିବାଡ଼ି | ୨୫.୫ | ୧୦.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ସୌମିକ ସେନ୍‌ଙ୍କ ବିରୋଧରେ #ମିଟୁ ଅଭିଯୋଗ



**ମୁମ୍ବାଇ:** ଇମ୍ରାନ୍ ହାଶ୍‌ମିଙ୍କ ଡେବ୍ୟୁ ପ୍ରଡକ୍ସନ୍ 'ହ୍ୱାଇ ଚିଟ୍ ଇଣ୍ଡିଆ'ର ନିର୍ଦ୍ଦେଶକ ସୌମିକ ସେନ୍‌ଙ୍କ ବିରୋଧରେ ଏକାଧିକ ମହିଳା '#ମିଟୁ' ଭଳି ଯୌନ ଅସଦାଚରଣ ଅଭିଯୋଗ ଆଣିଛନ୍ତି। କିନ୍ତୁ ଉକ୍ତ ଅଭିଯୋଗଗୁଡ଼ିକର ବୈଧତା ଯାଞ୍ଚ ପାଇଁ ଯଥାର୍ଥ ପ୍ରକ୍ରିୟା ଅନୁସରଣ କରାଯିବା ଉଚିତ ବୋଲି ଇମ୍ରାନ୍ ମତ ଦେଇଛନ୍ତି। ବଲିଉଡ୍ ଇଣ୍ଡଷ୍ଟ୍ରିରେ କେତେଜଣ ବ୍ୟକ୍ତିତ୍ୱ ଏଥିପାଇଁ ବଦନାମର ଶିକାର ହୋଇଥିବା ବେଳେ ସେନ୍‌ଙ୍କ ବିରୋଧରେ ୩ ଜଣ ମହିଳା ଅସଦାଚରଣ ଅଭିଯୋଗ ଆଣିଛନ୍ତି।

ଫିଲ୍ମନିର୍ମାତା ସାଜିଦ ଖାନ୍ ଏବଂ ବିକାଶ ବହଲଙ୍କ ବିରୋଧରେ ଯୌନ ଅସଦାଚରଣ ଅଭିଯୋଗ ଉଠିବା ପରେ ସେମାନଙ୍କୁ ଫିଲ୍ମ କରିବାରୁ ନିବୃତ୍ତ ରଖାଯାଇଥିଲା। କିନ୍ତୁ ଏମରାନ୍ କହନ୍ତି, ଅଭିଯୋଗର ବିଶ୍ୱସନୀୟତା ସମ୍ପର୍କରେ ନିଶ୍ଚିତ ନ ହେବାଯାଏ ସେ ନିର୍ଦ୍ଦେଶକ ଦାୟିତ୍ୱରୁ ସେନ୍‌ଙ୍କୁ ବହିଷ୍କାର କରିପାରିବେ ନାହିଁ। ତାଙ୍କ କହିବାନୁଯାୟୀ, ସେ ବ୍ୟକ୍ତିଗତ ଭାବରେ ଏହି ମହିଳାଙ୍କ ସହ କଥା ହୋଇନାହାନ୍ତି। ସେମାନେ କୌଣସି ନ୍ୟାୟିକ ବ୍ୟବସ୍ଥାର ଆଶ୍ରୟ ନେଇନାହାନ୍ତି। କାହା ନାମକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହେଲେ ଏହା ହିଂସାମୂଳକ ଆଚରଣ ହୋଇପାରେ। ଏହାର ଅର୍ଥ ନୁହେଁ ଯେ, ସୌମିକ ସେନ୍‌ଙ୍କ ପାଇଁ ସେ ପ୍ରତିରକ୍ଷା ଭଳି କାର୍ଯ୍ୟ କରୁଛନ୍ତି। ତାଙ୍କୁ ଦୋଷୀ ପ୍ରମାଣିତ କରିବା ପାଇଁ ଯଥାର୍ଥ ପ୍ରକ୍ରିୟା ଓ ପ୍ରମାଣର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଥିଲେ।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ଧରିତ୍ରୀ
DHARITRI

ରାୟଗଡ଼ା, ମଙ୍ଗଳବାର, ଜାନୁୟାରୀ ୧୫ /୨୦୧୯ | Rayagada, Tuesday, January 15 / 2019 | ପୃଷ୍ଠା-୧




**ପପୁ ରାୟଙ୍କୁ ସୁଯୋଗ**

ଇଂଲଣ୍ଡ ଲାୟନ୍ସ ବିପକ୍ଷ ୨ଟି ୱାର୍ମଅପ ମ୍ୟାଚ୍ ପାଇଁ ବୋର୍ଡ ସଭାପତି ଏକାଦଶ ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ପପୁ ରାୟ।

୧୩

୦୨

**ଆଇନଜୀବୀ ଭୂମିକାରେ ଖୁସି ରିଚା**

ପ୍ରଥମ ଥର ପାଇଁ ଆଇନଜୀବୀ ଭୂମିକାରେ ଅଭିନୟ କରି ବଲିଉଡ଼ ଅଭିନେତ୍ରୀ ରିଚା ଚଢ଼ା ଉତ୍ସାହିତ ଅଛନ୍ତି।





**ବିପଦକୁ ଆମନ୍ତ୍ରଣ:** କଟକ ଖାନ୍‌ନଗର ନିକଟ ରେଳଧାରଣା ଉପରେ ଜଣେ ଯୁବକ ସୋମବାର ଗୁଡି ଉଡ଼ାଉଛନ୍ତି। (ଫଟୋ: ରାଜକିଶୋର)

# ଅଭାବୀ ବିକ୍ରିକୁ ଅଣଦେଖା

କେନ୍ଦ୍ରାପଡ଼ା ଅଫିସ,୧୪ା୧
(ଜଗନ୍ନାଥ ଧଳ)

କୃଷି ବହୁଳ କେନ୍ଦ୍ରାପଡ଼ା ଜିଲାରେ ଚାଷୀ ଆଜି ଅବହେଳିତ। ଚାଷୀକୁ ତା'ର ନାର୍ଯ୍ୟ ଅଧିକାର ଠିକ୍‌ଭାବେ ମିଳୁନାହିଁ। କୃଷି ଓ କୃଷକଙ୍କ ନିମନ୍ତେ କରାଯାଉଥିବା ବିଭିନ୍ନ ଯୋଜନା ମଧ ବାଟବଣା ହେଉଛି। ଜିଲାରେ କ୍ରମାଗତ ଭାବେ ଋଣ ପ୍ରଦାନ ଓ ଚାଷୀଙ୍କ ଧାନ ବିକ୍ରି ଟାର୍ଗେଟ୍‌କୁ ବ୍ୟାଙ୍କ ଓ ପ୍ରଶାସନ ଅଣଦେଖା କରିଛି। ଅପରପକ୍ଷେ ପ୍ରାକୃତିକ ବିପର୍ଯ୍ୟୟ, ପ୍ରଶାସନିକ ଅବ୍ୟବସ୍ଥା ଆଦି କାରଣରୁ ମାନସିକ ଭାରସାମ୍ୟ ହରାଇ ଅନେକ ଚାଷୀ ଆତ୍ମହତ୍ୟା କରୁଛନ୍ତି। ମାତ୍ର ଏହାକୁ ସ୍ୱୀକାର କରିବାକୁ ଜିଲା ପ୍ରଶାସନ ପଛଘୁଞ୍ଚା ଦେଉଛି। ଏଭଳି ଅସମାହିତ ସମସ୍ୟାର ସମାଧାନ କରିବାକୁ କାହାରି ଆନ୍ତରିକତା ଥିବା ଭଳି ମନେ ହେଉନାହିଁ। ଜିଲା କୃଷି ଉପନିର୍ଦ୍ଦେଶକ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ, ଜିଲାରେ ୩ ଲକ୍ଷ ୧୧ହଜାରରୁ ଉର୍ଦ୍ଧ୍ୱ ଚାଷୀ ଅଛନ୍ତି। ୧ଲକ୍ଷ ୫୨ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଇଥାଏ। ତେବେ ଆବଶ୍ୟକ ଜଳସେଚନ ଅଭାବରୁ ୨୮ହଜାର ହେକ୍ଟର ଜମିରେ ଚାଷ ଠିକ୍‌ଭାବେ ହୋଇପାରୁ ନାହିଁ। ଜିଲାର ଆଳି, ରାଜନଗର, ରାଜକନିକା ବ୍ଲକ ଅଞ୍ଚଳରେ ଆଦୌ କେନାଲ ନାହିଁ। ମହାକାଳପଡ଼ା ବ୍ଲକ ଅଞ୍ଚଳରେ କେନାଲ ମାଧ୍ୟମରେ ମାତ୍ର ୨୮ ପ୍ରତିଶତ ଜଳ ସେଚନ ସୁବିଧା ରହିଛି।

ଶିଳ୍ପ ବିହୀନ ଏହି ଜିଲାରେ କୃଷି କ୍ଷେତ୍ରକୁ ଯୁବବର୍ଗ ଆକୃଷ୍ଟ ହୋଇପାରୁ ନାହାନ୍ତି। ବ୍ୟାଙ୍କ ଋଣ ଏକ ମୁଖ୍ୟ କାରଣ ହୋଇଥିଲେ ମଧ କୃଷିକୁ ଆକର୍ଷଣ କରିବାକୁ ଆନୁଷଙ୍ଗିକ ଭିତ୍ତିଭୂମି ସୃଷ୍ଟି କରିବାରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ଜମି ଚକବନ୍ଦୀଠାରୁ ଆରମ୍ଭ କରି ଜଳସେଚନ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନିମନ୍ତେ ସରକାରଙ୍କ ବିଫଳତା ଏହି ଜିଲାକୁ

**କେନ୍ଦ୍ରାପଡ଼ା ଜିଲା**

ଗରିବରୁ ଅତି ଗରିବ କରି ସାରିଲାଣି। ଏଆର୍‌ସିଏସ୍ କାର୍ଯ୍ୟାଳୟରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ, ଗତ ୫ବର୍ଷ ମଧ୍ୟରେ ସମବାୟ କ୍ଷେତ୍ରରେ ସାମିଲ କୃଷକଙ୍କ ଋଣ ଧାର୍ଯ୍ୟ ଲକ୍ଷ୍ୟଠାରୁ ବହୁତ କମ୍ ରହିଛି। ୨୦୧୮ରେ ଜିଲାର ୧,୫୩,୨୭୬ ଚାଷୀଙ୍କ ପାଇଁ ୬୪,୪୯୫ ଲକ୍ଷ ଟଙ୍କା ଋଣ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଅଦ୍ୟାବଧି ୧,୪୨,୨୫୩ ଚାଷୀଙ୍କୁ ୪୫,୪୪୫ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ଅର୍ଥାତ୍ ମୁଣ୍ଡପିଛା ଚାଷୀକୁ ମିଳିଛି ୩୧,୯୪୬ଟଙ୍କା। ସେହିପରି ୨୦୧୭ରେ ୫୪,୫୯୭ ଲକ୍ଷ ଟଙ୍କା ଧାର୍ଯ୍ୟ ଲକ୍ଷ୍ୟ ବଦଳରେ ୩୨,୬୩୧ ଲକ୍ଷ ଟଙ୍କା, ୨୦୧୬ରେ ୫୨,୫୧୮ଲକ୍ଷ ଟଙ୍କାରୁ ୩୧,୭୫୨ଲକ୍ଷ ଟଙ୍କା, ୨୦୧୫ରେ ଧାର୍ଯ୍ୟ ୫୧,୦୮୪ ଲକ୍ଷ ଟଙ୍କାରୁ ୨୭,୫୧୯ଲକ୍ଷ ଟଙ୍କା, ୨୦୧୪ରେ ୪୦,୦୬୬ ଲକ୍ଷ ଟଙ୍କା ଋଣ ପ୍ରଦାନ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ରଖାଯାଇଥିବା ବେଳେ ମାତ୍ର ୨୨,୭୨୬ ଲକ୍ଷ ଟଙ୍କା ଚାଷୀଙ୍କୁ କୃଷି କାର୍ଯ୍ୟ ପାଇଁ ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ କରାଯାଇଛି। ଜିଲାର ଚାଷୀ ଧାନ ଫସଲ ମାଧ୍ୟମରେ ଆର୍ଥିକ ଉପାର୍ଜନ କରିଥାନ୍ତି। ତେବେ ଏହି ଧାନ କିଣାରେ ମଧ ଅବହେଳା ପ୍ରଦର୍ଶନ କରାଯାଉଛି। ମଣ୍ଡିରେ ଥିବା ବିଭିନ୍ନ କଟକଣା ପାଇଁ ଚାଷୀ ଓ ଭାଗଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଏପରି କି ୨୦୧୫-୧୬ ଆର୍ଥିକ ବର୍ଷରେ ମାର୍କଫେଡ ପକ୍ଷରୁ ଧାନ କିଣା ସମୟରେ ପ୍ରାୟ କୋଟିଏ ଟଙ୍କାରୁ ଅଧିକ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ସିଏସ୍‌ଓ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ, ଧାନ ବିକ୍ରି ପାଇଁ ଗତ ୪ ବର୍ଷ ମଧ୍ୟରେ ଜିଲାର ସର୍ବାଧିକ ୨୯,୭୬୩ ଜଣ ଚାଷୀ ନିଜର ନାମ ପଞ୍ଜୀକରଣ କରିଛନ୍ତି। ☞ପୃଷ୍ଠା-୬

# ଅସମ୍ଭାଳ ବିଦ୍ୟୁତ୍ ବ୍ୟବସ୍ଥା

ଭୁବନେଶ୍ୱର,୧୪ା୧(ବ୍ୟୁରୋ)

- ସୌଭାଗ୍ୟ ଯୋଜନାରେ ବଢ଼ିଛନ୍ତି ୩୦ ଲକ୍ଷ ଗ୍ରାହକ
- ପିକ୍ ଆୱାରରେ ଦୈନିକ ଆବଶ୍ୟକ ହେଉଛି ୪୦୦୦ ମେଗାୱାଟ
- ଆଗକୁ ଅସମ୍ଭାଳ ହେବ ପରିସ୍ଥିତି

ଟଳମଳ ହେଲାଣି ରାଜ୍ୟର ବିଦ୍ୟୁତ୍ ବ୍ୟବସ୍ଥା। ପ୍ରଶାସନିକ ଅବ୍ୟବସ୍ଥା ସାଙ୍ଗକୁ ବିଦ୍ୟୁତ୍ ଶକ୍ତି ଉପରେ ଅତ୍ୟଧିକ ଚାପ ପରିସ୍ଥିତିକୁ ଅଣାୟତ୍ତ କଲାଣି। ଅଚଳାବସ୍ଥାକୁ ଏଡାଇବା ପାଇଁ ଗ୍ରାହକଙ୍କ ଉପରେ ବିଦ୍ୟୁତ୍ ବିଲ୍ ବୋଝ ଲଦିବାକୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ନିକଟରେ ବଣ୍ଟନ କମ୍ପାନୀଗୁଡିକ ଫେରାଦ ହେଲେଣି। ମିଳିଥିବା ସୂଚନା ଅନୁଯାୟୀ ବଣ୍ଟନ କମ୍ପାନୀଗୁଡିକ ୟୁନିଟ୍ ପିଛା ୯୭ ପଇସା ବଢାଇବାକୁ ପ୍ରସ୍ତାବ ଦେଇଛନ୍ତି। ଏଥିସହିତ ନିୟମିତ ବିଦ୍ୟୁତ୍‌କାଟ କରିବାକୁ ମଧ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡିକୁ ଶକ୍ତି ବିଭାଗ ପକ୍ଷରୁ ଭିତିରିଆ ନିର୍ଦ୍ଦେଶ ଦିଆଯାଇଛି।

ଉତ୍ପାଦନ ବଢୁ ନ ଥିବାରୁ ରାଜ୍ୟରେ ଭୟଙ୍କର ବିଦ୍ୟୁତ୍ ସଙ୍କଟ ଦେଖା ଦେଲାଣି। ଶୀତଦିନରେ ମଧ ପରିସ୍ଥିତି ସଙ୍ଗିନ ହୋଇଛି । କେବଳ ରାଜ୍ୟର କେତୋଟି ହାତଗଣତି ବଡ ସହରକୁ ବାଦ୍ ଦେଲେ ଗାଁ ଠାରୁ ଆରମ୍ଭ କରି ସମସ୍ତ ଛୋଟ ସହରରେ ଜୋରଦାର ବିଦ୍ୟୁତ୍‌କାଟ ଜାରି ରହିଛି। ୱେସ୍‌କୋ, ସାଉଥ୍‌କୋ, ନେସ୍‌କୋ ଏବଂ ସେସୁ ନିଜ ନିଜ ଅଧୀନରେ ଆସୁଥିବା ଜିଲାଗୁଡିକରେ ଦୈନିକ ୨ରୁ ୪ ଘଣ୍ଟା ବିଦ୍ୟୁତ୍ କାଟ କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ସକାଳ ୫ଟାରୁ ୧୧ଟା ଏବଂ ପୁଣି ସନ୍ଧ୍ୟା ୫ଟାରୁ ରାତି ୧୦ଟା ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ବିଦ୍ୟୁତ୍ କାଟ କରାଯାଉଛି। ଶୀତଦିନେ ପରିସ୍ଥିତି ସଙ୍ଗିନ ହୋଇଥିବା ବେଳେ ଖରାଦିନେ ଆହୁରି ଦୟନୀୟ ହେବା ଆଶଙ୍କା ସୃଷ୍ଟି ହୋଇଛି।

ବିଦ୍ୟୁତ୍ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଏବେ ରାଜ୍ୟରେ ଦୈନିକ ପିକ୍ ଆୱାର(ସନ୍ଧ୍ୟା ୬ରୁ ରାତି ୧୦ଟା ଯାଏ) ୪୦୦୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ରହିଛି। ତେବେ ରାଜ୍ୟରେ ଜଳ ବିଦ୍ୟୁତ୍, ତାପଜ ଏବଂ ଇଣ୍ଡିପେଣ୍ଡେଣ୍ଟ ପାୱାର ପ୍ଲାଣ୍ଟ (ଆଇପିପି)ରୁ ☞ପୃଷ୍ଠା-୨

## ଆତ୍ମ ସମର୍ପଣ କଲେ ମହିଳା ମାଓବାଦୀ ଶାନ୍ତି

- ଏସ୍‌ପିଙ୍କ ସୂଚନା ୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା
- ବହୁ ହିଂସାରେ ଜଡିତ ଥିଲେ
- ମାଓବାଦୀ ସଙ୍ଗଠନରେ ଆଉ ଆଦର୍ଶ ନାହିଁ

ମାଲକାନଗିରି,୧୪ା୧ (ଡି.ଏନ୍.ଏ.)

ମାଲକାନଗିରି ଏସ୍‌ପି ଜଗମୋହନ ମୀନାଙ୍କ ନିକଟରେ ଜଣେ ମହିଳା ମାଓବାଦୀ ସୋମବାର ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାମ ଦେବେ ମାଢି ଓରଫ ଶାନ୍ତି। କାଲିମେଳା ବ୍ଲକ ଚିନ୍ତଲବାଡା ପଞ୍ଚାୟତ ଅନ୍ତର୍ଗତ କସୁଲକୋଣ୍ଡା ☞ପୃଷ୍ଠା-୨

# ଆଜି ବଲାଙ୍ଗୀର ଆସୁଛନ୍ତି ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୪ା୧(ବ୍ୟୁରୋ)

- ପ୍ରକଳ୍ପ ଲୋକାର୍ପଣ ସହ ଦଳୀୟ ସମାବେଶ
- ରଣନୀତି ଉପରେ ସଭିଙ୍କ ନଜର
- ଭୁବନେଶ୍ୱରରେ ରାଜ୍ୟ ପକ୍ଷରୁ କୃଷି ମେଳା କାର୍ଯ୍ୟକ୍ରମ



ସାଧାରଣ ନିର୍ବାଚନର ବିଗୁଲ୍ ବାଜିନାହିଁ, ହେଲେ ରାଜ୍ୟର ପାଣିପାଗ ନିର୍ବାଚନୀମୁହାଁ ହେଲାଣି। ଶିଳାନ୍ୟାସ, ଲୋକାର୍ପଣ ଓ ରାଜନୈତିକ ସମାବେଶ ନିତିଦିନିଆ ହୋଇଗଲାଣି। ନିର୍ବାଚନ ତାରିଖ ଘୋଷଣା ହେବା ପୂର୍ବରୁ ସରକାରୀ ଦଳ ଶିଳାନ୍ୟାସ ଓ ଲୋକର୍ପଣକୁ ଗୁରୁତ୍ୱ ଦେଉଛି। ଅନୁରୂପଭାବେ ବିରୋଧୀ ସମାବେଶ, କର୍ମୀ ସମ୍ମିଳନୀ ଏବଂ ଶାସକ ଦଳର ଦୋଷ ଖୋଜୁଛି। ସବୁ ଦଳର ଶୀର୍ଷ ନେତୃତ୍ୱଙ୍କ କାର୍ଯ୍ୟକ୍ରମ ନିୟମିତ ବ୍ୟବଧାନରେ ଜାରି ରହିଛି। ଏହି କ୍ରମରେ ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ପାଇଁ ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବଲାଙ୍ଗୀର ଜିଲା ଗସ୍ତରେ ଆସି ଏକାଧିକ ପ୍ରକଳ୍ପର ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏହା ପରେ ମୋଦି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ସିକ୍ରି ବିକ୍ରି**

**ଆଜିର ମନ୍ତବ୍ୟ**

"ନରେନ୍ଦ୍ର ମୋଦି ଏବଂ ଅମିତ ଶାହ ଦେଶ ପାଇଁ ବଡ ବିପଦ। ଭାଜପା ପୁଣି କ୍ଷମତାକୁ ଆସିଲେ ନିର୍ବାଚନ ବନ୍ଦ କରିବାକୁ ସମ୍ବିଧାନ ବଦଳାଇଦେବ।

– ଅରବିନ୍ଦ କେଜ୍‌ରିୱାଲ
ଦିଲ୍ଲୀ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷର ଏପ୍ରିଲ-ନଭେମ୍ବର ସମୟରେ ଦେଶର କୃଷି ରପ୍ତାନି ୧୧.୫୮% ବୃଦ୍ଧି ୨୭୧.୫୨ ବିଲିୟନ ଡଲାର ଛୁଇଁଛି।

–ବାଣିଜ୍ୟ ମନ୍ତ୍ରଣାଳୟ


NATIONAL EGG CO-ORDINATION COMMITTEE | 14.01.2019 | Vencobb Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 71 | 120 | 130 |
| DKL | 72 | 122 | 132 |
| BDK | 74 | 124 | 134 |
| BLS | 76 | 127 | 137 |
| ANG | 71 | 120 | 130 |

*Conditions Apply

Eggs Retail Price- 56/-Dozen
Issued in the Interest of Consumers


## ହାଇକୋର୍ଟ ବେଞ୍ଚ ସ୍ଥାପନକୁ ନେଇ ରାଜନୀତି

# ଦାୟିତ୍ୱ ଠେଲିଲା କେନ୍ଦ୍ର

ଭୁବନେଶ୍ୱର,୧୪ା୧(ବ୍ୟୁରୋ)

- ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ରବି ଶଙ୍କର

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନକୁ ନେଇ ରାଜନୀତି ଜୋର ଧରିଛି। କେନ୍ଦ୍ର ଓ ରାଜ୍ୟ ସରକାର ପରସ୍ପର ଉପରକୁ ଦାୟିତ୍ୱ ଠେଲିବାରେ ଲାଗିଛନ୍ତି। ରାଜ୍ୟ ସରକାର ହାଇକୋର୍ଟ ବେଞ୍ଚ ସ୍ଥାପନ କରିବା ପାଇଁ କେନ୍ଦ୍ର ପଦକ୍ଷେପ ନେଉ ବୋଲି ଦାବି କରୁଥିବା ବେଳେ କେନ୍ଦ୍ର ସରକାର ମଧ ପାଲଟା ରାଜ୍ୟ ଉପରେ ଏହି ଗୁରୁଦାୟିତ୍ୱ ନ୍ୟସ୍ତ କରି ଦେଉଛି। କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ବେଞ୍ଚ ସ୍ଥାପନ ପାଇଁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରିବାକୁ ସ୍ପଷ୍ଟକରିଛନ୍ତି।

ପଶ୍ଚିମ କିମ୍ବା ଦକ୍ଷିଣ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ ସ୍ଥାପନ କରିବା ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ନବୀନ ଗତ ୧୧ ତାରିଖରେ କେନ୍ଦ୍ରକୁ ଚିଠି ଲେଖିଥିଲେ। ଏହାର ଜବାବରେ ରବି ଶଙ୍କର ଚିଠିରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ର ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ୨୦୧୮ ସେପ୍ଟେମ୍ବର ୧୦ ତାରିଖରେ ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ୟଶୱନ୍ତ ସିଂ କମିଶନ ସୁପାରିସ ସହ ସୁପ୍ରିମକୋର୍ଟର ବିଚାର ବ୍ୟବସ୍ଥାର ଡବ୍ଲ୍ୟୁ.ପି. ନଂ ୩୭୯ /୨୦୦୦ ଅନୁଯାୟୀ ବିଚାର କରାଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏହି ବେଞ୍ଚର ମୁଖ୍ୟ। ରାଜ୍ୟରେ ଅଦାଲତ ସମ୍ପର୍କିତ ପ୍ରଶାସନିକ ବ୍ୟବସ୍ଥା ଚଳାଇବା ଏବଂ କୌଣସି ବେଞ୍ଚ ସ୍ଥାପନ କରିବା ହାଇକୋର୍ଟଙ୍କ ଦାୟିତ୍ୱ। କୌଣସି ନୂତନ ବେଞ୍ଚ ସ୍ଥାପନ କରିବା ପୂର୍ବରୁ ମୁଖ୍ୟ ବିଚାରପତିଙ୍କ ସହିତ ପରାମର୍ଶ କରିବା ଦରକାର, ଯାହାକି ଯେ କୌଣସି ହାଇକୋର୍ଟ ସ୍ଥାପନ କ୍ଷେତ୍ରରେ ତାହା ହିଁ ହୋଇଛି। ହାଇକୋର୍ଟଙ୍କ ସହମତି ହେଲା ପରେ ରାଜ୍ୟ ସରକାର ନୂତନ ବେଞ୍ଚ ସ୍ଥାପନ ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ରବି ଶଙ୍କର ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି।

## ■ ସେବାଶ୍ରମରେ ନାବାଳିକା ମା' ହେବା ଘଟଣା

# ଆଖି ବୁଜିଲେ ନବଜାତ ଶିଶୁ କନ୍ୟା

ଦାରିଙ୍ଗବାଡ଼ି, (ଡି.ଏନ.ଏ)/
ବ୍ରହ୍ମପୁର ଅଫିସ,୧୪ା୧

- ଅଭିଯୁକ୍ତ କୋର୍ଟ ଚାଲାଣ
- ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ
- ପୀଡ଼ିତାଙ୍କୁ ଭେଟିଲା ମହିଳା କଂଗ୍ରେସ, ଭାଜପା ମହିଳା ମୋର୍ଚ୍ଚା ଟିମ



କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ଏକ ସେବାଶ୍ରମରେ ରବିବାର ଜଣେ ୮ମ ଶ୍ରେଣୀ ଛାତ୍ରୀ ଏକ କନ୍ୟା ସନ୍ତାନଙ୍କୁ ଜନ୍ମ ଦେଇଥିଲେ। ନବଜାତ ଶିଶୁକନ୍ୟା ଓ ନାବାଳିକା ଛାତ୍ରୀଙ୍କୁ ପ୍ରଥମେ ବାଲିଗୁଡ଼ା ଡାକ୍ତରଖାନାକୁ ନିଆଯାଇଥିଲା। ପରେ ରାତିରେ ଉଭୟଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲେ ମଧ ଶିଶୁକନ୍ୟାକୁ ଡାକ୍ତର ମୃତ ଘୋଷଣା କରିଥିଲେ। କୁମାରୀ ମା' ଏବଂ ସମୟ ପୂର୍ବରୁ ଶିଶୁଟି ଜନ୍ମ ନେଇଥିବା କାରଣରୁ ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ଡାକ୍ତର କହିଛନ୍ତି। ବ୍ରହ୍ମପୁର ଅତିରିକ୍ତ ତହସିଲଦାର ଗୋପାଳକୃଷ୍ଣ ଅଧିକାରୀଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏ ନେଇ ଦାରିଙ୍ଗିବାଡି ଥାନାରେ ଅପମୃତ୍ୟୁ ମାମଲା (ନଂ.୨/୧୯) ରୁଜୁ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି । ପୀଡ଼ିତା ନାବାଳିକାଙ୍କୁ ଏବେବି ବଡ଼ ମେଡିକାଲ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଚିକିତ୍ସା ଚାଲିଛି। ଅନ୍ୟପକ୍ଷରେ ନାବାଳିକାଙ୍କୁ ୭/୮ ମାସ ପୂର୍ବେ ବଳାତ୍କାର କରିଥିବା ଅଭିଯୋଗରେ ଅଟକ ଥିବା ଯୁବକ ଶ୍ରବଣ କୁମାରଙ୍କୁ ସୋମବାର ଗିରଫ କରାଯାଇଛି। ତାଙ୍କୁ ମାମଲା ନଂ.୩/୧୯ ଦଫା ୩୭୬-୩ ଆଇପିସି/୬ ପୋକ୍ସୋ ଅଧିନିୟମରେ ଗିରଫ କରାଯାଇଥିବା ଦାରିଙ୍ଗବାଡି ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି। ଶ୍ରବଣଙ୍କୁ ଫୁଲବାଣୀ ଏଡିଜେ କୋର୍ଟରେ ହାଜର ପରେ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ବ୍ରହ୍ମପୁର ବଡ଼ ମେଡିକାଲରେ ରାଜ୍ୟ ମହିଳା କଂଗ୍ରେସର ଏକ ପ୍ରତିନିଧି ଦଳ ଓ ଭାଜପା ମହିଳା ମୋର୍ଚ୍ଚା କର୍ମକର୍ତ୍ତା ଛାତ୍ରୀ ଓ ତାଙ୍କ ପରିବାର ବର୍ଗଙ୍କୁ ଭେଟିଛନ୍ତି।

ରବିବାର ଘଟଣା ପରେ ସେବାଶ୍ରମକୁ ସ୍ୱାଭାବିକ ଭାବେ ଚଳାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଛି । ପ୍ରଧାନ ଶିକ୍ଷୟିତ୍ରୀ ରାଧାରାଣୀ ଦଳେଇଙ୍କୁ ନିଲମ୍ବନ କରାଯାଇଥିବାରୁ ଦାରିଙ୍ଗବାଡି କନ୍ୟାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ପ୍ରଧାନଙ୍କୁ ସେବାଶ୍ରମର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି କନ୍ୟାଶ୍ରମର ମ୍ୟାଟ୍ରନ ତନୁଜା ସାହୁଙ୍କୁ ସେବାଶ୍ରମକୁ ଅଣାଯାଇଛି। କନ୍ୟାଶ୍ରମର ଜଣେ ରୋଷେୟା ଛାତ୍ରୀମାନଙ୍କ ପାଇଁ ରୋଷେଇ କରିଥିବା ବ୍ଲକ ସଂପ୍ରସାରଣ ଅଧିକାରୀ ମଙ୍ଗୁଳି ଚରଣ ପ୍ରଧାନ କହିଛନ୍ତି। ସେବାଶ୍ରମର ସମସ୍ତ ୧୪ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଜିଲାର କୋଟଗଡ଼, ତୁମୁଡ଼ିବନ୍ଧ, ଖଜୁରିପଡ଼ା ବ୍ଲକରେ ଥିବା ବିଦ୍ୟାଳୟକୁ ବଦଳି କରାଯାଇଥିବା ସେ ସୂଚନା ଦେଇଛନ୍ତି। ସୋମବାର ମଧ୍ୟାହ୍ନରେ ଜିଲା ମଙ୍ଗଳ ଅଧିକାରିଣୀ ଚାରୁଲତା ମଲ୍ଲିକ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ ପ୍ରମୁଖ ସେବାଶ୍ରମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ନ୍ୟାଶନଲ ହ୍ୟୁମାନ ରାଇଟସ୍ କାଉନସିଲ ଅଫ୍ ଇଣ୍ଡିଆ, କଟକ ଶାଖାର ସଦସ୍ୟ ରମେଶ ମିଶ୍ର, ବାଲିଗୁଡ଼ାର ଆଇନଜୀବୀ ରବୀନ ଚନ୍ଦ୍ର ସାହୁ, ଭୁବନେଶ୍ୱରରୁ ଓଡ଼ିଶା ନାରୀ ସଚେତନ ମଞ୍ଚର ମଧୁମିତା ରଥ ଏବଂ ରେଖା ହୋତା ପ୍ରମୁଖ ☞ପୃଷ୍ଠା-୨




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ମକରା
ପରିବାରବର୍ଗ



ଗୁଡୁଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

L&T Pc 71 Komatsu show room condition, 2009 Dec (Mo): 7978887806. D-10485




### SALE

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-10474

Residential plot 30' road at KIIT College, Sunderpada, Nakhara. Flat/ duplex, Patia Chhak. 8328811411, 7978620820. D-65332

Gharabadi yellow zone plot near AIIMS Hospital immediate possession. 9438277164, 9938670164. D-65508

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଙ୍ଗାରୁ ବିକ୍ରିହେବ। 9178660666. D-65509

Plot sale near AIIMS Hospital, Bhubaneswar 30' wide road. 8280401077. D-65333

Tamando ବଜାର ପଛପଟେ ଘରବାରି ପାଚେରି ହୋଇ ରହିଥିବା plot ମିଳୁଅଛି। 9439864322. D-65336

ଭୁବନେଶ୍ୱର ବାଳକାଟିବଜାରରୁ 3km. ଦୂରତାରେ 30'ରୋଡ୍ ଇଲେକ୍ଟ୍ରିସିଟି ସୁବିଧାଥାଇ ଘରବାରି ପାଚେରିସହ ପିଚୁରୋଡକୁଲାଗି sqft. 550/-, ଜଟଣୀଗେଟ୍‌ରୁ 1km. 1200କୁ 2,40,000/-ରେ ବିକ୍ରିହେବ। 9090053827, 9348020724. D-65335

Gharabari plot at bypass NH side, Kantabada Square, MITM Engineering Collage front, Bhubaneswar: 9938373904. D-65442

Gharabari ST plot 2000 sqft. (2nos.) Vipul Garden front,Ghatikia, Bhubaneswar: 7381564227. D-65443

Residential plot available at Khandagiri, Bhubaneswar AIIMS Hospital backside 30' Road with compoundwall 700/- psqft. 9938373904. D-65444




1400 sqft. commercial space at BMC Bhabani mall sqft. 50/-. 9337119834. D-65331

### ୮ମ ଜନ୍ମଦିବସର ଶୁଭେଚ୍ଛା



(ମକରା)

**ପିଉଷ କୁମାର ପଣ୍ଡା**

ଅନୁଗୋଳ

ଦୀର୍ଘାୟୁ ଭବ। ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ଏବଂ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ, ବିଭୁପାଦେ ଆମର ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ଅଜା- ନରେଶ ଚନ୍ଦ୍ର ଦାଶ, ଆଈ- ମଞ୍ଜୁଲତା ଦାଶ, ମାମୁ- ଦେବେଶ ପ୍ରସାଦ ଦାଶ। ଧ-୧୦୫୫୮




Roshin ayurvedic massage club fully relaxed by smart lady home service facility available. 9937637219. D-64684

Ayurvedic full body massage ladies/ gents smart experts therapist. 9114697517. D-64686

Herbal body massage, relax, back joint pain treatment. Contact: 9437453813. D-64567

### LOST

ମୁଁ ତପସ୍ୱିନୀ ବିରଦଳେଇ ଲେଖି ଜଣାଉଛି ମୋର ନବମ ଶ୍ରେଣୀର ସ୍କୁଲ ସାର୍ଟିଫିକେଟ୍ ଉଇଖାଇ ନଷ୍ଟ ହୋଇଗଲା। ଧ-୧୦୫୬୭

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଇନଜୀବୀ ଭୂମିକାରେ ଖୁସି ରିଚା



ମୁମ୍ବାଇ: ପ୍ରଥମ ଥର ପାଇଁ ଆଇନଜୀବୀ ଭୂମିକାରେ ଅଭିନୟ କରି ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି ବଲିଉଡ୍ ଅଭିନେତ୍ରୀ ରିଚା ଚଡ୍ଢା। ସେ ଆଗାମୀ ଫିଲ୍ମ 'ସେକ୍ସନ ୩୭୫'ରେ ସହ-କଳାକାର ଅକ୍ଷୟ ଖାନ୍ନାଙ୍କ ସହ ଅଭିନୟ କରିଛନ୍ତି। ସେ ଏକ ବିବୃତିରେ କହନ୍ତି, ପ୍ରଥମ ଥର ପାଇଁ ଆଇନଜୀବୀ ଭୂମିକା ନେଇ ଖୁବ୍ ଖୁସି। ଏହି ଫିଲ୍ମରେ କାମ କରୁଥିବାରୁ ତାଙ୍କ ଉପରେ ପ୍ରତ୍ୟେକେ ଖୁସି ଥିବା ସେ ପ୍ରକାଶ କରିଛନ୍ତି। ସୋମବାର ସେ ଏଠାରେ ଉକ୍ତ ଫିଲ୍ମ ପାଇଁ ଶୁଟିଂ ଆରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ଶୁଟିଂ ଏହିଠାରେ ହିଁ କରାଯିବ। ସହ-ଅଭିନେତା ଅକ୍ଷୟ କୁମାରଙ୍କ ବିଷୟରେ ସେ କହନ୍ତି, ଅଭିନେତା ଭାବରେ ଅକ୍ଷୟଙ୍କୁ ଖୁବ୍ ପସନ୍ଦ କରେ। ତାଙ୍କ ସହିତ ଭ୍ରମଣ କରିବା ଖୁବ୍ ଆନନ୍ଦପ୍ରଦ। ନିର୍ଦ୍ଦେଶକ ଅଜୟ ବେହଲଙ୍କ ସହ କାମ କରିବାରେ ମଧ୍ୟ ଖୁସି ମିଳେ। ମହିଳା ନିରାପତ୍ତା ପାଇଁ ଉଦ୍ଦିଷ୍ଟ ଆଇନର କିପରି ଅପବ୍ୟବହାର ହେଉଛି ତାହା ସେକ୍ସନ୍ ୩୭୫ ଫିଲ୍ମରେ ଗୁରୁତ୍ୱ ଆରୋପ କରାଯାଇଛି। ନୂଆ ଫିଲ୍ମ ପାଇଁ ପ୍ରଶଂସକମାନେ ତାଙ୍କୁ ଉତ୍ସାହିତ କରିବା ନିମନ୍ତେ ରିଚା ନିବେଦନ କରିଛନ୍ତି। ସେ ମଧ୍ୟ ସାରା ଫିଲ୍ମ ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି। ଉକ୍ତ ଫିଲ୍ମକୁ ସମର୍ଥନ ଜଣାଇଛନ୍ତି ଭୂଷଣ କୁମାର, କ୍ରିଶନ୍ କୁମାର, କୁମାର ମଙ୍ଗତ ଏବଂ ଅଭିଷେକ ପାଠକ।


## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି
### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ବୈଦେହୀ ସାହୁ**

ତିରୋଧାନ: ୦୫।୦୧।୨୦୧୯

ମା', ତୋର ସ୍ନେହ, ଭଲପାଇବା, ପରୋପକାରିତା, ଶ୍ରଦ୍ଧା, ପ୍ରେରଣା, ଦିଗ୍‌ଦର୍ଶନ ଓ ତ୍ୟାଗକୁ ସହଜରେ ଭୁଲି ହେବନି। ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଅମର ଆତ୍ମାର ସଦ୍‌ଗତି କରନ୍ତୁ ଏତିକି ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ଅଶୋକ କୁମାର ସାହୁ, କୌଶିକ କୁମାର ସାହୁ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ଅଣନାତି, ଅଣନାତୁଣୀ ଓ ପରିବାରବର୍ଗ। ଧ-୧୦୫୬୮

### ଏକାଦଶାହ ଉପଲକ୍ଷେ
### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ମାନସ ମୋହିନୀ ପଣ୍ଡା**

ଆବିର୍ଭାବ: ୧୨।୧୦।୧୯୪୧

ତିରୋଧାନ: ୦୫।୦୧।୨୦୧୯

(ପୌଷମାସ ବହୁଳ ଅମାବାସ୍ୟା)

ବୋଉ, ତୁମେ ଆମମାନଙ୍କୁ ହଠାତ୍ ଛାଡ଼ି ଚାଲିଗଲ, ବିଶ୍ୱାସ ହେଉନାହିଁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସରଳତା ଓ ଆଦର୍ଶ ଆମର ନିତ୍ୟ ଜୀବନରେ ସହାୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:** ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ ଏବଂ ଶୋକସନ୍ତପ୍ତ ପରିବାରବର୍ଗ।

୧୮୬୦, ନୂଆପଲ୍ଲୀ (ନୂଆସାହି), ୱାର୍ଡ-୩୯, ଭୁବନେଶ୍ୱର

ଧ-୬୪୬୯୦


■ସାଧାରଣ ବର୍ଗ ଗରିବଙ୍କ ପାଇଁ ଖୁସି ଖବର

# ଲାଗୁହେଲା ୧୦% କୋଟା

**ନୂଆଦିଲ୍ଲୀ,୧୪।୧**

ସାଧାରଣ ବର୍ଗର ଆର୍ଥିକ ଦୁର୍ବଳ ଶ୍ରେଣୀ ଲାଗି ସରକାରୀ ନିଯୁକ୍ତି ଏବଂ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ସୋମବାରଠାରୁ ଲାଗୁ ହୋଇଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୦% ସ୍ଥାନ ସଂରକ୍ଷଣ ଲାଗି ସରକାର ଆଣିଥିବା ସମ୍ବିଧାନ ସଂଶୋଧନ ବିଲ୍ ଗତ ୯ ତାରିଖରେ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିବା ପରେ ଶନିବାର ଏହା ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଥିଲା। ଏହି ସଂରକ୍ଷଣ ସୁବିଧା ଉଚ୍ଚ ଜାତିର ଗରିବଙ୍କ ସମେତ ଅନ୍ୟ ଧର୍ମାବଲମ୍ବୀମାନଙ୍କ କ୍ଷେତ୍ରରେ ଲାଗୁ ହେବ। ଯେଉଁମାନଙ୍କର ବାର୍ଷିକ ଆୟ ୮ ଲକ୍ଷ ଟଙ୍କାରୁ କମ୍ ହୋଇଥିବ କିମ୍ବା ୫ ଏକରରୁ କମ୍ ଚାଷଜମି ଥିବ ସେମାନେ ଏହି ସୁବିଧା ପାଇପାରିବେ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପେ ରାନ୍ଧେ ଆପେ ଖାଏ,**
**ସୁଆଦ ସୁଆଦ ବୋଲୁଥାଏ ।**

ନିଜେ ରାନ୍ଧି ନିଜେ ଖାଇ ସୁଆଦ ଲାଗୁଥିବା କହିବାରେ କୌଣସି ଯଥାର୍ଥତା ରହି ନ ଥାଏ। ପରୋକ୍ଷରେ ସମସ୍ତେ ନିଜକୁ ଭଲ ବୋଲି ଦେଖେଇ ହୁଅନ୍ତି ବା କହି ହୁଅନ୍ତି। କିନ୍ତୁ ପ୍ରକୃତରେ ସିଏ ହିଁ ଭଲ, ଯାହାକୁ ସମସ୍ତେ କହିଥାନ୍ତି। ନିଜ ମୁହଁରେ ନିଜର ପ୍ରଶଂସା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଗ ରୁଆ ଘରକୁ,**
**ପଛ ରୁଆ ଗୋରୁକୁ ।**

ଚାଷ ତରତରରେ କରିବାକୁ ପଡ଼ିଥାଏ। ଏଥିରେ ହେଳାକଲେ ବେଳା ବୁଡ଼ି ଯାଇଥାଏ। ସଅଳ ଧାନ ରୋଇଲେ ଭଲ ଅମଳ ମିଳିଥାଏ। ପରନ୍ତୁ ରୋଇବାରେ ବିଳମ୍ବ କରିଦେଲେ ଫସଲ ଭଲ ହୋଇପାରି ନ ଥାଏ କି ଲାଭ ସେତେ ମିଳିପାରି ନ ଥାଏ। ତେଣୁ ଶୀଘ୍ର ଧାନ ରୋଇବା ଲାଭପ୍ରଦ ବୋଲି ଏଠାରେ ସୂଚିତ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ

-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

# ଅସମ୍ଭାଳ ବିଦ୍ୟୁତ୍...

ପ୍ରାୟ ୨୬୦୦ ମେଗାୱାଟ୍ ଶକ୍ତି ଉତ୍ପାଦନ ହେଉଛି। ଅଭାବ ମେଣ୍ଟାଇବାକୁ ସେଣ୍ଟ୍ରାଲ ପୁଲ୍‌ରୁ ୧୧୫୦ ମେଗାୱାଟ୍ ବିଦ୍ୟୁତ୍ କ୍ରୟ କରାଯାଉଛି। କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନା କାର୍ଯ୍ୟକାରୀ ହେବା ପରଠାରୁ ବିଦ୍ୟୁତ୍ ଉତ୍ପାଦନ ଉପରେ ପ୍ରବଳ ଚାପ ସୃଷ୍ଟି ହୋଇଛି। ଏହି ଯୋଜନା ଆରମ୍ଭ ହେବା ପୂର୍ବରୁ ରାଜ୍ୟରେ ୬୭ ଲକ୍ଷ ଉପଭୋକ୍ତା ଥିବା ବେଳେ ଗତ ଦୁଇବର୍ଷ ମଧ୍ୟରେ ଏହା ୯୭ ଲକ୍ଷକୁ ବୃଦ୍ଧି ପାଇଛି। ଆସନ୍ତା ବର୍ଷ ଉପଭୋକ୍ତା ସଂଖ୍ୟା ୧ କୋଟି ଉପରକୁ ଟପିଯିବ। ଏତେ ସଂଖ୍ୟକ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଇବା ପାଇଁ ରାଜ୍ୟରେ ଆହୁରି ୧୫୦୦ ମେଗାୱାଟ୍ ଅତିରିକ୍ତ ବିଦ୍ୟୁତ୍ ଆବଶ୍ୟକ ହେବ ବୋଲି ଅନୁମାନ କରାଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ବର୍ଷର ଅଧିକାଂଶ ସମୟରେ ଗରମ ଅନୁଭୂତ ହେଉଛି। ଏ.ସି ଏବଂ ଅନ୍ୟାନ୍ୟ ବିଦ୍ୟୁତ୍ ଉପକରଣ ବ୍ୟବହାର ବଢି ଚାଲିଛି। ରାଜ୍ୟରେ ଉପଭୋକ୍ତା ସଂଖ୍ୟା ଯେଉଁ ହାରରେ ବଢି ଚାଲିଛି ଉତ୍ପାଦନ ସେହି ଅନୁପାତରେ ବଢୁ ନାହିଁ। ରାଜ୍ୟ ସରକାର ବିଦ୍ୟୁତ୍ ଚାହିଦାକୁ ଭରଣା କରିବା ପାଇଁ ଉତ୍ପାଦନ ବୃଦ୍ଧି ଯୋଜନା କରିଛନ୍ତି। ଗ୍ରୀଡ୍‌କୋ ୨୦୨୦-୨୧ ବେଳକୁ ରାଜ୍ୟରେ ୫୭୦୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରିବାକୁ ଯୋଜନା କରିଛି। ରାଜ୍ୟ ସରକାର ୨୦୦୦ରୁ ୨୦୧୪ ମଧ୍ୟରେ ୩୦ଟି ଆଇପିପି ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ସେଥିରୁ ୨୦ଟି ଏ ପର୍ଯ୍ୟନ୍ତ ଉତ୍ପାଦନ ଆରମ୍ଭ କରିନାହାନ୍ତି। ଅନ୍ୟ ପକ୍ଷରେ ଜଳ ବିଦ୍ୟୁତ୍ ପ୍ରକଳ୍ପଗୁଡିକର ଉତ୍ପାଦନ ଗତ ୪ ବର୍ଷର ପରିସଂଖ୍ୟାନକୁ ଦେଖିଲେ ଅତ୍ୟନ୍ତ ନୈରାଶ୍ୟଜନକ ସ୍ଥିତିରେ ରହିଛି। ରାଜ୍ୟରେ ବୁର୍ଲା, ଚିପିଲିମା, ବାଲିମେଳା, ରେଙ୍ଗାଲି, ଅପରକୋଲାବ, ଅପର ଇନ୍ଦ୍ରାବତୀ, ମାଛକୁଣ୍ଡ ଆଦି ୭ଟି ଜଳ ବିଦ୍ୟୁତ୍ ପ୍ରକଳ୍ପ ରହିଛି। ଏସବୁରୁ ୨୦୧୩ରେ ମୋଟ ୭୨୦୫.୧୪ ମିଲିୟନ ୟୁନିଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହୋଇଥିବା ବେଳେ ୨୦୧୪ରେ ଖସି ୬୫୨୪.୫୫, ୨୦୧୫ରେ ୪୫୪୧.୮୫, ୨୦୧୬ରେ ୪୭୭୪.୨୧ ଏବଂ ୨୦୧୭-୨୦୧୮ରେ ୫୭୩୦.୯୯ ମିଲିୟନ ୟୁନିଟ୍‌କୁ ଖସି ଯାଇଛି। ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ କହିଛନ୍ତି ଯେ, ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ଆଗାମୀ ଦିନରେ ବହୁ ମାତ୍ରାରେ ବୃଦ୍ଧି ପାଇବ। ବିଦ୍ୟୁତ୍ ସଙ୍କଟ ସୃଷ୍ଟି ହେବାର ସମ୍ଭାବନା ନାହିଁ । ବାଣିଜ୍ୟିକ ଓ ପରିବହନଜନିତ(ଏଟି ଆଣ୍ଡ ସି) କ୍ଷତି ନିୟନ୍ତ୍ରଣ ବାହାରକୁ ଚାଲି ଯାଉଥିବାରୁ କ୍ଷତି ବଢି ବଢି ଚାଲିଛି ତେଣୁ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଅଣନିଃଶ୍ୱାସୀ ହେଲେଣି। ରାଜ୍ୟରେ ଏଟି ଆଣ୍ଡ ସି କ୍ଷତି ୪୦ ପ୍ରତିଶତ ଉପରେ ରହିଛି। ପ୍ରତିବର୍ଷ ୧୦ ପ୍ରତିଶତ କମାଇବାକୁ ଓଇଆରସି ବଣ୍ଟନ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ପ୍ରଶାସନିକ ସ୍ଥାଣୁତା ଯୋଗୁ ଏଥିରେ କୌଣସି ସୁଧାର ଆସୁ ନାହିଁ। ଏହାଛଡା କର୍ମଚାରୀ ଅଭାବ ଯୋଗୁ ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମିରେ ଉନ୍ନତି ହୋଇ ପାରୁ ନାହିଁ। କର୍ମଚାରୀ ପୂରଣ ହେବା ସହ ଏଟି ଆଣ୍ଡ ସି କମାଯାଇ ପାରିଲେ ବିଦ୍ୟୁତ୍ କ୍ଷତିକୁ ଅନେକାଂଶରେ ଭରଣା କରାଯାଇ ପାରନ୍ତା ବୋଲି ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର ସାଧାରଣ ସମ୍ପାଦକ ଅକ୍ଷୟ ତ୍ରିପାଠୀ କହିଛନ୍ତି।

# ଆଜି ବଲାଙ୍ଗୀର ଆସୁଛନ୍ତି...

ଦଳୀୟ ସ୍ୱାଭିମାନ ସମାବେଶରେ କାର୍ଯ୍ୟକର୍ତ୍ତା ଏବଂ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହା ଏକ ରାଜନୈତିକ କାର୍ଯ୍ୟକ୍ରମ ହୋଇଥିବାରୁ ସମସ୍ତ ଦୃଷ୍ଟି ଏହା ଉପରେ କେନ୍ଦ୍ରିତ ହୋଇଛି। ଅପରପକ୍ଷରେ ରାଜଧାନୀ ଭୁବନେଶ୍ୱରରେ ମଙ୍ଗଳବାର ରାଜ୍ୟ ସରକାର କୃଷି ମେଳା-୨୦୧୯କୁ ଆରମ୍ଭ କରିବାକୁ ଯାଉଛନ୍ତି। ଏହି କାର୍ଯ୍ୟକ୍ରମ ଚଳିତ ମାସ ୧୯ଯାଏ ଚାଲିବ। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ଥିବାରୁ ବଲାଙ୍ଗୀରରେ ହେବାକୁ ଥିବା ସରକାରୀ କାର୍ଯ୍ୟକ୍ରମରେ ସେ ଯୋଗ ନ ଦେବା ସ୍ପଷ୍ଟ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ବାରିପଦା ଗସ୍ତରେ ମଧ୍ୟ ମୁଖ୍ୟମନ୍ତ୍ରୀ ଅନୁପସ୍ଥିତ ରହିବା ସହ ପୁରୀଠାରେ ଆୟୋଜିତ ମିଶନ ଶକ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଯାହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଥିଲା। କୌଣସି ନେତାଙ୍କ ଗସ୍ତ ପୂର୍ବରୁ ତାଙ୍କର ରଣନୀତିକୁ ନେଇ ଚର୍ଚ୍ଚା ହେବା ସାଧାରଣ କଥା। ପୂର୍ବ ସଭାରେ ପ୍ରଧାନମନ୍ତ୍ରୀ ମୋଦି ବିଜେଡି କିମ୍ବା ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଟାର୍ଗେଟ କରି ନ ଥିଲେ। ହେଲେ ପିପିଲି ଗଣବଳାତ୍କାର ଓ ହତ୍ୟା ପ୍ରସଙ୍ଗରେ ଠିକ୍ ତଦନ୍ତ ପାଇଁ ମତ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ବିବୃତିର ୨୪ ଘଣ୍ଟା ନ ପୂରୁଣୁ କୃଷି ଏବଂ ପଞ୍ଚାୟତିରାଜ ବିଭାଗ ଦାୟିତ୍ୱରେ ଥିବା ପ୍ରଦୀପ ମହାରଥୀ ଇସ୍ତଫା ଦେଇଥିଲେ। ଘଟଣାକ୍ରମରେ ରବିବାର କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସେବାଶ୍ରମ ଜଣେ ନାବାଳିକା ମା' ହେବା ଘଟଣା ପ୍ରମୁଖ ପ୍ରସଙ୍ଗ ପାଲଟିଛି। ଇତିମଧ୍ୟରେ ଉକ୍ତ ନବଜାତ ଶିଶୁର ମୃତ୍ୟୁ ମଧ୍ୟ ହୋଇଛି। ରାଜ୍ୟ ପ୍ରଶାସନ ତଦନ୍ତ ନିର୍ଦ୍ଦେଶ ଦେବା ସହ ପ୍ରାଥମିକ ଭାବେ କେତେକଙ୍କୁ ନିଲମ୍ବନ ଏବଂ ବହିଷ୍କାର କରିସାରିଛି। ମୁଖ୍ୟ ଅଭିଯୁକ୍ତ ମଧ୍ୟ ଗିରଫ ହୋଇସାରିଲାଣି, ହେଲେ ଏ ପ୍ରକାର ଘଟଣା ରାଜ୍ୟ ପାଇଁ ଲଜ୍ଜା ଆଣିଛି। ତେଣୁ ଏହି ଘଟଣାରେ ପ୍ରଧାନମନ୍ତ୍ରୀ ମୋଦି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିପାରନ୍ତି ବୋଲି ସମୀକ୍ଷକମାନେ ମତ ଦେଇଛନ୍ତି। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀବେଞ୍ଚ ନେଇ କେତେକ ସଙ୍ଗଠନ ଆନ୍ଦୋଳନ ଜାରି ରଖିଛନ୍ତି। ଏହାର କିଛିଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଏ ସଂକ୍ରାନ୍ତରେ କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦଙ୍କୁ ଚିଠି ଲେଖିଛନ୍ତି। କେନ୍ଦ୍ର ମନ୍ତ୍ରୀ ପ୍ରସାଦ ମଧ୍ୟ ଏହାର ଉତ୍ତର ରଖି ରାଜ୍ୟ ସରକାରଙ୍କ କୋର୍ଟକୁ ବଲ୍ ଫିଙ୍ଗିଛନ୍ତି। ତେଣୁ ସ୍ଥାୟୀବେଞ୍ଚ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ କିଛି କହୁଛନ୍ତି ନା ନୀରବ ରହୁଛନ୍ତି, ତାହା ଉପରେ ପଶ୍ଚିମ ଓଡ଼ିଶାବାସୀଙ୍କ ନଜର ରହିଛି। ନିକଟରେ ଦକ୍ଷିଣ ଭାରତରେ ମୋ ବୁଥ ସବୁଠୁ ମଜଭୁତ୍ କାର୍ଯ୍ୟକ୍ରମରେ ଭାଗ ନେଇ ମୋଦି ଆଞ୍ଚଳିକ ଦଳଗୁଡ଼ିକ ପାଇଁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ଦ୍ୱାର ସବୁ ସମୟରେ ଖୋଲା ରହିଥିବା ମନ୍ତବ୍ୟ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ମନ୍ତବ୍ୟ ଡିଏମ୍‌କେ, ଟିଆରଏସ୍, ୱାଇଏସ୍ଆର କଂଗ୍ରେସ ଏବଂ ବିଜେଡି ପାଇଁ ଥିଲା ବୋଲି ରାଜନୈତିକ ମହଲରେ ଆଲୋଚନା ହୋଇଥିଲା। ଏଭଳିସ୍ଥିତିରେ ବଲାଙ୍ଗୀରରେ ମୋଦି କି ଆଭିମୁଖ୍ୟ ଗ୍ରହଣ କରୁଛନ୍ତି, ତାହା ଦେଖିବାକୁ ବାକି ରହିଲା।

# ଆଖି ବୁଜିଲେ ନବଜାତ ...

ସେବାଶ୍ରମ ଛାତ୍ରୀ ନିବାସକୁ ଯାଇଥିଲେ। ସେମାନେ କର୍ତ୍ତୃପକ୍ଷଙ୍କଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଥାନା ଆଇଆଇସି ଏବଂ ପୀଡ଼ିତା ଛାତ୍ରୀଙ୍କ ପରିବାରକୁ ଭେଟି ଆଲୋଚନା କରିଥିଲେ। ସେବାଶ୍ରମରେ ଏପରି ଲଜ୍ଜାଜନକ ଘଟଣା ପାଇଁ ଯେଉଁମାନେ ଦାୟୀ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ ବୋଲି ନାରୀ ସଚେତନ ମଞ୍ଚର ୨ ସଦସ୍ୟା କହିଛନ୍ତି।

ବ୍ରହ୍ମପୁର ବଡ଼ ମେଡିକାଲରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ସୁମିତ୍ରା ଜେନା, ଉପସଭାନେତ୍ରୀ ପ୍ରଣତୀ ମିଶ୍ର, ସାଧାରଣ ସମ୍ପାଦିକା ପ୍ରଭାବତୀ ପଟ୍ଟନାୟକ, ଜିଲା ସଭାନେତ୍ରୀ ବବିତା ପ୍ରଧାନ ପ୍ରମୁଖ ଛାତ୍ରୀଙ୍କୁ ଭେଟିଥିଲେ। ସେବାଶ୍ରମଗୁଡିକରେ କୋମଳମତି ଶିଶୁମାନଙ୍କୁ ନିର୍ଯାତନା ଦିଆଯାଉଥିବା କଂଗ୍ରେସ ନେତ୍ରୀମାନେ ଅଭିଯୋଗ କରିଥିଲେ। ଦାୟିତ୍ୱରେ ଅବହେଳା କରୁଥିବା ଅଧିକାରୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବି ନେଇ ମହିଳା କଂଗ୍ରେସ ପକ୍ଷରୁ ଦକ୍ଷିଣାଞ୍ଚଳ ଡିଆଇଜି ଆଶିଷ ସିଂହଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ସେହିପରି ଭାଜପା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ପିଙ୍କି ପ୍ରଧାନ, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବବିତା ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟା ଶୁଭାସିନୀ ପଟ୍ଟନାୟକ, ଅନୀତା ଶୁଭଦର୍ଶିନୀ ପଟ୍ଟନାୟକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟା ମମତାମୟୀ ପାତ୍ର ପ୍ରମୁଖ ପୀଡ଼ିତା ଛାତ୍ରୀଙ୍କୁ ଭେଟିଥିଲେ । ନାବାଳିକା ଜଣକ ପ୍ରସୂତୀ ଥିବା ଅବସ୍ଥାରେ ସେବାଶ୍ରମ କର୍ତ୍ତୃପକ୍ଷ ତାଙ୍କ ପରିବାର ଲୋକଙ୍କୁ କୌଣସି ସୂଚନା ନ ଦେଇ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରିଥିଲେ ବୋଲି ଉପସଭାନେତ୍ରୀ ପିଙ୍କି ପ୍ରଧାନ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ଆତ୍ମ ସମର୍ପଣ କଲେ...



ଗ୍ରାମରେ ତାଙ୍କ ଘର ବୋଲି ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି କହିଛନ୍ତି। ଏ ସମ୍ପର୍କରେ ସୂଚନାଦେଇ ଏସ୍‌ପି କହିଛନ୍ତି ଯେ, ଶାନ୍ତି ଗତ ୨୦୧୨ରେ ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିଲେ। ଆନ୍ଧ୍ର-ଓଡ଼ିଶା ବର୍ଡର ଜୋନାଲର କାଲିମେଳା ଦଲମ୍‌ରେ ସେ କାର୍ଯ୍ୟ କରୁଥିଲେ। ତାଙ୍କ ନାମରେ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ମାଓବାଦୀ ସଙ୍ଗଠନରେ ସେ ଏରିଆ କମାଣ୍ଡର ମେମ୍ବର (ଏସିଏମ୍) ରୂପେ କାର୍ଯ୍ୟ କରୁଥିଲେ। ସେ କୁରୁବ୍ ଗ୍ରାମର ପେଣ୍ଟା ମାଡି ହତ୍ୟା, ପିତାକୋଣ୍ଡାର ଭୀମା କବାସୀ ହତ୍ୟା, ପୋଟେରୁ ବସ୍ତି ହତ୍ୟା ମାମଲା, ଦାମନଯୋଡି ମାଇନ୍ସ ଆକ୍ରମଣ, ଅଣ୍ଡ୍ରାପାଲି ଗାଁ ମୁଖିଆ ହତ୍ୟା, ଗୋବରପଡା ଓ ରାମାଗୁଡାରେ ପୋଲିସ ସହ ଗୁଳି ବିନିମୟ, ଗୁସୁମ ପଦରର କାଟାମଙ୍କୁ ହତ୍ୟା, ବାମୁଣିଘାଟି ମୁଦୁଲିପଡା ଓ ପିପଲପଦରରେ ରାସ୍ତା କାମକୁ ବିରୋଧ କରି ଜେସିବି ଓ ଯନ୍ତ୍ରାଂଶ ପୋଡି, ଜୋଡାମ୍ବ ଗ୍ରାମର ବୋଲୁଙ୍କୁ ହତ୍ୟା, ଅଣ୍ଡ୍ରାପାଲି, ଟିକାପଡା ଓ ପାନପଦରରେ ପୋଲିସ ସହ ଗୁଳିବିନିମୟ, ରାଜୀବ ନାୟକଙ୍କୁ ହତ୍ୟା ଉଦ୍ୟମ ଭଳି ବହୁ ହିଂସା ଘଟଣାରେ ସମ୍ପୃକ୍ତ ଥିବା ଏସ୍‌ପି କହିଛନ୍ତି। ମାଓବାଦୀ ସଙ୍ଗଠନରେ ପୂର୍ବର ଆଦର୍ଶ ନ ଥିବା ଏବଂ ଏହାର ନେତା ସୁଧୀରଙ୍କ ନିର୍ଯାତନା ସହି ନ ପାରି ସେ ସଙ୍ଗଠନ ଛାଡିଥିବା କହିଛନ୍ତି। ତେବେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ମାଓବାଦୀଙ୍କ ଆତ୍ମସମର୍ପଣ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ରହିଥିବା ସହାୟତା ରାଶି ଶାନ୍ତିଙ୍କୁ ପ୍ରଦାନ କରାଯିବ। ତାଙ୍କୁ ଥଇଥାନ କରାଯାଇ ସରକାରଙ୍କ ସମସ୍ତ ଯୋଜନାରେ ସାମିଲ କରାଯିବ ବୋଲି ଏସ୍‌ପି ମୀନା କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ମେଷରାଶିରେ ଚନ୍ଦ୍ର ବିଭିନ୍ନ ପ୍ରକାରର କାମକୁ ନେଇ ମାନସିକ ଅସ୍ଥିରତା ସୃଷ୍ଟିକରିବ। ଜନ୍ମ ଚନ୍ଦ୍ର ହେତୁ ଦୂରଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ନିକଟରୁ ଦୂରେଇ ରହିବା ଭଲ ହେବ। ଅଶ୍ୱିନୀ ନକ୍ଷତ୍ର କେତେକ କ୍ଷେତ୍ରରେ ଅନ୍ୟମନସ୍କ ହେତୁ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ଅପରାହ୍ନରେ ସହକର୍ମୀଙ୍କ ଜରିଆରେ ଅଚାନକ ଭାବରେ ଶୁଭ ଖବର ଶୁଣି ଖୁସି ହେବେ।

**ବୃଷ**
ବ୍ୟୟାଧିକ୍ୟ ସାଙ୍ଗକୁ କର୍ମହାନି ମନସ୍ତାପର କାରଣ ହେବାର ଆଶଙ୍କା ପୂର୍ଣ୍ଣମାତ୍ରାରେ ରହିଛି। କଳା, ସାହିତ୍ୟ, କ୍ରୀଡା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ। କର୍ମକ୍ଷେତ୍ରରେ, ସଭାସମିତିରେ, ଆନୁଷ୍ଠାନିକ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହୋଇପାରନ୍ତି।

**ମିଥୁନ**
ଉପରିସ୍ଥଙ୍କ ଦ୍ୱାରା ଚାପଗ୍ରସ୍ତ ହୋଇ କର୍ମକ୍ଷେତ୍ରରେ ବାଧ୍ୟବାଧକତାରେ କେତେକ କାମ କରିବାକୁ ପଡିପାରେ। ଭଲ ସମ୍ପର୍କ ନ ଥିବା ପାଖପଡୋଶୀମାନେ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାରର ମନ୍ତବ୍ୟ ଦେଇପାରନ୍ତି। ଋଣଭାର,କଚେରି ମାମଲା,ପରିବହନ ସମ୍ପର୍କିତ ସମସ୍ୟାକୁ ନେଇ ଚିନ୍ତିତ ରହିବେ। ବ୍ୟବସାୟ,ରାଜନୀତି କ୍ଷେତ୍ରରେ ଆଂଶିକ ସଫଳତା ମିଳିବ।

**କର୍କଟ**
ରବି ରାଶିର ସପ୍ତମ ସ୍ଥାନରେ ଅବସ୍ଥାନ କରି ଦେଇଥିବା ମନ୍ତବ୍ୟକୁ ନେଇ ବିବାଦର ସୂତ୍ରପାତ ହୋଇପାରେ। କିମ୍ବା ଅର୍ଥ ସମ୍ପର୍କ କିମ୍ବା ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ଯୋଜନାକୁ ବାସ୍ତବ ରୂପ ଦେବା ସହିତ ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରେ ସମସ୍ୟା ଦୂର ହୋଇଯିବ।

**ସିଂହ**
ମନ ଯାହା ଓ ଯେମିତି ଚାହୁଁଛି ତାହା ପାଇଲେ ମଧ୍ୟ ବାସ୍ତବ ସନ୍ତୋଷ ଠାରୁ ବହୁତ ଦୂରରେ ରହିପାରନ୍ତି। କୌଣସି ଅନାକାଂକ୍ଷିତ ସୂଚନା କ୍ରମେ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ। ପ୍ରଶାସନ ଓ ରାଜନୀତି କ୍ଷେତ୍ର ସଂଘର୍ଷମୟ ରହିବା ସହ ଆର୍ଥିକ, ପାରିବାରିକ ଓ ସାମାଜିକ ସ୍ଥିତି କେତେକାଂଶରେ ଆଶ୍ୱସ୍ତି ଦେଇପାରେ।

**କନ୍ୟା**
କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିବାକୁ ପଡିବା କାରଣରୁ ସାମୟିକ ବିଚଳିତ ଅନୁଭବ କରିବେ । ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡିପାରେ । ସାମାଜିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢି ସମସ୍ୟାକୁ ଦ୍ୱିଗୁଣିତ କରିବ। ଯାତ୍ରା,ବ୍ୟବସାୟ ଓ ପରିବହନରେ ସାମାନ୍ୟ ସମସ୍ୟା ଦେଖାଦେବ।

**ତୁଳା**
ଅନ୍ୟମାନେ ନିଜର ସୁବିଧା ଅନୁଯାୟୀ କାମ କରିବା ହିଁ ଆପଣଙ୍କ ପାଇଁ ସମସ୍ୟାର କାରଣ ହେବ। ପାରିବାରିକ କିମ୍ବା କର୍ମକ୍ଷେତ୍ରରେ ପରିସ୍ଥିତିରେ ପଡି ଇଚ୍ଛା ନ ଥାଇ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଅଭାବ ପୂରଣ ଦିଗରେ ପଡୋଶୀଙ୍କ ସାହାଯ୍ୟ କାମକୁ ଆସିପାରେ। ବ୍ୟବସାୟିକ ସ୍ଥିତି ଓ ସାମାଜିକ ପରିସ୍ଥିତି ପ୍ରାୟତଃ ଭଲ ରହିବ।

**ବିଛା**
ପ୍ରତ୍ୟେକ କାମରେ ସମସ୍ୟା ଲାଗି ରହିଲେ ମଧ୍ୟ ଅଭିମାନ ନ କରି କୌଶଳରେ କାମ ହାସଲ ପାଇଁ ଚେଷ୍ଟା କରିବା ଭଲ ହେବ । ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ସମ୍ମାନିତ ହୋଇପାରନ୍ତି। ପାରସ୍ପରିକ ମତାନ୍ତର ଜନିତ ପାରିବାରିକ କ୍ଷେତ୍ରରେ ଅଶାନ୍ତି ଆସିବାର ସୂଚନା ରହିଛି। ସାହିତ୍ୟ, ପ୍ରେସ୍, ପବ୍ଲିକେଶନ କ୍ଷେତ୍ର ଗତାନୁଗତିକ ରୀତିରେ ଗଡି ଚାଲିବ ।

**ଧନୁ**
ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ ଭାଷଣ ଆପଣଙ୍କ ପାଇଁ ସମସ୍ୟା ସୃଷ୍ଟିର କାରଣ ହୋଇପାରେ । ପରୋକ୍ଷ ଶତ୍ରୁତା କାରଣରୁ ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହେବ। ଧାତବ ଜନିତ ଦ୍ରବ୍ୟ କ୍ରୟ କରିବା ସକାଶେ ପରିବାରର ବରାଦ ପାଇପାରନ୍ତି। ଶିକ୍ଷା, ରାଜନୀତି ଓ ସାମାଜିକ କ୍ଷେତ୍ରରେ ଶ୍ରମ ଓ ସମୟ ବିନିଯୋଗ କରିପାରନ୍ତି।

**ମକର**
ଗୁରୁ କ୍ଷେତ୍ରଗତ ମଙ୍ଗଳ ତୃତୀୟସ୍ଥ ହୋଇ ଭାଗ୍ୟଭାବରେ ଥିବାରୁ ପୂର୍ବ ଚିନ୍ତା ଓ କଳ୍ପନାକୁ ବାସ୍ତବତାରେ ପରିଣତ କରିପାରନ୍ତି। ସକାଳୁଆ ଯାତ୍ରା, ବ୍ୟବସାୟ, ବାଣିଜ୍ୟ, ପରିବହନ ଓ କୌଣସି ନୂତନ କର୍ମାରମ୍ଭ କରିବା ପାଇଁ ମନ ବଳାଇବେ। କର୍ମକ୍ଷେତ୍ରରେ ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବାରେ ସମର୍ଥ ହୋଇପାରନ୍ତି।

**କୁମ୍ଭ**
ଅଭାବ ନ ଥିଲେ କ'ଣ ହେଲା ଘରୋଇ କଳହ ବଢି ବଢି ଚାଲିବା କାରଣରୁ ମନ ଭଲ ରହିବ ନାହିଁ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବେଳକାଳ ଉଣ୍ଡି ଏହି ସମୟରେ ନିଜ ଲୋକମାନେ ମଧ୍ୟ ଦାଉ ସାଧିପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ରାଜନୀତି, ଚଳଚ୍ଚିତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ। ପିଲାମାନଙ୍କ କୃତୀ ଓ କୃତିତ୍ୱକୁ ନେଇ ଗର୍ବ ଅନୁଭବ କରିବେ।

**ମୀନ**
ଆକସ୍ମିକ ଭାବରେ ନିଜ ପରିସରରେ ରହୁଥିବା ବନ୍ଧୁଙ୍କ ସହାନୁଭୂତି ଲାଭ କରି କାମ ହାସଲ କରିବେ। ବିଶିଷ୍ଟବ୍ୟକ୍ତିଙ୍କ ବାହୁଛାୟା ତଳେ ଆଶ୍ରୟ ନେଇ ଜନହିତକର କାର୍ଯ୍ୟରେ ନିଜକୁ ଲିପ୍ତ ରଖିପାରନ୍ତି। କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ପାରିବାରିକ ସ୍ଥିତି ଭଲ ରହିବ। କଳା, ସାଂସ୍କୃତିକ କାର୍ଯ୍ୟରେ ମନୋରଞ୍ଜନ ସାଙ୍ଗକୁ ବନ୍ଧୁଦର୍ଶନରେ ବିଭୋର ହୋଇପାରନ୍ତି।

ଆଜି ପୌଷ ଶୁକ୍ଳ ନବମୀ ମଙ୍ଗଳବାର, ଜାନୁୟାରୀ ୧୫ ତାରିଖ, ସ୍ଥଳସେନା ଦିବସ, ରାଶି ନକ୍ଷତ୍ର ଅପରାହ୍ନ, ଘ୨ ।୩୭ମି. ପର୍ଯ୍ୟନ୍ତ ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୯ ।୧୪ମି. ଗତେ ଘ୧୦ ।୩୭ମି. ମଧ୍ୟେ, ଘ୧୨ ।୦୦ମି. ଗତେ ଘ୧ ।୨୩ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୩୭ମି. ଗତେ ଘ.୧।୦୦ମି. ମଧ୍ୟେ, ଘ୨ ।୫୦ମି. ଗତେ ଘ୪ ।୧୩ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୨ ।୪୦ମି. ଗତେ ଘ୪ ।୦୨ମି. ମଧ୍ୟେ ରାହୁକାଳ ।

## ସଂକ୍ଷେପରେ

■ ସେବାଶ୍ରମରେ ଛାତ୍ରୀଙ୍କ ସନ୍ତାନ ପ୍ରସବ ଘଟଣା

### ରାଜ୍ୟ ସରକାରଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ

ଭୁବନେଶ୍ୱର,୧୪।୧ (ବ୍ୟୁରୋ)-କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ୍‌ର ଏକ ସେବାଶ୍ରମରେ ଜଣେ ଅଷ୍ଟମଶ୍ରେଣୀ ଛାତ୍ରୀ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଏହି ସ୍ପର୍ଶକାତର ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏନ୍‌ଏଚ୍‌ଆର୍‌ସି ନିଜଆଡୁ ମାମଲା ରୁଜୁ କରିବା ସହ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ନାବାଳିକା ଜଣକ ହଷ୍ଟେଲ ପରିସରରେ ସନ୍ତାନ ଜନ୍ମ କରିବା ପରେ ସେବାଶ୍ରମ କର୍ତ୍ତୃପକ୍ଷ ଉଭୟଙ୍କୁ ବାହାର କରିଦେଇଥିବା ଅଭିଯୋଗ ହୋଇଥିଲା। ଖବର ପ୍ରଚାରିତ ହେବା ପରେ ସେଠାରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ପୋଲିସ ସହାୟତାରେ ଉକ୍ତ ନାବାଳିକା ଓ ନବଜାତ ଶିଶୁକନ୍ୟାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ପରେ ହସ୍ପିଟାଲରେ ନବଜାତ ଶିଶୁଟିର ମୃତ୍ୟୁ ଘଟିଥିବା ଜଣାପଡିଛି। ଏହି ଘଟଣାରେ ଦୋଷୀଙ୍କ ବିରୋଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ଓ ପୀଡିତା ନାବାଳିକାଙ୍କୁ ଉଦ୍ଧାର ତଥା ସହାୟତା କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବା ଲାଗି ଏନ୍‌ଏଚ୍‌ଆର୍‌ସି ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ନୋଟିସ ଜାରି କରିଛନ୍ତି। ନାବାଳିକା ଜଣଙ୍କ ଅନୁସୂଚିତ ଜନଜାତି ବର୍ଗର ହୋଇଥିବାରୁ କେଉଁ ଧାରାରେ ମାମଲା ରୁଜୁ କରାଯାଇଛି ସେ ସମ୍ପର୍କରେ ସବିଶେଷ ଜାଣିବାକୁ ଚାହିଁଛନ୍ତି ଆୟୋଗ। ଏଥିସହ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ନାବାଳିକାଙ୍କ ମାନବିକ ଅଧିକାର କ୍ଷୁର୍ଣ୍ଣ ହୋଇଥିବା ଓ ସେବାଶ୍ରମ କର୍ତ୍ତୃପକ୍ଷ, ପ୍ରଧାନ ଶିକ୍ଷୟିତ୍ରୀ ଏବଂ ହଷ୍ଟେଲ ୱାର୍ଡେନ ଠିକ ଭାବେ ଦାୟିତ୍ୱ ନିର୍ବାହ କରି ନ ଥିବା ଆୟୋଗ ହୃଦବୋଧ କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି।

### ଆର୍‌ଟିଓ ଅଫିସରେ ଲାଗିବ କିଓସ୍କ ମେଶିନ

କଟକ ଅଫିସ, ୧୪।୧-ରାଜ୍ୟର ସମସ୍ତ ଆର୍‌ଟିଓ ଅଫିସରେ ଲାଗିବ ଇନ୍‌ଫର୍ମେଶନ କିଓସ୍କ ମେଶିନ। ଜାନୁୟାରୀ ୧୬ରେ କଟକରୁ ଏହି ନୂଆ ଯୋଜନାର ଶୁଭାରମ୍ଭ କରାଯିବ। କଟକକୁ ପାଇଲଟ ପ୍ରୋଜେକ୍ଟ ଭାବେ ଗ୍ରହଣ କରାଯାଇଛି। ଏହି ମେଶିନ ଦ୍ୱାରା ପରିବହନ ବିଭାଗର ସମସ୍ତ ତଥ୍ୟ ଯେ କେହି ପାଇପାରିବ। କଟକ ଆର୍‌ଟିଓ ଦୀପ୍ତିରଞ୍ଜନ ପାତ୍ରଙ୍କ କହିବା ଅନୁଯାୟୀ, ସମ୍ପ୍ରତି ପରିବହନ ବିଭାଗର ସମସ୍ତ ସେବା ଅନ୍‌ଲାଇନରେ କରାଯାଉଛି।

କେନ୍ଦ୍ରାପଡ଼ାରେ ସମଲିଙ୍ଗୀ ବିବାହ ଘଟଣା

### ‘ଅଲଗା ହେଲେ ଆତ୍ମହତ୍ୟା କରିବୁ’

ପଟ୍ଟାମୁଣ୍ଡାଇ, ୧୪।୧ (ସ୍ୱ.ପ୍ର.)-କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକରେ ସମଲିଙ୍ଗୀ ବିବାହକୁ ନେଇ ଏବେ ସାରା ରାଜ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ଏହାକୁ ନେଇ ଲୋକମାନେ ଭିନ୍ନ ଭିନ୍ନ ମତ ଦେଉଥିବା ବେଳେ ଯୁବତୀ ଦ୍ୱୟଙ୍କ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଉଭୟଙ୍କୁ ବୁଝାଇବା ପାଇଁ ସୋମବାର ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ଅଫିସ୍‌ରେ କାଉନ୍‌ସେଲିଂ କରାଯାଇଥିଲା। ଏଥିରେ ଉଭୟ ଯୁବତୀଙ୍କ ମା’ବାପା, ଏସ୍‌ଡିପିଓ ରଞ୍ଜନ କୁମାର ଦେ, ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ପ୍ରମୋଦ କୁମାର ମଲ୍ଲିକ, ତଦନ୍ତକାରୀ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ, ଆଇଏଚ୍‌ଆରସି ଜିଲା ମୁଖ୍ୟ ପ୍ରତାପ ପାଢ଼ୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସେମାନଙ୍କୁ ବୁଝାଇବାକୁ ବହୁ ଉଦ୍ୟମ କରାଯାଇଥିଲେ ହେଁ ପରସ୍ପରକୁ ଛାଡି ରହିବାକୁ ସେମାନେ ଆଦୌ ରାଜି ହୋଇ ନଥିଲେ। ଏପରିକି ପରିବାର ଓ ଆତ୍ମୀୟମାନଙ୍କୁ ଛାଡି ସେମାନେ ଏକୁଟିଆ ରହିବେ ବୋଲି କହିଥିଲେ। ଯଦି ପରିବାର ଲୋକେ ଜବରଦସ୍ତି ଅଲଗା କରିବାକୁ ଚେଷ୍ଟା କରନ୍ତି, ତେବେ ସେମାନେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବେ ବୋଲି କହିଥିଲେ। ଶେଷରେ ପୋଲିସ ଉଭୟଙ୍କୁ କେନ୍ଦ୍ରାପଡ଼ାସ୍ଥିତ ସ୍ୱଳ୍ପ ରହଣି କେନ୍ଦ୍ର ରେସ୍‌କ୍ୟୁକୁ ପଠାଇ ଦେଇଛି। ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ମହାକାଳପଡ଼ା ବ୍ଲକ ଅଞ୍ଚଳର ଦୁଇ ଯୁବତୀ କେନ୍ଦ୍ରାପଡ଼ା ନୋଟାରୀରେ ଶପଥ ପାଠ କରି ସମଲିଙ୍ଗୀ ବିବାହ କରିଥିଲେ। ଉଭୟେ କଲେଜରେ ପଢ଼ିବା ସମୟରୁ ପରସ୍ପରକୁ ଭଲପାଉଥିବା ବେଳେ ଏବେ ଦୁଇଜଣ କଟକର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। କଟକରେ ଦୁହେଁ ଏକାଠି ରହୁଥିଲେ। ଗତ କିଛି ମାସ ପୂର୍ବେ ସମଲିଙ୍ଗୀ ସମ୍ପର୍କକୁ ସୁପ୍ରିମ୍‌କୋର୍ଟ ଅପରାଧ ମୁକ୍ତ ବୋଲି ରାୟ ଦେବା ପରେ ଉଭୟେ ବିବାହ କରିବାକୁ ସ୍ଥିର କରିଥିଲେ। ପରିବାର ଲୋକଙ୍କ ବିରୋଧ ସତ୍ତ୍ୱେ ଉଭୟେ ନୋଟାରୀରେ ବାହାହୋଇଥିଲେ। ଏ ନେଇ ସେମାନଙ୍କ ପରିବାର ପକ୍ଷରୁ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ କରିବା ସହ ଏହାର ତଦନ୍ତ ଚଳାଇଛି।




# ଆଜିଠୁ ଆରମ୍ଭ କୃଷି ମେଳା-୨୦୧୯

ଭୁବନେଶ୍ୱର,୧୪।୧(ବ୍ୟୁରୋ)

■ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
■୩୦ ଜିଲାର ୧୨୦ ଚାଷୀଙ୍କୁ ମିଳିବ ପୁରସ୍କାର
■ଚାଷୀ-ବୈଜ୍ଞାନିକଙ୍କ ମଧ୍ୟରେ ସିଧାସଳଖ ଆଲୋଚନା

ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ମଙ୍ଗଳବାରଠାରୁ କୃଷି ମେଳା-୨୦୧୯ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମେଳା ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମ ଚଳିତ ମାସ ୧୯ ଯାଏ ଚାଲିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତ ଦିନ ଏହି କାର୍ଯ୍ୟକ୍ରମ ରହିଛି। ତେଣୁ ଉଭୟ ପ୍ରଶାସନିକ-ରାଜନୈତିକ ଦୃଷ୍ଟିକୋଣରୁ ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ବଢ଼ିଯାଇଛି। ପ୍ରଧାନମନ୍ତ୍ରୀଙ୍କ ବାରିପଦା ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ପୁରୀ ଠାରେ ମିଶନ୍ ଶକ୍ତି ସମାବେଶରେ ଯୋଗଦେଇ ବିଭିନ୍ନ ଯୋଜନାର ଶୁଭାରମ୍ଭ କରିଥିଲେ। ତେଣୁ କୃଷିମେଳାରେ ମୁଖ୍ୟମନ୍ତ୍ରୀ କି ଘୋଷଣା କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ।

ଚଳିତ ମାସ ୧୧ରେ ଏହି କୃଷିମେଳା ମାସ୍କଟକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚନ କରାଯାଇଛି। ବହୁଳ ବ୍ୟବହୃତ ଫଳ କନ୍ଦମୂଳ ତଥା ମିଠା ଆଳୁ ଆକୃତିର ଏକ ଚେହେରାକୁ ମାସ୍କଟ ଭାବେ ବ୍ୟବହାର କରାଯାଇଛି। ଓଡ଼ିଶାର ପ୍ରାୟ ୪୦,୪୦୯ ହେକ୍ଟରରେ ୩.୮୨ ମେଟ୍ରିକ ଟନ୍ କନ୍ଦମୂଳ ଉତ୍ପାଦନ କ୍ଷମତା ସହ ଓଡ଼ିଶା ଦେଶରେ ନମ୍ବର ୱାନ୍ ରାଜ୍ୟଭାବେ ପରିଣତ ହୋଇଛି। ଏହାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଅନ୍ତର୍ଜାତୀୟ ଆଳୁ ସେଣ୍ଟର(ସିଆଇପି) ସହ ମଧ୍ୟ ରାଜ୍ୟ ସରକାର ଅନୁବନ୍ଧିତ ହୋଇଛନ୍ତି। ବିଭିନ୍ନ ବୈଷୟିକ ପ୍ରଯୁକ୍ତିବିଦ୍ୟା ବିନିଯୋଗ କରି କୃଷିର ବିକାଶ ସମ୍ପର୍କିତ ସଚେତନତା ଉପରେ କୃଷକ ମେଳାରେ ଗୁରୁତ୍ୱ ଦିଆଯାଇଛି। କୃଷକଙ୍କୁ ସଶକ୍ତୀକରଣ ପାଇଁ ନିକଟରେ ଆରମ୍ଭ କରାଯାଇଥିବା ‘କାଳିଆ’ଯୋଜନା ସମ୍ପର୍କିତ ସଚେତନତାକୁ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ସୂତ୍ରରୁ ପ୍ରକାଶ। କୃଷି, ଉଦ୍ୟାନ କୃଷି, ମତ୍ସ୍ୟଚାଷ ଏବଂ ପଶୁପାଳନରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ୩୦ ଜିଲାର ପ୍ରାୟ ୧୨୦ ଚାଷୀଙ୍କୁ ଏହି ମେଳାରେ ପୁରସ୍କୃତ କରାଯିବ। ପାଞ୍ଚଦିନିଆ ମେଳାରେ କୃଷକ ଏବଂ ବୈଜ୍ଞାନିକମାନଙ୍କ ମଧ୍ୟରେ ୭ଟି ଭାବଗତ ଆଦାନ ପ୍ରଦାନ କାର୍ଯ୍ୟକ୍ରମ ରହିଛି। ପ୍ରାୟ ୧୮ଟି ଦେଶର ପ୍ରତିନିଧି ଏହି ମେଳାରେ ଭାଗ ନେବେ ବୋଲି ଜଣାପଡିଛି। କନ୍‌ଫେଡେରେଶନ୍ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ୍(ସିଆଇଆଇ) ସହଭାଗିତାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

### ୨୦ ଯାଏ ହାଲୁକା ଶୀତ

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ପାରଦ ଉପରମୁହାଁ ହୋଇଛି। କେବଳ ଦୁଇଟି ସ୍ଥାନକୁ ବାଦ ଦେଲେ ରାଜ୍ୟର ସମସ୍ତ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀରୁ ୧୬ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି। ସୋମବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୯.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡି ୧୦, ଅନୁଗୋଳ ୧୦.୬ ଏବଂ ସୁନ୍ଦରଗଡରେ ସର୍ବନିମ୍ନ ତାପମାତ୍ରା ୧୦.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଦିନର ତାପମାତ୍ରା ମଧ୍ୟ ବଢିବାରେ ଲାଗିଛି। ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୦ ତାରିଖ ଯାଏ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ। ହାଲୁକା ଶୀତ ସହିତ ପାଗ ଶୁଖିଲା ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର କୁହୁଡି ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

■ନବ ଦାସଙ୍କ ଶଙ୍ଖ ଧରିବା ପ୍ରସଙ୍ଗ

# ବଦଳିବ ରାଜନୈତିକ ସମୀକରଣ

ଝାରସୁଗୁଡ଼ା ଅଫିସ,୧୪।୧

୨୦୧୯ ନିର୍ବାଚନରେ ଝାରସୁଗୁଡ଼ା ବିଧାୟକ ନବ କିଶୋର ଦାସ ବିଜେଡି ଟିକେଟ୍‌ରେ ଲଢିବେ। ଏଥିରେ ‘କିନ୍ତୁ’ ‘ପରନ୍ତୁ’ କିଛି ନାହିଁ। ବିଧାୟକ ଦାସଙ୍କ କହିବା ଅନୁଯାୟୀ ସେ ପାର୍ଟି ଅପେକ୍ଷା ମାଟିକୁ ଗୁରୁତ୍ୱ ଦେଉଛନ୍ତି । ଆଗାମୀ ନିର୍ବାଚନ ସେ ବିଜେଡିରୁ ଲଢନ୍ତୁ ବୋଲି ତାଙ୍କ ସମର୍ଥକ(ମାଟିର ଲୋକ)ମାନେ ଅନୁରୋଧ କରିଛନ୍ତି। ତେଣୁ ସମର୍ଥକମାନେ ଯେତେବେଳେ ବିଜେଡିରୁ ଲଢିବାକୁ ମତ ଦେଇଛନ୍ତି, ମୁଁ ବିଜେଡି ଟିକେଟରେ ଲଢିବାକୁ ପ୍ରସ୍ତୁତ। ସେଥିପାଇଁ ଜାନୁୟାରୀ ୨୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ ବେଳେ ସେ ୫୦ ହଜାରରୁ ଅଧିକ ସମର୍ଥକଙ୍କୁ ନେଇ ବିଜେଡି ସୁପ୍ରିମୋଙ୍କୁ ସମର୍ଥକଙ୍କ ମନର କଥା ଜଣାଇବେ ଅର୍ଥାତ୍ ଦଳ ବଦଳାଇବେ। ବିଧାୟକ ଦାସଙ୍କ ଦଳ ବଦଳ ପରେ ଶଙ୍ଖଶୂନ୍ୟ ଦେଖାଯାଉଥିବା ଝାରସୁଗୁଡ଼ା ଜିଲା ରାଜନୀତି ଶଙ୍ଖମୟ ହେବ ବୋଲି କୁହାଯାଉଛି। ଜିଲାରେ ସର୍ବାଧିକ ନିର୍ବାଚିତ ପ୍ରତିନିଧି କଂଗ୍ରେସର। ବିଧାୟକ ଦାସ ବିଜେଡିରେ ଯୋଗଦେବା ପରେ ସେମାନେ ମଧ୍ୟ ସମାନ ରାସ୍ତା ଅନୁସରଣ କରିବେ ବୋଲି ପୂର୍ବ ପ୍ରସ୍ତୁତି ଚାଲିଥିବା ଜଣାପଡିଛି।

୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କଂଗ୍ରେସକୁ ଝାରସୁଗୁଡା ଜିଲାରେ ବିପୁଳ ଜନ ସମର୍ଥନ ମିଳିଥିଲା। ୯ ଆସନ ବିଶିଷ୍ଟ ଜିଲା ପରିଷଦଙ୍କ ମଧ୍ୟରୁ ୮ ଜଣ କଂଗ୍ରେସ ଟିକେଟ୍‌ରେ ବିଜୟୀ ହୋଇଥିଲେ। ଗୋଟିଏ ଜୋନ୍‌କୁ ଛାଡି ଅନ୍ୟ ୮ଟି ଜୋନରୁ ବିଧାୟକଙ୍କ ଦ୍ୱାରା ଚିହ୍ନଟ ପ୍ରତିନିଧିମାନେ ବିଜୟୀ ହୋଇଥିଲେ। ବର୍ତ୍ତମାନ ବିଧାୟକ ବିଜେଡିକୁ ଯିବା ପୂର୍ବରୁ ସେମାନଙ୍କ ମତାମତ ସଂଗ୍ରହ କରିଛନ୍ତି। ତେଣୁ ବିଧାୟକଙ୍କ ଦଳ ବଦଳର ପ୍ରଭାବ ସେମାନଙ୍କ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପଡିବ । ସେମାନେ ମଧ୍ୟ ବିଧାୟକଙ୍କ ପଦାଙ୍କ ଅନୁସରଣ କରିବେ ବୋଲି ରାଜନୀତିରେ ରୁଚି ରଖୁଥିବା ଲୋକେ କହୁଛନ୍ତି।

ଏହି ପରିପ୍ରେକ୍ଷୀରେ ପୂର୍ବତନ ବିଧାୟକ କିଶୋର ମହାନ୍ତି କହିଛନ୍ତି,୨୦୦୯ ନିର୍ବାଚନ ଜିତିବା ପରେ ନବ ଦାସ କହିଥିଲେ ମୋ ପଛରେ ବିଜେଡି ପତାକା ଧରିବାକୁ ଲୋକ ନ ଥିବେ। କିନ୍ତୁ ସେ ଏବେ ନିଜେ ବିଜେଡି ପତାକା ଧରିବାକୁ ଆସୁଛନ୍ତି। ଦଳ ସୁପ୍ରିମୋଙ୍କ ନିର୍ଦ୍ଦେଶ ସର୍ବମାନ୍ୟ। ତେଣୁ ସେ ବିଜେଡିରେ ଯୋଗଦେଲେ କିଛି ଅସୁବିଧା ନାହିଁ। ଝାରସୁଗୁଡ଼ାର ବିକାଶ ପାଇଁ ଦଳ ଏବଂ ଦଳ ସୁପ୍ରିମୋଙ୍କ ନେତୃତ୍ୱରେ ଆମେ କାମ କରିବୁ। ନବଙ୍କ ବିଜେଡି ଯୋଗଦାନ ପରେ କିଶୋରଙ୍କ ପଟ୍ଟ ପରିବର୍ତ୍ତନ ନେଇ ହେଉଥିବା ଚର୍ଚ୍ଚାକୁ ନେଇ କହିଛନ୍ତି, ୧୯୮୦ ମସିହାରୁ ବିଜୁବାବୁଙ୍କ ନେତୃତ୍ୱରେ ଆମେ ନିର୍ବାଚନ ଲଢିଛୁ । ବିଜେଡି ଗଠନ ହେବା ଦିନଠାରୁ ଦଳରେ ଅଛୁ। ତେଣୁ ଦଳ ପରିବର୍ତ୍ତନର ପ୍ରଶ୍ନ ଉଠୁନାହିଁ। ପିସିସି ଶୃଙ୍ଖଳା କମିଟିର ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ କହିଛନ୍ତି, ପୂର୍ବରୁ ଲଇକେରା ନିର୍ବାଚନ ମଣ୍ଡଳୀ କଂଗ୍ରେସର ଗଡ଼ ହୋଇ ରହିଛି। ଏଠାରେ କଂଗ୍ରେସ ପ୍ରତି ଲୋକଙ୍କ ଅଭୂତପୂର୍ବ ସମର୍ଥନ ରହିଛି। ୨୦୦୪ରେ ନବ ଦାସ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରୁ ଲଢି ପରାଜିତ ହୋଇଥିଲେ।

### ନବୀନ, ବିଜେଡିକୁ ପ୍ରକାଶଙ୍କ ପ୍ରଶଂସା

କଟକ ଅଫିସ, ୧୪।୧

ସାଲେପୁରର କଂଗ୍ରେସ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ବିଜେଡିରେ ଯୋଗଦେଉଥିବା ନେଇ ଏକ ବର୍ଷ ହେବ ଚର୍ଚ୍ଚା ଲାଗି ରହିଛି। ହେଲେ ଅଦ୍ୟାବଧି ପ୍ରକାଶ ବିଜେଡିରେ ମିଶୁଛନ୍ତି କି ନାହିଁ ତାହା ସ୍ପଷ୍ଟ କରୁନାହାନ୍ତି। ଝାରସୁଗୁଡ଼ା ବିଧାୟକ ନବ ଦାସ ବିଜେଡିରେ ଯୋଗ ଦେଉଥିବା ନେଇ ସ୍ପଷ୍ଟ ମତ ରଖିବା ପରେ ପ୍ରକାଶଙ୍କୁ ଏ ସମ୍ପର୍କରେ ଯୋଗାଯୋଗ କରାଯାଇଥିଲା। ଉତ୍ତରରେ ପ୍ରକାଶ ସିଧା ଜବାବ ନ ଦେଇ ବିଜେଡି ଓ ନବୀନଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ସେ କହିଥିଲେ, ୨୦ ବର୍ଷ ଧରି ବିଜେଡି ରାଜ୍ୟରେ ଭଲ କାମ କରୁଛି। ଭଲ ସ୍ଥିତିରେ ମଧ୍ୟ ରହିଛି। ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ମଧ୍ୟ ଅତୁଟ ରହିଛି। ଏପରି କି ସେ କହିଥିଲେ ଯେ, ଆଗାମୀ ନିର୍ବାଚନ ହାଇକମାଣ୍ଡ ଯେଉଁଠୁ ଚାହିଁବେ ସେଠୁ ଲଢିବେ। ତେବେ ଆପଣଙ୍କ ହାଇକମାଣ୍ଡ କିଏ ବୋଲି ପଚାରିବାରୁ ପ୍ରକାଶ ମୁରୁକି ହସରେ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।


CII
Confederation of Indian Industry
କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି





କୃଷି ଓଡ଼ିଶା
୧୫-୧୯ ଜାନୁଆରୀ, ୨୦୧୯ ଭୁବନେଶ୍ୱର, ଓଡ଼ିଶା
କୃଷକଙ୍କ ଆୟକୁ ବହୁଗୁଣିତ କରିବା
୧୫-୧୯ ଜାନୁଆରୀ, ୨୦୧୯
ବିଜୁ ପଟ୍ଟନାୟକ ଖେଳ ପଡ଼ିଆ
ବରମୁଣ୍ଡା, ଭୁବନେଶ୍ୱର



“ ସୁଦୃଶ୍ୟ ପ୍ରଦର୍ଶନୀ ସହ ଆଲୋଚନା ଚକ୍ର, କୃଷକ-ବୈଜ୍ଞାନିକ ମତ ବିନିମୟ ଓ ଅଗ୍ରଣୀ କୃଷକମାନଙ୍କ ମଧ୍ୟରେ ଭାବ ବିନିମୟ କାର୍ଯ୍ୟକ୍ରମର ବ୍ୟବସ୍ଥା ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ବହୁ ସଂଖ୍ୟାରେ ଯୋଗଦାନ କରିବାକୁ ଅନୁରୋଧ ।

ଉଦ୍‌ଘାଟନୀ ଉତ୍ସବ
ତା: ୧୫.୦୧.୨୦୧୯ ପୂର୍ବାହ୍ନ ୧୧ ଘଟିକା
ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ
ଅଧ୍ୟକ୍ଷ
ଶ୍ରୀଯୁକ୍ତ ଶଶି ଭୂଷଣ ବେହେରା
ମାନ୍ୟବର ମନ୍ତ୍ରୀ, ଅର୍ଥ, ଅବକାରୀ
କୃଷି ଓ କୃଷକ ସଶକ୍ତିକରଣ,
ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଓଡ଼ିଶା
ସ୍ୱତନ୍ତ୍ର ବକ୍ତା
ଶ୍ରୀଯୁକ୍ତ ତପନ କୁମାର ଚାନ୍ଦ
ଅଧ୍ୟକ୍ଷ, ସି.ଆଇ.ଆଇ, ଓଡ଼ିଶା
ଶ୍ରୀଯୁକ୍ତ ଅଶୋକ ଗୁଲାଟି
କୃଷି ଅର୍ଥନୀତିଜ୍ଞ
ଡଃ ବିଜୟ ପାଲ ଶର୍ମା
ଅଧ୍ୟକ୍ଷ, କୃଷିଲଗାଣ ଓ ମୂଲ୍ୟ ଆୟୋଗ
ସ୍ୱାଗତ ଭାଷଣ
ଡଃ ସୌରଭ ଗର୍ଗ, ଭା.ପ୍ର.ସେ.
ପ୍ରମୁଖ ଶାସନ ସଚିବ
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା
ଧନ୍ୟବାଦ ଅର୍ପଣ
ଶ୍ରୀଯୁକ୍ତ ବିଶାଲ ଗଗନ, ଭା.ପ୍ର.ସେ.
କମିଶନର ତଥା ସଚିବ
ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର



ADMISSIONS OPEN for Session 2019-20 in C.B.S.E. Curriculum.
SIVANANDA CENTENARY BOYS' HIGH SCHOOL
English Medium School

School with a Difference .....
Sivananda Centenary Boys' High School established at the foot of the Khandagiri hills, Bhubaneswar is a Modern Gurukul where equal importance is given to character building along with basic academic curriculum.
In recognition of the quality of education imparted in the School, Govt. of Odisha has adjudged this School as the **BEST SCHOOL for the year 2017-18.**

- Completely residential campus with delicious vegetarian diet
- Smart classes, well equipped science, computer lab & library, campus under CCTV surveillance
- Prayer, Yoga & Meditation by trained Yoga teachers in a State-Of-The-Art Auditorium
- A plethora of extra-curricular activities like NCC, Red Cross, Scouts, Music, Sports & Games
- Trained & Qualified Faculties and House Masters to take parental care of students in the hostel. Overall management by Swamijis & Retd. Highly Placed Officers
- Special Bridge courses available for the students from Odia medium to Standards VI to VIII

Admission Forms and Prospectus Available
Parents interested for admissions of their sons to this Unique Gurukul for Standard VI, VII & VIII are requested to contact on:
9124493507 / 8917485130 / 8895555843



Chidananda Vihar, Khandagiri, Bhubaneswar - 30






ଡରୁରତରୁ ଅଧିକ ଦୁର୍ବଳତାର କାରଣରୁ, ଆପଣ ସାଙ୍ଗ ମାନଙ୍କ ମଧ୍ୟରେ ଉପହାସର ପାତ୍ର ହେଉଛନ୍ତି । କିନ୍ତୁ ଏବେ ଆଉ ଏମିତି ହେବନି । ଆରମ୍ଭ କରନ୍ତୁ ଏଣ୍ଡ୍ୟୋରା ମାସ୍ । ପାଆନ୍ତୁ ସଠିକ୍ ପୋଷଣ, ସଠିକ୍ ଓଜନ, ଆଉ ନିଜର ଶକ୍ତିଶାଳୀ ପର୍ସନାଲିଟି ଦ୍ୱାରା ସମସ୍ତଙ୍କର ହୋସ ଉଡାନ୍ତୁ ।
ଓଜନ ବଢ଼ାନ୍ତୁ • ଫିଟ୍ ରୁହନ୍ତୁ • ଆକର୍ଷଣୀୟ ଦିଶନ୍ତୁ
3 ଟି ବଢ଼ିଆ ଫ୍ଲେବରରେ ଉପଲବ୍ଧ: Chocolate, Banana & Vanilla EnduraMass
For Query: 07377150950 • Customer Care: 9555800200
info@endurasupplements.com • www.endurasupplements.com
Also available at Medplus & Apollo Pharmacy

ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି- ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା।

-ଶ୍ରୀଅରବିନ୍ଦ

# ସିକ୍ରି ବିକ୍ରି

ଗତବର୍ଷ ଜାନୁୟାରୀ ୧୨ରେ ସୁପ୍ରିମକୋର୍ଟର ୪ଜଣ ବରିଷ୍ଠ ବିଚାରପତି ତତ୍କାଳୀନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଥିଲେ। ସେହି ଅଭିଯୋଗକାରୀଙ୍କ ମଧ୍ୟରେ ଆଜିର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଥିଲେ ଅନ୍ୟତମ। ଦେଶର ସର୍ବୋଚ୍ଚ ନ୍ୟାୟ ବ୍ୟବସ୍ଥାରେ ଖୋଲାଖୋଲି ବିଦ୍ରୋହକୁ ନେଇ ସେତେବେଳେ ଦେଶବ୍ୟାପୀ ଚହଳ ପଡ଼ିଯାଇଥିଲା। ଏହାର ଠିକ୍ ବର୍ଷେ ପରେ ଅର୍ଥାତ୍ ୧୩ ଜାନୁୟାରୀ ୨୦୧୯ରେ ନ୍ୟାୟପାଳିକାର ଚରିତ୍ର ଉପରେ ପୁଣି ପ୍ରଶ୍ନ ଉଠିଛି। ସୁପ୍ରିମକୋର୍ଟ ବିଚାରପତି ଅର୍ଜନ କୁମାର ସିକ୍ରିଙ୍କୁ କମନ୍ୱେଲ୍ଥ ସେକ୍ରେଟାରିଏଟ୍ ଆର୍ବିଟ୍ରାରି ଟ୍ରିବ୍ୟୁନାଲ (ସିଏସ୍ଏଟି)କୁ ଭାରତର ପ୍ରତିନିଧି ଭାବେ ପଠାଇବାକୁ ମୋଦି ସରକାର ଡିସେମ୍ବର ୨୦୧୮ରେ ନିଷ୍ପତ୍ତି ନେଇଥିଲେ। ଏ ନେଇ ପ୍ରଧାନ ବିଚାରପତି ଗୋଗୋଇଙ୍କ ମାଧ୍ୟମରେ ବିଚାରପତି ସିକ୍ରିଙ୍କ ନିକଟରୁ ମତ ଲୋଡ଼ାଯିବା ସକାଶେ ବାର୍ତ୍ତା ପଠାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସିକ୍ରି ହେଉଛନ୍ତି ସର୍ବୋଚ୍ଚ ଅଦାଲତର ଦ୍ୱିତୀୟ ବରିଷ୍ଠତମ ବିଚାରପତି। ତାଙ୍କୁ ପଠାଯିବାକୁ ଥିବା ସିଏସ୍ଏଟିର ମୁଖ୍ୟାଳୟ ଲଣ୍ଡନଠାରେ ଅବସ୍ଥିତ। ୫୩ ସଦସ୍ୟ ବିଶିଷ୍ଟ ଏହି ସଙ୍ଗଠନ ଅନ୍ତର୍ଜାତୀୟ ବିବାଦର ବିଚାର ଓ ସମାଧାନ କରିଥାଏ। ମାର୍ଚ୍ଚ ୬ରେ ଅବସର ନେବାକୁ ଥିବା ସିକ୍ରିଙ୍କ ପାଇଁ ଉକ୍ତ ପଦବୀ ଅତ୍ୟନ୍ତ ଆକର୍ଷଣୀୟ ଉପହାର ଥିଲା। ସାଧାରଣରେ ଜଣେ ଭଦ୍ର ଓ ଦୁର୍ନୀତିମୁକ୍ତ ବିଚାରପତି ଏହିଭଳି ଅବସର ପରବର୍ତ୍ତୀ ସମୟ ପାଇଁ ମିଳୁଥିବା ପଦବୀକୁ ମନା କରିବା କଥା। କିନ୍ତୁ ସିକ୍ରି ସେଭଳି ଚରିତ୍ର ପ୍ରଦର୍ଶନ କରିବା ପରିବର୍ତ୍ତେ ଜଣେ ଦୁର୍ବଳ ବ୍ୟକ୍ତିତ୍ୱର ପରିଚୟ ଦେଇ ଉପହାରକୁ ସ୍ୱୀକାର କରିଯାଇଥିଲେ। କଥାଟି ସେଇଟି ଲୁଚିଯାଇଥାଆନ୍ତା। ଭାରତରେ ପୂର୍ବରୁ ମଧ୍ୟ କେତେଜଣ ବିଚାରପତି ଅବସର ପରେ ଚାକିରିର ଲୋଭ ଦେଖି ନ୍ୟାୟାଳୟରେ ଥିବା ସମୟକୁ ଅପବ୍ୟବହାର କରିଥିବାର ଦୃଷ୍ଟାନ୍ତ ରହିଛି। ସିକ୍ରି ମଧ୍ୟ ସେହିପରି ନିଜର କ୍ଷମତା ଅପବ୍ୟବହାର କରିଥିଲେ। ତେବେ ବିବାଦୀୟ ପରିସ୍ଥିତି ଉପୁଜିବାରୁ ସେ ଉକ୍ତ ପଦବୀ ପାଇଁ ସହମତି ପ୍ରତ୍ୟାହାର କରି ନେଇଛନ୍ତି।

ଏବେ ବିବାଦକୁ ଦୃଷ୍ଟି ପକାଇବା। ଆଲୋକ ବର୍ମା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକ ଥିବା ବେଳେ ମୋଦି ସରକାରଙ୍କ ସହ ମତଭେଦ ହୋଇଥିଲା। ଫଳରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ହସ୍ତକ୍ଷେପ ପରେ ୨୦୧୮ ଅକ୍ଟୋବର ୨୩ରେ ତାଙ୍କୁ ପଦରୁ ହଟାଇ ଦିଆଯାଇ ବାଧ୍ୟତାମୂଳକ ଛୁଟିରେ ପଠାଇ ଦିଆଯାଇଥିଲା। ସରକାରଙ୍କ ପଦକ୍ଷେପକୁ ଚ୍ୟାଲେଞ୍ଜ କରି ଆଲୋକ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୯ ଜାନୁୟାରୀ ୮ରେ ପ୍ରଧାନ ବିଚାରପତି ଗୋଗୋଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଆଲୋକ ବର୍ମାଙ୍କୁ ପୁନଃ ସିବିଆଇ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରିଥିଲେ। ଏହାସହ ସିବିଆଇ ନିର୍ଦ୍ଦେଶକଙ୍କୁ ଚୟନ କରି ନିଯୁକ୍ତି ଦେଉଥିବା ତଥା ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ ଉଚ୍ଚକ୍ଷମତାସମ୍ପନ୍ନ କମିଟି କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)ଙ୍କ ତଦନ୍ତ ଆଧାରରେ ଆଲୋକଙ୍କ ଉପରେ ପରବର୍ତ୍ତୀ ପଦକ୍ଷେପ ନେବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ। ଏଭଳିସ୍ଥଳେ ନିଜେ ଦେଇଥିବା ରାୟ ଉପରେ ପୁନର୍ବାର ମତ ଦେବା ଅନୁଚିତ ହେବ ବୋଲି ବାହାନା ଦେଖାଇ ଗୋଗୋଇ ଉକ୍ତ କମିଟିରୁ ଦୂରେଇଯାଇଥିଲେ। ତେବେ କଲେ କ'ଣ? ଅତି ଚତୁରତାର ସହିତ ଏବଂ ପୂର୍ବରୁ ସିକ୍ରିଙ୍କୁ କେନ୍ଦ୍ର ସରକାରଙ୍କ ତରଫରୁ ଏଭଳି ଏକ ଆକର୍ଷଣୀୟ ଉପହାର ମିଳିଛି ବୋଲି ଭଲ ଭାବେ ଜାଣିବା ସତ୍ତ୍ୱେ ଗୋଗୋଇ ସେହି ସିକ୍ରିଙ୍କୁ କମିଟିର ସଦସ୍ୟ ଭାବେ ମନୋନୀତ କଲେ। ଏହା ପରେ ଜାନୁୟାରୀ ୧୦ରେ ପ୍ରଧାନମନ୍ତ୍ରୀ ମୋଦି, ଲୋକ ସଭାରେ କଂଗ୍ରେସ ଦଳ ନେତା ମଲ୍ଲିକାର୍ଜ୍ଜୁନ ଖାର୍ଗେ ଏବଂ ସିକ୍ରିଙ୍କୁ ନେଇ ଚୟନ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ସହ ସିକ୍ରି ଏକମତ ହୋଇଯିବାରୁ ୨:୧ ସଂଖ୍ୟାଗରିଷ୍ଠତାରେ ଆଲୋକ ବର୍ମାଙ୍କୁ ପଦରୁ ହଟାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାର ପରିଣାମସ୍ୱରୂପ ଆଲୋକ ଗାଦିଚ୍ୟୁତ ହୋଇଥିଲେ।

ଘଟଣାକ୍ରମକୁ ଦେଖିଲେ ପ୍ରଥମେ ସିକ୍ରି ବିକ୍ରି ହୋଇଯାଇଥିଲେ। ଦ୍ୱିତୀୟରେ ସିକ୍ରି ବିକ୍ରି ହୋଇଯାଇଛନ୍ତି ବୋଲି ଗୋଗୋଇ ଜାଣିବା ସତ୍ତ୍ୱେ ନିଜର ଭାବମୂର୍ତ୍ତି ରକ୍ଷା କରିବାକୁ ଯାଇ ତାଙ୍କୁ ଚୟନ କମିଟିକୁ ମନୋନୀତ କଲେ। ଅନ୍ୟରୂପରେ କହିବାକୁ ଗଲେ ଅତି ସୂକ୍ଷ୍ମ ଭାବେ ନରେନ୍ଦ୍ର ମୋଦିଙ୍କ ଇଚ୍ଛାକୁ ଫଳବତୀ କରାଇଦେଲେ। ଗୋଗୋଇ ନିଜେ ମୋଦି ସପକ୍ଷବାଦୀ ବୋଲି ରାଫାଲ ରାୟରେ ଜନସାଧାରଣଙ୍କଠାରେ ସନ୍ଦେହ ସୃଷ୍ଟି ହୋଇଥିଲା। ଆଲୋକ ବର୍ମାଙ୍କୁ ପୁନଃ ନିଯୁକ୍ତି ଦେବା ଫଳରେ ସରକାର ବିରୋଧୀ ନିଷ୍ପତ୍ତି ନେବା ପାଇଁ ଗୋଗୋଇ ସକ୍ଷମ ବୋଲି ଜନସାଧାରଣଙ୍କ ମନରେ ବିଶ୍ୱାସ ଉପୁଜିଲା। କିନ୍ତୁ ବାସ୍ତବରେ ଏହା କେବଳ ଏକ ମୋଦି ସପକ୍ଷବାଦୀ ଖେଳ ନୁହେଁ, ଭାରତବର୍ଷ ପ୍ରତି ବିରାଟ ଠକେଇ ବୋଲି କୁହାଯାଇପାରିବ। କାରଣ ସର୍ବୋଚ୍ଚ ନ୍ୟାୟାଳୟର ସବୁ ବିଚାରପତି ଏବେ ବିଭିନ୍ନ ପ୍ରକାର ଦୁର୍ନୀତି ସହ ସମ୍ପୃକ୍ତ ଥାଇପାରନ୍ତି ବୋଲି ଦେଶର ଲୋକେ ଭାବିବାକୁ ଆରମ୍ଭ କଲେଣି।

ତଥାଗତ ସତପଥୀ

# ଆମ ଭିଆଇପି ସଂସ୍କୃତି



ବୈକୁଣ୍ଠ ନାଥ ମିଶ୍ର

ଭାରତ ସ୍ୱାଧୀନ ହେବା ସହ ଏ ଦେଶରୁ ରାଜତନ୍ତ୍ରର ବିଲୋପ ଘଟି ଗଣତନ୍ତ୍ର ପ୍ରତିଷ୍ଠିତ ହୋଇଛି। ୧୯୫୦ ଜାନୁୟାରୀ ୨୬ ତାରିଖଠାରୁ ଏଯାବତ୍ ସାତ ଦଶନ୍ଧି ଧରି ଭାରତୀୟ ଜନତା ଗଣତନ୍ତ୍ରକୁ ପ୍ରତ୍ୟକ୍ଷ କରି ଆସୁଛନ୍ତି। କିନ୍ତୁ ଗଣତନ୍ତ୍ରର ଅର୍ଥ ଓ ବାସ୍ତବତା ମଧ୍ୟରେ ଥିବା ବ୍ୟବଧାନ ଭାରତୀୟ ଜନଗଣଙ୍କୁ ବିସ୍ମିତ କରିଛି ଯେ ଏ କ'ଣ ସେହି ଶାସନ ବ୍ୟବସ୍ଥା, ଯାହାର ପ୍ରାପ୍ତି ପାଇଁ ଏତେ ସଂଗ୍ରାମ ଓ ରକ୍ତଦାନ କରିବାକୁ ପଡିଥିଲା? କାରାଗାରର ଅନ୍ଧକାରାଚ୍ଛନ୍ନ କୋଠରିରେ ଜିଅନ୍ତା ଶବର ଅନୁଭୂତି ନେଇ ବିଦେଶୀ ହାତରୁ ଦେଶକୁ ମୁକ୍ତ କରିଥିବା ମହାନାୟକମାନଙ୍କର ସେ ଦୁଃଖ, ନିର୍ଯାତନାକୁ ଉପହାସ କରି ମୁଷ୍ଟିମେୟ ଶାସକ ଗୋଷ୍ଠୀ ପାଇଁ ଗଣତନ୍ତ୍ର ଆଜି ଉପଭୋଗର କ୍ଷେତ୍ର ପାଲଟିଛି। ରାଜତନ୍ତ୍ରର କ୍ରୁର କାଳିମାମୟ ଦିନଗୁଡିକର ଅବସାନ ପରେ ଯେଉଁ ନୂତନ ସୂର୍ଯ୍ୟର ଦେଦୀପ୍ୟମାନ ଶିଖା ଏ ଦେଶର କୋଣ ଅନୁକୋଣରେ ବିଚ୍ଛୁରିତ ହୋଇଥିଲା, ତାହାର ଦାହିକାଶକ୍ତି ଯେ ଏତେ ପୀଡ଼ାଦାୟକ ହେବ, ସେତେବେଳେ ସାଧାରଣ ଜନତା ବୁଝିପାରି ନ ଥିଲା।

ଦେଶ ଆମର ସତ, କିନ୍ତୁ ଦେଶକୁ ଆମେ ଚଳାଉନାହୁଁ। ଯେଉଁମାନେ ନାଉରି ସାଜି ଦେଶ ନାଆର କାତ ଧରିଲେ, ସେମାନେ ନାଆ ଚଳାଇବେ କ'ଣ, ନାଆକୁ ଏପରି ସ୍ଥିତିକୁ ଆଣିଛନ୍ତି ଯେ, ଦରିଆ ମଝିରେ ନାଆ ଟଳମଳ। ନାଉରି ଯାତ୍ରୀଙ୍କ ନିରାପତ୍ତା ଚିନ୍ତା ନ କରି ନିଜ ରୋଜଗାରରେ ବ୍ୟସ୍ତ। ଯାତ୍ରୀ ନିରାଶ ହୋଇ ଈଶ୍ୱରଙ୍କୁ ଭରସା କରିବା ଛଡା ଅନ୍ୟ ରାସ୍ତା ନାହିଁ। ସେବକ ଆଉ ରକ୍ଷକ ନୁହେଁ, ସେ ଭକ୍ଷକର ରୂପ ନେଇସାରିଲାଣି। ସେବକ ଭିଆଇପି ସ୍ତରକୁ ଉନ୍ନୀତ ହେଲେଣି। ସାଧାରଣ ଜନତା କେବଳ ନୁହେଁ, ଭିଆଇପିଙ୍କର ଅଧସ୍ତନଙ୍କ ପ୍ରତି ନିଷ୍ଠୁରତା ଭାବ ସେମାନଙ୍କ ମନରେ ଦୁର୍ବିଷହ ଅସୂୟା ଭାବ ସୃଷ୍ଟି କଲାଣି। ନିକଟରେ ଦିଲ୍ଲୀ ନିକଟସ୍ଥ ଗୁଡ୍‌ଗାଓଁର ଅତିରିକ୍ତ ଦୌରାଜଜ୍‌ଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀ ମହୀପାଲ ସିଂ ବିଚାରପତିଙ୍କ ସ୍ତ୍ରୀ ଓ ନାବାଳକ ପୁତ୍ରକୁ ଗୁଳିକରି ଦୌରାଜଜ୍‌ଙ୍କୁ ଏକଥା ଫୋନ ଯୋଗେ ଜଣାଇଦେଲେ। ଗୁଳି କରିବାର କାରଣ ହେଲା ବିଚାରପତି କୃଷ୍ଣକାନ୍ତ ଶର୍ମା ଓ ତାଙ୍କ ପରିବାର ତାଙ୍କୁ କଥା କଥାକେ ଗାଳିଗୁଲଜ କରୁଥିଲେ ଓ ଦିନଟିଏ ବି ଛୁଟି ଦେଉ ନ ଥିଲେ। ମାନସିକ ଅବସାଦ ଓ ଅବ୍ୟକ୍ତ ଯନ୍ତ୍ରଣାର ଏ ହେଉଛି ପ୍ରତିଫଳନ। ଭିଆଇପିମାନଙ୍କ ଅଧସ୍ତନଙ୍କ ପ୍ରତି ହୀନମନ୍ୟତାର ଏହା ଦାରୁଣ ପରିଣତି। ଭିଆଇପିଙ୍କର ପ୍ରତିଟି ଘରୋଇ କର୍ମ ସମ୍ପାଦନ ପାଇଁ ସରକାରୀ ବେତନଭୋଗୀ କର୍ମଚାରୀ ନିଯୁକ୍ତ। କ'ଣ ସେମାନଙ୍କ ପାଖରେ ଅଣସରକାରୀ ସହାୟକ ନିଯୁକ୍ତି ପାଇଁ ପଇସା ନାହିଁ?

ଆବ୍ରାହମ୍ ଲିଙ୍କନ ଗଣତନ୍ତ୍ରର ଯେଉଁ ସଂଜ୍ଞା ନିରୂପଣ କରିଥିଲେ, ଏହା ଲୋକମାନଙ୍କ ପାଇଁ, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କର- ତାହା ସମ୍ପ୍ରତି ନୂତନ ରୂପ ଧାରଣ କରି ଭିଆଇପିଙ୍କ ପାଇଁ, ଭିଆଇପିଙ୍କ ଦ୍ୱାରା ଓ ଭିଆଇପିଙ୍କର ବୋଲି ସାବ୍ୟସ୍ତ ହୋଇସାରିଛି। ୨୦୧୮ ଅଗଷ୍ଟ ଶେଷ ସପ୍ତାହରେ ମାଡ୍ରାସ୍ ଉଚ୍ଚ ନ୍ୟାୟାଳୟ ଜାତୀୟ ରାଜପଥ ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଭିଆଇପିଙ୍କ ଗମନାଗମନକୁ ସାଧାରଣଙ୍କଠାରୁ ପୃଥକ୍ କରାଯାଉ। ଅବଶ୍ୟ ଭିଆଇପିଙ୍କ ମଧ୍ୟରେ ଅଛନ୍ତି ଉଚ୍ଚ ନ୍ୟାୟାଳୟ ଓ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିବୃନ୍ଦ। ମାଡ୍ରାସ୍ ହାଇକୋର୍ଟଙ୍କ ଯୁକ୍ତି ହେଲା ଟୋଲ ପ୍ଲାଜା ନିକଟରେ ଟୋଲ ଫି ପଇଠ କରିବା ପାଇଁ ଏହି ଭିଆଇପିମାନଙ୍କୁ ଅନ୍ୟୁନ ଦଶ/ପନ୍ଦର ମିନିଟ୍ ଅପେକ୍ଷା କରିବାକୁ ନ ହେଉ। ସୁପ୍ରିମ୍‌କୋର୍ଟ ମଧ୍ୟ ମତ ଦେଇଛନ୍ତି ଯେ, ଚଳିତ ଦଶନ୍ଧି ମଧ୍ୟରେ ସୁପ୍ରିମ୍‌କୋର୍ଟ ସମେତ ୨୪ଟି ଉଚ୍ଚ ନ୍ୟାୟାଳୟରେ ସମୁଦାୟ ୩୩ ମିଲିୟନ୍ କେସ୍ ବିଚାର ଅପେକ୍ଷାରେ ଥିବାବେଳେ ବିଚାରପତିମାନଙ୍କୁ ରାଜପଥରେ ଅଟକା ନ ଯାଉ। ତାଙ୍କର ସମୟ ଅତି ମୂଲ୍ୟବାନ। ସେମାନଙ୍କୁ ସାଧାରଣଙ୍କ ପରି ମଝି ରାସ୍ତାରେ ଅଟକାଇବା ଅର୍ଥ ନ୍ୟାୟିକ ପ୍ରକ୍ରିୟାକୁ ବିଳମ୍ବିତ କରିବା। ଜାତୀୟ ରାଜପଥ ପ୍ରାଧିକରଣ କିନ୍ତୁ ଏ ଯୁକ୍ତିକୁ ନାପସନ୍ଦ କରିଛନ୍ତି।

ସମ୍ବିଧାନ ଭାରତକୁ ଏକ ସାର୍ବଭୌମ, ଗଣତାନ୍ତ୍ରିକ, ସମାଜବାଦୀ, ସାଧାରଣତନ୍ତ୍ରର ମାନ୍ୟତା ପ୍ରଦାନ କରିଛି। ଏସବୁ ଶବ୍ଦଗୁଡିକ କେବଳ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ। ନେତା, ମନ୍ତ୍ରୀ ଓ ଅମଲାମାନେ ଲୋକଙ୍କର ସେବକ ମାତ୍ର। ଦେଶର ସ୍ୱାଧୀନତା ଯେତେ ପୁରୁଣା ହେଉଛି, ଭିଆଇପିମାନଙ୍କର ଅହମିକା ସେତେ ଅଧିକ ଅନୁଭୂତ ହେଉଛି। ମନେହୁଏ ସାଧାରଣଙ୍କର ଦେଶ ଶାସନରେ ଯେପରି କୌଣସି ଭାଗୀଦାରି ନାହିଁ। ନିର୍ବାଚିତ ଭିଆଇପିମାନେ ଆଧୁନିକ ପରିପାଟୀ ବିମଣ୍ଡିତ ଶୀତତାପ ନିୟନ୍ତ୍ରିତ ସୁଦୃଶ୍ୟ ଅଟ୍ଟାଳିକାରେ ବାସ କରିବା ପାଇଁ ଭାଗ୍ୟଦେବୀଙ୍କ ପ୍ରସନ୍ନତା ଲାଭ କରିଥିବା ବେଳେ ବିଚରା ନିର୍ବାଚକଟି ତା'ର ବହୁମୂଲ୍ୟ ଭୋଟଖଣ୍ଡିକ ଦେଇସାରିବା ପରେ ପାଲଟଣା ଚାଳି ବା ଝୁମ୍ପୁଡିଟିରେ ରହିବା ପାଇଁ ହିଁ ବିବଶ ହେଉଛି। ସେବ୍ୟ ଓ ସେବକର ସଂଜ୍ଞା ଆଜି ବାଟବଣା। ନିର୍ବାଚନ ସମୟରେ ସେବକର ଭୋଟ୍ ଭିକ୍ଷାର ପ୍ରୟାସକୁ ଦେଖି ସେବ୍ୟ ଆଶ୍ଚର୍ଯ୍ୟ ନ ହୋଇ ରହିପାରେନା। ସେ ସ୍ୱତଃ ପ୍ରଶ୍ନ କରେ ମୋଠାରେ ଯଦି ଏତେ ଶକ୍ତି ଅଛି, ମୋ ଭୋଟଖଣ୍ଡକ ବିନିମୟରେ ଜଣେ ଯଦି ଉଚ୍ଚାସନ ପାଇବ, ତେବେ ଭୋଟ ପରେ ମୋତେ ତ ସେ ପୂଜା କରିବା କଥା। ବାସ୍ତବରେ ମୁଁ ହିଁ ତ ଭିଆଇପି, 'କିଙ୍ଗ୍ ମେକର'। ପ୍ରସିଦ୍ଧ ଇଂଲିଶ ପ୍ରାବନ୍ଧିକ ଏ. ଏସ୍. ହମ୍‌ବିଙ୍କ ମତରେ, ଯେଉଁମାନେ ଦ୍ରବ୍ୟର ବ୍ୟବହାର କରନ୍ତି ସେମାନେ ସଭ୍ୟ କିମ୍ବା ଯୋଗ୍ୟ ନୁହନ୍ତି। ପ୍ରକୃତ ଯୋଗ୍ୟ ସେହିମାନେ, ଯେଉଁମାନେ ଦ୍ରବ୍ୟର ଉତ୍ପାଦନ କରନ୍ତି। ତାଙ୍କ ମତରେ ଜୋତା ପିନ୍ଧିବା ଲୋକ ନୁହେଁ, ବରଂ ଜୋତା ତିଆରି କରୁଥିବା ବ୍ୟକ୍ତି ହିଁ ପ୍ରକୃତ ଭିଆଇପି।

ନେତା, ଅଫିସର, ଅମଲା- ସମସ୍ତେ ଭିଆଇପି। ସେବା ବିନିମୟରେ ତ ବେତନ ମିଳୁଛି। ସେତିକିରେ ସନ୍ତୁଷ୍ଟ ନ ହୋଇ ଗରିବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ତୋସରପାତ କରିବା କ'ଣ ଭିଆଇପିର ଲକ୍ଷଣ? ଥରେ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କର ଏକ ଛୋଟ ସହରକୁ ଗସ୍ତ କାର୍ଯ୍ୟକ୍ରମ ଥାଏ। ପ୍ରଧାନମନ୍ତ୍ରୀଙ୍କ ଗାଡି ସହ ଆଗପଛ ହୋଇ ମାତ୍ର ଦୁଇଟି ଗାଡି ଯାଉଥାଏ। ସାଧାରଣଙ୍କୁ ଜଣା ନ ଥାଏ ସେ ରାସ୍ତାରେ ପ୍ରଧାନମନ୍ତ୍ରୀ ଆସିବେ ବୋଲି। ସବୁକିଛି ସ୍ୱାଭାବିକ ଥାଏ। ହଠାତ୍ ପ୍ରଧାନମନ୍ତ୍ରୀଙ୍କ ଗାଡି ରାସ୍ତା ପାର୍ଶ୍ୱରେ ଅଟକିଲା। ସଡକ ପାର୍ଶ୍ୱସ୍ଥ ରାଜ ଉଦ୍ୟାନରେ ମାଳିଟିଏ କାମ କରୁଥାଏ। ପ୍ରଧାନମନ୍ତ୍ରୀ ତା' ନିକଟକୁ ଯାଇ ତାକୁ ପାଣି ଗ୍ଲାସ୍‌ଟିଏ ବଢାଇ ଦେଇ କହିଲେ, ନିଅ ଏ ପାଣି ମୁନ୍ଦାକ ପିଅ ଓ ଘରକୁ ଯାଅ। ଆଜି ତୁମର ଛୁଟି। ମାଳି ନ ଚିହ୍ନିପାରି କହିଲା, ତୁମେ କିଏ ମୁଁ ଜାଣେ ନାହିଁ। ଆମ ବାବୁ ଯଦି ମୋତେ ଛୁଟି ଦିଅନ୍ତି, ତେବେ ମଧ୍ୟ ମୁଁ ଯିବି ନାହିଁ। କାରଣ ଆଜିର ଅଧାକାମ କାଲି କାମକୁ ଦ୍ୱିଗୁଣିତ କରିବ। ମୋତେ ଦିଆଯାଇଥିବା ସମୟସୀମା ମଧ୍ୟରେ ତାହା ଶେଷ ହୋଇପାରିବ ନାହିଁ। ଆପଣ ଆପଣଙ୍କ ବାଟରେ ଯା'ନ୍ତୁ ଓ ମୋତେ ମୋ କାମ କରିବାକୁ ଛାଡି ଦିଅନ୍ତୁ। ପରେ ଯେତେବେଳେ ସେ ଜାଣିଲା ଯେ ଆଗନ୍ତୁକ ଏ ଦେଶର ପ୍ରଧାନମନ୍ତ୍ରୀ ସେ ଲଜ୍ଜିତ ଓ ଭୟଭୀତ ହୋଇ କ୍ଷମା ଭିକ୍ଷା କଲା।

ମାତ୍ର ପ୍ରଧାନମନ୍ତ୍ରୀ କହିଲେ, ଜାପାନ ମୋ ଯୋଗୁ ବଡ଼ ନୁହେଁ, ତୁମ୍ଭେମାନେ ହିଁ ଜାପାନକୁ ବଡ଼ କରିଛ। କିନ୍ତୁ ଆମ ଦେଶରେ ସାମାନ୍ୟ କଥାରେ ପାନରୁ ଚୂନ ଖସିଲେ ଭିଆଇପିଙ୍କ ପ୍ରଭୁପଣ ଉଣା ହୋଇଯାଏ। ଗତବର୍ଷ ଶିବସେନା ଏମ୍‌ପି ରବୀନ୍ଦ୍ର ଗାଏକ୍ୱାଡ୍ ବିମାନବନ୍ଦରରେ ନିଜ ତନଖିକୁ ବିରୋଧ କରି ଜଣେ ୬୦ ବର୍ଷୀୟ ବିମାନ କର୍ମଚାରୀଙ୍କୁ ଚପଲରେ ପ୍ରହାର କରିଥିଲେ। ଗାଏକ୍ୱାଡ୍‌ଙ୍କ ସ୍ଥାନରେ ସାଧାରଣ ବ୍ୟକ୍ତିଟିଏ ଥିଲେ ତାଙ୍କୁ ବହୁମୂଲ୍ୟ ଦେବାକୁ ପଡିଥା'ନ୍ତା। ଅବଶ୍ୟ ବେସାମରିକ ବିମାନ ଚଳାଚଳ ବିଭାଗ ତାଙ୍କ ବିମାନ ଯାତ୍ରା ଉପରେ ଅଙ୍କୁଶ ଲଗାଇଥିଲା। ପାକିସ୍ତାନର ଏକ ଅନୁରୂପ ଘଟଣା ପାଇଁ ସେ ଦେଶର ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ରହମନ ମଲିକଙ୍କୁ ୨୦୧୪ ସେପ୍ଟେମ୍ବର ୧୫ରେ ବିମାନରୁ ବହିଷ୍କାର କରାଯାଇ ବିମାନ ଉଡାଣ କରିଥିଲା। ୟୁରୋପର ଅଧିକାଂଶ ରାଷ୍ଟ୍ରମୁଖ୍ୟ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ବସ୍ କିମ୍ବା ଟ୍ରେନ୍‌ରେ ଯାତାୟାତ କରନ୍ତି। ସେମାନେ କ'ଣ ଆମ ନେତାଙ୍କ ପରି ଭିଆଇପି ନୁହନ୍ତି?

ଭିଆଇପି ସଂସ୍କୃତି ଲୋକତନ୍ତ୍ରର ବାଧକ। ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଓ ସମ୍ମାନ ଦେବା ଆମ ସମ୍ବିଧାନର ବିଶେଷତ୍ୱ। କିନ୍ତୁ ଭିଆଇପି ଆଳରେ ଅନ୍ୟଠାରୁ ସ୍ୱତନ୍ତ୍ରତା ଦାବି କରିବା ଅସମୀଚୀନ। କର୍ମାନୁସାରେ ଭିଆଇପି ମର୍ଯ୍ୟାଦା ମିଳୁ, ମାତ୍ର ପଦବୀ ପାଇଁ ଆଦୌ ନୁହେଁ।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ-୯୯୩୭୪୫୦୫୪୦

# ଭାଷା ବଞ୍ଚିବ ବ୍ୟବହାରରେ



ଅରୁଣ ଦାସ

କଥାରେ ଅଛି- ସମସ୍ତେ କାନ୍ଦୁଛନ୍ତି, ହେଲେ କାହା ଆଖିରେ ଲୁହ ନାହିଁ। ସେହିପରି କିଛି ଶିକ୍ଷିତ ଓଡ଼ିଆ ମାତୃଭାଷା ସୁରକ୍ଷା, ଭାଷା ବଞ୍ଚାଅ ପରି ଅଭିଯାନ ଚଳାଇଛନ୍ତି। ସଭାସମିତିରେ ଆବେଗପୂର୍ଣ୍ଣ ଭାଷଣ ଦେଇ ଗଳା ଫଟାଉଛନ୍ତି। ହେଲେ ଅସଲରେ 'କହି ଦେଉଥାଏ ପରକୁ, ବୁଦ୍ଧି ନ ଦିଶଇ ଘରକୁ' ଭଳି ଆମ ନିଜ ଘରେ ହିଁ ସବୁଯାକ ଅଶୁଦ୍ଧି। ଅଧିକାଂଶ ଘରେ ପିଲା ବାପା, ବୋଉ ବଦଳରେ ଡାଡି, ମମି ବା ଡାଡ୍, ମମ୍ ଶବ୍ଦ ଉଚ୍ଚାରଣ କରୁଛନ୍ତି। ମଉସା, ମାଉସୀ, ମାମୁ, ମାଇଁ, କକା, ଖୁଡ଼ୀ ଆଦି ଶବ୍ଦର ସ୍ଥାନ ନେଇଛି ଅଙ୍କଲ ଓ ଆଣ୍ଟି। କଥା କଥାରେ ସମସ୍ତଙ୍କ ମୁହଁରେ ହିନ୍ଦୀ, ଇଂଲିଶ୍ ଶବ୍ଦ। ଘରର ଆସବାବଠାରୁ ଆରମ୍ଭକରି ଘରଗୁଡିକୁ ମଧ୍ୟ ଇଂଲିଶ୍‌ରେ କୁହାଯାଉଛି। ଯେମିତି ରୋଷେଇ ଘର ବା ହାଣ୍ଡିଶାଳକୁ କିଚେନ୍ ରୁମ୍, ଶୋଇବା ଘରକୁ ବେଡ୍ ରୁମ୍ ସହ ସକାଳ ଜଳଖିଆକୁ ବ୍ରେକ୍‌ଫାଷ୍ଟ, ଦ୍ୱିପହରର ଖାଇବାକୁ ଲଞ୍ଚ୍ ଓ ରାତି ଖାଇବାକୁ ଡିନର ବୋଲି କୁହାଯାଉଛି। ସପ୍ତାହର ସାତ ଦିନକୁ ସଣ୍ଡେ, ମଣ୍ଡେ ଇତ୍ୟାଦି କୁହାଯାଉଛି। ବୈଶାଖ, ଜ୍ୟେଷ୍ଠ ଆଦି ଓଡ଼ିଆ ମାସର ନାଁ ତ ଆମେ ଭୁଲିସାରିଲୁଣି। ଜାନୁୟାରୀ, ଫେବୃୟାରୀ ଆଦି ଇଂଲିଶ ମାସ ଓ ଇଂଲିଶ କ୍ୟାଲେଣ୍ଡରରେ ସବୁ କାମ ଚାଲିଛି। ଘରକୁ କିଏ ଅତିଥି ଆସିଲେ କୁଣିଆ ନ କହି ଗେଷ୍ଟ କହୁଛୁ। ଥକା ଲାଗିଲେ ବିଶ୍ରାମ ନେଉଛି ନ କହି ରେଷ୍ଟ ନେଉଛି ବୋଲି କହୁଛୁ। ସେହିପରି ବହୁତ ଭଲ ନ କହି ଭେରିଗୁଡ୍, ଧନ୍ୟବାଦ ନ କହି ଥ୍ୟାଙ୍କ୍ ୟୁ ଓ ସ୍ୱାଗତମ୍ ନ କହି ୱେଲ୍‌କମ୍ ଇତ୍ୟାଦି କହିବା ସମସ୍ତଙ୍କର ଅଭ୍ୟାସ ହୋଇଗଲାଣି। ସକାଳ ବେଳା ଫୋନ୍ ଉଠେଇଲେ ସେପାଖୁ ଶୁଭୁଛି ଗୁଡ୍ ମର୍ନିଂ ଭାଇ। ଉପରବେଳା 'ଗୁଡ୍ ଆଫ୍ଟରନୁନ୍, ସନ୍ଧ୍ୟାବେଳେ ଗୁଡ୍ ଇଭିନିଂ ଆଉ ଶୋଇବାକୁ ଗଲାବେଳେ ଗୁଡ୍ ନାଇଟ୍। ଜନ୍ମଦିନର ଶୁଭେଚ୍ଛା ଜଣାଇଲା ବେଳେ ଆଉ କେହି ବି ଓଡ଼ିଆରେ ଶୁଭ ମନାସୁ ନାହାନ୍ତି। ସମସ୍ତେ କହୁଛନ୍ତି 'ହାପି ବାର୍ଥ ଡେ'! ସେହିପରି ବିବାହବାର୍ଷିକୀ ପାଳନ ବେଳେ ହାପି ମ୍ୟାରେଜ ଆନିଭର୍‌ସାରି ବୋଲି କହୁଛନ୍ତି। ଏ ସବୁ ଆମ ପରମ୍ପରା ବାହାରର କଥା। ଏହାର ବିକଳ୍ପ ଶବ୍ଦ ଆମ ଓଡ଼ିଆରେ ଅଛି। ତାହା ବ୍ୟବହାର ନ କରି ଇଂଲିଶ ବା ହିନ୍ଦୀ ଶବ୍ଦ ବ୍ୟବହାର କରିବା ଆମ ମାତୃଭାଷା ପାଇଁ କଦାପି ଶୁଭଙ୍କର ନୁହେଁ। ଯେଉଁ ଶବ୍ଦଗୁଡିକ ଆଉ ଜନମୁଖରେ ଉଚ୍ଚାରିତ ହେବନାହିଁ, ନିଶ୍ଚିତ ଭାବରେ ତା'ର ମୃତ୍ୟୁ ଘଟିବ। ଆମଠାରୁ ଭଲ ବରଂ ଅପାଠୁଆ ଗାଁଗହଳିର ମଣିଷ। କାରଣ ସେମାନେ ନିଛକ ଓଡ଼ିଆ ଶବ୍ଦ ବ୍ୟବହାର କରିଆସୁଛନ୍ତି।

ଲୋକେ ଭାବୁଛନ୍ତି ଓଡ଼ିଆରେ ହିନ୍ଦୀ, ଇଂଲିଶ ମିଶେଇ କହିଲେ ସେ ସମ୍ଭ୍ରାନ୍ତ ଶ୍ରେଣୀର ବ୍ୟକ୍ତି ଭାବେ ଗଣାହେବେ। କିନ୍ତୁ ଏହା ଭୁଲ୍ ଧାରଣା। ଶୁଦ୍ଧ ଓ ମାର୍ଜିତ ଓଡ଼ିଆ ଶବ୍ଦରେ କଥାବାର୍ତ୍ତା କରି ମଧ୍ୟ ଜଣେ ନିଜର ଅମାୟିକ ଓ ଭଦ୍ର ପରିଚୟ ଦେଇପାରିବ। ସମସ୍ତେ ସମାଲୋଚନା କରୁଛନ୍ତି, ଅମୁକ ମନ୍ତ୍ରୀ ଏମିତି ବିକୃତ ଓଡ଼ିଆ କହିଲେ, ସମୁକ ଗାୟିକା ଓଡ଼ିଆ ଗୀତକୁ ସେମିତି ବିକୃତ କରି ଗାଇଲେ। କିନ୍ତୁ କେହି ବି ନିଜେ ମାତୃଭାଷା ପ୍ରତି କରୁଥିବା ହତାଦର ଓ ତ୍ରୁଟି ସୁଧାରିବାକୁ ପ୍ରସ୍ତୁତ ନୁହନ୍ତି। ଏହା ବାଦ୍ ଏବେ ଏମିତି ହେଲାଣି ବିନା ହିନ୍ଦୀ, ଇଂଲିଶ ଓ ଉର୍ଦ୍ଦୁ ଶବ୍ଦ ବ୍ୟବହାରରେ ଗୀତିକାରମାନେ ଆଉ ଓଡ଼ିଆ ଗୀତ ଲେଖି ପାରୁନାହାନ୍ତି। ରପ୍‌ତା ରପ୍‌ତା, ମୌଲା, ଦିୱାନା, ଆହିସ୍ତା ଆହିସ୍ତା, ଗୁନ୍‌ଦସ୍ତା, ଦିଲ୍ କମର, ଚୁନେରୀ, ରବା ରବା, ଫିଦା, ସଜ୍‌ନା ଓ ଇସ୍କ୍ ଇତ୍ୟାଦି ଶବ୍ଦ ସବୁ ଆସି ଓଡ଼ିଆ ସଙ୍ଗୀତରେ ପଶି ଖେଚୁଡ଼ି ହୋଇସାରିଲାଣି। ଥରେ ଜଣେ ଗୀତିକାରଙ୍କୁ ଏ ଅଧମ ଲେଖକ କିଛି ମତାମତ ଦେଲାରୁ ସେ ରୋକ୍‌ଠୋକ୍ କହିଲେ, ତମେ ବହୁତ ପଛରେ ଅଛ। ଆରେ ଭାଇ ପଛ ନ ରହିଲେ ଆଗ କୁଆଡୁ ଆସିବ? ପର ଘର ତିଅଣ ସୁଆଦିଆ ବୋଲି ଅଧିକ ଖାଇଲେ ରୋଗ ଅର୍ଜିବା ହିଁ ସାରହେବ। ଆମ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇସାରିଛି। ହେଲେ ଦୁର୍ଭାଗ୍ୟର ବିଷୟ ନିଜ ଭାଷା ପ୍ରୀତି, ଅସ୍ମିତା ଓ ସ୍ୱାଭିମାନକୁ ଜଳାଞ୍ଜଳି ଦେଇ ଆମେ ପର ପ୍ରେମରେ ପଡୁଛେ। କିଛି ବୟସ୍କ ବ୍ୟକ୍ତି କଳାପତାକା ଧରି ଭାଷା ଆନ୍ଦୋଳନରେ ଛିଡା ହେଉଛନ୍ତି। କିନ୍ତୁ ସନ୍ଧ୍ୟାରେ ନିଜ ନାତିନାତୁଣୀଙ୍କ ଇଂଲିଶ ରାଇମ୍ ଶୁଣି ପୁଲକିତ ହୋଇ ଉଠୁଛନ୍ତି। ପାଠ୍ୟକ୍ରମ ଅନୁଯାୟୀ ପିଲାଙ୍କୁ ଇଂଲିଶ ରାଇମ୍ ବୋଲିବାକୁ ମନା ନାହିଁ। କିନ୍ତୁ ଆହେ ଦୟାମୟ ବିଶ୍ୱବିହାରୀ.. ଇତ୍ୟାଦି ଗୀତ ମୁଖସ୍ଥ କରିବାକୁ କାହିଁକି ବାରଣ କରାଯାଉଛି? ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ନିଜ ଭାଷା ସମ୍ବନ୍ଧରେ ପିଲାମାନଙ୍କୁ ପର୍ଯ୍ୟାପ୍ତ ଜ୍ଞାନ ଦେଲାଭଳି ଆମେ କୌଣସି ଆଖିଦୃଶିଆ ପଦ୍ଧତି ଅବଲମ୍ବନ କରୁନାହୁଁ। କେବଳ ମଧୁ ବର୍ଣ୍ଣବୋଧ ପିଲାମାନଙ୍କ ପାଇଁ ପଢିବାକୁ ଥିବାବେଳେ, ଏହାକୁ ପୁଣି ଇଂଲିଶ ମାଧ୍ୟମର ପିଲା ପଢୁନାହାନ୍ତି। ସେହିପରି ବଡ଼ ଶ୍ରେଣୀରେ ପିଲାମାନେ ଇଂଲିଶ୍ ଓ ଅନ୍ୟ ବିଷୟ ପ୍ରତି ଯେତିକି ଧ୍ୟାନ ଦେଉଛନ୍ତି, ଓଡ଼ିଆ ବିଷୟ ପ୍ରତି ସେତିକି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଥିରେ ପିଲାମାନଙ୍କର କିଛି ଦୋଷ ନାହିଁ। ଘରର ବଡ଼ମାନେ ଯେମିତି ପ୍ରବର୍ତ୍ତାଉଛନ୍ତି, ସେମାନେ ସେମିତି କରୁଛନ୍ତି। ବଡ଼ମାନେ ଘରେ ଯେମିତି ଢଙ୍ଗରେ କଥାବାର୍ତ୍ତା କରୁଛନ୍ତି, ପିଲାମାନେ ସେପରି କରୁଛନ୍ତି। ଦିନ ଆସିବ, ଓଡ଼ିଆରେ କଥାବାର୍ତ୍ତା ହେଲାବେଳେ ପ୍ରତିଟି ବାକ୍ୟରେ ମାଳ ମାଳ ଇଂଲିଶ ଓ ହିନ୍ଦୀ ଶବ୍ଦ ହିଁ ଥିବ। ସେଥିରୁ ଓଡ଼ିଆର ଗନ୍ଧ ଯେତେ ଖୋଜିଲେ ବି ଆଉ ଜମାରୁ ମିଳିବନି। ଭାଷା ଆନ୍ଦୋଳନକାରୀ ଥିବେ, ଭାଷା ବଞ୍ଚାଅ ବୋଲି ଚିତ୍କାର କରୁଥିବେ, ହେଲେ ନେଡିଗୁଡ଼ କହୁଣିକୁ ବୋହିଯାଇଥିବ। ସୁତରାଂ ବେଳ ଥାଉଥାଉ ଭାଷାର ସୁରକ୍ଷା ପାଇଁ ଅନ୍ୟ ଉପରକୁ କାଦୁଅ ନ ଫିଙ୍ଗି ନିଜେ କରୁଥିବା ଛୋଟ ଛୋଟ ତ୍ରୁଟିକୁ ସୁଧାରିନେଲେ, ସେଇ ହିଁ ହେବ ମାତୃଭାଷା ପାଇଁ ଆମର ମହାନ୍ କାର୍ଯ୍ୟ।

ପତରପଡ଼ା, ବରମୁଣ୍ଡଲୀ, ଜଗତ୍‌ସିଂହପୁର,
ମୋ-୭୮୭୩୭୧୯୦୫୬

## ଏଇ ଭାରତରେ

ଚିତାବାଘ ଏକ ମାଂସାଶୀ ଓ ଶିକାରୀ ପ୍ରାଣୀ। ଏହା କୁକୁର ଭଳି ନିରୀହ ପ୍ରାଣୀଙ୍କୁ ମାରି ଖାଏ। କିନ୍ତୁ ଉଭୟ ପ୍ରାଣୀ ମଧ୍ୟରେ ଖାଦ୍ୟ-ଖାଦକ ସମ୍ପର୍କ ଥିଲେ ବି ବିପଦରେ ପଡିଲେ ଖାଦକ ପ୍ରାଣୀ ଆଉ ଶିକାର ନ କରି ଦୟାବାନ୍ ପାଲଟିଯାଏ। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି ଉତ୍ତରାଖଣ୍ଡ ରାଜ୍ୟର ତିହରି ଜିଲା ଅନ୍ତର୍ଗତ ଲାମକୋଟ୍ ଗାଁରେ। ଏଠାରେ ଏକ ଚିତାବାଘ କୁକୁରକୁ ଶିକାର କରିବା ପାଇଁ ତା' ପଛରେ ଦୌଡୁଥିଲା। ପ୍ରାଣ ବିକଳରେ କୁକୁରଟି ଗାଁର ଏକ ଶୌଚାଳୟ ଭିତରେ ପଶିଯାଇଥିଲା। କୁକୁର ପଛେ ପଛେ ଯାଇ ଚିତାବାଘ ମଧ୍ୟ ଭିତରେ ପଶିଯାଇଥିଲା। ଘର ମାଲିକ ଏହା ଦେଖି ଭୟରେ ବାହାରୁ ଶୌଚାଳୟ କବାଟ କିଳି ଦେଇଥିଲେ। ଭିତରେ ଖାଦ୍ୟ-ଖାଦକ ମୁହାଁମୁହିଁ। କୁକୁରର କୁଆଡ଼େ ଯିବାର ଉପାୟ ନ ଥିଲା। ଚିତାବାଘ ଚାହିଁଥିଲେ ସେଠାରେ ତାକୁ ଆରାମରେ ମାରି ଖାଇପାରିଥାନ୍ତା। ମାତ୍ର ଚିତାବାଘ କିପରି ମୁକ୍ତି ପାଇବ ସେଇ ଚିନ୍ତାରେ ରହି କୁକୁରର କୌଣସି କ୍ଷତି କରି ନ ଥିଲା। ଗାଁ ଲୋକେ ଏହି ପରିସ୍ଥିତିରେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ଗାଁରେ ପହଞ୍ଚି ଚିତାବାଘକୁ ଧରିନେଇ ଜଙ୍ଗଲରେ ଛାଡିଥିଲେ। କୁକୁରର ଜୀବନ ରକ୍ଷା ପାଇଯାଇଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଜାନୁୟାରୀ ୧୯୯୪

- ୟୁକ୍ରେନରେ ଥିବା ବିଶ୍ୱର ତୃତୀୟ ବୃହତ୍ତମ ଆଣବିକ ଆଗ୍ନେୟାସ୍ତ୍ର କେନ୍ଦ୍ରକୁ ଧ୍ୱଂସ କରିଦେବା ପାଇଁ ରୁଷିଆ, ଆମେରିକା ଓ ୟୁକ୍ରେନ ଏକ ଗୁରୁତ୍ୱପୂର୍ଣ୍ଣ ରାଜିନାମା ସ୍ୱାକ୍ଷର କରିଛନ୍ତି।
- ଥାଇଲାଣ୍ଡର ଟାନା ପ୍ରଦେଶରେ ଏକ ଯାତ୍ରୀବାହୀ ବସ୍ ସହ ଏକ ସିମେଣ୍ଟ ଟ୍ରକ୍ ମୁହାଁମୁହିଁ ସଂଘର୍ଷ ହେବା ଫଳରେ ବସ୍‌ଟିରେ ଅଗ୍ନିକାଣ୍ଡ ଘଟି ୫୦ ଜଣଙ୍କ ମୃତ୍ୟୁ।
- ଇଟାଲୀର ପ୍ରଧାନମନ୍ତ୍ରୀ କାର୍ଲୋ ଆଜେଗ୍ଲିଓ ସିଆମ୍ପି ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି।
- ବିହାରର ଦୁମକାଠାରେ ଏକ ଯାତ୍ରୀବାହୀ ବସ ନଦୀକୁ ଖସିପଡିବା ଫଳରେ ଘଟଣାସ୍ଥଳରେ ୪୪ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ନିରାଟ ନିର୍ଜୀବ ଆହେ ନିରୁପମ
ରୂପବାନ୍ ଧାତୁ!
ପ୍ରକଟିଲା ଧରା ପରେ ଜ୍ୟୋତି ତବ
ସେ କେଉଁ ପ୍ରଭାତୁଁ ?
(ସୁନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | 0 | E | 3 | | A | | | | |
| D | | | | 1 | | | | 6 | | | | | A | |
| | | | | 5 | E | C | 2 | | | | | | | 3 |
| | | | 3 | | | 4 | | | | 9 | | | 1 | B |
| 2 | | | | 8 | B | | | 9 | 5 | | C | | | |
| 5 | | | 1 | D | | | | A | | | | | | |
| 3 | | 0 | | | 8 | | | | | 5 | A | B | | 4 |
| | | | E | 0 | | B | | | C | 7 | | | | |
| | E | | C | | 6 | | 3 | 8 | B | | | | D | |
| | | | | 9 | | 7 | | | 2 | | D | 0 | | C |
| A | 0 | | | C | | | | | | | | | 4 | |
| | 7 | | | | | | B | | 9 | | | | | A |
| 8 | 3 | E | | | | | C | | | 4 | | | | |
| | C | | | 2 | | A | | | 6 | 3 | | | E | 7 |
| | 4 | | D | | 9 | 1 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 1 | E | 7 | A | 4 | D | 9 | 8 | 2 | 0 | C | 5 | 6 | 3 |
| 8 | 2 | A | D | E | 0 | 7 | B | C | 6 | 3 | 5 | 9 | 1 | 4 |
| 4 | 3 | 9 | C | B | 2 | 6 | 5 | A | 1 | 8 | 7 | 0 | E | D |
| D | 6 | 5 | 3 | 9 | 8 | 0 | 2 | 1 | 4 | B | E | C | 7 | A |
| 7 | C | 0 | 6 | 1 | 5 | 3 | 4 | E | 9 | A | D | B | 8 | 2 |
| 0 | D | 2 | 8 | 7 | 6 | C | 3 | 9 | B | E | 1 | 4 | A | 5 |
| E | 4 | 3 | A | C | D | 5 | 1 | 0 | 8 | 9 | 2 | 7 | B | 6 |
| 9 | 5 | 1 | 2 | 4 | B | A | 8 | 7 | C | 6 | 3 | E | D | 0 |
| A | 8 | C | 9 | 5 | E | B | D | 6 | 7 | 4 | 0 | 3 | 2 | 1 |
| 6 | 7 | B | 0 | 3 | 1 | 4 | E | 2 | 5 | D | A | 8 | C | 9 |
| 1 | B | 8 | 5 | 6 | C | 2 | 0 | D | 3 | 7 | 9 | A | 4 | E |
| C | 0 | 4 | 1 | D | 7 | E | 6 | 3 | A | 5 | 8 | 2 | 9 | B |
| 2 | E | 7 | 4 | 0 | 3 | 9 | A | B | D | C | 6 | 1 | 5 | 8 |
| 5 | A | 6 | E | 8 | 9 | 1 | C | 4 | 0 | 2 | B | D | 3 | 7 |
| 3 | 9 | D | B | 2 | A | 8 | 7 | 5 | E | 1 | 4 | 6 | 0 | C |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୂଜାପାର୍ବଣକୁ ପଲିଥିନମୁକ୍ତ କରାଯାଉ

ମହାଶୟ,

ଧରିତ୍ରୀ(୩।୧)ରେ ପ୍ରକାଶିତ ଖବର ପାରାଦୀପର ବଟିଘରଠାରେ ନୌକା ଦୁର୍ଘଟଣା ଯୋଗୁ ଜଣେ ମୃତ, ୭ ନିଖୋଜ ଖବର ଅତ୍ୟନ୍ତ ହୃଦୟବିଦାରକ। ଆବଶ୍ୟକତାଠାରୁ ଅଧିକ ଯାତ୍ରୀ ନୌକାରେ ଚଢିବା ଓ ଲାଇଫ ଜ୍ୟାକେଟ ନ ଥିବାରୁ ଏପରି ଘଟଣା ଘଟିଲା। ଡଙ୍ଗା ଘାଟଗୁଡ଼ିକରେ ଯାତ୍ରୀ ସଂଖ୍ୟା ସରକାରଙ୍କ ତରଫରୁ ତଦାରଖ ହେବା ଦରକାର। ସ୍ଥାନୀୟ ତହସିଲଦାର କିମ୍ବା ଉପଜିଲାପାଳ ଏଥିପ୍ରତି ଧ୍ୟାନ ଦେବା ଦରକାର। କିଛିବର୍ଷ ପୂର୍ବେ ହୀରାକୁଦର ଉପରମୁଣ୍ଡରେ ମହାନଦୀରେ କେତେ ବ୍ୟାଙ୍କ କର୍ମଚାରୀ ନଦୀ ଅପରପଟକୁ ଯାଇ ପିକନିକ କରି ଫେରିବା ବେଳକୁ ନୌକା ବୁଡିଯିବାରୁ ଅନେକ ଜୀବନ ହାନି ଘଟିଥିଲା। ନିକଟରେ ଭୁବନେଶ୍ୱରରୁ ଗୋଟିଏ ପରିବାରର ୮ ଯାତ୍ରୀ ପିକନିକ ପାଇଁ ଯାଇଥିବା ବେଳେ କନ୍ଦରପୁରଠାରୁ ଅଳ୍ପ ଦୂରରେ ପାରାଦୀପ ରାସ୍ତାରେ ଦୁର୍ଘଟଣା ଘଟି ମାଆ ପୁଅଙ୍କ ମୃତ୍ୟୁ ଘଟିଥିଲା। ଚିଲିକାରେ ନୌକା ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହୋଇଥିଲା। ଏତେ ଦୁର୍ଘଟଣା ଓ ଜୀବନ ହାନି ସତ୍ତ୍ୱେ ଏହାର ନିରାକରଣ ପାଇଁ ସରକାର ଦୃଷ୍ଟି ନ ଦେବା ପରିତାପର ବିଷୟ। ପିକନିକପ୍ରେମୀମାନଙ୍କୁ ମୋର ବିନମ୍ର ଅନୁରୋଧ ସେମାନେ ଏପରି ପିକନିକରୁ ନିବୃତ୍ତ ରୁହନ୍ତୁ।

ନଟବର ନାୟକ, ଖେରସ, ଜଗତ୍‌ସିଂହପୁର

### ସେଲ୍‌ଫି ଫଟୋ

ଆଧୁନିକ ଯୁଗରେ ଫଟୋ ହାତପାଆନ୍ତାରେ। ସେଲ୍‌ଫି ଫଟୋ ଓ କ୍ୟାମେରାମ୍ୟାନ ଦ୍ୱାରା ଉଠାଯାଇଥିବା ଫଟୋ ମଧ୍ୟରେ ଆକାଶ ପାତାଳ ପ୍ରଭେଦ ଅଛି। ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ କ୍ୟାମେରାମ୍ୟାନ ଦ୍ୱାରା ଉଠାଯାଇଥିବା ଫଟୋକୁ କେହି କେହି ସେଲ୍‌ଫି ଫଟୋ କହି ବାହାବା ସାଉଁଟିବା ସହ ନିଜକୁ ମହାନ ଭାବୁଛନ୍ତି। ସେଲଫି ଫଟୋ ଉଠାଇବା ସମୟରେ ଖାଲି ଆଗକୁ ଚାହିଁ ନିଜକୁ ଅନ୍ୟମାନଙ୍କ ସହ ପୋଜ ନେବା ସମୟରେ ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହୋଇ ନିତିଦିନ ବହୁସଂଖ୍ୟକ ଯୁବତୀଯୁବକ ମୃତାହତ ହେଉଛନ୍ତି। ବିଶେଷକରି ଜଳଉତ୍ସ ଓ ବଣପାହାଡ, ଖାଲଢିପ ବ୍ୟତୀତ ବଣୁଆ ଜନ୍ତୁଙ୍କ ସହିତ ସେଲ୍‌ଫି ଫଟୋ ଉଠାଇବା ଭଳି ଦୁଃସାହସୀ କାମଠୁ ମଣିଷ ଦୂରେଇ ରହିବା ଦରକାର।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସତ୍ୟମେବ ଜୟତେ
ଭାରତ ସରକାର

# ପୂର୍ବୋଦୟରୁ
## ହେଉଅଛି ନୂଆ ଭାରତର ଉଦୟ

# ପଶ୍ଚିମ ଓଡ଼ିଶାର
## ସାମଗ୍ରିକ ବିକାଶକୁ ସାକାର ରୂପ ଦେବା ପାଇଁ
## ୧୫୫୦ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ












# ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀଙ୍କ
## କରକମଳରେ

### ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ

ଝାରସୁଗୁଡ଼ାଠାରେ ମଲ୍ଟି ମୋଡାଲ୍ ଲଜିଷ୍ଟିକ୍ସ ପାର୍କ

ଝାରସୁଗୁଡ଼ା-ବିଜୟନଗରମ୍ ରେଳ ଲାଇନ୍ ଏବଂ ସମ୍ବଲପୁର-ଅନୁଗୋଳ ରେଳ ଲାଇନ୍‌ର ବିଦ୍ୟୁତୀକରଣ

ବରପାଲି-ଡୁଙ୍ଗୁରିପାଲି ଏବଂ ବଲାଙ୍ଗୀର-ଦେଓଗାଁ ରୋଡ଼ ରେଳ ଲାଇନ୍‌ର ଦୋହରୀକରଣ

ଥେରୁବାଲି-ସିଙ୍ଗାପୁର ରୋଡ଼ ଷ୍ଟେସନ ମଧ୍ୟରେ ବ୍ରିଜ୍ ନଂ. ୫୮୮

### ଭିତ୍ତିପ୍ରସ୍ତର ସ୍ଥାପନ

କେନ୍ଦ୍ରୀୟ ବିଦ୍ୟାଳୟ, ସୁବର୍ଣ୍ଣପୁର
ଏବଂ

### ଶୁଭ ଉଦ୍‌ଘାଟନ

କେନ୍ଦ୍ରୀୟ ବିଦ୍ୟାଳୟ, ରାୟଗଡ଼ା

ବଲାଙ୍ଗୀର-ବିଚ୍ଛୁପାଲି (ନୂଆ ଲାଇନ୍), ବଲାଙ୍ଗୀର

ବଲାଙ୍ଗୀର-ବିଚ୍ଛୁପାଲି ନୂଆ ଲାଇନ୍ ଉପରେ ରେଳ ଚଳାଚଳକୁ ସବୁଜ ପତାକା ପ୍ରଦର୍ଶନ

ନବୀକରଣ ଏବଂ ପୁନରୁଦ୍ଧାର କାର୍ଯ୍ୟ:
- ନୀଳମାଧବ ଏବଂ ସିଦ୍ଧେଶ୍ୱର ମନ୍ଦିର, ଗନ୍ଧରାଡ଼ି, ବୌଦ୍ଧ
- ରାଣୀପୁର ଝରିଆଲ ଐତିହ୍ୟ ସମୂହ, ବଲାଙ୍ଗୀର
- ପଶ୍ଚିମ ସୋମନାଥ ମନ୍ଦିର ସମୂହ, ବୌଦ୍ଧ

କଳାହାଣ୍ଡିର ଅସୁରଗଡ଼ ଦୁର୍ଗସ୍ଥିତ ପ୍ରାଚୀନ ଐତିହ୍ୟ ସ୍ଥଳର ବିକାଶ

ବରଗଡ଼, ବଲାଙ୍ଗୀର, ଜଗତସିଂହପୁର, କେନ୍ଦ୍ରାପଡ଼ା, ଫୁଲବାଣୀ ଏବଂ ପୁରୀରେ
ନୂତନ ପୋଷ୍ଟ ଅଫିସ୍ ପାସ୍‌ପୋର୍ଟ୍ ସେବା କେନ୍ଦ୍ର (ପିଓପିଏସ୍‌କେ)

### ଗରିମାମୟ ଉପସ୍ଥିତି

**ପ୍ରଫେସର ଗଣେଶୀ ଲାଲ**
ରାଜ୍ୟପାଳ, ଓଡ଼ିଶା

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ସୁଷମା ସ୍ୱରାଜ**
ବୈଦେଶିକ ବ୍ୟାପାର ମନ୍ତ୍ରୀ
ଭାରତ ସରକାର

**ପ୍ରକାଶ ଜାଭଡ଼େକର**
ମାନବ ସମ୍ବଳ ବିକାଶ ମନ୍ତ୍ରୀ
ଭାରତ ସରକାର

**ଜୁଏଲ ଓରାମ**
ଜନଜାତି ବ୍ୟାପାର ମନ୍ତ୍ରୀ
ଭାରତ ସରକାର

**ପିୟୂଷ ଗୋଏଲ**
ରେଳ ମନ୍ତ୍ରୀ,
ଭାରତ ସରକାର

**ଧର୍ମେନ୍ଦ୍ର ପ୍ରଧାନ**
ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ
ଭାରତ ସରକାର

**ଡ. ମହେଶ ଶର୍ମା**
ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ (ସାଧୀନ ଦାୟିତ୍ୱ)
ଭାରତ ସରକାର

**ମଙ୍ଗଳବାର, ୧୫ ଜାନୁୟାରୀ ୨୦୧୯, ସକାଳ ୮:୦୦ ଘଟିକା । ବଲାଙ୍ଗୀର ରେଳ ଷ୍ଟେସନ, ଓଡ଼ିଶା**

## ଆଜିଠାରୁ ଅର୍ଦ୍ଧ କୁମ୍ଭମେଳା

### ମେଳା ସ୍ଥଳରେ ଅଗ୍ନିକାଣ୍ଡ

**ପ୍ରୟାଗରାଜ୍ (ୟୁପି),୧୪।୧(ପି.ଟି.)–** ମଙ୍ଗଳବାରଠାରୁ ଉତ୍ତରପ୍ରଦେଶର ପ୍ରୟାଗରାଜ (ପୂର୍ବରୁ ଆଲ୍ଲାହାବାଦ)ଠାରେ ବିଶ୍ୱପ୍ରସିଦ୍ଧ ଅର୍ଦ୍ଧ କୁମ୍ଭମେଳା ଆରମ୍ଭ ହେଉଛି। ଏହା ମାର୍ଚ୍ଚ ୪ ତାରିଖ ମହାଶିବରାତ୍ରି ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ମେଳାରେ ଦେଶ ବିଦେଶରୁ ୧୨ କୋଟିରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଯୋଗଦେବା ଆଶା କରାଯାଉଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଅପରପକ୍ଷରେ ମେଳା ଆରମ୍ଭ ହେବାର ଦିନକ ପୂର୍ବରୁ କୁମ୍ଭମେଳା ସ୍ଥଳଠାରେ ଥିବା ଦିଗମ୍ବର ଅନି ଆଖଡ଼ାର ଏକ ଟେଣ୍ଟରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଫଳରେ ବଡ଼ ଧରଣର ଅଗ୍ନିକାଣ୍ଡ ହୋଇଥିଲା। ଏହି ନିଆଁ ଅନ୍ୟ ଟେଣ୍ଟଗୁଡ଼ିକୁ ବ୍ୟାପିଯାଇଥିଲା। ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି। ତେବେ ଦୁଇଟି ଗାଡ଼ି ଏବଂ କେତେକ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିବା ଜଣାପଡିଛି। କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସବୁ ଟେଣ୍ଟକୁ ଯାଇ ଅଗ୍ନି ନିରୋଧକ ବ୍ୟବସ୍ଥା ଯାଞ୍ଚ କରିବା ଓ ଆବଶ୍ୟକ ସତର୍କତା ଗ୍ରହଣ କରିବା ଲାଗି ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ମେଳାକୁ ଦୁର୍ଘଟଣାମୁକ୍ତ ରଖିବା ଲାଗି ପାରମ୍ପରିକ ସମେତ ଆଧୁନିକ ଜ୍ଞାନକୌଶଳର ବ୍ୟବହାର କରାଯାଇଥିବା ଉତ୍ତରପ୍ରଦେଶ ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି। ଅତ୍ୟାଧୁନିକ କମାଣ୍ଡ ଏବଂ କଣ୍ଟ୍ରୋଲ ସେଣ୍ଟର ୨୪ ଘଣ୍ଟା ମେଳା ସ୍ଥଳୀ ଉପରେ ନଜର ରଖିବ। ଏଥିପାଇଁ ୧୨୦୦ ସିସିଟିଭି କ୍ୟାମେରା ଲଗାଯାଇଛି। ଭିଡ଼ ନିୟନ୍ତ୍ରଣ ଲାଗି ରିଅଲ ଟାଇମ୍ ଭିଡିଓ ଆନାଲିସିସ୍ ବ୍ୟବସ୍ଥା ହୋଇଛି। ସେହିପରି କୌଣସି ପିଲା ହଜିଗଲେ ଠାବ କରିବା ଲାଗି ପିଲାମାନଙ୍କ ଦେହରେ ରେଡିଓ ଫ୍ରିକ୍ୱେନ୍ସି ଟ୍ୟାଗ୍ ଲଗାଇବାକୁ ନିଷ୍ପତ୍ତି ନିଆଯାଇଥିବା ପୋଲିସ ଡିଜି କହିଛନ୍ତି। ଆତଙ୍କବାଦୀ, ଅପରାଧୀ ଏବଂ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ ନଜର ରଖିବା ଲାଗି ତ୍ରିନେତ୍ର ଆପ୍ ବ୍ୟବହାର କରାଯିବ। ୩୨୦୦ ହେକ୍ଟର ଅଞ୍ଚଳରେ ମେଳା ଆୟୋଜିତ ହେଉଥିବାବେଳେ ଆଇନଶୃଙ୍ଖଳା ରକ୍ଷା ଲାଗି ଏହାକୁ ୯ଟି ଜୋନ୍ ଏବଂ ୨୦ଟି ସେକ୍ଟରରେ ବିଭକ୍ତ କରାଯାଇଛି। ୨୦ ହଜାର ପୋଲିସ କର୍ମଚାରୀଙ୍କ ସମେତ ୬ ହଜାର ହୋମଗାର୍ଡ ନିୟୋଜିତ ହେବେ। ମେଳା ସ୍ଥଳରେ ୪୦ ଥାନା, ୫୮ ଆଉଟପୋଷ୍ଟ, ୪୦ ଫାୟାରଷ୍ଟେଶନ ରହିବ। ୮୦ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ଏବଂ ୨୦ କମ୍ପାନୀ ପିଏସି ମୁତୟନ ହେବେ ବୋଲି ଡିଜିପି ସୂଚନା ଦେଇଛନ୍ତି।

## ଅଭାବୀ ବିକ୍ରିକୁ...

ପ୍ରଥମ ପୃଷ୍ଠାରୁ

୨୦୧୩- ୧୪ ଆର୍ଥିକ ବର୍ଷରେ ବିଭିନ୍ନ ସରକାରୀ ମଣ୍ଡି ମାଧ୍ୟମରେ ୩,୦୮,୮୨୩ କୁଇଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ ଥିବାବେଳେ ୨,୪୫,୪୪୦ କୁଇଣ୍ଟାଲ କ୍ରୟ ହୋଇଛି। ସେହିପରି ୨୦୧୪-୧୫ ଆର୍ଥିକ ବର୍ଷରେ ୩,୬୭,୬୪୭ କୁଇଣ୍ଟାଲ୍ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ୩,୬୫,୩୨୩ କୁଇଣ୍ଟାଲ ଧାନ କିଣା ହୋଇଥିଲା। ସେହିପରି ୨୦୧୫-୧୬ରେ ଧାର୍ଯ୍ୟ ୫,୮୮,୨୩୫ କୁଇଣ୍ଟାଲ୍‌ରୁ ୫,୪୦,୬୬୧ କୁଇଣ୍ଟାଲ୍, ୨୦୧୬-୧୭ରେ ୬,୯୧,୧୭୬ କୁଇଣ୍ଟାଲ୍‌ରୁ ୬,୧୮,୨୦୧୯ ଏବଂ ୨୦୧୭-୧୮ରେ ଧାର୍ଯ୍ୟ ୬,୧୭,୬୪୭ କୁଇଣ୍ଟାଲ୍‌ରୁ ମାତ୍ର ୫,୭୦,୦୦୭କୁଇଣ୍ଟାଲ୍ ଧାନ ସଂଗ୍ରହ ହୋଇଛି। ଏହି ତଥ୍ୟରୁ ଜଣାପଡୁଛି ଯେ, ପ୍ରତ୍ୟେକ ବର୍ଷ ଧାର୍ଯ୍ୟ ଲକ୍ଷ୍ୟଠାରୁ ଯଥେଷ୍ଟ କମ୍ ପରିମାଣର ଧାନ କିଣା ଯାଉଛି। ଜିଲା କୃଷି ଓ କୃଷକଙ୍କ ଏହି ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ କହିବାହେଲା ଜିଲାର ଅର୍ଥନୀତି କୃଷି ଉପରେ ନିର୍ଭର କରେ। ଏହାର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି। ପ୍ରଶାସନର ଉଦ୍ୟମ ସତ୍ତ୍ୱେ ଜନସଚେତନତା ଅଭାବରୁ ଏହାର ସୁଫଳ ଚାଷୀଙ୍କ ନିକଟରେ ପହଞ୍ଚି ପାରୁ ନାହିଁ। ଚଳିତ ଆର୍ଥିକ ବର୍ଷ ମଣ୍ଡିରେ ଧାନ କ୍ରୟକୁ ଅସୀମିତ କରାଯାଇଛି। ବ୍ୟାଙ୍କଗୁଡ଼ିକୁ ଏନେଇ ତାଗିଦ ମଧ୍ୟ କରାଯାଇଛି।

## ୨ବର୍ଷରେ ୮ ଆତ୍ମହତ୍ୟା

କେନ୍ଦ୍ରାପଡ଼ା ଜିଲାରେ ଲେଡ଼ା ପୋକ ଲାଗି ଚାଷ ନଷ୍ଟ ହୋଇଯିବା କାରଣରୁ ୨୦୧୫-୧୬ରେ ୬ଜଣ ଏବଂ ୨୦୧୬-୧୭ରେ ଏକ ଚାଷୀ ଦମ୍ପତି ଆତ୍ମହତ୍ୟା କରିଥିଲେ। ମାତ୍ର ଜିଲା ପ୍ରଶାସନ, କୃଷି ବିଭାଗ ଓ ପୋଲିସ ତଦନ୍ତରେ ଏଭଳି ଅଭିଯୋଗ ଭିତ୍ତିହୀନ ସହ ସବୁଗୁଡ଼ିକୁ ପାରିବାରିକ କାରଣ ବୋଲି ଦର୍ଶାଯାଇଛି। ଏହାକୁ କୃଷକ ଆତ୍ମହତ୍ୟା ବୋଲି ଉଲ୍ଲେଖ କରାଯାଇ ନାହିଁ। ଡେରାବିଶ ବ୍ଲକ ରାଇତୁଣ୍ଡି ଗ୍ରାମର ଚାଷୀ ଦୋଳ ଗୋବିନ୍ଦ ଦଳେଇ ସାଢ଼େ ୪ଏକର ନିଜ ଜମି ଏବଂ ୩ଏକର ଭାଗ ଚାଷ କରିଥିଲେ। ସେ କୌଣସି ବ୍ୟାଙ୍କ ବା ସୋସାଇଟିରୁ ଋଣ ଆଣି ନ ଥିଲେ ସୁଦ୍ଧା ଲକ୍ଷାଧିକ ଟଙ୍କା ଚାଷରେ ଖର୍ଚ୍ଚ କରିଥିଲେ। ଚାଷ ନଷ୍ଟ ହେବା ଚିନ୍ତାରେ ସେ ବିଷପାନ କରି ଆତ୍ମହତ୍ୟା କରିଥିଲେ ବୋଲି ମୃତ ଗୋବିନ୍ଦଙ୍କ ପୁଅ ରଞ୍ଜନ କହିଛନ୍ତି। କେନ୍ଦ୍ରାପଡ଼ା ବ୍ଲକ ନିଳିକଣା କଳାମାଟିଆ ଗ୍ରାମର ଚାଷୀ ସୁଧୀର କୁମାର ପରିଡ଼ା ୩ଏକର ୧୬ଡିସିମିଲ୍ ଜମିରେ ଧାନ ଚାଷ କରିଥିଲେ। ଏଥିପାଇଁ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରୋ ସାଇ ମହିଳା ମଣ୍ଡଳଠାରୁ ୪ହଜାର ଋଣ କରିଥିଲେ। ଚାଷ ନଷ୍ଟ ଚିନ୍ତାରେ ସ୍ୱାମୀ ବିଷପାନ କରି ଆତ୍ମହତ୍ୟା କରିଥିବା ସ୍ତ୍ରୀ ଲିପ୍‌ସାରାଣୀ କହିଛନ୍ତି। ମହାକାଳପଡ଼ା ବ୍ଲକ ଓସ୍ତରା ଗ୍ରାମର ମୃତ ଚାଷୀ ରବୀନ୍ଦ୍ର ମାହାଳିଙ୍କ ସ୍ତ୍ରୀ ସୁଷମାଙ୍କ କହିବା ହେଲା ତାଙ୍କ ସ୍ୱାମୀ ସାଢ଼େ ୪ଏକର ଜମିରେ ଧାନ ଚାଷ କରିଥିଲେ। ଚାଷ ନଷ୍ଟ ହେବାରୁ ଭାରସାମ୍ୟ ହରାଇ ଉଜୁଡ଼ା ଖେତରେ ବିଷ ପିଇ ଆତ୍ମହତ୍ୟା କଲେ। ସେ କୌଣସି ଋଣ କରି ନ ଥିଲେ। ସହାୟତା ବାବଦରେ ମାତ୍ର ୧୦ହଜାର ଟଙ୍କା ପ୍ରଶାସନ ପକ୍ଷରୁ ଦିଆଯାଇଥିଲେ ସୁଦ୍ଧା ଏହାକୁ ଚାଷୀ ଆତ୍ମହତ୍ୟା ଭାବେ ଗ୍ରହଣ କରାଯାଉ ନାହିଁ। କେନ୍ଦ୍ରାପଡ଼ା ବ୍ଲକ ପାଳକଣା ଗ୍ରାମର ମୃତ ଚାଷୀ ଶ୍ରୀଧର ସେଠୀ ୧ଏକର ୭୩ଡିସିମିଲ ଜମିରେ ଧାନ ଚାଷ କରିଥିଲେ। ଏଥିପାଇଁ ୧୧,୫୫୬ଟଙ୍କା କଟକ କେନ୍ଦ୍ର ସମବାୟ ବ୍ୟାଙ୍କରୁ ଋଣ କରିଥିଲେ। ଲେଡ଼ା ପୋକ ଲାଗି ଚାଷ ସବୁ ନଷ୍ଟ ହେଲା। ଚିନ୍ତାରେ ପୋଖରୀରେ ବୁଡ଼ି ଆତ୍ମହତ୍ୟା କଲେ ବୋଲି ମୃତଚାଷୀଙ୍କ ଭାଇ ପୁରୁଷୋତ୍ତମ କହିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଜିଗରଣ ଗ୍ରାମର ମୃତ ଚାଷୀ ଅରବିନ୍ଦ ରାୟ ୪ଏକର ଜମିରେ ଭାଗ ଚାଷ କରିଥିଲେ। ତାଙ୍କ ନାମରେ କୌଣସି ଋଣ ନ ଥିଲା। ଚାଷ ନଷ୍ଟ ହୋଇଯିବାରୁ ମାନସିକସ୍ତରରେ ଭାଙ୍ଗିପଡ଼ି ସେ ବିଷ ପିଇ ଆତ୍ମହତ୍ୟା କରିଥିଲେ ମଧ୍ୟ ପ୍ରଶାସନ ଏହାକୁ ଗ୍ରହଣ କରୁନାହିଁ ବୋଲି ମୃତ ଅରବିନ୍ଦଙ୍କ ସ୍ତ୍ରୀ ମିତାରାଣୀ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ବ୍ଲକ କନ୍ହେଇପୁର ଗ୍ରାମର ଚାଷୀ ଅଲେଖ ଚନ୍ଦ୍ର ବେହେରା ୫ଏକର ଜମିରେ ଚାଷ କରିଥିଲେ। ଏଥିପାଇଁ ସେ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ୩୮,୩୭୮ ଏବଂ ଅର୍ବାନ ବ୍ୟାଙ୍କରୁ ୨୬ହଜାର ଟଙ୍କା ଋଣ ନେଇଥିଲେ। ଖେତରେ ଚାଷ ସବୁ ନଷ୍ଟ ହୋଇଗଲା। ଋଣ ଶୁଝିବା ଚିନ୍ତାରେ ଅଲେଖ ବିଷ ପିଇ ଆତ୍ମହତ୍ୟା କରିଥିଲେ ବୋଲି ବାପା କାଙ୍ଗାଳି ପ୍ରକାଶ କରିଛନ୍ତି। ସେହିପରି ରାଜକନିକା ବ୍ଲକ ଝରକଟା ଗ୍ରାମର ଚାଷୀ ଭଗବାନ ଦାସ ଓ ତାଙ୍କ ସ୍ତ୍ରୀ ହେମଲତା ବିଷ ପିଇ ଆତ୍ମହତ୍ୟା କରିଥିଲେ। ଭଗବାନ ନିଜର ୩୦ଡିସିମିଲ୍ ସହ ୩ଏକର ଜମିରେ ଭାଗ ଚାଷ କରିଥିଲେ। ପୋକ ଲାଗିବାରୁ ସବୁ ଚାଷ ନଷ୍ଟ ହୋଇଗଲା। ଯେଉଁଥିପାଇଁ ଉଭୟ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କଲେ ବୋଲି ମୃତକଙ୍କ ପୁଅ ସୌଭାଗ୍ୟ ପ୍ରକାଶ କରିଥିବାବେଳେ ପ୍ରଶାସନ କିନ୍ତୁ ପାରିବାରିକ କଳହରୁ ଦମ୍ପତି ଆତ୍ମହତ୍ୟା କରିଥିବା ସୂଚନା ଦେଇଛି।

## ଚାଷୀଙ୍କ ମତରେ...

### ମଜୁରି ବଢ଼ିଲା, ଧାନ ମୂଲ୍ୟ ବଢୁ



ଦୈନିକ ମଜୁରି ୨୦୦ ଟଙ୍କା ଥିବାବେଳେ ଧାନର ଉତ୍ପାଦନ ଖର୍ଚ୍ଚ କୁଇଣ୍ଟାଲ ପିଛା ୨୪୪୦ ଟଙ୍କା ବୋଲି ରାଜ୍ୟ ସରକାର ସର୍ଭେ କରିଥିଲେ। ଇତିମଧ୍ୟରେ କୃଷି ଶ୍ରମିକଙ୍କ ମଜୁରି ରାଜ୍ୟ ସରକାର ୨୮୦ ଟଙ୍କାକୁ ବୃଦ୍ଧି କରିଥିବାବେଳେ ସେହି ପରିମାଣରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୩୧୫ ଟଙ୍କା ହେବା ଆବଶ୍ୟକ। ଏନେଇ କୌଣସି ରାଜନୈତିକ ଦଳ ସ୍ୱର ଉଠାଉ ନାହାନ୍ତି। ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ସବୁ ଦଳ ଚାଷୀଙ୍କ ଉଦ୍ଦେଶ୍ୟରେ ପ୍ରହସନ ଆରମ୍ଭ କରିଛନ୍ତି। ଏଥିରେ ଚାଷୀଙ୍କର କୌଣସି ଲାଭ ହେଉ ନ ଥିବାରୁ ଆସନ୍ତା ଭୋଟରେ ଏହାର ପ୍ରତିଫଳନ ଦେଖିବାକୁ ମିଳିବ।

**– ଦାମୋଦର ପ୍ରଧାନ, ସାନବଡ଼ ଗୋପାଳପୁର, ରାଜନଗର**

### କୃଷି ଭିତ୍ତିଭୂମି ସୁଦୃଢ଼ କରିବା ଆବଶ୍ୟକ



ଆସନ୍ତା ସାଧାରଣ ନିର୍ବାଚନରେ ଚାଷୀମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ। ଏହା ସବୁ ରାଜନୈତିକ ଦଳ ଆକଳନ କରିସାରିଲେଣି। ଏଥିପାଇଁ ବିଜେଡି କୃଷକ ସେଲ୍‌କୁ ପୁନର୍ଗଠନ କରି ଚାଷୀଙ୍କ ଦୃଷ୍ଟିଆକର୍ଷଣ କରିବାକୁ ଚାହୁଁଛି। ଚାଷୀ ଆତ୍ମହତ୍ୟା ଘଟଣାରେ ପ୍ରଶାସନ ତଦନ୍ତ କରୁଛି। ହେଲେ ଏହି ମୃତ୍ୟୁକୁ ଭିନ୍ନ କାରଣ ଦର୍ଶାଯାଉଛି। ଯେଉଁ ଚାଷୀମାନେ ଆତ୍ମହତ୍ୟା କରିଛନ୍ତି ସେମାନଙ୍କ ପରିବାରର ଖୁସି ଫେରି ଆସିବା ଅସମ୍ଭବ। ଜିଲାରେ କୃଷି ଭିତ୍ତିଭୂମିକୁ ସୁଦୃଢ଼ ନ କରିବା ପର୍ଯ୍ୟନ୍ତ ଚାଷୀ ଅସନ୍ତୋଷ ଲାଗିରହିବ।

**– ସଚ୍ଚିନାଥ ବେହେରା, କେନ୍ଦ୍ରାପଡ଼ା**

### କୃଷିଋଣ ଛାଡ଼ ଦରକାର

କାଳିଆ ଯୋଜନା ମାଧ୍ୟମରେ ସରକାର କୃଷକଙ୍କ ନିକଟତର ହେବାକୁ ଚେଷ୍ଟା କରିଛି। ତେବେ କେନ୍ଦ୍ରାପଡ଼ା କୃଷକଙ୍କ ପାଇଁ ଋଣଛାଡର ଆବଶ୍ୟକତା ଅଛି। ବିଜୁ କୃଷକ ଜନତା ଦଳ ଗଠନ କରିଦେଲେ ଚାଷୀଙ୍କ କୌଣସି ପରିବର୍ତ୍ତନ ହେବନାହିଁ। ଏଥିପାଇଁ ସେମାନଙ୍କର ନିଷ୍ଠା ଓ ନିଃସ୍ୱାର୍ଥ ଭାବନା ପ୍ରଦର୍ଶିତ ହେବା ଆବଶ୍ୟକ। ଚାଷ ସହିତ ଜଡିତ ନ ଥିଲେ ଚାଷୀଙ୍କ ଦୁଃଖକୁ ଜଣେ ଅନୁଭବ କରିପାରିବ ନାହିଁ।



**– କୈଳାସ ଚନ୍ଦ୍ର ବେଉରା, ଦୁମୁକା, ମାର୍ଶାଘାଇ**

### କୃଷି ଭିତ୍ତିଭୂମି ଉପରେ ଗୁରୁତ୍ୱ ଦିଆଯାଉ



ଜଳ ପରିଚାଳନା, ବଜାରମଣ୍ଡି, ଶୀତଳ ଭଣ୍ଡାର ନିର୍ମାଣ ସମ୍ପର୍କରେ ବହୁବାର ଅଭିଯୋଗ ହେଉଛି। ଗତ ଦୁଇ ଦଶନ୍ଧି ଧରି ସରକାରରେ ବିଜେଡି ରହିଥିବା ବେଳେ ଏହି ସମସ୍ୟାର ସମାଧାନ ହୋଇପାରିଲା ନାହିଁ। ସରକାର ଜିଲାର କୃଷି ଭିତ୍ତିଭୂମି ପ୍ରତି ଗୁରୁତ୍ୱ ନ ଦେଲେ ଚାଷୀ ଓ ଚାଷ ଯୋଗୁ ଆତ୍ମହତ୍ୟା କରିଥିବା ପରିବାରର ଦୁଃଖ ଲାଘବ ହୋଇପାରିବ ନାହିଁ।

**– ଦୋଳଗୋବିନ୍ଦ ଶତପଥୀ, ଭିତରବନ୍ଧୁ, ଡେରାବିଶ**

### ଭାଗଚାଷୀ ଚିହ୍ନଟ ହୋଇପାରି ନାହାନ୍ତି



ଅଭାବୀ ବିକ୍ରି କେନ୍ଦ୍ରାପଡା ଜିଲା ଚାଷୀଙ୍କ ଭାଗ୍ୟରେ ଲେଖା ଅଛି। ଭାଗଚାଷୀ ଚିହ୍ନଟ ହୋଇ ନ ଥିବାବେଳେ ଚାଷୀଙ୍କ ପଞ୍ଜୀକରଣ ବ୍ୟବସ୍ଥା ଧାନ ବିକ୍ରିକୁ ରୋକିଛି। ଏହାର ସୁଯୋଗ ନେଉଛନ୍ତି ରାଜନେତା ଓ ଜିଲାପ୍ରଶାସନ। ଏହାର ଜ୍ୱଳନ୍ତ ଉଦାହରଣ କେନ୍ଦ୍ରାପଡ଼ା ଜିଲାରେ ଦେଖିବାକୁ ମିଳିଛି। ଆତ୍ମହତ୍ୟା କରୁଥିବା ଚାଷୀଙ୍କ ପରିବାରକୁ ଉଚିତ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ ଖୁସି ଫେରି ଆସିପାରିବ ନାହିଁ।

**– ଦିଗମ୍ବର ମିଶ୍ର, କଂସାରୀପାଟଣା, ଡେରାବିଶ**

### ସମସ୍ୟା ମଧ୍ୟରେ ଚାଷୀ ଯୁଝୁଛନ୍ତି



ବିହନ ନାହିଁ, କ୍ଷେତକୁ ପାଣି ନାହିଁ, ଋଣ ନାହିଁ, ଲୋକଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚି ପାରୁନାହିଁ। ଏଭଳି ଅନେକ ସମସ୍ୟା ମଧ୍ୟରେ ଚାଷୀ ଯୁଝୁଛନ୍ତି। ବ୍ୟାଙ୍କକୁ ଗଲେ ଚାଷୀଙ୍କୁ ଅଣଦେଖା କରାଯାଉଛି। ଜୀବନ ଧାରଣ ପାଇଁ ଚାଷୀ ପ୍ରତିବର୍ଷ ଧାର ଉଧାର କରି ଖେତ କରୁଛି। ପ୍ରାକୃତିକ ବିପର୍ଯ୍ୟୟରେ ଚାଷ କ୍ଷତି ହେଲେ ପ୍ରଶାସନିକ ବ୍ୟବସ୍ଥାରେ ଉପଯୁକ୍ତ କ୍ଷତିପୂରଣ ପାଇବାରେ ବିଳମ୍ବ ହେଉଛି। ଗତ ଫାଇଲିନଜନିତ ଚାଷ କ୍ଷତିପୂରଣ ଅଦ୍ୟାବଧି ମିଳିନାହିଁ। ଏହି ଜିଲାରେ ଚାଷ କରି ଚାଷୀ ଜୀବନ ମରଣର ଦୋଛକିରେ ଅଛନ୍ତି।

**– ବଳରାମ ସାହୁ, ଚରପଡା, ରାଜକନିକା**

### ଚାଷ ଓ ଚାଷୀଙ୍କୁ ନୂଆ ଦିଶା ଦେଖାଇବ



କେନ୍ଦ୍ରାପଡା ଜିଲାରେ କୃଷି ପାଇଁ ଭିତ୍ତିଭୂମି ଅଛି। ମାତ୍ର ଏହାର ଉଚିତ ପରିଚାଳନା ପାଇଁ ବ୍ୟବସ୍ଥା ନାହିଁ। ବିଜୁ କୃଷକ ଜନତା ଦଳ ଚାଷ ଓ ଚାଷୀଙ୍କୁ ନୂଆ ଦିଶା ଦେଖାଇବ। କୃଷି ସମସ୍ୟାକୁ ଦୃଷ୍ଟିରେ ରଖି ଓ ଧାନର ସର୍ବନିମ୍ନ ସହାୟକ ମୂଲ୍ୟର ବୃଦ୍ଧି ଲାଗି ଏହି ସଂଗଠନ ଦିଲ୍ଲୀରେ ଆନ୍ଦୋଳନ କରିଛି। କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତିକୁ ବିରୋଧ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଚାଷ ସମ୍ପର୍କିତ ଯୋଜନା ଜିଲାର କୃଷକଙ୍କ ପାଇଁ ଖୁସି ଆଣିବ ବୋଲି ଆଶା କରାଯାଉଛି।

**– କରୁଣାକର ବେହେରା, ଗୁପ୍ତି, ରାଜନଗର**

### ଜଳ ପରିଚାଳନାକୁ ଗୁରୁତ୍ୱ ଦିଆଯାଉ

କୃଷିକୁ ବୃତ୍ତି ବା ବ୍ୟବସାୟ କରି ସମ୍ମାନଜନକ ପରିଚୟ ମିଳୁ ନାହିଁ। ଯେଉଁଥିପାଇଁ ଯୁବ ଗୋଷ୍ଠୀ ଏଥିରେ ସାମିଲ ନ ହୋଇ ଦାଦନ ଶ୍ରମିକ ଭାବେ ବାହାରକୁ ଚାଲିଯାଉଛନ୍ତି। ଯେଉଁ ଜିଲାରେ ଧାନର ଅଭାବୀ ବିକ୍ରିଠାରୁ ଆରମ୍ଭ କରି ଯୋଜନା ହଡ଼ପ ଏକ ପ୍ରବୃତ୍ତି ହୋଇଛି, ସେଠାରେ କୌଣସି କୃଷକ ସେଲ୍ ଆତ୍ମହତ୍ୟା କରୁଥିବା ଚାଷୀଙ୍କ ପରିବାର ଆଖିର ଲୁହ ପୋଛି ପାରିବ ନାହିଁ।

**– ରବିନାରାୟଣ ଲେଙ୍କା, ରାଜନଗର**

### ଚାଷୀଙ୍କ ଉପକାର ଚିନ୍ତା କରାଯାଇ ନ ପାରେ



ନେତାଙ୍କୁ ଥଇଥାନ ନିମନ୍ତେ ରାଜନୈତିକ ଦଳଗୁଡ଼ିକ ବ୍ୟସ୍ତ। ଏଥିରେ ଚାଷୀଙ୍କ ଉପକାର କଥା ଚିନ୍ତା କରାଯାଇ ପାରିବ ନାହିଁ। ଏବେ ଧାନ ଅମଳ ହୋଇ ଚାଷୀ ଧାନ ବିକ୍ରି କରୁଛନ୍ତି। ସମବାୟ ସମିତିରେ ପଞ୍ଜୀକରଣ କରି ନ ଥିବାରୁ ଚାଷୀ ଓ ଭାଗଚାଷୀ ବେପାରୀଙ୍କୁ ଧାନ ବିକ୍ରି କରୁଛନ୍ତି। ଫଳରେ କୁଇଣ୍ଟାଲ ପିଛା ୧୨୦୦ ଟଙ୍କାରେ ଧାନ ବିକ୍ରି ହେଉଛି।

**– ନାରାୟଣ ସାହୁ ବେଡାରୀ, ଗରଦପୁର**

### ଧାନ କିଣାରେ ପ୍ରଶାସନର ତତ୍ପରତା ନାହିଁ



ରାଜ୍ୟ ସରକାର ଏ ସମ୍ପର୍କରେ ପ୍ରତିବର୍ଷ ତଥ୍ୟ ସଂଗ୍ରହ କରୁଥିଲେ ମଧ୍ୟ ପ୍ରତିକାର ବ୍ୟବସ୍ଥା ନାହିଁ। ଅପରପକ୍ଷରେ ରାଜ୍ୟରେ ଚାଷୀ ଆତ୍ମହତ୍ୟା ବଢ଼ି ଚାଲୁ ଥିବାବେଳେ ପ୍ରଶାସନ ଅଧିକାରୀମାନେ ଏହାର ତଦନ୍ତ କରି ଭୁଲ୍ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି। ପ୍ରାଇସ, ପ୍ରେଷ୍ଟିଜ ଓ ପେନ୍‌ସନ ଦାବିରେ ଆନ୍ଦୋଳନକୁ ଓହ୍ଲାଇଥିବା ଚାଷୀଙ୍କୁ ଭୁବନେଶ୍ୱର ମଧ୍ୟରେ ସଭା କରିବାକୁ ଦେଲେ ନାହିଁ। ଚାଷୀଙ୍କ ପ୍ରତି ସରକାରଙ୍କ ଏପରି ବ୍ୟବହାର ଭବିଷ୍ୟତରେ ମହଙ୍ଗା ପଡ଼ିପାରେ।

**– ରାଜ ମୋହନ ସ୍ୱାଇଁ, କଅଁରପୁର, ଆଳି**

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

## ଉତ୍କଳ ଜନନୀ ପୂଜନ ସଙ୍କଳ୍ପ ସମାରୋହ: ସମର୍ପିତ ହୋଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

**ଭୁବନେଶ୍ୱର, ୧୪।୧(ବ୍ୟୁରୋ)** ବନ୍ଦେ ଉତ୍କଳ ଜନନୀ ହେଉଛି ସବୁ ଓଡ଼ିଆଙ୍କ ପ୍ରିୟ ସଙ୍ଗୀତ। ଏହା କେବଳ ଏକ ସଙ୍ଗୀତ ନୁହେଁ, ୪ କୋଟି ଓଡ଼ିଆଙ୍କ ସ୍ୱାଭିମାନର ପ୍ରତୀକ। ଏଥିରେ ଉତ୍କଳ ମାତାଙ୍କ ପ୍ରତି ଭକ୍ତି ଓ ଉତ୍କଳର ବିକାଶ ପାଇଁ ଶକ୍ତି ଭରି ରହିଛି। ସବୁ ଓଡ଼ିଆ ମାଟି ମା'ଙ୍କୁ ଭଲପାଇବା ସହିତ ମା'ର ଗୌରବ ବୃଦ୍ଧି ପାଇଁ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ସୋମବାର ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ ଉତ୍କଳ ଜନନୀ ପୂଜନ ସଙ୍କଳ୍ପ ସମାରୋହରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଛାତ୍ର ଓ ଯୁବ ସମାଜ ସମର୍ପିତ ଭାବ ରଖି ଉତ୍କଳ ଜନନୀ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ଭାରତୀୟ ଡାକ ବିଭାଗ ପକ୍ଷରୁ ପ୍ରକାଶିତ ଏକ ସ୍ୱତନ୍ତ୍ର ଲଫାପା ଓ ଡାକ ଟିକଟକୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଉନ୍ମୋଚନ କରିଛନ୍ତି।

ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ପ୍ରତିଷ୍ଠାତା ତଥା ରାଜ୍ୟ ସାଧାରଣ ସମ୍ପାଦକ ଡ. କରୁଣାକର ପ୍ରଧାନ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ଏମ୍‌ପି ପ୍ରଶାନ୍ତ ନନ୍ଦ, ବିଧାୟକ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହିଅବସରରେ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତଙ୍କ ନେତୃତ୍ୱରେ ହଜାର ହଜାର ଛାତ୍ରୀଛାତ୍ର, ଗୁରୁମା, ଗୁରୁଜୀ ଓ ଅଭିଭାବକ ଏକତ୍ର ହୋଇ ସାମୁହିକ ଭାବରେ ପ୍ରଥମେ 'ବନ୍ଦେ ଉତ୍କଳ ଜନନୀ', ପରେ ମହାତ୍ମା ଗାନ୍ଧୀଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନ୍‌ତୋ' ଗାନ କରିଥିଲେ। ସମାରୋହରେ ଓଡ଼ିଶାର ପାରମ୍ପରିକ ଲୋକକଳା ତଥା ସଙ୍କୀର୍ତ୍ତନ, ଯୋଡ଼ିଶଙ୍ଖ, ଘୁମୁରା, ଦାସକାଠିଆ, ନାଗା ନୃତ୍ୟ, ପାଇକ ନୃତ୍ୟ, ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ଆଦି ଦେଖିବାକୁ ମିଳିଥିଲା।

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:–
B-19, Moti Bagh, New Delhi
7064382081
8658167603

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର



ଲୋହଡ଼ି ଧମାକା
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାରକାର୍ଡ ଚାଷ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
8126568293
8126592819
SCO- 106, Second Floor, Vishal Tower, Cannaught Place, Delhi.

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

MAHENDAR FINANCE



• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଆଣିଛୁ କମ୍ ସୁଧରେ ଋଣର ସୁବିଧା। ମାତ୍ର ୨% ସୁଧ ୩୫% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ।
(Shri Jagannath Finance Group)
ଭାରତର ନଂ.୧ କମ୍ପାନୀ
Helpline Numbers-
7497815594
9585831878
S/o Mahesh Chandra Gupta, C-281,Pratap Gali, Nanak Chand Basti, Kotla Mubarakpur, Mubarakpur, South Delhi, Delhi-110003

ନୋଭେଲ୍ଟି ଫାଇନାନ୍ସ କମ୍ପାନୀ
ଯୋଗାଉଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସମସ୍ତ ଋଣ ଘରେ ବସି ମାତ୍ର 48 ଘଣ୍ଟାରେ (ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ) ମହିଳାଙ୍କ ପାଇଁ ବିଶେଷ ରିହାତି। 1% ସୁଧ 50% ରିହାତି।
8130122601
7834906158
Dakhin Ganv, Baijnathpur, Wazirganj, Gaya - 205131

Bandhan Finance
ରୋଜଗାର ଯୋଜନା ଘରେ ବସି ଋଣ ମାତ୍ର 2 ଦିନରେ । ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ପର୍ସନାଲ, ସରକାରୀ, ଘରୋଇ ଚାକିରି ଏବଂ ସବୁ ପ୍ରକାର ଋଣ । ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ସୁଧ 1% ରିହାତି 50%
7800718597
H.No. - 249, Vill- SISWALIA Teh.- DADRI, Dist- BHIWANI

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ ।
ବି.ଦ୍ର.– ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 (Telangana)
7787907927
7787922501
9319932148
Email id- pmjansamridhi@gmail.com

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ଗୋଟିଏ ଚାକିରି, ମାଗଣା ମୋବାଇଲ, ବାଇକ୍। ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Krolbagh
Contact:- 8676907143 7050017585

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ୧୪ ଅଭିଯୋଗ ଶୁଣିଲେ ଜିଲାପାଳ

ଖଇରପୁଟ,୧୪।୧(ଡି.ଏନ୍.ଏ.)- ମାଲକାନଗିରି ଜିଲା ଖଇରପୁଟ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳ ମନୀଷ ଅଗ୍ରୱାଲ ଅଭିଯୋଗ ଶୁଣାଣି କରିଛନ୍ତି। ଏହି ଶିବିରରେ ଆସିଥିବା ୧୪ଟି ଅଭିଯୋଗର ଶୁଣାଣି ଜିଲାପାଳ କରିଥିଲେ। ସେଥିରୁ ୧୦ଟି ସାମୁହିକ ଅଭିଯୋଗ ଥିବା ବେଳେ ୪ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। କଦମଗୁଡା ପଞ୍ଚାୟତର ଚପଲପଡା ଗ୍ରାମକୁ ରାସ୍ତା ନ ଥିବା ବେଳେ କୋକାବାହାଲ ଗ୍ରାମରେ ଟ୍ରାନ୍ସଫର୍ମର ୪ମାସ ହେଲା ପୋଡି ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ସେହିପରି ମାଡକାପଦର ପଞ୍ଚାୟତ ଟାଙ୍ଗିନିଗୋଦନା ଗ୍ରାମ ରାସ୍ତା ଗତ ବର୍ଷାରେ ଧୋଇ ହୋଇଯାଇ ନଷ୍ଟ ହୋଇଯାଇଛି। ସେହିପରି ନାଳରେ ପୋଲ ନ ଥିବାରୁ ଗ୍ରାମବାସୀ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିଲେ। ଏ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶୁଣାଣିରେ ବାଲିମେଳା ଏସଡିପିଓ ମାନସ ରଞ୍ଜନ ବାରିକ, ବିଡିଓ ବିଶ୍ୱଜିତ୍ ବର୍ମନ,ଅତିରିକ୍ତ ତହସିଲଦାର ଅଶ୍ୱିନୀ ମହାପାତ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ସଂରକ୍ଷିତ ହେଉ ନଦୀ ବାଲି

ମାଥିଲି , ୧୪।୧ (ସ୍ୱ.ପ୍ର) - ପାଙ୍ଗାମ ନଦୀର ବାଲିକୁ ଲିଜ ଆକାରରେ ହସ୍ତାନ୍ତର କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ପାଙ୍ଗାମ ନଦୀ ବାଲି ସଂରକ୍ଷିତ ରଖିବାକୁ ପଞ୍ଚାୟତ ପକ୍ଷରୁ ଦାବି ହୋଇଛି । ବାଲିକୁ ଲିଜରେ ଅନ୍ୟକୁ ହସ୍ତାନ୍ତର କରାଗଲେ ପାଙ୍ଗାମ ପଞ୍ଚାୟତବାସୀ ଅସୁବିଧାର ସମ୍ମୁଖୀନ ହେବେ । ବାଲି ଲିଜ୍ ନେଇଗଲେ ସ୍ଥାନୀୟ ବାସିନ୍ଦା ବାଲି ପାଇବାରେ ଅସୁବିଧା ଭୋଗିବେ ବୋଲି ତହସିଲଦାର ମାଘବାନ ବାଗ ଓ ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ସରପଞ୍ଚ ଉଜ୍ଜ୍ୱଳା ପେରେମା ଜଣାଇଛନ୍ତି।

### ଆତ୍ମସୁରକ୍ଷା କୌଶଳ ଶିବିର ଉଦ୍‌ଯାପିତ

କୁଡୁମୁଲଗୁମ୍ମା,୧୪।୧(ଡି.ଏନ.ଏ.)- ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମାସ୍ଥିତ ଡାରଉଇନ ମେମୋରିଆଲ ଡିଗ୍ରୀ କଲେଜରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ନେଇ ଚାଲିଥିବା ୧୨ ଦିନିଆ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷା ମଧୁମିତା ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି ଶିବିରର ଉଦ୍‌ଯାପନୀ ଉତ୍ସବରେ ପରିଚାଳନା କମିଟି ସଦସ୍ୟଭଗବାନ ସାହୁ,ସମାଜସେବୀ ଦିବାକର ସୁନା ଅତିଥି ରୂପେ ଯୋଗ ଦେଇଥିଲେ।

# ଭୂତଳ ଜଳ ସଂରକ୍ଷଣ ନ କଲେ ଜିଲା ମରୁଭୂମି ହେବ: ନାବାର୍ଡ

ମାଲକାନଗିରି,୧୪।୧ (ଡି.ଏନ.ଏ.)



ଭୂତଳ ଜଳ ସଂରକ୍ଷଣ ନେଇ ଅତିଥିମାନେ ରିପୋର୍ଟ ଉପସ୍ଥାପନ କରୁଛନ୍ତି ।

- ୧୩ ଶହ କୋଟି ଟଙ୍କାର ଯୋଜନା ପ୍ରସ୍ତୁତ
- ୨ଶହ ଫୁଟ ତଳେ ରହିଛି ପଥର ଚଟାଣ
- ପଥର ଚଟାଣ ନ ଥିବା ପୋଖରୀର ହେବ ପୁନରୁଦ୍ଧାର

ସମ୍ପ୍ରତି ବିଶ୍ୱରେ ପରିବେଶ ପଦୁଷଣ ଓ ଭୂତଳ ଜଳ ହ୍ରାସ ପାଇ ଚାଲିଛି। ଏନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ଯେଉଁ ସବୁ ଅଞ୍ଚଳରେ ଭୂତଳ ଜଳ ଖସୁଛି ସେହି ଅଞ୍ଚଳରେ ଭୂତଳ ଜଳ ସଂରକ୍ଷଣ ପାଇଁ ପଦକ୍ଷେପ ନିଆଯିବ । ଭୂତଳ ଜଳ ସଂରକ୍ଷଣ କରା ନ ଗଲେ ଆଗାମୀ ଦିନରେ ଓଡିଶାରେ ୧୫ଟି ଜିଲା ମରୁଭୂମିରେ ପରିଣତ ହେବ ବୋଲି ବୈଜ୍ଞାନିକମାନେ ସତର୍କ କରାଇଛନ୍ତି। ସୋମବାର ଡିଆରଡିଏ ସମ୍ମିଳନୀ କକ୍ଷରେ ନାବାର୍ଡର ଜିଲା ଉନ୍ନୟନ ଅଧିକାରୀ ସୁବାଷ ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏହି ମତ ପ୍ରକାଶ ପାଇଛି। ବୈଠକରେ ବିଧାୟକ ମାନସ ମାଡକାମି, ଜିଲା ପରିଷଦ ଅଧକ୍ଷ ଦଶରଥ ପଡିଆମି, ପିଡି ଲିଙ୍ଗରାଜ ପଣ୍ଡା, ଷ୍ଟେଟ୍‌ବ୍ୟାଙ୍କର ମୁଖ୍ୟ ପରିଚାଳକ ନିହାର ରନ ମହାନ୍ତି, ସମସ୍ତ ବ୍ୟାଙ୍କର ପରିଚାଳକ, କୃଷି, ମଧ୍ୟମ ଜଳସେଚନ ବିଭାଗ ଯନ୍ତ୍ରୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ଅଞ୍ଚଳର ସରପଞ୍ଚ, ସମିତିସଭ୍ୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଉପସ୍ଥିତ ଥିଲେ । ବୈଜ୍ଞାନିକମାନେ ୨୦୧୭ରେ ଓଡିଶାରେ ଭୂତଳ ଜଳ ସମ୍ପର୍କିତ ସର୍ଭେ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ଅନୁଯାୟୀ ଓଡିଶାରେ ୧୫ଟି ଜିଲା ମଧ୍ୟରୁ ମାଲକାନଗିରି ଜିଲା ମଧ ଆସନ୍ତା ୧୫ ବର୍ଷ ମଧ୍ୟରେ ଭୂତଳ ଜଳକଷ୍ଟ ଭୋଗିବ । ଏନେଇ ମରୁଭୂମି ପରିସ୍ଥିତି ସୃଷ୍ଟି ହେବ। ମାଲକାନଗିରି ଜିଲା ଏଥିରୁ ରକ୍ଷା ପାଇବା ଲାଗି ଭୂତଳ ଜଳକୁ କିପରି ସଂରକ୍ଷଣ କରାଯାଇପାରିବ ଗୁରୁତ୍ୱାରୋପ କରାଯାଇଥିଲା। ଏଥିପାଇଁ ନାବାର୍ଡ ସହାୟତାରେ ସରକାର ୧୩ ଶହ କୋଟି ଟଙ୍କାର ଏକ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଅର୍ଥ ରାଜ୍ୟ ସରକାର ୮୦ ପ୍ରତିଶତ ଦେଇଥିବା ବେଳେ ନାବାର୍ଡ ୨୦ ପ୍ରତିଶତ ଦେଇଛି । ମାଲକାନଗିରି ଜିଲାରେ ୨ଶହ ଫୁଟ ତଳେ ପଥର ଚଟାଣ ରହିଥିବାରୁ ଏହି ଜଳ ସଂରକ୍ଷଣ ହୋଇ ନ ପାରି ତଳୁଆ ଅଞ୍ଚଳକୁ ଭୂତଳ ମାଧ୍ୟମରେ ଯିବା ସହ ବର୍ଷା ଜଳ ନଦୀ ନାଳରେ ପ୍ରବାହିତ ହୋଇ ସମୁଦ୍ରରେ ମିଶି ଯାଉଛି । ଏହି ନଦୀ ଝରଣା ଜଳ ସହ ବର୍ଷା ଜଳ କିପରି ଭୂତଳରେ ସଂରକ୍ଷଣ କରାଯିବ ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ବିଶେଷ କରି ଯେଉଁ ପୋଖରୀଗୁଡିକରେ ପଥର ଚଟାଣ ନଥିବ ସେହି ସବୁ ପୋଖରୀଗୁଡିକ ପୁନଃରୁଦ୍ଧାର କରାଯାଇ ଗଭୀର କରାଯିବା ସହ ଭୂତଳ ଜଳକୁ ସଂରକ୍ଷଣ କରାଯିବାକୁ ମତ ପ୍ରକାଶ ପାଇଥିଲା। ଏକ୍ଷେତ୍ରରେ ସ୍ଥାନ ଚିହ୍ନଟ ପାଇଁ କେନ୍ଦ୍ର ସରକାରଙ୍କ ଜିଓଲୋଜିକାଲ ବିଭାଗ ସର୍ଭେ କରି ଚୁଡା' ସ୍ଥାନ ନିରୂପଣ ତଥ୍ୟ ଦେଲେ ତାହାକୁ କାର୍ଯ୍ୟକାରୀ କରାଯିବ । ପିଡି ପଣ୍ଡା କହିଥିଲେ ଯେ, ଭୂତଳ ଜଳସ୍ତର ନେଇ ପ୍ରଶାସନିକ ସ୍ତରରେ ଆଲୋଚନା ହୋଇଛି। ଏଥିସହ ଜଡିତ ବିଭିନ୍ନ ବିଭାଗ ନିଜ କାର୍ଯ୍ୟ ହାତକୁ ନେଇ କାର୍ଯ୍ୟକାରୀ କଲେ ଜିଲାରେ ପାନୀୟ ଜଳ ବ୍ୟବହାର ଦ୍ୱାରା ଯେଉଁ କ୍ୟାନ୍‌ସର, କିଡ୍‌ନି ରୋଗ ହେଉଥିଲା ତାହାକୁ ରୋକା ଯାଇ ପାରିବ ।



ଅସହାୟ ମହିଳାଙ୍କ ଚିକିତ୍ସା ସମ୍ପର୍କରେ ବିଡିଓ ପଚାରି ବୁଝୁଛନ୍ତି ।

# ଅସହାୟ ମହିଳା ଉଦ୍ଧାର

ଗୋବିନ୍ଦପାଲ୍ଲୀ, ୧୪।୧

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋବିନ୍ଦପାଲ୍ଲୀର ସପ୍ତଧାରା ନିକଟରେ ଜଣେ ଅସହାୟ ମହିଳା ଦୀର୍ଘଦିନ ଧରି ପଡିରହିଥିଲେ। କେହି ତାଙ୍କୁ ସହାୟତାର ହାତ ବଢାଉ ନ ଥିଲେ । ବିଡିଓ ବିଶ୍ୱଜିତ ବର୍ମନ ଏହା ଜାଣିବା ପରେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଚିକିତ୍ସା ଲାଗି ଭର୍ତ୍ତି କରିଛନ୍ତି। ଖବରରୁ ଜଣାପଡିଛି , ସମ୍ପୃକ୍ତା ମହିଳାଙ୍କ ଘର ମାଲକାନଗିରି ବ୍ଲକର ପାଣ୍ଡ୍ରିପାଣି ପଞ୍ଚାୟତ ସେରପାଲ୍ଲୀ ଗ୍ରାମରେ । ତାଙ୍କ ନାମ ସିଦ୍ଧି କୋଡେ। ତାଙ୍କ ସ୍ୱାମୀ କୌଣସି ଏକ ମାମଲାରେ ଜେଲରେ ଅଛନ୍ତି। ତେବେ ତାଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ପ୍ରଶାସନ ବହନ କରିବ। ତାଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରାଯାଉଛି । ସିଦ୍ଧିଙ୍କ ମାନସିକ ବିକୃତି ଅଛି ନା ସେ ଘରୁ ରାଗି ଚାଲି ଆସିଛନ୍ତି ତାହା ଅନୁଧ୍ୟାନ କରାଯାଉଛି ବୋଲି ବିଡିଓ କହିଛନ୍ତି। ଇତି ମଧ୍ୟରେ ସ୍ଥାନୀୟ ଲୋକେ ସିଦ୍ଧିଙ୍କୁ କମ୍ବଳ ପ୍ରଦାନ କରିଛନ୍ତି। ବିଡିଓ ବର୍ମନଙ୍କ ଏପରି କାର୍ଯ୍ୟ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ନୌଚାଳନା ପ୍ରତିଯୋଗିତାର କୃତୀ ଦିବ୍ୟାଙ୍ଗ ସମ୍ମାନିତ

ମାଲକାନଗିରି,୧୪।୧ (ଡି.ଏନ.ଏ.)– ମାଲକାନଗିରି ଜିଲାରେ ଦୀର୍ଘ ୧୪ ବର୍ଷ ହେଲା ପାଳିତ ହୋଇ ଆସୁଛି ଗଣପର୍ବ ମାଲ୍ୟବନ୍ତ ମହୋତ୍ସବ। ଚଳିତବର୍ଷର ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। । ତେବେ ଏହି ଅବସରରେ ସତୀଗୁଡା ଜଳଭଣ୍ଡାରରେ ମତ୍ସ୍ୟଜୀବୀଙ୍କୁ ନେଇ ହୋଇଥିବା ନୌକା ଚାଳନା ପ୍ରତିଯୋଗିତା । ଏଥିରେ ୮ଟି ଦଳ ଭାଗ ନେଇଥିଲେ। ସୋରିଷମାଳ ଏ ଓ ବି ଦଳ ପ୍ରଥମ ଓ ଦ୍ୱିତୀୟ ଏବଂ ମସା ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ । ମସା ଦଳର ଅଧିନାୟକ ଗଙ୍ଗା ମାଡକାମି ଜଣେ ଦିବ୍ୟାଙ୍ଗ। ସେ ପିଲାଦିନୁ ୨ ହାତ ଏବଂ ୨ ଆଣ୍ଠୁରେ ଭରା ଦେଇ ଚାଲନ୍ତି। ମାତ୍ର ନୌକା ଚାଳନାରେ ତାଙ୍କର ଚିତାକର୍ଷକ ନୌକାଚାଳନା ସମସ୍ତଙ୍କୁ ମୁଗ୍ଧ କରିଥିଲା। ରବିବାର ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମାଲ୍ୟବନ୍ତ ମଣ୍ଡପରେ ଜିଲା ପ୍ରଶାସନ ପକ୍ଷରୁ ଗଙ୍ଗାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଛି। ତାଙ୍କୁ ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମନୀଷ ଅଗ୍ରୱାଲ, ପି.ଡି.ଲିଙ୍ଗରାଜ ପଣ୍ଡା, ଡିଏଫଓ ମିରାଶ ଦେବଦାସ, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ବ୍ଲକ ଅଧକ୍ଷ ଅକ୍ଷୟ ନାୟକ, ବାଲିମେଳା ମ୍ୟୁନିସିପାଲ୍‌ଟି ଅଧକ୍ଷା ଲକ୍ଷ୍ମୀ ପାଙ୍ଗି, ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଗୁଣନିଧି ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ଜଣେ ଦିବ୍ୟାଙ୍ଗ ନୌକା ଚାଳକଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।

# ଗ୍ରାମାଞ୍ଚଳସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ

କୋରକୋଣ୍ଡା/ବାଲିମେଳା, ୧୪।୧ (ଡି.ଏନ୍.ଏ.)



ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ପବିତ୍ର ମକର ସଂକ୍ରାନ୍ତି ଅବସରରେ କୋରକୋଣ୍ଡା ବ୍ଲକ ଅନ୍ତର୍ଗତ ପୁରୁଣା ଚିତାପାରି ହନୁମାନ ମନ୍ଦିର ପ୍ରାଙ୍ଗଣରେ ଗ୍ରାମାଞ୍ଚଳସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ତାର୍ଲାକୋଟା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କରୁଣାକର ମଲ୍ଲିକ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ସେମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା । ତାର୍ଲାକୋଟା ସରପଞ୍ଚ ସୋମନାଥ ବାର୍ସେ, ପୋଟେଲ ସରପଞ୍ଚ ଭୀମା ବାର୍ସେ, ଜିଲା ଶିକ୍ଷକ ସଂଘ ସମ୍ପାଦକ ରମେଶ ସ୍ୱାଇଁ, ଜଳ ବିଦ୍ୟୁତ୍ କେନ୍ଦ୍ରର ବି. ରାଉତ, ପୁରୁଣା ଚିତାପାରି ପ୍ରକଳ୍ପ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ପାଢ଼ୀ, ଉସଡାପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀ ପଣ୍ଡା, ଚିତ୍ତ ପ୍ରଧାନ, ରାମଚନ୍ଦ୍ର ଖେମୁଣ୍ଡୁ, ଦେବା ପଡିଆମି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୨୦ଟି ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଜୟ ପାଢୀ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଆଦିବାସୀ ପିଲାଙ୍କୁ ବିଦ୍ୟାଳୟ ଶିକ୍ଷା ପ୍ରତି ଆକର୍ଷଣ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ।

ଧୂମ ମଚେଇବା ପାଇଁ ଆସିଗଲା
ବ୍ୟବହାର କରିବା ମାତ୍ରେ ହିଁ ପ୍ରଭାବ ଆରମ୍ଭ
କାମ ନ କଲେ ଅର୍ଥ ଫେରସ୍ତ
HERBAL CARE
Love Square Capsules
କ୍ୟାପସୁଲ ସହିତ ଇନ୍ଦ୍ରୀୟ ବର୍ଦ୍ଧକ ଯନ୍ତ୍ର ମାଗଣା
ଏହି କ୍ୟାପ୍‌ସୁଲ ନିୟମିତ ସେବନଦ୍ୱାରା ଉର୍ଯ୍ୟା ବଢିବା ସହିତ ସହବାସରେ ଉତ୍ସାହ ମଧ ବଢିଥାଏ । ସ୍ୱପ୍ନଦୋଷ, ଶିଘ୍ର ପତନ, ଉତ୍ତେଜନାର ଅଭାବ, ନପୁଂସକତା, ଇନ୍ଦ୍ରୀୟର ପତଳାପଣ, ତଥା ଦୁର୍ବଳତା ଦୂର କରିବା ସହ ସମୟକୁ ବଢାଇଥାଏ ।
(ସୌଖିନ ଲୋକ ବି ଥରେ ନିଶ୍ଚୟ ବ୍ୟବହାର କରନ୍ତୁ)
HERBAL CARE
Mob : 7462930397 8227874192

# ଛାତ୍ରୀଛାତ୍ରଙ୍କ ସଂରକ୍ଷିତ ଜଙ୍ଗଲ ପରିଦର୍ଶନ

ମାଲକାନଗିରି,୧୪।୧(ଡି.ଏନ.ଏ.)



ଛାତ୍ରୀଛାତ୍ରମାନେ ସଂରକ୍ଷିତ ଜଙ୍ଗଲ ପରିଦର୍ଶନ କରୁଛନ୍ତି ।

ମାଲକାନଗିରି ଜିଲାରେ ଥିବା ପ୍ରାକୃତିକ ଜଙ୍ଗଲରେ ରହିଥିବା ବିଭିନ୍ନ ପ୍ରକାର ବୃକ୍ଷରାଜି ସହ ଔଷଧୀୟ ଚେରମୂଳି ଓ ଫୁଲଫଳ ବୃକ୍ଷଲତାକୁ କ୍ରମେ ଲୋପ ପାଇବାରେ ଲାଗିଛି। ବର୍ତ୍ତମାନର ପିଢି ସେହି ବୃକ୍ଷରାଜିକୁ ଚିହ୍ନିପାରୁନାହାନ୍ତି। ଛାତ୍ରଛାତ୍ରୀମାନେ କିପରି ଏହି ବୃକ୍ଷରାଜି ସବୁ ଚିହ୍ନିବା ସହ ଔଷଧୀୟ ବୃକ୍ଷ ସମ୍ପର୍କରେ ଜ୍ଞାନ ଆହରଣ କରିବେ ସେ ନେଇ ଏମ.ଭି-୧୫ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସତୀଗୁଡାସ୍ଥିତ ଇକୋ ପାର୍କକୁ ଲାଗି ରହିଥିବା ସଂରକ୍ଷିତ ଜଙ୍ଗଲ ସୋମବାର ପରିଦର୍ଶନ କରିଥିଲେ। ସେହି ସବୁ ଜଙ୍ଗଲରେ ଥିବା ବାଉଁଶ ସହ ଅନ୍ୟାନ୍ୟ ବୃକ୍ଷ ସବୁ ଚିହ୍ନିଥିଲେ। ଔଷଧୀୟ ବୃକ୍ଷଲତା ସମ୍ବନ୍ଧରେ ଜ୍ଞାନ ଆହରଣ କରି କେଉଁ ରୋଗରେ ତାହା ବ୍ୟବହାର ହୁଏ ତାହା ଶିଖିଥିଲେ। ବିଶେଷ କରି ଛାତ୍ରୀଛାତ୍ରୀମାନେ ବ୍ୟବହାର କରୁଥିବା କାଗଜ କିପରି ବାଉଁଶରୁ ପ୍ରସ୍ତୁତି ହେଉଛି ସେ ସମ୍ପର୍କରେ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସାଧନା ମଣ୍ଡଳଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

## ■ ଆନ୍ଧ୍ର କାମକୁ ଯାଇ ଅଣ୍ଟା ଭାଙ୍ଗିଯିବା ଘଟଣା

# ପ୍ରଶାସନର ନଜର ଆଢୁଆଳରେ ଅସହାୟ ଶ୍ରମିକ

ମାଥିଲି, ୧୪।୧ (ସ୍ୱ.ପ୍ର)



ଅସହାୟ ଅବସ୍ଥାରେ ଶଯ୍ୟାଶାୟୀ ହୋଇପଡିଥିବା ସୋମନାଥ।

- ରାଜପୁଷ୍ପା କମ୍ପାନୀରେ କାମ କରୁଥିଲେ
- ଚିକିତ୍ସା ପାଇଁ ସିଡିଏମ୍‌ଓଙ୍କ ସହ ଆଲୋଚନା

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ନାୟକଗୁଡା ପଞ୍ଚାୟତ ଅଧୀନ ଖଇରାପାଲି ଗ୍ରାମର ଶ୍ରମିକ ସୋମନାଥ କପେ ଆନ୍ଧ୍ରକୁ କାମ କରିବାକୁ ଯାଇ ଅଣ୍ଟା ଭାଙ୍ଗିଯିବା ଘଟଣାରେ ବର୍ଷେ ବିତିଯାଇଛି । ଏନେଇ ଜିଲା କିମ୍ବା ବ୍ଲକ ପ୍ରଶାସନର ନଜର ତାଙ୍କ ଉପରେ ପଡିନାହିଁ। ଦୁଃଖ ଦୁର୍ଦ୍ଦଶାରେ ଦୀର୍ଘ ବର୍ଷେ ହେବ ଅସହାୟ ଅବସ୍ଥାରେ ସେ ଘରେ ପଡି ରହିଛନ୍ତି । ଆବଶ୍ୟକ ଅର୍ଥ ନ ଥିବାରୁ ଉଚ୍ଚ ଚିକିତ୍ସା ପରିବାର ଲୋକେ କରିପାରୁନାହାନ୍ତି । ସୋମନାଥ କାମ କରୁଥିବା ସମୟରେ ହଠାତ୍ ମେଶିନ କ୍ରେଙ୍ଗ ତଳକୁ ଖସି ପଡିବାରୁ ତାଙ୍କ ଅଣ୍ଟାରେ ପଡି ଅଣ୍ଟା ଭାଙ୍ଗି ଯାଇଥିଲା। କମ୍ପାନୀ ଏହା ଜାଣି ମଧ କୌଣସି ସହଯୋଗ ନ କରି ହାତ ଟେକିଦେଇଛି । ସୋମନାଥଙ୍କ ସମ୍ପର୍କରେ ଖବରପାଇ ମାଲକାନଗିରିର ଯୁବନେତା ବଂଶୀଧର ମୁଦୁଲି ଖଇରାପାଲି ଗାଁକୁ ଆସି ସୋମନାଥଙ୍କୁ ଦେଖି ତାଙ୍କ ଚିକିତ୍ସା ପାଇଁ ସିଡିଏମ୍‌ଓଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି । ବଂଶୀଧରଙ୍କ ସହିତ ନବୀନ ସେନାର ସମ୍ପାଦକ ଲୋକନାଥ ସାହୁ, ସୁଶାନ୍ତ ଦାସ, ରଘୁନାଥ ମାଚୁର, ଅରବିନ୍ଦ ନାୟକ, ବେଣୁଧର ନାଗ, ସନ୍ତୋଷ ମହାରଣା ପ୍ରମୁଖ ଖଇରାପାଲି ଯାଇଥିଲେ। ସେମାନଙ୍କ ପ୍ରତିଶ୍ରୁତି ପରେ ପରିବାର ଲୋକେ ଆଶାବାଦୀ ହୋଇପଡିଛନ୍ତି । ସୂଚନାଯୋଗ୍ୟ ଯେ, ଗତବର୍ଷ ସୋମନାଥ ହାଇଦ୍ରାବାଦସ୍ଥିତ ରାଜପୁଷ୍ପା କମ୍ପାନୀକୁ କାମ କରିବାକୁ ଯାଇଥିଲେ । ସେ ନାନାକାରମସ୍ଥିତ ଏସଆର କମ୍ପାନୀରେ ଜଣେ ଠିକାଦାରଙ୍କ ଅଧୀନରେ ଶ୍ରମିକ ରୂପେ କାମ କରୁଥିଲେ । ବକେଟରୁ ଜିନିଷ ବାହାର କରିବାବେଳେ ମେଶିନ କ୍ରେଙ୍ଗ ଖସି ପଡି ସୋମନାଥଙ୍କ ଅଣ୍ଟା ଉପରେ ପଡିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଏକ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଅଧିକ ଅର୍ଥ ଖର୍ଚ୍ଚ ହୋଇଯିବ ବୋଲି ତାଙ୍କୁ କମ୍ପାନୀ ନିଜ ଗାଁରେ ଆଣି ଛାଡି ଦେଇଥିଲା । ଅସହାୟ ଅବସ୍ଥାରେ ପ୍ରଥମେ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଦେଶୀ ଚିକିତ୍ସାକୁ ଆପଣାଇଥିଲେ ସେ। ଅର୍ଥାଭାବରୁ ଅନ୍ୟ ସ୍ଥାନକୁ ଚିକିତ୍ସା ପାଇଁ ଯାଇ ନ ପାରି ଘରେ ଶଯ୍ୟାଶାୟୀ ହୋଇପଡିଛନ୍ତି । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସୋମନାଥଙ୍କ ସ୍ତ୍ରୀ ରାଜମଣୀ କପେ ଅନୁରୋଧ କରିଛନ୍ତି ।

CLASSIFIED DISPLAY

TRISAKHA GREEN
(FARM HOUSE PLOTS)
On Bhubaneswar-Puri Road Near Mangalpur NH 316
- Well Developed Homestead Plot.
- For Future Investment Purpose.
- Entire Project is Electrifield.
- Bank Finance is also available.
- Reasonable Price.
- First Possession then Registration.
Rs. 190/- Per Sq. ft
Mob: 7326837199, 9861747353

BEFORE AFTER
RHINOPLASTY
FOR ALL YOUR QUERIES : 9238008828
LASER & COSMETIC SURGERY CLINIC
ASHWINI HOSPITAL
SEC.-1, CDA, CUTTACK,

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ପରିଣତ କରୁଥିବା ୭ ଦୈବୀଶକ୍ତି ଓ କଳା ବିଦ୍ୟାରେ ନିପୁଣ
୩ ଘଣ୍ଟାରେ ୧୦୦% ଗ୍ୟାରେଣ୍ଟି ସହ ସମାଧାନ
ଯଦି ଆପଣ କୌଣସି ସମସ୍ୟା କାରଣରୁ ଚିନ୍ତିତ ତେବେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରନ୍ତୁ
ପ୍ରେମବିବାହ, ବିବାହରେ ବାଧା, ଗୃହକ୍ଳେଶ, ସଉତୁଣୀ ଓ ଶତ୍ରୁ ମୁକ୍ତି, ବ୍ୟବସାୟରେ ବନ୍ଧନକୁ ଖୋଲାନ୍ତୁ, ପୋତା ଧନ, ଜୁଆ-ସଟ୍ଟା, ଭୂତ-ପ୍ରେତ, ଯାଦୁ-ଟୋନା, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ମନ ଚାହୁଁଥିବା ପ୍ରେମ, ରୋଗରେ ଔଷଧ କାମ ନ କରିବା, ପୁରୁଣା ଯନ୍ତ୍ରଣା, ବିଦେଶ ଯାତ୍ରା, ପିଲାମାନଙ୍କ ସମସ୍ୟା, କୋର୍ଟ କେସ୍, ଫିଲ୍ମ, ମଡେଲିଂ କ୍ୟାରିୟର୍‌ରେ ସଫଳତା।
ବଶୀକରଣ ତନ୍ତ୍ର-ମନ୍ତ୍ର ସଉତୁଣୀ ଓ ଶତ୍ରୁ ମୁଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା କେହି ବାହାର ଲୋକ, ଶ୍ୱଶୁର ଘର ଲୋକେ ହଇରାଣ କରୁଛନ୍ତି କି?
ସ୍ପେ. ବଶୀକରଣ, ମୁଠକରଣୀ ଓ କଳାଯାଦୁ
ବାବା ଆଲାଉଦ୍ଦିନ ବଙ୍ଗାଲି
ରେଳ ଷ୍ଟେସନ ନିକଟ
9654724520 9990987786

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି ?
9810599425 9971793786

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable

ଯଦି ସମାଧାନ ଅଛି, ତେବେ ଚିନ୍ତା କାହିଁକି ?
ଜୟ ସାଇ ରାମ
ସମସ୍ୟା ଆପଣଙ୍କ ହେବ, ସମାଧାନ ଆମେ କରିବୁ....
ତାନ୍ତ୍ରିକ ଜ୍ୟୋତିଷ ବାରୟାର ବାବା ଜାହିର ଖାନ୍ କେବଳ ଗୋଟିଏ ଥର
ॐ साईं नमः
କଳା ଓ ଖରାପ ଆତ୍ମାର ବେତାଜ ବାଦ୍‌ଶାହ
ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଘରେବସି ଗୋଟିଏ କଲ୍‌ରେ ହିଁ ସମାଧାନ
ବଶୀକରଣ, ପ୍ରେମବିବାହ, ସଉତୁଣୀ ଓ ଶତ୍ରୁଠାରୁ ମୁକ୍ତି , ପୋତା ଧନ, ବ୍ୟବସାୟରେ ବାଧା, ଶୁଭ ଯାତ୍ରା, ଗୃହକ୍ଳେଶ, କଳା ଯାଦୁ, କରି କରାଉଥିବା, ପିଲା ନହେବା, ବନ୍ଧ୍ୟା ଦୋଷ
ଫିସ୍ ନୁହ ପୁରସ୍କାର ନେବି । ସମସ୍ୟା ନୁହଁ ସମାଧାନ ଦେବି
ସାକ୍ଷାତ କରନ୍ତୁ କିମ୍ବା ଫୋନ୍ କରନ୍ତୁ
ବଶୀକରଣ ସ୍ପେ. ମୁଠୀକରଣୀ
ବାବା ଜାହିର ଖାନ୍ ବରମୁଣ୍ଡା ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର
ନୋଟ୍ - ପ୍ରେମରେ ଧୋକା ଖାଇଥିବା ପୁଅ ଓ ଝିଅ ନିହାତି ଫୋନ୍ କରନ୍ତୁ
7557475200 7065574718

## ସଂକ୍ଷେପରେ

### ବାହିନୀପତି ଅସୁସ୍ଥ



ଜୟପୁର, ୧୪।୧ (ଡି.ଏନ.ଏ)- କୋରାପୁଟ ଜିଲା ଜୟପୁର ବିଧାୟକ ତଥା ବିଧାନସଭା ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତିଙ୍କ ପରିସ୍ରାଜନିତ ଇନ୍‌ଫେକଶନ ଯୋଗୁ ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଚିକିତ୍ସା ପରେ ତାଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଗତ ଦୁଇଦିନ ତଳେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

### ସରକାରୀ ହାଇସ୍କୁଲ ନୂତନ ପରିଚାଳନା କମିଟି କର୍ମକର୍ତ୍ତା ଚୟନ

ପଟ୍ଟାଙ୍ଗି,୧୪।୧(ଡି.ଏନ.ଏ)-କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ଲବଙ୍ଗ ଲତା ବାରିକଙ୍କ ଆହ୍ୱାନ କ୍ରମେ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଛି।
ଛାତ୍ରୀଛାତ୍ରଙ୍କ ଶୃଙ୍ଖଳା ଜ୍ଞାନ ସହିତ ବିଦ୍ୟାଳୟକୁ ସେମାନେ କିପରି ନିୟମିତ ଆସିବା ସେ ସମ୍ପର୍କରେ ଆଲୋଚନା ହୋଇଛି। ଏଥିପ୍ରତି ଅଭିଭାବକମାନେ ଧ୍ୟାନ ଦେବାକୁ ପଡିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ବାରିକ ମତବ୍ୟକ୍ତ କରିଛନ୍ତି।
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁଯାୟୀ ଗତ ନଭେମ୍ବର ୧ରୁ ଏକ୍ସ ବୋର୍ଡ ବିଦ୍ୟାଳୟ ସରକାରୀ ଉଚ୍ଚ ବିଦ୍ୟାଳୟ ସହିତ ମିଶ୍ରିତ ହୋଇଥିବା ପ୍ରଧାନଶିକ୍ଷୟିତ୍ରୀ ସୂଚନା ଦେଇଛନ୍ତି। ଯାହାଫଳରେ ଦୁଇ ବିଦ୍ୟାଳୟ କୁନେଇ ପୁନର୍ବାର ବିଦ୍ୟାଳୟ ପରିଚାଳନା କମିଟି ଗଠନ କରିବା ନିମନ୍ତେ ସେ ଉପସ୍ଥିତ ଅଭିଭାବକଙ୍କୁ ପ୍ରସ୍ତାବ ଦେଇଛନ୍ତି।
ଅଭିଭାବକମାନେ ବରିଷ୍ଠ ନାଗରିକ ନୃସିଂହନାଥ ବେହେରାଙ୍କୁ ସଭାପତିଭାବେ ମନୋନୀତ କରିବା ସହ ପ୍ରଧାନଶିକ୍ଷୟିତ୍ରୀଙ୍କୁ କମିଟି ସମ୍ପାଦକ, ପ୍ରତିନିଧି ପ୍ରକାଶ ଚନ୍ଦ୍ର ପଣ୍ଡା, ସଦସ୍ୟ ରୂପେ ସୁଜାତା ଖରା , ଗାଙ୍ଗୁ ଖିଲ , ପୂର୍ଣ୍ଣିମା ଖରା , ଶକୁନ୍ତଳା ଖରା , ରୁକ୍ମଣୀ ଦୋରା , ରାଜୁ ଖରା , ରାଉତ ଆଡ଼କାଟିଆ , ଆଞ୍ଜେଲ ବାଙ୍କା , ଲକ୍ଷ୍ମଣ ଚିକୁଡୁ , ପୂର୍ଣ୍ଣିମା ଖରା , ସମୁଲୁ ସିଙ୍ଗରାପ , ଅଙ୍ଗନୱାଡ଼ି କର୍ମୀ ମଞ୍ଜୁଳା ନାୟକ , ୱାର୍ଡ ସଭ୍ୟ ଲକ୍ଷ୍ମୀ ବାଙ୍କା , ଛାତ୍ର ମନୋଜ ସୁଙ୍ଗାଡି , ଛାତ୍ରୀ କପିଲ ଦୋରାଙ୍କୁ ଚୟନ କରିଛନ୍ତି।

### ପାଚିକା ସଂଘର ବୈଠକ

ବନ୍ଧୁଗାଁ,୧୪।୧(ଡି.ଏନ.ଏ)- ବନ୍ଧୁଗାଁ ବ୍ଲକ୍ ପାଚିକା ସଂଘ ସମ୍ପାଦକ ଲକ୍ଷ୍ମୀନାରାୟଣ ସାହୁଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସମାନ କାମକୁ ସମାନ ଦରମା, ବର୍ଷକୁ ଦୁଇଖଣ୍ଡ ଶାଢ଼ି, ଜୀବନବୀମା ପ୍ରଭୃତି ଦାବି ଏବଂ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି। ବୈଠକରେ ପାଚିକା ସଂଘ ସାଭାନେତ୍ରୀ ସୁନିତା, କୁନ୍ତି ସାହୁ, ଭି. ଭିଦିଆ ଏବଂ ୧୯୫ ଜଣ ପାଚିକା ଉପସ୍ଥିତ ଥିଲେ। ସଂଘର ତୃତୀୟ ବୈଠକ ନାଲିବାଡ଼ି ଅନ୍ତର୍ଗତ ରାଜୀବଗାନ୍ଧୀ ସେବା କେନ୍ଦ୍ରରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।



### ଜଙ୍ଗଲରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

ଚାନ୍ଦିଲି(କୋଟପାଡ଼), ୧୪।୧(ଡି.ଏନ୍.ଏ)- କୋଟପାଡ଼ ନିକଟସ୍ଥ ୬୩ ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଯୋଡ଼ାସର୍ଗୀ ଜଙ୍ଗଲରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଜଙ୍ଗଲକୁ ଯାଇଥିବା ଲୋକେ ମୃତଦେହ ଦେଖି ପୋଲିସରେ ଖବର ଦେଇଥିଲେ। କୋଟପାଡ଼ ଥାନା ଏସ୍‌ଆଇ ଜିକେ ରାୟ, ଘାସିରାମ ସେଠୀ, ଏଏସ୍‌ଆଇ ମୁଥୁରାମ, ଏଏସ୍‌ଆଇ ଲକ୍ଷ୍ମଣ ବାରିକ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପାରିପାର୍ଶ୍ୱିକସ୍ଥିତିରୁ ଯୁବକଙ୍କୁ କେହି ହତ୍ୟା କରି ଜଙ୍ଗଲରେ ପକାଇଦେଇଥିବା ପୋଲିସ ସନ୍ଦେହ ପ୍ରକାଶ କରୁଥିବା କହିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ବ୍ୟବଚ୍ଛେଦ କରିଛି। ମୃତ ଯୁବକ ପଡ଼ୋଶୀ ରାଜ୍ୟର ବାସିନ୍ଦା ହୋଇଥିବା ଅନୁମାନ କରାଯାଉଛି।

■ ୩ ବର୍ଷ ବିତିବାକୁ ବସିଲାଣି

# ଲଟକିଛି ଆଇଟି ପାର୍କ ନିର୍ମାଣ

ଜୟପୁର,୧୪।୧(ଡି.ଏନ୍.ଏ.)

ଜୟପୁରସ୍ଥିତ ଫୁଲବାଡ଼ରେ ରାଜ୍ୟର ଅନ୍ୟତମ ଇନ୍‌ଫରମେଶନ ଟେକ୍ନୋଲୋଜି (ଆଇଟି) ପାର୍କ ସ୍ଥାପନା ହେବା ନେଇ ଅଞ୍ଚଳବାସୀଙ୍କୁ ସ୍ୱପ୍ନ ଦେଖାଯାଇଛି। ୨୦୧୬ ମସିହା ଫେବୃୟାରୀ ୨୭ ତାରିଖରେ କେନ୍ଦ୍ର ସରକାରଙ୍କ ସଫ୍ଟୱେର ଟେକ୍ନୋଲୋଜି ପାର୍କର ତତ୍କାଳୀନ ମହାନିର୍ଦ୍ଦେଶକ ଓମ୍‌କାର ରାଏ, ବରିଷ୍ଠ ନିର୍ଦ୍ଦେଶକ ଦିନେଶ ତ୍ୟାଗୀ, ଆଞ୍ଚଳିକ ନିର୍ଦ୍ଦେଶକ ମାନସ ପଣ୍ଡାଙ୍କୁ ନେଇ ଗଠିତ ତିନିଜଣିଆ ଦଳ ସ୍ଥାନୀୟ ଫୁଲବାଡ଼ସ୍ଥିତ ସରକାରୀ ଜମି ତଦାରଖ କରିସାରିଛନ୍ତି। ପରେ ଏହାକୁ ମଞ୍ଜୁର ମଧ୍ୟ ଦେଇଥିଲେ। ଜମି ଅଧିଗ୍ରହଣ ପରେ ତୁରନ୍ତ ୩୦ କୋଟି ଟଙ୍କା ବ୍ୟୟରେ ଭବନ ନିର୍ମାଣ କରାଯିବ ବୋଲି ଘୋଷଣା କରାଯାଇଥିଲା। ସେହିପରି ଏସ୍‌ଟିଏଫ୍‌ଆଇ ପକ୍ଷରୁ ଜୟପୁର ତହସିଲ କାର୍ଯ୍ୟାଳୟଠାରେ ୩ ଏକର ଜମି ପ୍ରଦାନ କରାଯିବାକୁ ଆବେଦନ କରାଯାଇଥିଲା। ଇତିମଧ୍ୟରେ ତହସିଲ ପକ୍ଷରୁ ଉମୁରୀ ମୌଜାର ଖାତା ନଂ. ୧୪୫ ଏବଂ ପ୍ଲଟ ନଂ. ୫୦୫ରେ ୨ ଏକର ୮୦ ଡିସିମିଲ୍ ଜମି ଯୋଗାଇଦେବାକୁ ପ୍ରସ୍ତୁତି



ଆଇଟି ପାର୍କ ପାଇଁ ଚିହ୍ନଟ ହୋଇଥିବା ଜାଗା ।

ସରିଛି। ଜମି ପଟ୍ଟା ହସ୍ତାନ୍ତର ନେଇ ବ୍ୟବସ୍ଥା ହୋଇଛି। ଜିଲାପାଳଙ୍କ ସ୍ୱାକ୍ଷର ପରେ ଏସ୍‌ଟିଏଫ୍‌ଆଇର ଅଧିକାରୀଙ୍କ ଉପସ୍ଥିତିରେ ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବ। କିନ୍ତୁ ଭବନ ନିର୍ମାଣ ଘୋଷଣାକୁ ତିନି ବର୍ଷ ବିତିବାକୁ ବସିଲାଣି, ତାହା ସମ୍ଭବ ହେଉନି। ଉକ୍ତ ପାର୍କ ନିର୍ମାଣ ହେବ ନା ନାହିଁ , ତାହାନେଇ ଆଶଙ୍କାରେ ଅଛନ୍ତି ଅଞ୍ଚଳବାସୀ। ଏହି ଆଶା ମଉଳିବାକୁ ବସିଲାଣି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଦେଶର ଅନ୍ତର୍ଜାତୀୟସ୍ତରର କମ୍ପାନୀଗୁଡ଼ିକ ଏଠାରେ ସଫ୍ଟୱେର ଉନ୍ନତୀକରଣ କରିବେ। ଦେଶର ବିଭିନ୍ନ ଅଞ୍ଚଳରୁ ସଫ୍ଟୱେର ଇଞ୍ଜିନିୟର ଏବଂ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି ପାଇବେ ବୋଲି ତତ୍କାଳୀନ ମହାନିର୍ଦ୍ଦେଶକ ରାଏ ଲକ୍ଷ୍ୟଧାର୍ଯ୍ୟ କରିଥିଲେ। କିନ୍ତୁ ଦୀର୍ଘ ୩ ବର୍ଷ ବିତିବାକୁ ବସିଲାଣି ଜମିର ଇଞ୍ଚେ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇନାହିଁ। ଜିଲା ଇ-ଗଭର୍ନାନ୍ସ ମ୍ୟାନେଜର ମନୋଜ ଦାସ କହିଛନ୍ତି ଯେ, କେବଳ ଜମି ଯୋଗାଇଦେବା କାର୍ଯ୍ୟ ଜିଲା ପ୍ରଶାସନର। କିନ୍ତୁ ନିର୍ମାଣ କାର୍ଯ୍ୟ ଓ ଅନ୍ୟାନ୍ୟ ବ୍ୟବସ୍ଥା କେନ୍ଦ୍ର ସରକାରଙ୍କ ଏସ୍‌ଟିଏଫ୍‌ଆଇ ଦ୍ୱାରା କରାଯିବ। ହେଲେ ଏହା କେବେ ନିର୍ମାଣ ହେବ ସେଥିନେଇ ତାଙ୍କ ନିକଟରେ କୌଣସି ସୂଚନା ନାହିଁ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ରାଜ୍ୟର ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର, ରାଉରକେଲାରେ ୪ଟି ଆଇଟି ପାର୍କ ନିର୍ମାଣ କରାଯାଇଛି। ବର୍ତ୍ତମାନ ଜୟପୁର ସହିତ ସମ୍ବଲପୁର, ଯାଜପୁର ଏବଂ ଅନୁଗୁଳଠାରେ ଆଉ ୪ଟି ଆଇଟି ପାର୍କ ସ୍ଥାପନା କରାଯିବାକୁ ସୂଚନା ଦିଆଯାଇଥିଲା।

## ୨୭ ଅଭିଯୋଗ ଶୁଣିଲେ ଜିଲାପାଳ

କୁନ୍ଦୁରା, ୧୪।୧(ଡି.ଏନ.ଏ.)

କୁନ୍ଦୁରା ବ୍ଲକ କାର୍ଯ୍ୟାଳୟସ୍ଥିତ ବୈଠକ ଗୃହରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସୋମବାର ସ୍ୱତନ୍ତ୍ର ମିଳିତ ଜନଶୁଣାଣିରେ ଲୋକଙ୍କ ଅଭିଯୋଗର ଶୁଣାଣି କରିଛନ୍ତି। ୧୦ ବ୍ୟକ୍ତିଗତ ଏବଂ ୧୭ ଗୋଷ୍ଠୀଗତ ଅଭିଯୋଗର ଜିଲାପାଳ ଶୁଣାଣି କରିଛନ୍ତି। ଏଥିରେ ଜିଲା ଏସ୍‌ପି କନୱର ବିଶାଲ ସିଂ, ବିଡିଓ ଏସ୍. ପ୍ରଧାନ, ତୁଳାରାମ ନାୟକ, ଥାନାଧିକାରୀ ଭବାନୀ ମୁଦୁଲି, ଡିଇଓ ପ୍ରମୋଦ ପଣ୍ଡା, ପଞ୍ଚାୟତସମିତି ଅଧକ୍ଷ ସୁରେନ୍ଦ୍ର ପରଜା, ଏବିଡିଓ ଏମ୍ ଆଚାର୍ଯ୍ୟ ଏବଂ ସହକାରୀ ଯନ୍ତ୍ରୀ ପ୍ରତାପ ନାୟକ ଯୋଗ ଦେଇଥିଲେ। କୁନ୍ଦୁରା ସଦର ମହକୁମା ବସ୍ତିବାସିନ୍ଦାମାନେ ଦୀର୍ଘଦିନ ହେବ କୁନ୍ଦୁରା ତହସିଲଦାରଙ୍କ ନିକଟରେ ପଟ୍ଟା ପ୍ରଦାନ ନେଇ ଆବେଦନ କରିଥିଲେ ମଧ୍ୟ ସେ ଏଥିପ୍ରତି ଧ୍ୟାନ ଦେଉ ନ ଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଯାଞ୍ଚ ପରେ ବସ୍ତିବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ କରାଯିବ ବୋଲି ଜିଲାପାଳ କହିଛନ୍ତି। କୁନ୍ଦୁରା ବ୍ଲକ ଆସନା ଗ୍ରାମପଞ୍ଚାୟତ ଦୁରୁଗୁଡା ଗ୍ରାମର ଦାମୁ ଦୁଆ ଧାନ ବିକ୍ରି କରିବାରେ ସମସ୍ୟା ହେଉଥିବା ନେଇ ଜିଲାପାଳଙ୍କୁ ଜଣାଇଥିଲେ। ଜିଲାପାଳ କୁନ୍ଦୁରା ତହସିଲଦାର ଭି. ସୋରେନ ଏବଂ ସିଏସ୍‌ଓ ତୁଳାରାମ ନାୟକଙ୍କୁ ଏହାର ତଦନ୍ତ କରି ଶୀଘ୍ର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦିଗାପୁର ଗ୍ରାମପଞ୍ଚାୟତ ସଦରମହକୁମାସ୍ଥିତ ସରସ୍ୱତୀ ସ୍ୱୟଂ ସହାୟକ ସଂଘ ପକ୍ଷରୁ ଗର୍ଭବତୀ ମହିଳା ଏବଂ ଅଙ୍ଗନୱାଡ଼ିରେ ଅଧ୍ୟୟନରତ ଶିଶୁଙ୍କ ନିମନ୍ତେ ଛତୁଆ ପ୍ରସ୍ତୁତି ନେଇ ଅଭିଯୋଗ କରିଥିଲେ। ଡଙ୍ଗରପାଉଁସୀ ପଞ୍ଚାୟତ ଭେଜାହାଣ୍ଡି ଗ୍ରାମର ରାମଚନ୍ଦ୍ର ଖଟେଇ ଏବଂ ଗୁପ୍ତା ଖଟେଇ ପୁଅ ବାହାଘର ଦିନ ଅର୍ଥାତ ଗତ ୨୦୧୭ ମାର୍ଚ୍ଚ ମାସରେ ସର୍ଟସର୍କିଟରେ ଘର ପୋଡିଯାଇଥିବା ନେଇ ଅଭିଯୋଗ କରି ଉପଯୁକ୍ତ ସହାୟତା ରାଶି ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଇ ବିଶ୍ୱଜିତ୍ ଦାସ, ବିଏସ୍‌ଏସ୍‌ଓ ସୁମିତ୍ରା ଖରା, ଜିପିଓ ରାମପ୍ରସାଦ ଦୋରା, ଏପିଇଓ ରୁବି ଡାକୁଆ, ବିଇଓ ବିନୋଦ ଚନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ।




ଜିଲାପାଳ ଜଣେ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣୁଛନ୍ତି ।

## କ୍ରୀଡ଼ା ବିଜେତାଙ୍କୁ ପୁରସ୍କାର ପ୍ରଦାନ



ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି ।

ଦାମନଯୋଡ଼ି,୧୪।୧(ଡି.ଏନ୍.ଏ.)

ନାଲ୍‌କୋ ଶିକ୍ଷାଞ୍ଚଳସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତ ଡିସେମ୍ବର ୨୧, ୨୨ ତାରିଖରେ ଅନୁଷ୍ଠିତ ବିଭିନ୍ନ କ୍ରୀଡାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଜାତୀୟ ଯୁବ ଦିବସରେ ପୁରସ୍କୃତ କରାଯାଇଥିଲା । ବିଦ୍ୟାମନ୍ଦିରର ଅଧକ୍ଷ ଡଃ ଶୁଭ୍ରାଂଶୁ ଶେଖର ବାହିନୀପତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ନାଲ୍‌କୋ ଦାମନଯୋଡିର କାର୍ଯ୍ୟନିର୍ବାହୀ ଅଧିକାରୀ ରବି ଶଙ୍କର ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଅଶୋକ ନାୟକ, ପରିଚାଳନା କମିଟି ସମ୍ପାଦକ, ରମେଶ ଯୋଶୀ , ରାକେଶ କୁମାର ଶର୍ମା , ନାଲ୍‌କୋ ସିକ୍ୟୁରିଟି ଅଧିକାରୀ ପ୍ରମୁଖ ଯୋଗଦେଇ ବିଜେତାଙ୍କୁ ପୁରସ୍କୃତ କରିଥିଲେ। ରବିଶଙ୍କର ଦାସ ପିଲାମାନଙ୍କ କୃତିତ୍ୱକୁ ପ୍ରଶଂସା କରିବା ସହିତ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ କ୍ଷେତ୍ରରେ ଏହି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାଗନେଇ ପୁରସ୍କୃତ ହୋଇଥିବାରୁ ସାଧୁବାଦ ଜଣାଇଛନ୍ତି। ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଡଃ ରମେଶ ଚନ୍ଦ୍ର ସ୍ୱାଇଁ ବାର୍ଷିକ କ୍ରୀଡା ବିବରଣୀ ପାଠ କରିଥିଲେ । ଡଃ ନୀରୋଦ କୁମାର ପ୍ରଧାନ ଓ କ୍ରୀଡ଼ା ଶିକ୍ଷୟିତ୍ରୀ ସୁଲଳନା ପ୍ରିୟଦର୍ଶିନୀ ପଣ୍ଡା ବିଜେତାମାନଙ୍କ ନାମ ଘୋଷଣା କରିବା ସହିତ ବରିଷ୍ଠ ଶିକ୍ଷୟିତ୍ରୀ ସୁଷମା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅଶୋକ ମହାନ୍ତି ମଞ୍ଚ ପରିଚାଳନା ଥିଲେ ।

### ୩ ଅଭିଯୁକ୍ତ କୋର୍ଟ ଚାଲାଣ

କୋରାପୁଟ,୧୪।୧(ସ୍ୱ.ପ୍ର.)

କୋରାପୁଟ ସଦର ଥାନା ଅନ୍ତର୍ଗତ ବାସପୁଟ ଗ୍ରାମରେ ଘରୁ କବାଟ ଭାଙ୍ଗି ସୁନା ଓ ଟଙ୍କା ଚୋରି କରିବା ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବାସପୁଟ ଗ୍ରାମର ମିନ ଖିନବୁଡ଼ି(୨୨), ହରିଶ୍ଚନ୍ଦ୍ର କମାର(୨୩) ଓ ପ୍ରତାପ ଖରା(୧୮)। ଗତ ୧୧ ତାରିଖ ରାତିରେ କୋରାପୁଟ ସଦର ଥାନା ବାସପୁଟ ଗ୍ରାମର ନୀଳାବତି କୁଳଦୀପ (୭୫) ଘରେ ଶୋଇ ଥିବାବେଳେ ୩ ଯୁବକ କବାଟ ଭାଙ୍ଗି ଦେଢ଼ତୁଳା ସୁନା ସହିତ ନଗଦ ୩୦ ହଜାର ଟଙ୍କା ଲୁଟିନେଇ ଥିଲେ ।

### ମୋ ଗେହ୍ଲା ଝିଅ, କନ୍ୟା ଜନ୍ମୋତ୍ସବ ପାଳିତ

ବେଗୁନିଆପଡ଼ା,୧୪।୧(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ ଓଏଲଏମ୍ କକ୍ଷରେ ସୋମବାର ମୋ ଗେହ୍ଲା ଝିଅ, କନ୍ୟା ଜନ୍ମୋତ୍ସବ ପାଳିତ ହୋଇଯାଇଛି। ବିଡିଓ ଅରୁଣ କୁମାର ମଲିକ ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ କୋଦଳା ତହସିଲଦାର ପ୍ରଭାତ କୁମାର ପରିଡ଼ା, ଅଧକ୍ଷା ପ୍ରତିନିଧି ବିଜୟ କୁମାର ଦୋରା, ସିଡିପିଓ ସନ୍ଧ୍ୟାରାଣୀ ପାଣିଗ୍ରାହୀ ଯୋଗଦେଇ ଦୁହିତା ଦୁଇ କୁଳକୁ ହିତ, ମା ପାଠୋଇ ହେଲେ ଦେଶ ଯିବ ଆଗେଇ ଓ କନ୍ୟା ସନ୍ତାନର ମହତ୍ତ୍ୱ ବିଷୟରେ ଆଲୋକପାତ କରିବା ସହ ରୂପା ମିଶ୍ର, ତୁଳସୀ ମୁଣ୍ଡା, ପ୍ରତିଭା ରାୟ, ମିନତି ମହାପାତ୍ର, ସସ୍ମିତା ମଲିକ ଓ ଦ୍ୱିତୀଚାନ୍ଦଙ୍କ ଉଦାହରଣ ଦେଇ ନାରୀମାନେ କୌଣସି ଗୁଣରେ କମ ନୁହନ୍ତି ବୋଲି କହିଥିଲେ।

■ ଜନସୁରକ୍ଷା ସଂଘର ଖବରଦାତା ସମ୍ମିଳନୀରେ ଚେତାବନୀ

## ବେଆଇନ ଭାବେ ଗିରଫ ହୋଇଥିବା ଗ୍ରାମବାସୀଙ୍କୁ ଛାଡ଼

କୋରାପୁଟ,୧୪।୧(ସ୍ୱ.ପ୍ର.)–

ଖଡ଼ିମାଟି ଅଞ୍ଚଳରେ ପୋଲିସ ବେଆଇନଭାବେ ଗିରଫ କରିଥିବା ୪ ଗ୍ରାମବାସୀଙ୍କୁ ତୁରନ୍ତ ଛାଡ଼ିବାକୁ ଦାବି ହୋଇଛି। ଗ୍ରାମରେ ପଲ୍ଲିସଭା ନ କରି ଖଡ଼ିମାଟି ଉତ୍ତୋଳନ କଲେ ଉକ୍ତ ଅଞ୍ଚଳର ୪ଟି ପଞ୍ଚାୟତର ୨୦ ହଜାର ମତଦାତା ମତଦାନ ବର୍ଜନ କରିବେ ବୋଲି ସୋମବାର ସ୍ଥାନୀୟ ଅତିଥିଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୋରାପୁଟ ଜନସୁରକ୍ଷା ସଂଘ ଆବାହକ ଦାସି ମନ୍ଦିବାଲି ଚେତାବନୀ ଦେଇଛନ୍ତି। କୋରାପୁଟ ଜିଲା ଲମତାପୁଟ ବ୍ଲକ୍ କୁମାରଗନ୍ଧଣା ପଞ୍ଚାୟତର ହାଟସୁକୁ ଗ୍ରାମରୁ ଖଡ଼ିମାଟି ଉତ୍ତୋଳନ ପାଇଁ ଗ୍ରାମରେ ପଲ୍ଲିସଭା କରାଯାଇ ନ ଥିବା ଯୋଗୁ ଲମତାପୁଟ ଓ ନନ୍ଦପୁର ବ୍ଲକ୍‌ର ୪ ପଞ୍ଚାୟତର ଗ୍ରାମବାସୀ ଖଡ଼ିମାଟି ଚାଲାଣକୁ ବିରୋଧ କରିଥିଲେ। ଏପରିକି ଡିସେମ୍ବର ୧୨ରେ ଏହାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ତ୍ରିମୁଖୀ ବୈଠକ ମଧ୍ୟ ବିଫଳ

■ଗ୍ରାମରେ ପଲ୍ଲିସଭା କର
■ନଚେତ୍ ମତଦାନ ବର୍ଜନ

ହୋଇଥିଲା। ଉକ୍ତ ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ପଲ୍ଲିସଭା ସଂପୃକ୍ତ ଗ୍ରାମରେ କରା ନଯାଇ କୋରାପୁଟରେ କରାଯିବ ବୋଲି କୁହାଯିବାରୁ ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ବେଆଇନଭାବେ ମିଥ୍ୟା ମାମଲାରେ ହାଟସୁକୁ ଖଡ଼ିମାଟି ସୁରକ୍ଷା ସଂଘ ସଭାପତି ତିଳ ଗୁଞ୍ଜିଆଙ୍କ ସମେତ ପରଦେଶୀ ହନ୍ତାଳ, ପଦୁ ଜାନି, ବିଜୟ ମାଝିଙ୍କୁ ଗିରଫ କରିଥିଲା। ଯଦି ତୁରନ୍ତ ଗିରଫ ୪ ଜଣଙ୍କୁ ଖଲାସ ନ କରାଯାଏ ଏବଂ ଗ୍ରାମରେ ପଲ୍ଲିସଭା ନ କରି ଖଡ଼ିମାଟି ଉତ୍ତୋଳନ ସହ ଚାଲାଣ କରାଯାଏ , ତେବେ ଏହି ଖଣି ଅଞ୍ଚଳରେ ଥିବା ୪ଟି ପଞ୍ଚାୟତର ମତଦାତା ମତଦାନ ବର୍ଜନ କରିବେ ବୋଲି ସଂଘ ଆବାହକ ଚେତାବନୀ ଦେଇଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ତ୍ରିଲୋଚନ ମୁଦୁଲି, ଉପଦେଷ୍ଟା କର୍ପୁର ହନ୍ତାଳ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଜାନି, କାର୍ଯ୍ୟକାରୀ ସଭାପତି ରାମ ମୁଦୁଲି, ଖଡ଼ିମାଟି ସୁରକ୍ଷା ସମିତିର ମନ କାରଙ୍ଗିଆ, କୃଷ୍ଣ ମାଝି ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଜନସୁରକ୍ଷା ସଂଘର କର୍ମକର୍ତ୍ତା ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ: ଅଭିଯୁକ୍ତ କୋର୍ଟ ଚାଲାଣ

ଜୟପୁର,୧୪।୧ (ଡି.ଏନ.ଏ/ସ୍ୱ.ପ୍ର.)

ଜୟପୁର ସଦର ଥାନା ସ୍ଥାନୀୟ ବାୟାଗୁଡ଼ା ଗ୍ରାମ ନିକଟରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ବାୟାଗୁଡା ଗ୍ରାମର ଗୌର କେନ୍ଦୁ (୨୪) । ଉକ୍ତ ଘଟଣାକୁ ନେଇ ଗ୍ରାମର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଉତ୍ତେଜନା ଲାଗି ରହିଥିବା ଯୋଗୁ ଥାନା ଅଧିକାରୀଙ୍କ ସହ ଦୁଇ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।
ପୂର୍ବ ଶତ୍ରୁତାକୁ ନେଇ ଗତ ଶୁକ୍ରବାର ସନ୍ଧ୍ୟାରେ ଉକ୍ତ ଗ୍ରାମର ବିପକ୍ଷ ଗୋଷ୍ଠୀର ରାମ ନାଗ ଏବଂ ଅଭିଯୁକ୍ତ ଗୌରଙ୍କ ମଧ୍ୟରେ ବାଇକ୍ ଧକ୍କାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଗୌର ଛୁରାରେ ରାମଙ୍କ ବେକକୁ ଚୋଟ ମାରିବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାରେ ୬ଜଣଙ୍କ ନାମରେ ରାମଙ୍କ ଗୋଷ୍ଠୀ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। କିନ୍ତୁ ଏତଲା ହୋଇଥିବା ବ୍ୟକ୍ତିମାନେ ଘଟଣାସ୍ଥଳରେ ଉପସ୍ଥିତ ନ ଥାଇ ବି ଅନ୍ୟପକ୍ଷର ଲୋକେ ସେମାନଙ୍କୁ ମିଥ୍ୟା ମାମଲାରେ ଫସାଇବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଥିଲା। ଏପରି ଅଭିଯୋଗ ନେଇ ସମ୍ପୃକ୍ତ ଗୋଷ୍ଠୀର ମହିଳା ଓ ଗ୍ରାମବାସୀ ସଦର ଥାନା ଘେରାଉ କରିବା ସହ ଏତଲା ଦେଇଥିଲେ।

## ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଉଦ୍‌ଘାଟିତ

କୋରାପୁଟ,୧୪।୧(ସ୍ୱ.ପ୍ର. )

କୋରାପୁଟ ସଦର ମହକୁମାରେ ନବନିର୍ମିତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ସୋମବାର ଉଦ୍‌ଘାଟିତ ହୋଇଛି । ଜିଲା ସର୍ବଶିକ୍ଷା ଅଭିଯାନ ବିଭାଗର ୧୮ ଲକ୍ଷ ୮୫ ହଜାର ଟଙ୍କା ବ୍ୟୟରେ ସ୍ଥାନୀୟ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ନିର୍ମାଣ କରାଯାଇଥିବା ଏହି କାର୍ଯ୍ୟାଳୟକୁ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ ପାଙ୍ଗି ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥିଭାବେ କୋରାପୁଟ ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ହରେକୃଷ୍ଣ ପ୍ରଧାନ, ମିଶନଶକ୍ତିର ଜିଲା ସଂଯୋଜକ ବିନୋଦିନୀ ବେହେରା, ସିଡିପିଓ ସୁଷମା ମହାପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ , ସର୍ବଶିକ୍ଷା ଅଭିଯାନ ସହକାରୀ ଯନ୍ତ୍ରୀ ଭେଙ୍କଟେଶ୍ୱର ମିଶ୍ରଙ୍କ ସମେତ ବିଭାଗୀୟ ଅଧିକାରୀ ଏବଂ କର୍ମୀମାନେ ଉପସ୍ଥିତ ଥିଲେ।



ଅତିଥିଙ୍କ ଦ୍ୱାରା ନୂତନ ଭବନ ଉଦ୍‌ଘାଟନ କରାଯାଉଛି ।

# ସଂକ୍ରାନ୍ତି, ପୋଙ୍ଗଲ ପାଳନରେ ସବୁଠି ହସଖୁସି

କୋରାପୁଟ,୧୪।୧(ସ୍ୱ.ପ୍ର)

ପବିତ୍ର ମକର ସକ୍ରାନ୍ତି ଏବଂ ପୋଙ୍ଗଲ ଉତ୍ସବ କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ମହାସମାରୋହରେ ପାଳିତ ହୋଇଛି। କୋରାପୁଟ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥଙ୍କ ନିକଟରେ ହଜାର ହଜାର ଭକ୍ତ ମକର ଚାଉଳ ଭୋଗ ଲାଗି କରିବା ସହ ଦର୍ଶନ କରିଛନ୍ତି। ସୋମବାର ଜଗନ୍ନାଥଙ୍କୁ ରାଜା ରାଜେଶ୍ୱରୀ ବେଶ କରାଯାଇଥିଲା। ସକାଳ ୮ଟା ବେଳେ ମକର ଚାଉଳ ଭୋଗ ପରେ ପହିଲି ଭୋଗ କରାଯାଇଥିଲା।
ଆଜିଠାରୁ ଠାକୁରଙ୍କଠାରେ ଘୋରି ଲାଗି କରାଯାଇଛି। ଏହା ଆସନ୍ତା ଶ୍ରୀପଞ୍ଚମୀ ଯାଏ ଚାଲିବ। ଶ୍ରୀମନ୍ଦିରରେ ଲଳିତ ମୋହନ ପଟ୍ଟନାୟକଙ୍କ ପରିଚାଳନାରେ ମକର ଚାଉଳ ପୂଜା କରାଯାଇଛି। ସେହିପରି ଆଖଣ୍ଡଳମଣି ମନ୍ଦିର, ଶାବରେଶ୍ୱର ମନ୍ଦିର, ଓଏମ୍‌ପି ଶିବି ମନ୍ଦିର, ଭବାନୀନଗର ଶିବମନ୍ଦିର , କଳାନିକେତନ ଛକ ରାମମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗିଥିଲା। କୋରାପୁଟ ସହର ତେଲୁଗୁ ସମ୍ପ୍ରଦାୟ ଲୋକଙ୍କ ଘରେ ପୋଙ୍ଗଲ ପାଳନରେ ନୂଆ ଚାଉଳ ଓ ଖିର ପୂଜାର୍ଚ୍ଚନା କରାଯାଇଛି। ପୂଜାରୀପୁଟ, ପୁଟିଳାସାହି ଯୁବକମାନେ କାଠଗଣ୍ଡିରେ ନିଆଁ ଲଗାଇ ଭୋଗି ପାଳିଛନ୍ତି। ବିଭିନ୍ନ ସ୍ଥାନରେ ନୃତ୍ୟଗୀତ ଆସର ଜମିଥିଲା।



ପୋଙ୍ଗଲ ଅବସରରେ କାଠ ଜାଳି ଉତ୍ସବ ମନାଉଛନ୍ତି ମହିଳାମାନେ ।

**ଜୟପୁର,(ଡି.ଏନ.ଏ)**–ଜୟପୁର ସହରର ବିଭିନ୍ନ ସାହି ଓ ବସ୍ତିରେ ଭୋଗି ଉତ୍ସବ ପାଳନ କରାଯାଇଛି । ଚାଷ ଭିତ୍ତିକ ପୋଙ୍ଗଲ ପର୍ବ ତେଲୁଗୁ ସମ୍ପ୍ରଦାୟରେ ପାଳନ କରାଯାଇଥାଏ । ସେହିପରି ଓଡ଼ିଆ ପରମ୍ପରା ଅନୁଯାୟୀ ମକର ଚାଉଳରେ ପ୍ରସ୍ତୁତ ମିଷ୍ଟାନ୍ନ ସହରର ବିଭିନ୍ନ ମନ୍ଦିରରେ ଭୋଗ ଲାଗି ହୋଇଥିଲା। ସ୍ଥାନୀୟ ଜଗନ୍ନାଥ ମନ୍ଦିର, ବଲ୍ଲଭ ନାରାୟଣ, ଭଗବତୀ, ଦକ୍ଷିଣ କାଳୀ, ରଘୁନାଥ, ରାଧାକୃଷ୍ଣ, କୁଞ୍ଜ ବିହାରୀ, ନୀଳକଣ୍ଠ, ପଞ୍ଚାନନ, ବୈଦ୍ୟନାଥ, ହନୁମାନ ମନ୍ଦିରରେ ପୂଜାପାଠ ଏବଂ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା।

**ଦାମନଯୋଡ଼ି(ଡି.ଏନ୍.ଏ./ସ୍ୱ.ପ୍ର.)**– ନାଲ୍‌କୋ ଶିକ୍ଷାଞ୍ଚଳ କ୍ଲବ ପରିସରରେ ତେଲୁଗୁ ବିଜ୍ଞାନ ସମିତି ପକ୍ଷରୁ ଭୋଗି ପାଳନ କରାଯାଇଛି। ନାଲ୍‌କୋରେ କାର୍ଯ୍ୟରତ ତେଲୁଗୁ ଭାଷାଭାଷୀ କର୍ମଚାରୀମାନେ ଏବଂ ପରିବାରବର୍ଗ ସାମିଲ ଥିଲେ। ପବିତ୍ର ଦିନରେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ଏଥିରେ ନାଲ୍‌କୋ ଡିଜିଏମ୍ ଡିଏସ୍ ରାଓ, ଜେଏସ୍‌ସି ରାଓ, ଜଗଦିଶ ପଟ୍ଟନାୟକ, ଆର୍‌ଏସ୍ ସାହୁ, ଟି. ଶ୍ରୀନିବାସ ରାଓ, ଏନ୍‌ଭିଜିଆର୍ ଶାସ୍ତ୍ରୀ, କେ. ଜଗଦିଶ, ଏମ୍ ସାଇକ୍ରିଷ୍ଣା ପ୍ରମୁଖ ସାମିଲ ଥିଲେ। ସେହିପରି ନାଲ୍‌କୋ ଟାଉନଶିପ ସେକ୍ଟର-୧ରେ ଜଗନ୍ନାଥ ମନ୍ଦିରରେ ମକର ସଂକ୍ରାନ୍ତିରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଛି। ମନ୍ଦିର ବିଭିନ୍ନ ସ୍ଥାନୀୟ ଅଞ୍ଚଳରୁ ଲୋକମାନେ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଭିଡ଼ ଜମାଇଥିଲେ।

## ସଂକ୍ଷେପରେ




### ଏଟିଏମ୍‌ରେ ଟଙ୍କା ନ ଥିବାରୁ ଅସନ୍ତୋଷ

ପାରଳାଖେମୁଣ୍ଡି, ୧୪।୧(ସ୍ୱ.ପ୍ର.): ଗଜପତି ଜିଲା ପାରଳାଖେମୁଣ୍ଡି ସହରରେ ଏଟିଏମ୍ ସମସ୍ୟା ଲାଗିରହିଛି। ଅଧିକାଂଶ ଏଟିଏମ୍‌ରେ ଅର୍ଥ ନାହିଁ। ଫଳରେ ପୋଙ୍ଗଲ ପାଇଁ ଜିନିଷପତ୍ର କିଣାକିଣି କରିବାକୁ ଚାହିଁବସିଥିବା ଲୋକଙ୍କୁ ନିରାଶ ହେବାକୁ ପଡ଼ିଛି। ଏନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କିଛି ପରିବାରରେ ପୋଙ୍ଗଲ ପର୍ବ ଫିକା ପଡିଯାଇଛି। କାଁ ଭାଁ ଏଟିଏମ୍‌ରେ ଟଙ୍କା ଥିବାବେଳେ ସେଠାରେ ଲୋକେ ଟଙ୍କା ଉଠାଇବା ପାଇଁ ଲମ୍ବା ଧାଡିରେ ଘଣ୍ଟାଘଣ୍ଟା ଧରି ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନଥିବା ସହରବାସୀ ଅଭିଯୋଗ କରିଛନ୍ତି।

### କୃପାଳୁ ଶିଶୁ ସାହିତ୍ୟ ଆସର



ପାରଳାଖେମୁଣ୍ଡି, ୧୪।୧(ସ୍ୱ.ପ୍ର.): ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ବାଲ୍ ମୁକୁନ୍ଦ କେନ୍ଦ୍ରରେ ଜଗତ୍‌ଗୁରୁ ଦିବସ ପାଳନ ସହ ପ୍ରାର୍ଥନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଧାଗୋବିନ୍ଦ ଧାମର ନୂତନ ଗୃହ ପ୍ରବେଶ ନିମନ୍ତେ ମହେନ୍ଦ୍ରତନୟା ନଦୀରୁ କଳସ ଯାତ୍ରା, ହୋମ, ପୂଜାର୍ଚ୍ଚନା ଓ ସଂକୀର୍ତ୍ତନ ହୋଇଥିଲା। ସେହିପରି କେନ୍ଦ୍ର ପକ୍ଷରୁ ପରିଚ୍ଛା ମଠ ପରିସରରେ କୃପାଳୁ ଶିଶୁ ସାହିତ୍ୟ ଆସର ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଦେବୀ ମଠର ମହନ୍ତ ସୀତାରାମ ଦାସ ମହାରାଜ ମକର ସଂକ୍ରାନ୍ତି ପାଳନ ବିଷୟରେ ଶିଶୁମାନଙ୍କୁ ବୁଝାଇଥିଲେ। ବାଲ୍‌ମୁକୁନ୍ଦ କେନ୍ଦ୍ରର ସଂଯୋଜିକା ନମିତା ଚୌଧୁରୀ ରାଷ୍ଟ୍ରର ମଙ୍ଗଳ କାମନା କରିଥିଲେ।

### ଦୁର୍ଘଟଣାରେ ଜଣେ ଗୁରୁତର

ଚନ୍ଦ୍ରଗିରି,୧୪।୧ (ଡି.ଏନ୍.ଏ)- ଚନ୍ଦ୍ରଗିରି ଫାଣ୍ଡି ନିକଟ ଛିଟିଂ ଘାଟି ବୁଲାଣି ରାସ୍ତାରେ ସୋମବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟି ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଚନ୍ଦ୍ରଗିରି ଫାଣ୍ଡି ଲବାରସିଂ ପଞ୍ଚାୟତ ନୂଆଁସାହି ଗ୍ରାମର କେଶନ ନାୟକ (୨୫)। ପ୍ରକାଶ ଯେ, ରା.ଉଦୟଗିରିରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ ଯାତ୍ରୀବାହୀ ବସ୍‌କୁ ଦ୍ରୁତ ଗତିରେ ଆସୁଥିବା ବାଇକ୍ ଚାଳକ କେଶନ ଓଭରଟେକ୍ କରିବାକୁ ଯାଇ ଚନ୍ଦ୍ରଗିରି ଛିଟିଂ ଘାଟି ବୁଲାଣି ରାସ୍ତାରେ ବସ୍‌ର ପଛପଟୁ ଧକ୍କା ଦେଇଥିଲେ। ଫଳରେ ସେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ବସ୍ ମଧ୍ୟ ସେଠାରେ ଅଟକି ରହିଥିଲା। ଯାତ୍ରୀମାନଙ୍କ ସହାୟତାରେ କେଶନଙ୍କୁ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମୁଣ୍ଡରେ ଆଘାତ ଲାଗିଥିବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରିବା ପାଇଁ ପରିବାର ଲୋକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚନ୍ଦ୍ରଗିରି ଫାଣ୍ଡି ଅଧିକାରୀ ଅଭିମନ୍ୟୁ ପଲେଇ ପହଞ୍ଚି କେଶନର ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି।

### ଦେଢ଼ ମାସ ପରେ ୨ ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୧୪।୧(ଡି.ଏନ.ଏ.): ପାଟପୁର ପୋଲିସ ସୋମବାର ରାମଚନ୍ଦ୍ରପୁର ଗ୍ରାମର ଅଜିତ କୁମାର ପ୍ରଧାନ ଏବଂ ସାତପେଣ୍ଠ ଗୋପାଳପୁର ଗ୍ରାମର ବାବୁଲା ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ନଭେମ୍ବର ୨୩ ରେ ରାଜନୈତିକ ଶତ୍ରୁତାକୁ ନେଇ ଅଭିଯୁକ୍ତ ଦ୍ୱୟ ପରସ୍ପରକୁ ଆକ୍ରମଣ କରିଥିଲେ।

■ ଦେବଦେବୀଙ୍କୁ ଲାଗିହେଲା ମକର ଚାଉଳ

# ଭୋଗୀ ପାଳିଲେ ତେଲୁଗୁ ସମ୍ପ୍ରଦାୟ

ପାରଳାଖେମୁଣ୍ଡି, ୧୪।୧ (ସ୍ୱ.ପ୍ର.)

ମକର ସଂକ୍ରାନ୍ତି ତଥା ପୋଙ୍ଗଲ ପର୍ବ ପାଇଁ ଗଜପତି ଜିଲାର ପାରଳାଖେମୁଣ୍ଡି ସହର ଓ ଆଖପାଖ ଅଞ୍ଚଳ ସମେତ କାଶୀନଗର ବ୍ଲକ ଉତ୍ସବମୁଖର ହୋଇଉଠିଛି। ସୋମବାର ମକର ସଂକ୍ରାନ୍ତିରେ ବିଭିନ୍ନ ପୀଠ ଓ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସାଙ୍ଗକୁ ଦେବଦେବୀଙ୍କ ନିକଟରେ ମକର ଚାଉଳ ଲାଗିହୋଇଥିଲା। କେତେକ ସ୍ଥାନରେ ମେଳା ବସିଥିବା ବେଳେ ଆଉ କିଛି ସ୍ଥାନରେ ଭୋଜିଭାତର ଆସର ଜମିଥିଲା। ମକର ସଂକ୍ରାନ୍ତି ଅବସରରେ ତେଲୁଗୁ ସମ୍ପ୍ରଦାୟ ଲୋକେ ତେଲୁଗୁ ନବବର୍ଷ 'ପୋଙ୍ଗଲ' ପାଳନ କରିଥାନ୍ତି। ଦକ୍ଷିଣ ଓଡ଼ିଶାର ଏହା ଏକ ଗଣପର୍ବ ଭାବେ ପରିଚିତ। ଏହି ପର୍ବ ୩ଦିନ ଧରି ପାଳନ ହୁଏ। ଏଥିପାଇଁ ଘରେ ଘରେ ବନ୍ଧୁବାନ୍ଧବ ଓ ସମ୍ପର୍କୀୟମାନଙ୍କ ଭିଡ ଜମିଛି। ବଜାରରେ ପ୍ରବଳ ଗହଳି ଦେଖିବାକୁ

**ପୋଙ୍ଗଲ ପାଇଁ ପାରଳାଖେମୁଣ୍ଡି ଓ କାଶୀନଗର ଉତ୍ସବମୁଖର**



ତେଲୁଗୁ ସମ୍ପ୍ରଦାୟ ଲୋକେ କାଠଗଣ୍ଡି ଜଳାଇ ଭୋଗୀ ପାଳନ କରୁଛନ୍ତି।

ମିଳିଛି। ତେଲୁଗୁ ସମ୍ପ୍ରଦାୟ ଲୋକେ ପରମ୍ପରା ଅନୁଯାୟୀ ସଂକ୍ରାନ୍ତି ପୂର୍ବ ରାତିରେ ଅର୍ଥାତ ରବିବାର ରାତିରେ ଭୋଗୀ ପାଳନ କରିଥିଲେ। ବିଭିନ୍ନ ସାହି, ବସ୍ତି ଓ ଛକରେ ଲୋକେ ଦଳ ଦଳ ହୋଇ କାଠଗଣ୍ଡିଗୁଡ଼ିକୁ ସଜାଇ ଜଳାଇଥିଲେ। ସେଠାରେ ଭୋଜି କରାଯିବା ସହ ନାଚଗୀତର ଆସର ଜମିଥିଲା। ସୋମବାର ଭୋରୁ ଲୋକେ ସେହି ସ୍ଥାନରେ ନିଆଁ ପୋଇଁବା ସହ ପାଣି ଗରମ କରି ଗାଧୋଇଥିଲେ। ଏହି ନିଆଁରେ ପାଣି ଗରମ କରି ସ୍ନାନକଲେ ନାନା ରୋଗରୁ ଉପଶମ ମିଳିଥାଏ ବୋଲି ପୌରାଣିକ ବିଶ୍ୱାସ ରହିଛି। ପରେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଓ ପିଣ୍ଡଦାନ କରିଥିଲେ। ନୂତନ ବସ୍ତ୍ର ପିନ୍ଧି ବିଭିନ୍ନ ସ୍ଥାନ ବୁଲାବୁଲି କରି ସମୟ ବିତାଇଥିଲେ। ସଂକ୍ରାନ୍ତି ପରଦିନ ଅର୍ଥାତ ମଙ୍ଗଳବାର ପିଠାପଣା ସହ ସୁସ୍ୱାଦୁ ଆମିଷ ଓ ନିରାମିଷ ତରକାରୀ ପ୍ରସ୍ତୁତ କରାଯିବ। ପାରଳାଖେମୁଣ୍ଡି ସହର ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶର ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇ ଥିବାରୁ ଏଠାରେ ପୋଙ୍ଗଲରେ ଉଭୟ ଓଡିଆ ଓ ତେଲୁଗୁ ସମ୍ପ୍ରଦାୟ ଲୋକଙ୍କ ମଧ୍ୟରେ ଭାଇଚାରା ଦେଖିବାକୁ ମିଳିଥାଏ।

## ପାଚେରି କାମ ନିମ୍ନମାନର ଅଭିଯୋଗ



ପାଚେରି ନିର୍ମାଣ ଚାଲିଛି।

ରାୟଗଡ (ଗଜପତି), ୧୪।୧(ଡି.ଏନ.ଏ)

ଗଜପତି ଜିଲା ରାୟଗଡ ବ୍ଲକ ସଦରସ୍ଥ ଅଗ୍ନିଶମ କେନ୍ଦ୍ର ଚାରିପଟେ କଂକ୍ରିଟ ପାଚେରି ନିର୍ମାଣ ଚାଲିଛି। ଏହି କାମ ନିମ୍ନମାନର ହେଉଥିବା ଓ ମୂଳଦୁଆ ଠିକ୍ ଭାବେ ଖୋଳାଯାଇ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ତେଣୁ ପାଚେରି ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। ଏହାର ତଦନ୍ତ କରାଯିବା ସହ ପୁନଃ କାର୍ଯ୍ୟ ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।

ମହେନ୍ଦ୍ରତନୟା ନଦୀତଟବର୍ତ୍ତୀ ଅଞ୍ଚଳରେ ଅଗ୍ନିଶମ କେନ୍ଦ୍ର ରହିଛି। ସୁରକ୍ଷା ଦୃଷ୍ଟିରୁ ଏହି କେନ୍ଦ୍ର ଚାରିପଟେ ବିଭାଗ ପକ୍ଷରୁ କଂକ୍ରିଟ ପାଚେରି ନିର୍ମାଣ କରାଯାଉଛି। ଏଥିଲାଗି ପ୍ରାୟ ୨୬ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ଗତ ମେ ମାସରେ କାମ ଆରମ୍ଭ ହୋଇଥିବା ବେଳେ ଇତିମଧ୍ୟରେ ଅବଧି ସରିଯାଇଥିବା ଜଣାପଡ଼ିଛି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ପାଚେରି ନିର୍ମାଣ ନିମନ୍ତେ ଅଢେଇ ଫୁଟ ଗଭୀରର ଗାତ ଖୋଳାଯାଇଛି। ପାହାଡ଼ିଆ ଅଞ୍ଚଳର ଆଳ ଦେଖାଇ ଠିକ୍ ଭାବେ ମୂଳଦୁଆ ଖନନ କରାଯାଇନାହିଁ। ସେହିପରି ବାଲି ଓ ସିମେଣ୍ଟ ମିଶ୍ରଣରେ ଅନିୟମିତତା ସାଙ୍ଗକୁ ନିକୃଷ୍ଟମାନର ସାମଗ୍ରୀରେ କାମ ଚାଲିଛି। ପାଚେରି ମଜଭୁତ ପାଇଁ ପାଣି ପକାଯିବା ଜରୁରୀ ଥିବାବେଳେ ନିୟମିତ ଭାବେ ପାଣି ପକାଯାଉନାହିଁ। ଧାର୍ଯ୍ୟ ସମୟସୀମା ବିତିବା ପରେ ବି କାମ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଏ ନେଇ ପୋଲିସ ହାଉସିଂ ବୋର୍ଡ ଉପପରିଚାଳକ ବିଶ୍ୱମୋହନ ମିଶ୍ରଙ୍କୁ ପଚାରିବାରେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତେବେ ପାଣି ଅଭାବ ସମସ୍ୟା ଯୋଗୁ ପାଚେରିରେ ଠିକ୍ ଭାବେ ପାଣି ପକାଯାଇପାରୁନାହିଁ ବୋଲି ସେ କହିଛନ୍ତି।

# ପୂର୍ବାଞ୍ଚଳସ୍ତରୀୟ ବିଜ୍ଞାନ ମେଳାରେ ଗଜପତି ଜିଲା ଛାତ୍ରୀଛାତ୍ରଙ୍କ ସଫଳତା

ପାରଳାଖେମୁଣ୍ଡି, ୧୪।୧(ସ୍ୱ.ପ୍ର.)

କୋଲକାତାରେ ଅନୁଷ୍ଠିତ ପୂର୍ବାଞ୍ଚଳସ୍ତରୀୟ ବିଜ୍ଞାନ ଓ ଗଣିତ ବୈଷୟିକ ପ୍ରକଳ୍ପ ମେଳାରେ ଗଜପତି ଜିଲାର ୨ଜଣ ବିଦ୍ୟାର୍ଥୀ ପ୍ରକଳ୍ପ ପ୍ରଦର୍ଶନ କରି ସ୍ୱତନ୍ତ୍ର ପୁରସ୍କାର ପାଇଛନ୍ତି। ପୂର୍ବରୁ ସମ୍ବଲପୁରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିଜ୍ଞାନ ଗଣିତ ଓ ପରିବେଶ ପ୍ରକଳ୍ପ ପ୍ରଦର୍ଶନୀରେ ଗଜପତି ଜିଲାର ୩ପ୍ରକଳ୍ପ ସ୍ଥାନ ପାଇଥିଲା। ପୂର୍ବାଞ୍ଚଳସ୍ତରୀୟ ବିଜ୍ଞାନ ମେଳାକୁ କାଶୀନଗରସ୍ଥ ଏମ୍.ଡି.ଭି.ଏସ୍ କନ୍‌ଭେଣ୍ଟ ସ୍କୁଲର ୭ମ ଶ୍ରେଣୀ ଛାତ୍ରୀ ପଲ୍ଲବୀ ପାଣ୍ଡି, କରଡାସିଂ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ର ଏନ୍. ପ୍ରେମସାଇଙ୍କ ପ୍ରକଳ୍ପ ମନୋନୀତ ହୋଇ ସ୍ୱତନ୍ତ୍ର ପୁରସ୍କାର ହାସଲ କରିଛି। ଏଥିପାଇଁ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ଜିଲା ବିଜ୍ଞାନ ନିରୀକ୍ଷକ ସାତ୍ତ୍ୱିକ କୁମାର ପଟ୍ଟନାୟକ, ଗାଇଡ୍ ଶିକ୍ଷକ ସଂଯୁକ୍ତା ମିଶ୍ର ପ୍ରମୁଖ ବିଦ୍ୟାର୍ଥୀଦ୍ୱୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




ପଲ୍ଲବୀ ପାଣ୍ଡିଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

### ଟ୍ରକ ଧକ୍କାରେ ବୃଦ୍ଧ ମୃତ

ଭଞ୍ଜନଗର,୧୪।୧ (ଡି.ଏନ.ଏ.)

ତାରସିଂ ଥାନା କରଡ଼ାବଣି ଛକରେ ସୋମବାର ଟ୍ରକ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲେମ୍ବେଇର ଖଦାଲୁଣି ପ୍ରଧାନ (୬୦)। ଖଦାଲୁଣି ତାଙ୍କ ଗ୍ରାମର ଯୁବରାଜ ଆଳତିଆଙ୍କ ବାଇକ୍‌ରେ ବସି ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ବାଇକ୍ ଚାଳକ ଯୁବରାଜ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଭଞ୍ଜନଗର ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି।

**ତହସିଲଦାର ଭଣ୍ଡାରିପୋଖରୀଙ୍କ କାର୍ଯ୍ୟାଳୟ**
**ଲଘୁ ଖଣିଜ ଦ୍ରବ୍ୟର ଲିଜ ସକାଶେ ଇସ୍ତାହାର**

ତହସିଲ କାର୍ଯ୍ୟାଳୟ ବିଜ୍ଞପ୍ତି ସଂଖ୍ୟା 115 ତାରିଖ 14.01.2019 ରେ ଭଣ୍ଡାରିପୋଖରୀ ତହସିଲ ଅନ୍ତର୍ଗତ ଏକ ଗୋଟି ସୈରାତ ଉତ୍ସକୁ ନେରଡ଼ା–2 କୁ ଦୀର୍ଘ ମିଆଦି ସୂତ୍ରେ ଲିଜ୍ ପାଇଁ ଇସ୍ତାହାର ପ୍ରକାଶିତ ହୋଇଅଛି। ଇସ୍ତାହାର ସମ୍ବନ୍ଧୀୟ ସମସ୍ତ ତଥ୍ୟ ଭଦ୍ରକ ଜିଲ୍ଲା website www.bhadrak.nic.in ରେ ଉପଲବ୍ଧ କରାଯାଇଅଛି। ନିଲାମରେ ଭାଗ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ website ରୁ ସମସ୍ତ ତଥ୍ୟ ହାସଲ କରି ଆବେଦନ କରିପାରିବେ କିମ୍ବା ଭଣ୍ଡାରିପୋଖରୀ ତହସିଲ କାର୍ଯ୍ୟାଳୟକୁ ଯୋଗାଯୋଗ କରି ନିଲାମ ସମ୍ବନ୍ଧୀୟ ତଥ୍ୟ ନେଇପାରିବେ।

| | |
|---|---|
| ମୁଦ ଦରଖାସ୍ତ ଅନ୍ତିମ ତାରିଖ | 16.02.2019 ସମୟ ଅପରାହ୍ନ 5 ଘଟିକା |
| ଦରଖାସ୍ତ ଉନ୍ମୋଚନ ଓ ତନଖିର ତାରିଖ | 18.02.2019 ସମୟ ପୂର୍ବାହ୍ନ 11 ଘଟିକା |

ସ୍ୱା./- ତହସିଲଦାର, ଭଣ୍ଡାରିପୋଖରୀ

**OHPC**
**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST: KALAHANDI-766026, Ph.No.7328840415, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

No. UIHEP/SGM (EL.)/TW/ PSDF / 2120 (Part – VI) / 193 / Dated 11.01.2019
NOTICE INVITING TENDER No. 46/2018-19 DATE 10.01.2019

No.CAD-1259:- Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed manufacturers / authorized dealers / channel partners / firms authorized by manufacturer of the following works as mentioned below.

| Description of Materials | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. |
|---|---|---|
| Procurement, Erection, Testing & Commissioning of 245 KV Capacitor Voltage Transformers and 245KV Voltage Transformers. | 11,800/- (inclusive of GST) | 64,440/- |

For details of the tender documents, terms and conditions please visit our website www.ohpcltd.com.
32136/11/0076/1819 Sd./- Unit Head, UIHEP, Mukhiguda

No. XXIX-92
**ଓଡ଼ିଶା ସରକାର**
**ଅନୁଗୁଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଘୋଷଣା**

File No. 992 Dated : 27.11.2018

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act. 2013) ର ଧାରା ୧୯ର ଅଧିନିୟମ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା ବୁଢାପଙ୍କ, ଥାନା–ବଂରପାଳ, ତହସିଲ–ବଂରପାଳ, ଜିଲ୍ଲା–ଅନୁଗୁଳରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଅନୁଗୁଳ ଡୁବୁରି ସୁକିନ୍ଦା ରୋଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act. 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୫୮୫, ତା. ୧୭.୦୪.୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା ବୁଢାପଙ୍କ, ଥାନା ବଂରପାଳ, ଜିଲ୍ଲା ଅନୁଗୁଳରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ angul.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନା ଭୂମି ନକ୍ସା ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ, ଅନୁଗୁଳ–ଡୁବୁରି ସୁକିନ୍ଦା ରୋଡ ନୂତନ ଓସାରିଆ ରେଳପଥ ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ସୂଚୀ – 'କ' (SCHEDULE–A)
ପ୍ରସ୍ତାବିତ ଅଧିଗ୍ରହଣ ଅଧୀନରେ ଜମି

ଜିଲ୍ଲା : ଅନୁଗୁଳ ତହସିଲ : ବଅଁରପାଳ

| ଗ୍ରାମର ନାମ | ଗ୍ରାମୀଣ / ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବୁଢାପଙ୍କ | ଗ୍ରାମାଞ୍ଚଳ | ୩୧୨ | ୨୯୭୫ | ଶାରଦ ଅଣ ଜଳସେଚିତ ତିନି | ୦.୫୧୦ | ୦.୦୧୫ | ଗମ୍ଭୀର ନାଏକ, ଗୋପୀ ନାଏକ, ଅଧିକାରୀ ନାଏକ, ପି: କୁଞ୍ଜ ନାଏକ, ଜା: ପାଣ, ବା: ନିଜଗାଁ |
| ବୁଢାପଙ୍କ | ଗ୍ରାମାଞ୍ଚଳ | ୫୪୯ | ୨୯୭୯ | ଶାରଦ ଅଣ ଜଳସେଚିତ ତିନି | ୦.୧୨୦ | ୦.୦୩୦ | ଥବିର ନାଏକ, କଛି ନାଏକ. ପୁନିଆ ନାଏକ, ପି: ଚୈତନ୍ୟ ନାଏକ, ଜା: ପାଣ, ବା: ନିଜଗାଁ |
| ବୁଢାପଙ୍କ | ଗ୍ରାମାଞ୍ଚଳ | ୭୦୬ | ୩୧୯୧ | ଶାରଦ ଅଣ ଜଳସେଚିତ ତିନି | ୦.୫୪୦ | ୦.୦୯୫ | ନିରାକାର ସାମଲ, ପି: କାର୍ତ୍ତିକ ସାମଲ, ଜା : କ୍ଷତ୍ରିୟ, ବା: ନିଜଗାଁ |
| ବୁଢାପଙ୍କ | ଗ୍ରାମାଞ୍ଚଳ | ୭୮୬ | ୩୧୯୨ | ଶାରଦ ଅଣ ଜଳସେଚିତ ଦୁଇ | ୦.୪୦୦ | ୦.୦୫୦ | ପ୍ରଫୁଲ୍ଲ ସାମଲ, ପି: ପ୍ରହଲ୍ଲାଦ ସାମଲ, ଜା: କ୍ଷତ୍ରିୟ, ବା: ନିଜଗାଁ |
| | | | | ମୋଟ | ୧.୫୭୦ | ୦.୧୯୦ | |

• ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ........................ ସଂରକ୍ଷିତ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

| ଗ୍ରାମର ନାମ | ଗ୍ରାମୀଣ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ମୋଟ ଅଞ୍ଚଳ | ପୁନର୍ବାସ ନିମନ୍ତେ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ .............। ରାଜ୍ୟପାଳଙ୍କ ଆଦେଶକ୍ରମେ
24012/14/0060/1819 ସ୍ୱା./– ଅନିଲ କୁମାର ସାମଲ, ଜିଲ୍ଲାପାଳ, ଅନୁଗୁଳ

**COLLECTORATE, NABARANGPUR (TOURISM SECTION)**
No. 7/2019 Date : 11.01.2019
**TENDER CALL NOTICE**

No. 29-R: Sealed quotations through Regd. Post/ Speed Post only are invited from the intending suppliers / firms / business man / dealer for selection of cafeteria firm / Bidders at Hirli Dongri Eco Tourism Park, Nabarangpur to provide tea, snacks, Fast-food, water etc. to the visitors / tourists. The sealed tender should reach the undersigned by 4.00 PM of 25.01.2019 and will be opened on the same date at 5.00 P.M. The details terms and condtions of the tender are available in the office of the Additional District Magistrate, Nabarangpur (Tourism Section) and also in the Nabarangpur District Website www.nabarangpur.nic.in

Sd./- Additional District Magistrate
Nabarangpur
24165/11/0001/1819

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 06 / ଭୁ.ଉ.କ., ଭୁବନେଶ୍ୱର ତା 01.01.2019 ରିଖ
KNL-54/93

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗ ନଗର ଜମି ପ୍ରକଳ୍ପର ପ୍ଲଟ୍ ନଂ–K4-292 କୁ ଶ୍ରୀମତୀ ଅନିତା ଚକ୍ରବର୍ତ୍ତୀ, ସ୍ୱାମୀ: ମୃଣାଳ ଚାଟାର୍ଜୀ, ଗ୍ରାମ: ଦଉତୋଟା, ପୋ: ପୁରୀ, ଥାନା: ପୁରୀ ସଦର, ଜିଲ୍ଲା: ପୁରୀଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଅନିତା ଚକ୍ରବର୍ତ୍ତୀ ଉକ୍ତ ପ୍ଲଟକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ମଧୁସ୍ମିତା ଦାସ, ସ୍ୱାମୀ: ପଦ୍ମଚରଣ ଦାସ, ଗ୍ରାମ: ଚଣ୍ଡିତାଲ୍, ପୋଅ/ଥାନା: ବଡ଼ଚଣା, ଜିଲ୍ଲା: ଯାଜପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଠାରେ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହାହେଲେ ଏହି ସୂଚନା ପ୍ରକାଶନର (ପନ୍ଦର) ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୨, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 338/2 / ଭୁ.ଉ.କ., ଭୁବନେଶ୍ୱର ତା 03.12.18 ରିଖ
KNL-885/93

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗ ନଗର ଜମି ପ୍ରକଳ୍ପର ପ୍ଲଟ୍ ନଂ–K4-267 କୁ ଶ୍ରୀମତୀ ଶୁଭଶ୍ରୀ ଦତ୍ତ, ସ୍ୱାମୀ: ପ୍ରସନ୍ ରଣା, ଗ୍ରାମ/ପୋଅ: ହରିଡାଖଣ୍ଡି, ଥାନା: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଶୁଭଶ୍ରୀ ଦତ୍ତ ଉକ୍ତ ପ୍ଲଟକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଅକ୍ଷୟ କୁମାର କହଁର, ପିତା: ସ୍ୱର୍ଗତ ରାମ ଶଙ୍କର କଅଁର, ଗ୍ରାମ/ପୋଅ: ବୋଙ୍ଗା, ଭାୟା: ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହାହେଲେ ଏହି ସୂଚନା ପ୍ରକାଶନର (ପନ୍ଦର) ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୨

**ବିହନ ବିଶୋଧନ ଅଭିଯାନ- ୨୦୧୮-୧୯**
**(ଜିଲ୍ଲା କୃଷି କାର୍ଯ୍ୟାଳୟ, ଜଗତ୍‌ସିଂହପୁର)**

ଫସଲକୁ ବିଭିନ୍ନ ରୋଗ ଦାଉରୁ ରକ୍ଷା କରିବା ପାଇଁ ରାଜ୍ୟ ଯୋଜନା ୨୦୧୮–୧୯ ଜରିଆରେ ବିହନ ବିଶୋଧନ କାର୍ଯ୍ୟକ୍ରମ ଚଳିତବର୍ଷ ଜାନୁୟାରୀ ମାସ ୧୫ ତାରିଖରୁ ୩୦ ତାରିଖ ମଧ୍ୟରେ କୃଷି ବିଭାଗ ମାଧ୍ୟମରେ ଜିଲ୍ଲା କୃଷି ଅଧିକାରୀ, ଜଗତ୍‌ସିଂହପୁରଙ୍କ ତତ୍ତ୍ୱାବଧାନରେ ଜଗତ୍‌ସିଂହପୁର, ବାଲିକୁଦା, ରଘୁନାଥପୁର, ବିରିଡି ଓ ନାଉଗାଁ ବ୍ଲକର ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଚାଷୀମାନଙ୍କ ସଞ୍ଚିତ ବିହନ ବିଶୋଧନ ସହିତ ବୈଷୟିକ ଜ୍ଞାନକୌଶଳ ବିଷୟରେ ଅବଗତ କରାଯିବ। ଏହି କାର୍ଯ୍ୟକ୍ରମରେ ଯୋଗଦାନ ପୂର୍ବକ ଏହାର ସଫଳ ରୂପାୟନ ପାଇଁ ଚାଷଭାଇ ଓ ଭଉଣୀମାନଙ୍କୁ ବିଶେଷ ଅନୁରୋଧ।

ସ୍ୱା./– ଶ୍ରୀ ପ୍ରମୋଦ କୁମାର ମଲ୍ଲିକ
ଜିଲ୍ଲା କୃଷି ଅଧିକାରୀ, ଜଗତ୍‌ସିଂହପୁର

**ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ, ପୁରୀ**
**DIST EMPLOYMENT EXCHANGE OFFICE, PURI**

ପୁରୀ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା–୨୦୧୯
ସ୍ଥାନ: GOVT. I.T.I. CAMPUS, PURI, ତା ୧୮।୦୧।୨୦୧୯ରିଖ ଦିବା ୯ ଘଟିକା

No.103-KK:- ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଓଡ଼ିଶା ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପୁରୀ ଜିଲ୍ଲାର ବେକାର ଯୁବକ ଓ ଯୁବତୀମାନଙ୍କୁ ଭାରତର ବିଭିନ୍ନ ବେସରକାରୀ ସଂସ୍ଥା (Company) ମାନଙ୍କରେ ନିଯୁକ୍ତି ପ୍ରଦାନ ଏବଂ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଦ୍ୱାରା ଚୁକ୍ତି ହୋଇଥିବା ପି.ଆଇ.ଏ.ଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଅଛି।

ଏଥିନିମନ୍ତେ ଅଣକୁଶଳୀ, ଅର୍ଦ୍ଧକୁଶଳୀ (୫ମରୁ +୩ ପର୍ଯ୍ୟନ୍ତ) ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ଜଣାଇ ଦିଆଯାଉଅଛି କି, ସେମାନେ ନିଜର ଶିକ୍ଷାଗତ ପ୍ରମାଣପତ୍ର (ଜେରକ୍ସ ଏବଂ ମୂଳକପି), ଦୁଇଗୋଟି ଫଟୋ ସହିତ GOVT. I.T.I. CAMPUS, PURI ପରିସରରେ ଉପରଲିଖିତ ତାରିଖରେ ଉପସ୍ଥିତ ରହି ବିଭିନ୍ନ କମ୍ପାନୀମାନଙ୍କ ସହିତ ସାକ୍ଷାତ୍‌କାର ପରୀକ୍ଷାରେ ଭାଗ ନେଇପାରିବେ।

ସବିଶେଷ ସୂଚନା ନିମନ୍ତେ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ (Dist. Employment Exchange Office), ପୁରୀଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ।
ଦୂରଭାଷ: (୦୬୭୫୨) ୨୨୨୭୫୭

ଜିଲ୍ଲା ନିୟୋଜନ ଅଧିକାରୀ, ପୁରୀ ଜିଲ୍ଲାପାଳ, ପୁରୀ
14052/11/0004/1819

**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE EXECUTIVE ENGINEER, NAYAGARH (R&B) DIVISION, NAYAGARH**
**WORKS DEPARTMENT**
**TENDER CALL NOTICE**
E-mail: pwdoff.ngd@gmail.com
Bid Identification No. EE-Nayagarh (R&B) Division- Online 05/2018-19

No. 1123-B: The Executive Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in Double cover system in ONLINE MODE from eligible contractors for construction of Building & Road work as detailed in the table below:

| | | |
|---|---|---|
| 1. | Nature of Work | Building & Culvert Work. |
| 2. | No of Work | 2 Nos |
| 3. | Tender Cost | To be remitted online through a process as mentioned in DTCN. |
| 4. | Class of Contractor | As mentioned in DTCN |
| 5. | Available of Bid Document in the Website | From Dt 21.01.2019, 10.00 AM to Dt. 02.02.2019 up to 5.00 PM . |
| 6. | Date of opening of Bid | Dt.04.02.2019 at 11.00 AM |
| 7. | The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website. | |

Executive Engineer,
34138/11/0011/1819 Nayagarh (R&B) Division, Nayagarh

**OFFICE OF THE EXECUTIVE ENGINEER RWS&S DIVISION, KENDRAPARA**
At: Ichhapur, Post: Shree Baladevjew, Email: eerwsskendrapara@gmail.com
**INVITATIONS FOR BIDS (IFB) [e-Procurement]**
Bid Identification No. RWS/34/2018-2019
Letter No. 04 Dated 02.01.2019

1 The Executive Engineer, RWS&S Division, Kendrapara on behalf of Governor of Odisha invites lump comps its bid in double cover system in ONLINE MODE from eligible contractors for execution of Rural Piped Water Supply Schemes in Kendrapara District.

| | | |
|---|---|---|
| 2 | Name of the work | : Execution of RPWS Schemes in the district of Kendrapara |
| 3 | No. of Work | : 4 (Four Nos.) |
| 4 | Value of the Work | : Rs. 91.17 Lakhs to Rs. 325.41 Lakhs |
| 5 | Concerned tender inviting authority | : Executive Engineer, RWS&S Division, Kendrapara |
| 6 | Security amount (Rs.) (Online) | : Rs. 92000/- and Rs. 326000/- |
| 7 | Cost of Bid documents (Rs.) (Online) | : Rs. 10000.00 |
| 8 | Class of Bidder | : "B" "A" & Special |
| 9 | Period of Completion | : 10 Months to 1 Year |
| 10 | Availability of bid documents in the website | : From date. 21.01.2019 at 10.00 A.M to date. 05.02.2019 5.00 P.M |
| 11 | Last Date & Time of seeking tender clarification | : Up to 31.01.2019 at 1.00 P.M |
| 12 | Date of Opening of Bid | : On date. 07.02.2019 at 10.00 A.M onwards |

The bidders have to participate in ONLINE bidding only. Further details can be seen from the website i.e. http://tendersorissa.gov.in.
Subsequent corrigendum / addendum if required shall only be appeared in above website.

No.1322-O
Sd./- Executive Engineer,
25004/11/0011/1819 RWS&S Division, Kendrapara

# ନାରୀ ହାତରେ ସୁରକ୍ଷା




**ଆଜିକାଲି ନାରୀ ଘରର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହିନାହାନ୍ତି। ବିଭିନ୍ନ କ୍ଷେତ୍ରରେ ସେମାନେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ପ୍ରଶଂସିତ ହୋଇଛନ୍ତି। ଭାରତୀୟ ସେନାରେ ଯୋଗଦେଇ ସେମାନେ ସୃଷ୍ଟି କରିଛନ୍ତି ଏକ ନୂଆ ଅଧ୍ୟାୟ। ଆଜି ପାଳିତ ହେଉଥିବା ୭୧ତମ ଭାରତୀୟ ସେନା ଦିବସ ଅବସରରେ ସେପରି କେତେଜଣ ଚର୍ଚ୍ଚିତ ମହିଳାଙ୍କ ସମ୍ପର୍କରେ...**

ଆମ ଦେଶରେ, ଆମ ରାଜ୍ୟରେ ଅନେକ ବୀର ରମଣୀ ସେମାନଙ୍କ ଅଦମ୍ୟ ବୀରତ୍ୱ ଓ ସାହସ ପ୍ରଦର୍ଶନ କରି ଶତ୍ରୁଙ୍କୁ ପରାସ୍ତ କରିବା ସହିତ ଇତିହାସରେ ସେମାନଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଯାଇଛନ୍ତି। ଏମାନଙ୍କ ମଧ୍ୟରେ ଝାନ୍‌ସୀର ରାଣୀ ଲକ୍ଷ୍ମୀ ବାଈ(ମଣିକର୍ଣ୍ଣିକା) ଓ ବାଙ୍କୀର ବୀରାରାଣୀ ଶୁକ ଦେଈଙ୍କ ନାମ ଅନ୍ୟତମ। ମାତ୍ର ଭାରତୀୟ ସେନାରେ ବହୁଦିନ ପର୍ଯ୍ୟନ୍ତ ମହିଳାମାନଙ୍କୁ ନିଯୁକ୍ତି ଦିଆଯାଇ ନ ଥିଲା। 'ଭାରତୀୟ ସେନା ସେବିକା ସେବା'(ଆଇଏମ୍‌ଏନ୍‌ଏସ୍) ୧୮୮୮ ମସିହାରେ ପ୍ରଚଳନ କରାଯାଇ ନର୍ସମାନଙ୍କୁ ସେନାରେ ଚିକିତ୍ସା ଓ ନର୍ସିଂ ସେବା ପ୍ରଦାନ ପାଇଁ ଅନ୍ତର୍ଭୁକ୍ତ କରାଯାଇଥିଲା। ସମ୍ମୁଖ ଯୁଦ୍ଧରେ ମହିଳା ଅଧିକାରୀ ଓ ଯବାନମାନଙ୍କୁ ନିଆଯାଉ ନ ଥିବା ବେଳେ ଏବେ ସେଥିରେ ପରିବର୍ତ୍ତନ ଆସଛି। ଏବେ (୨୦୧୪) ସ୍ଥଳସେନାରେ ୩%, ନୌସେନାରେ ୨.୮% ଓ ବାୟୁସେନାରେ ୮.୫% ମହିଳା ସେନା ଓ ଅନ୍ୟ କର୍ମଚାରୀ ଥିବାର ଜଣାଯାଏ।

ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯-୪୫)ରେ ୩୫୦ ପାଖାପାଖି ବ୍ରିଟିଶ୍ ଭାରତୀୟ ସେନାର ନର୍ସ ମୃତ୍ୟୁବରଣ କରିଥିବା କିମ୍ବା ଯୁଦ୍ଧବନ୍ଦୀ ରୂପେ ନିଆ ଯାଇଥିବା ଜଣାଯାଏ ଏବଂ ପରବର୍ତ୍ତୀ ସମୟରେ ଏମାନଙ୍କୁ ଯୁଦ୍ଧ ଦ୍ୱାରା ନିଖୋଜ ବୋଲି ଘୋଷଣା କରାଯାଇଥିଲା। Women's auxiliary lorps(India) ୧୯୪୨ରେ ସ୍ଥାପନ କରାଯାଇଥିଲା। ନୁର୍ ଉନାୟତ୍ ଖାନ୍ (ଜର୍ଜକ୍ରଶ), କଲ୍ୟାଣୀ ସେନ୍, ସେକେଣ୍ଡ ଅଫିସର(ପ୍ରଥମ ଭାରତୀୟ ମହିଳା, ଯେ କି ସଂଯୁକ୍ତ ରାଷ୍ଟ୍ରକୁ ଯାଇଥିଲେ) ଉଭୟ ମହିଳା ରୟାଲ୍ ଭାରତୀୟ ନୌସେନାରେ କାର୍ଯ୍ୟ କରିଥିଲେ।

ମାତ୍ର ମହିଳାମାନଙ୍କୁ ସମ୍ମୁଖ ଯୁଦ୍ଧ ଓ ଇନ୍‌ଫ୍ୟାଣ୍ଟ୍ରିରେ ଅଣମେଡିକାଲ ସେବାରେ କାମ କରିବା ଲାଗି ଅନୁମତି ନ ଥିଲା। ୧୯୯୨ରେ ଭାରତୀୟ ସେନା ପ୍ରଥମ ଥର ପାଇଁ ମହିଳା ଅଫିସରମାନଙ୍କୁ ଅଣମେଡିକାଲ ପଦବୀରେ ନିଯୁକ୍ତି ପ୍ରଦାନ କରିଥିଲା । ସେ ସମୟରେ ୧୦୫ ଭାରତୀୟ ମହିଳା ପୋଲିସ ସଂଯୁକ୍ତ ରାଷ୍ଟ୍ରର ଶାନ୍ତିରକ୍ଷୀ ବାହିନୀରେ ଲାଇବେରିଆରେ ସ୍ଥାପିତ ହୋଇଥିଲେ। ଅଲକା ଖୁରାନା ପ୍ରଥମ ମହିଳା ଅଫିସର ଭାବେ ଭାରତୀୟ ସେନା ତରଫରୁ ୧୯୯୪ରେ ସାଧାରଣତନ୍ତ୍ର ଦିବସର ନେତୃତ୍ୱ ନେଇଥିଲେ। ସେ ୧୯୯୩ ମସିହାରେ ସେନାର କମିଶନ୍ଡ ହୋଇଥିଲେ। ସାପର୍ ଶାନ୍ତିଟିଗା ପ୍ରଥମ ମହିଳା ଯବାନ ଭାବେ ୨୦୧୧ରେ ଯୋଗଦେଇଥିଲେ ଓ ପ୍ରିୟା ସାମେଓ୍ୱାଲ୍ ୨୦୧୪ରେ ତାଙ୍କ ସ୍ୱାମୀ, ଯେ କି ଆର୍ମି ଅଫିସର ଭାବେ ଯୁଦ୍ଧକ୍ଷେତ୍ରରେ ବୀରଗତିପ୍ରାପ୍ତ ହୋଇଥିଲେ, ତାଙ୍କ ପରେ ଆର୍ମିରେ ଅଫିସର ରୂପେ ନିଯୁକ୍ତି ପାଇଥିଲେ। ଏହାବ୍ୟତୀତ ମିତାଲି ମଧୁମିତା ଲ୍ୟୁଟ୍‌ନାଣ୍ଟ କର୍ନେଲ୍ ୨୦୦୦ ମସିହାରେ କମିଶନ୍ଡ ହୋଇଥିଲେ। ସେ ମଧ୍ୟ 'ସେନା ମେଡାଲ' ଲାଭ କରିଥିଲେ ୨୦୧୦ର କାବୁଲସ୍ଥିତ ଭାରତୀୟ ଦୂତାବାସ ଆକ୍ରମଣ ସମୟରେ ପ୍ରଦର୍ଶନ କରିଥିବା ସାହସିକତା ପାଇଁ। ପ୍ରଥମ ବ୍ୟାଚ୍ ମହିଳା ଅଫିସରମାନଙ୍କ ମଧ୍ୟରେ ଅଞ୍ଜନା ଭାଦୁରିଆ ୧୯୯୨ରେ ସ୍ୱର୍ଣ୍ଣପଦକ ବିଜୟିନୀ ହୋଇଥିଲେ। ତାଙ୍କ ସହିତ ପ୍ରିୟା ଝିଙ୍ଗାନ୍ ମଧ୍ୟ ଅସାଧାରଣ କୃତିତ୍ୱ ପ୍ରଦର୍ଶନ କରିଥିଲେ। ୨୦୧୦ରେ କମିଶନ୍ଡ ହୋଇଥିବା ମହିଳା ଅଫିସର ଦିବ୍ୟା ଅଜିତ କୁମାର ବୀରତ୍ୱର ଖଡ୍‌ଗ ଲାଭ କରିଥିଲେ। ସେ ୧୫୪ଜଣ ମହିଳା ଅଫିସରଙ୍କର ୨୦୧୫ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ନେତୃତ୍ୱ ନେଇଥିଲେ। ପାନେଭିଲାଲିଜୀ ସେନା ଇଣ୍ଟେଲିଜେନ୍ସ ବାହିନୀରେ ୨୦୧୧ରେ ଯୋଗଦେଇଥିଲେ ଓ ସେ ପ୍ରଥମ ମହିଳା ଅଫିସର ଭାବେ ସେନା ମୁଖ୍ୟଙ୍କର 'କି ଏଡ୍' ଥିଲେ। କ୍ୟାପଟେନ୍ ସ୍ୱାତୀ ସିଂ ପ୍ରଥମ ମହିଳା ଇଞ୍ଜିନିୟର ଭାବେ ୬୩ ବି ଗ୍ରେଡ୍ ଭାରତୀୟ ସେନାର ଦୁର୍ଗମ 'ନାଥୁଲା' ପାସ୍‌ରେ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଲ୍ୟୁଟ୍‌ନାଣ୍ଟ ସୋଫିଆ କ୍ୟୁରେସୀ ୨୦୧୬ରେ ASEAN ପ୍ଲସ୍ ଅନ୍ତର୍ଜାତୀୟ କ୍ଷେତ୍ର ତାଲିମର ସଫଳ ନେତୃତ୍ୱ ନେଇଥିଲେ। ସେହିପରି ଭାରତୀୟ ବାୟୁସେନାରେ ୧୯୯୪ରେ ଫ୍ଲାଇଟ୍ ଅଫିସର ରୂପେ (୧୯୯୯ ମେ-ଜୁଲାଇ) କାର୍‌ଗିଲ୍ ଯୁଦ୍ଧରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦୀପିକା ମିଶ୍ର ପ୍ରଥମଥର ପାଇଁ 'IAF' ଭାରତୀୟ ବାୟୁସେନାର ପାଇଲଟ୍ ରୂପେ ହେଲିକପ୍ଟର ଏରୋବିକ୍ ଟିମ୍‌କୁ ତାଲିମ ପ୍ରଦାନ କରିଥିଲେ।

ଫ୍ଲାଇଟ୍ ଲ୍ୟୁଟ୍‌ନାଣ୍ଟ ନିବେଦିତା ଚୌଧୁରୀ ପ୍ରଥମଥର ପାଇଁ ଏଭରେଷ୍ଟ ବିଜୟିନୀ ହୋଇଥିଲେ। ୨୦୧୫ରେ ୯୪ ଜଣ ପାଇଲଟ, ୧୪ ନାଭିଗେଟରଙ୍କ ସହିତ ୧୫୦୦ରୁ ଊର୍ଦ୍ଧ୍ୱ ମହିଳା ଭାରତୀୟ ବାୟୁସେନାରେ କାର୍ଯ୍ୟରତ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସର୍ବୋଚ୍ଚ ପଦବୀ (ସେନାର ଦ୍ୱିତୀୟ ଉଚ୍ଚତମ)ରେ ଅବସ୍ଥାପିତ ହେବାରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ପୁନୀତା ଆରୋରା ଥିଲେ ପ୍ରଥମ ମହିଳା। ସେ ଆର୍ମି ମେଡିକାଲ କୋରରେ ୧୯୬୮ ମସିହାରେ କମିଶନ୍ଡ ହୋଇଥିଲେ। ସେ ମଧ୍ୟ ଥିଲେ ନୌବାହିନୀର ପ୍ରଥମ ମହିଳା ଭାଇସ୍ ଆଡ୍‌ମିରାଲ। ସେହିଭଳି ବାୟୁସେନାର ପଦ୍ମାବତୀ ବନ୍ଦୋପାଧ୍ୟାୟ ପ୍ରଥମ ମହିଳା ଏୟାର ମାର୍ଶାଲ୍ ରୂପେ ଅବସ୍ଥାପିତ ହୋଇଥିଲେ। ଡ. ସୀମା ରାଓଙ୍କୁ ଭାରତର 'ଓ୍ୱାଣ୍ଡର ଓମ୍ୟାନ୍' ବା ଆଶ୍ଚର୍ଯ୍ୟ ମହିଳା ବୋଲି କୁହାଯାଇଥାଏ। ସେ ୧୫,୦୦୦ରୁ ଊର୍ଦ୍ଧ୍ୱ କମାଣ୍ଡୋଙ୍କୁ (ଯଥା ଏନ୍‌ଏସ୍‌ଜି ବ୍ଲାକ୍ କ୍ୟାଟ୍‌ସ, ମାର୍କୋସ, ଗାର୍ଡ ଇତ୍ୟାଦି) ନିରବଚ୍ଛିନ୍ନ ଭାବେ ୨୦ ବର୍ଷ ଧରି ତାଲିମ ଓ ଦିଗ୍‌ଦର୍ଶନ ଦେଇଆସିଛନ୍ତି। 'ଭାରତୀୟ ତଟରକ୍ଷକ' (ଇଣ୍ଡିଆନ୍ କୋଷ୍ଟଗାର୍ଡ)ରେ ଜାନୁୟାରୀ ୨୦୧୭ରେ ପ୍ରଥମଥର ପାଇଁ ୪ଜଣ ମହିଳା ଅଧିକାରୀ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅନୁରାଧା ଶୁକ୍ଳା, ସ୍ନେହା, କଥ୍ୟାଟ୍, ସିରିନ୍ ଚନ୍ଦ୍ରନ୍ ଓ ବସୁନ୍ଧରା ଚକ୍ବି କଣ୍ଟାକ୍ଟ ବୋର୍ଡରେ ନିଯୁକ୍ତି ପାଇଥିଲେ । ୨୦୧୬ ଏପ୍ରିଲରେ ଆସାମ ରାଇଫଲ୍ସରେ ୧୦୦ ମହିଳା ସୈନିକଙ୍କ ପ୍ରଥମ ବ୍ୟାଚ୍‌କୁ ଭର୍ତ୍ତି କରାଯାଇଥିଲା। ୧୯୬୨ରେ ସୃଷ୍ଟି କରାଯାଇଥିବା ସ୍ୱତନ୍ତ୍ର ସୀମାବଳ ୧୯୭୨ରେ ଚାଇନା - ଭାରତ ଯୁଦ୍ଧ ସମୟରେ ୫୦୦ ମହିଳାଙ୍କୁ ମେଡିକାଲ, ସିଗ୍‌ନାଲ୍ ଓ ଅଫିସ୍ କର୍ମରେ ନିଯୁକ୍ତି ପ୍ରଦାନ କରିଥିଲେ। ମାର୍ଚ୍ଚ ୨୦୧୬ରେ କେନ୍ଦ୍ର ସଶସ୍ତ୍ର ପୋଲିସ ବାହିନୀ, କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ, ସୀମା ସୁରକ୍ଷା ବଳ, ଇଣ୍ଡୋ ତିବେତାନ୍ ସୀମା ପୋଲିସ, ଏସ୍‌ଏସ୍‌ବି, ସିଆଇଏସ୍‌ଏଫ୍ ଇତ୍ୟାଦିରେ ସିଧାସଳଖ ମହିଳାମାନଙ୍କୁ ପର୍ଯ୍ୟାୟକ୍ରମେ ଅନ୍ତର୍ଭୁକ୍ତ କରାଗଲା। ୨୦୧୬ ମାର୍ଚ୍ଚରେ ଗୃହମନ୍ତ୍ରୀ ରାଜନାଥ ଆଇପିଏଫ୍ ଓ ସିଆଇଏସ୍‌ଏଫ୍‌ରେ ୩୫% ମହିଳାଙ୍କୁ ନିଯୁକ୍ତି ଦେବାର ଘୋଷଣା କରିଥିଲେ। ଏବେ ଭାରତୀୟ ବାୟୁସେନାରେ ମହିଳା ପାଇଲଟ୍‌ମାନେ ନିଯୁକ୍ତି ପାଉଛନ୍ତି। ସ୍ଥଳ ଓ ନୌସେନାରେ ମଧ୍ୟ ସାହସ ଓ ଧୈର୍ଯ୍ୟର ସହିତ କାର୍ଯ୍ୟରତ ଅଛନ୍ତି। ନିମ୍ନରେ ୧୩ ଜଣ ଉଚ୍ଚ ପଦବୀରେ ଅଧିଷ୍ଠିତ ମହିଳା ସେନା ଅଫିସରଙ୍କ ସମ୍ୟକ୍ ତଥ୍ୟ ଦିଆଯାଇଛି।

**୧. ପୁନୀତା ଆରୋରା:** ପ୍ରଥମ ମହିଳା ଲ୍ୟୁଟ୍‌ନାଣ୍ଟ ଜେନେରାଲ, ପ୍ରଥମ ମହିଳା ଭାଇସ୍ ଆଡ୍‌ମିରାଲ। ୨୦୦୪ରେ ଆର୍ମଡ ସର୍ଭିସେସ୍ ମେଡିକାଲ କଲେଜର କମାଣ୍ଡର ଥିଲେ।

**୨. ପଦ୍ମାବତୀ ବନ୍ଦୋପାଧ୍ୟାୟ:** ବାୟୁସେନାର ପ୍ରଥମ ଏୟାର ମାର୍ଶାଲ୍, ଭାରତୀୟ ବାୟୁସେନାରେ ୧୯୬୮ରେ ଯୋଗଦେଇଥିଲେ। ପ୍ରଥମ ଆଭିଏଶନ୍ ମେଡିସିନ୍ ସ୍ପେସିଆଲିଷ୍ଟ ୧୯୭୧ ଭାରତ - ପାକିସ୍ତାନ ଯୁଦ୍ଧରେ ଯୋଗଦେଇଥିଲେ।

**୩. ମିତାଲି ମଧୁମିତା:** ୨୦୧୧ ଫେବୃୟାରୀରେ ସେନା ପଦକ ପାଇଥିଲେ। ଲ୍ୟୁଟ୍‌ନାଣ୍ଟ କର୍ନେଲ୍ ପଦବୀରେ ଅବସ୍ଥାପିତ ହୋଇଥିଲେ।

**୪. ପ୍ରିୟା ଝିଙ୍ଗାନ୍:** ୨୧ ସେପ୍ଟେମ୍ବର ୧୯୯୨ରେ ପ୍ରଥମ ସେନା ମହିଳା କ୍ୟାଡେଟ୍ ଭାବେ ଯୋଗ ଦେଇଥିଲେ। ସେ ମହିଳାମାନଙ୍କର ମୁଖ୍ୟ ଭୂମିକା ନେଇଥିଲେ।

**୫. ଦିବ୍ୟା ଅଜିତ୍ କୁମାର:** ପ୍ରଥମ ମହିଳା ସେନା ଅଧିକାରୀ। ୨୦୧୫ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ୧୫୪ ମହିଳା ସେନାଙ୍କର ନେତୃତ୍ୱ ନେଇଥିଲେ।

**୬. ନିବେଦିତା ଚୌଧୁରୀ:** ପ୍ରଥମ ବାୟୁସେନା ମହିଳା ଅଧିକାରୀ। ସେ ଏଭରେଷ୍ଟ ଆରୋହଣ କରିଥିଲେ।

**୭. ଅଞ୍ଜନା ଭାଦୁରିଆ:** ସ୍ୱର୍ଣ୍ଣପଦକ ପାଇବାରେ ପ୍ରଥମ ମହିଳା ସେନା ଅଧିକାରୀ।

**୮. ଦୀପିକା ମିଶ୍ର:** ୨୦୦୬ରେ ପ୍ରଥମ ମହିଳା ଭାବେ ବିମାନ ଉଡାଣ ତାଲିମ ନେଇଥିଲେ।

**୯. ସୋଫିଆ କ୍ୟୁରେସୀ:** ଏସିଆନ୍ ପ୍ଲସ ଅନ୍ତର୍ଜାତୀୟ ସ୍ତରର ତାଲିମରେ ମୁଖ୍ୟ ଥିଲେ। ପ୍ରଥମ ସେନା ମହିଳା ଅଧିକାରୀ ଭାବେ ମୁଖ୍ୟ ଦାୟିତ୍ୱ ନେଇଥିଲେ।

**୧୦. ଶାନ୍ତି ଟିଗା:** ସେନାର ପ୍ରଥମ ମହିଳା ଯବାନ, ବିଶିଷ୍ଟ ଗନର ଥିଲେ।

**୧୧. ଗାନେଭି ଲାଲିଜି:** ପ୍ରଥମ କି ଏଡ୍ ଟୁ ଆର୍ମି କମାଣ୍ଡର ଥିଲେ।

**୧୨. ଗୁଞ୍ଜନ୍ ସାକ୍‌ସେନା:** ପ୍ରଥମ ମହିଳା ଫ୍ଲାଇଟ୍ ଅଫିସର। କାର୍‌ଗିଲ ଯୁଦ୍ଧରେ ୧୨ରୁ ଅଧିକ ଥର ବିମାନ ଉଡ଼ାଣ ଭରିଥିଲେ।

**- ଡା. ରାମଚନ୍ଦ୍ର ରାଉତ**
୯୩୩୭୨୦୩୯୪୮

## ଫ୍ୟାଶନ



**ଶୀତଦିନେ ଥଣ୍ଡାରୁ ବର୍ତ୍ତିବା ପାଇଁ ସମସ୍ତେ ଶୀତବସ୍ତ୍ର ଆପଣାଇଥାନ୍ତି। ତେବେ କିପରି ଶୀତ ପୋଷାକ ପିନ୍ଧି ଆପଣ ଲାଗିବେ ଫ୍ୟାଶନେବୁଲ୍ ଜାଣନ୍ତୁ ସେ ସମ୍ପର୍କରେ କିଛି ଟିପ୍ସ...**

- ସ୍ମାର୍ଟ ଲୁକ୍ ପାଇଁ ରାଉଣ୍ଡ୍ ନେକ୍‌ର ସ୍ୱେଟର ସହ ହ୍ୱାଇଟ୍ ଶାର୍ଟ ଲେୟର କରନ୍ତୁ। ଏହା ସହିତ ଟ୍ରେଞ୍ଚ କୋଟ୍ ପିନ୍ଧନ୍ତୁ, ଯାହାକି ସବୁବେଳେ ଫ୍ୟାଶନ୍‌ରେ ରହିଥାଏ। ଏହା ଆପଣଙ୍କୁ ଅଲଗା ଲୁକ୍ ଦେଇଥାଏ।
- ଶୀତଦିନେ ଗ୍ରେ, ଡାର୍କ୍ ବ୍ରାଉନ୍, ଗାଢ଼ ନୀଳ, ବାଇଗଣୀ ଆଦି ଗାଢ଼ ରଙ୍ଗର ସ୍ପୋର୍ଟ ଆଉଟ୍‌ଫିଟ୍ ପିନ୍ଧନ୍ତୁ, ଯାହାକି ଆପଣଙ୍କୁ ଫ୍ୟାଶନେବୁଲ୍ ଲୁକ୍ ଦେବ।
- କମ୍ପ୍ଲିଟ୍ ଲୁକ୍ ପାଇଁ ମଫଲର, ନେକ୍ ଓ୍ୱାର୍ମର ଏବଂ ଗ୍ଲୋବ୍‌ସ ପିନ୍ଧିପାରିବେ, ଯାହାକି ଫ୍ୟାଶନ୍ ସହ ଆପଣଙ୍କୁ ଶୀତରୁ ମଧ୍ୟ ରକ୍ଷା କରିବ।
- ଶୀତଦିନିଆ କପଡ଼ାର ଲେୟାରିଂ କେବଳ ଆରାମଦାୟକ ନୁହେଁ, ବରଂ ଫ୍ୟାଶନେବୁଲ୍ ଲାଗିଥାଏ। ଏହିଦିନେ ମେରିନୋ ଉଲ୍ ଉତ୍ତମ ଫ୍ୟାବ୍ରିକ୍ ପରି କାମ କରିଥାଏ।

## ବଦଳାନ୍ତୁ ଏଭଳି ଅଭ୍ୟାସ

ବିଳମ୍ବିତ ରାତିରେ ଶୋଇବା ଏବେ ଅନେକଙ୍କର ଅଭ୍ୟାସ ହୋଇଗଲାଣି। କିନ୍ତୁ ରିସର୍ଚ୍ଚ କହେ ରାତିରେ ୭ ରୁ ୮ ଘଣ୍ଟା ଶୋଇବା ସ୍ୱାସ୍ଥ୍ୟ ପାଇଁ ଭଲ। କିଛି ଲୋକଙ୍କୁ ତ ରାତିରେ ଠିକ୍ ଭାବେ ନିଦ ହୁଏନାହିଁ। ଯଦ୍ୱାରା ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦିଏ। ଜାଣନ୍ତୁ କିଛି ଟିପ୍ସ, ଯଦ୍ୱାରା ରାତିରେ ଠିକ୍ ଭାବେ ନିଦ ହେବା ସହ ସୁସ୍ଥ ବି ରହିପାରିବେ।

**ଶୋଇବା ସମୟ ସ୍ଥିର କରନ୍ତୁ-** ଯଦି ଆପଣ ବୟସ୍କ, ତେବେ ପ୍ରତିଦିନ ସାଢ଼େ ୭ଘଣ୍ଟାରୁ ୮ ଘଣ୍ଟା ଶୁଅନ୍ତୁ। କାରଣ ଏହି ବୟସରେ ଅଧିକ ନିଦର ଆବଶ୍ୟକତା ରହିଛି।

**ଶୋଇବା ପୂର୍ବରୁ ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ-** ଶୋଇବା ପୂର୍ବରୁ ରାତିରେ ଚା, କଫି ଆଦି ସେବନ କରନ୍ତୁ ନାହିଁ। କାରଣ ଏହାର ପ୍ରଭାବ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ। ଫଳରେ ଆପଣ ଚାହିଁଲେ ବି ଶୀଘ୍ର ଶୋଇପାରିବେ ନାହିଁ।

**ଅଧିକ ଖାଦ୍ୟ ଖାଆନ୍ତୁ ନାହିଁ-** ରାତିରେ ଶୋଇବାର ୨ ଘଣ୍ଟା ପୂର୍ବରୁ ଖାଦ୍ୟ ଖାଆନ୍ତୁ। ଶୋଇବାର ଅଳ୍ପ ସମୟ ପୂର୍ବରୁ ଅଧିକ ଖାଦ୍ୟ ଖାଇ ଶୋଇଲେ ଶରୀରରେ କଷ୍ଟ ଅନୁଭବ କରିବେ ଏବଂ ଏଥିପାଇଁ ବେଳେବେଳେ ଅନିଦ୍ରା ମଧ୍ୟ ରହିବାକୁ ପଡ଼ିଥାଏ।

**ଉତ୍ତମ ବାତାବରଣ-** ରାତିରେ ଶୋଇବା ପୂର୍ବରୁ ବହି ପଢ଼ନ୍ତୁ। ମୁଡ୍ ଠିକ୍ ରଖିବା ପରି ଗୀତ ଶୁଣନ୍ତୁ। ଆପଣ ଚାହିଁଲେ ଭଲ ଭାବେ ଗାଧୋଇ ପାରିବେ। ଏହାଛଡ଼ା ଆପଣଙ୍କ ଶୋଇବା ସ୍ଥାନ ଆରାମଦାୟକ ହେବା ଦରକାର।

**ଥକା ଲାଗିଲେ-** ଆପଣଙ୍କୁ ଥକା ଲାଗିବାମାତ୍ରେ ତୁରନ୍ତ ଶୋଇପଡ଼ନ୍ତୁ। ଜବରଦସ୍ତି ବିଳମ୍ବିତ ରାତିଯାଏ ଚେଇଁ ରୁହନ୍ତୁ ନାହିଁ।

**ଶୀଘ୍ର ଶୋଇବା ପାଇଁ ଖାଆନ୍ତୁ-** ଚେରି, କ୍ଷୀର, ବାଦାମ, କଦଳୀ ଓ ସିଝାଅଣ୍ଡା ଖାଇବା ସହ ହର୍ବାଲ ଚା ପିଅନ୍ତୁ। ଫଳରେ ଆପଣଙ୍କୁ ଶୀଘ୍ର ନିଦ ଆସିଯିବ।

**ରାତିରେ ଶୀଘ୍ର ଶୋଇବାର ଫାଇଦା-** ରାତିରେ ଶୀଘ୍ର ଶୋଇବା ଦ୍ୱାରା ଟେନ୍‌ସନ୍ କମ୍ ହୋଇଥାଏ। ଓଜନ ବି କମ୍ ହୋଇଥାଏ। ସକାଳେ ଉଠିଲେ ଫ୍ରେଶ୍ ଲାଗିଥାଏ। ସ୍ମରଣଶକ୍ତି ବୃଦ୍ଧି ପାଇଥାଏ।



### ଖାଦ୍ୟରୁଚି

## କେଶରୀ ଶ୍ରୀଖଣ୍ଡ



**ଆବଶ୍ୟକ ସାମଗ୍ରୀ :** ଚିମୁଟାଏ କେଶର, ୧ କେଜି ଦହି, ଚିନି ଏକତୃତୀୟାଂଶ, ଉଷୁମ କ୍ଷୀର ୨ ବଡ଼ ଚାମଚ, ଚିମୁଟାଏ ଜାଇଫଳ, ଏକଚତୁର୍ଥାଂଶ ଅଳେଇଚ ପାଉଡ଼ର, ଛୋଟ ଛୋଟ ନଡ଼ିଆ ଖଣ୍ଡ, ୫/୬ଟି ଚୋପା ଛଡ଼ାଯାଇଥିବା ସିଝା ଆଲ୍‌ମଣ୍ଡ ବାଦାମ, ୮/୧୦ଟି ଚୋପା ଛଡ଼ାଯାଇଥିବା ସିଝା ପେସ୍ତା ବାଦାମ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବହଳିଆ ଦହି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ଏକ ବଡ଼ ବାଉଲ୍ ଆଣି ତା'ଉପରେ ଛଣା ଜାଲି ରଖି ତା' ଉପରେ କଟନ୍ କପଡ଼ା ରଖନ୍ତୁ। ଏହା ଉପରେ ଦହି ଢାଳନ୍ତୁ। ଦହିରୁ ଭଲଭାବେ ପାଣି ନିଗାଡ଼ିବା ପରେ ରେଫ୍ରିଜରେଟରରେ ୪-୫ ଘଣ୍ଟା କିମ୍ବା ରାତିସାରା ରଖନ୍ତୁ। ପରେ ହେମଦସ୍ତାରେ କେଶରକୁ ଭଲଭାବେ ଗୁଣ୍ଡ କରନ୍ତୁ। ମାଇକ୍ରୋୱେଭରେ କିଛି ସମୟ କ୍ଷୀର ଗରମ କରନ୍ତୁ। ଗୁଣ୍ଡ କରିଥିବା କେଶରକୁ କ୍ଷୀରରେ ମିଶାଇ ଭଲ ଭାବେ ଗୋଳାନ୍ତୁ। ବହଳିଆ ଦହିକୁ ଏକ ବାଉଲ୍‌ରେ ରଖନ୍ତୁ। ଚିନିକୁ ଗ୍ରାଇଣ୍ଡିଂ କରି ପାଉଡ଼ର ପ୍ରସ୍ତୁତ କରି ଏଥିରେ ମିଶାନ୍ତୁ। ଏହା ସହିତ କେଶର କ୍ଷୀର ମିଶାଇ ଭଲ ଭାବେ ଗୋଳାନ୍ତୁ, ଯେପରିକି ଦହି ଗୋଟା ଗୋଟା ନ ରହିବ। କିନ୍ତୁ ଏହାକୁ ଗ୍ରାଇଣ୍ଡିଂ କରନ୍ତୁ ନାହିଁ। କାରଣ ଏହା ବହଳିଆ ହେବା ଆବଶ୍ୟକ। ଏବେ ଏଥିରେ ଅଳେଇଚ ପାଉଡ଼ର, ଜାଇଫଳ ପାଉଡ଼ର, ପେସ୍ତାବାଦାମ ଓ ଆଲ୍‌ମଣ୍ଡ୍ ଏବଂ ନଡ଼ିଆର ଛୋଟ ଛୋଟ ଖଣ୍ଡ ପକାଇ ଭଲ ଭାବେ ମିଶାନ୍ତୁ। ପ୍ରସ୍ତୁତ ହୋଇଗଲା ଶ୍ରୀଖଣ୍ଡ। ଚିଲ୍‌ଡ ରହିବା ପାଇଁ ରେଫ୍ରିଜରେଟରରେ ରଖନ୍ତୁ। ଆଉ ଥଣ୍ଡା ଥଣ୍ଡା ସର୍ଭ କରନ୍ତୁ।



$ Dollar 70.92 ↑43 | Sensex ↓156.28 35,853.56 | Nifty ↓57.35 10,737.60 | Gold ↑₹225 33,100.00 | Silver ↑₹250 40,100.00


ପ୍ରଗତିଶୀଳ ଅର୍ଥନୀତିଗୁଡ଼ିକ ସେମାନଙ୍କ ଋଣ ପରିଚାଳନା ଧାରା ଏବଂ ସଂସ୍କାର ପ୍ରକ୍ରିୟା ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବା ଆବଶ୍ୟକ।
– କ୍ରିଷ୍ଟାଲିନା ଜିଓର୍ଜିଏଭା, ସିଇଓ, ବିଶ୍ୱ ବ୍ୟାଙ୍କ


କୃଷକଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପ୍ରଦାନ କରିବା ଦିଗରେ କେନ୍ଦ୍ର ସରକାର ବିଭିନ୍ନ ଯୋଜନାକୁ ଗୁରୁତ୍ୱ ଦେଉଛନ୍ତି।
– ହରସିମରତ କୌର ବାଦଲ, କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ

## ସଂକ୍ଷେପରେ

### ୩୦ହଜାର କୋଟି ଟପିବ ସାର ସବସିଡି

ନୂଆଦିଲ୍ଲୀ,୧୪-୧: ଚଳିତ ଆର୍ଥିକ ବର୍ଷରେ ଦେଶର ସାର ବାବଦ ସବସିଡି ୩୦ ହଜାର କୋଟି ଟଙ୍କାରୁ ଅଧିକ ହୋଇପାରେ। କେନ୍ଦ୍ର ସରକାର ଅତିରିକ୍ତ ପାଣି ଯୋଗାଣ ଲାଗି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକଠାରୁ ସହାୟତା ନେଇପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। କେନ୍ଦ୍ର ସରକାର ୨୦୧୮-୧୯ ଆର୍ଥିକ ବର୍ଷ ଲାଗି ସାର ସବସିଡି ବାବଦରେ ୭୦,୦୮୦ କୋଟି ଟଙ୍କା ବ୍ୟୟ କରିବେ ବୋଲି ବଜେଟରେ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ପ୍ରାୟ ଅର୍ଦ୍ଧାଧିକ ଟଙ୍କା ଗତ ଆର୍ଥିକ ବର୍ଷର ବକେୟା ବାବଦରେ ଖର୍ଚ୍ଚ ହୋଇସାରିଲାଣି। ଉକ୍ତ ସୂତ୍ର କହିଛି ଯେ, ବିଦେଶରେ ସାର ଦର ବଢ଼ିବା ଏବଂ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇବା ଯୋଗୁ ସାର ଆମଦାନୀ ମହଙ୍ଗା ହୋଇଛି। ଏହି କାରଣରୁ ଚଳିତ ଆର୍ଥିକ ବର୍ଷ ଲାଗି ସାର ସବସିଡି ୧ ଲକ୍ଷ କୋଟି ଟଙ୍କାକୁ ଟପିଯିବ ବୋଲି ମନେ କରାଯାଉଛି। ଅର୍ଥ ମନ୍ତ୍ରାଳୟ ଅତିରିକ୍ତ ଦେୟ ବୋହିବାକୁ ମନା କରିଦେବା ପରେ ସାର ଓ ରସାୟନ ମନ୍ତ୍ରାଳୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଆପଣାଇବାକୁ ଯାଉଛନ୍ତି।

### ଅର୍ଥ ସଚିବଙ୍କ କାର୍ଯ୍ୟକାଳ ମାସେ ବୃଦ୍ଧି, ଅର୍ଥ କମିଶନ ସଦସ୍ୟ ହେଲେ

ନୂଆଦିଲ୍ଲୀ,୧୪-୧: କେନ୍ଦ୍ର ଅର୍ଥ ସଚିବ ଅଜୟ ନାରାୟଣ ଝାଙ୍କ କାର୍ଯ୍ୟକାଳକୁ ଆଉରି ଏକ ମାସ ବଢ଼ାଇ ଦିଆଯାଇଛି। ସୋମବାର ପର୍ସୋନେଲ ମନ୍ତ୍ରାଳୟ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ନିର୍ଦ୍ଦେଶ ଜାରି କରାଯାଇଛି। ଝାଙ୍କ କାର୍ଯ୍ୟକାଳ ଚଳିତ ମାସ ୩୧ରେ ଶେଷ ହେଉଥିଲା। ଶକ୍ତିକାନ୍ତ ଦାସ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ହେବା ପରେ ଅର୍ଥ କମିଶନର ସଦସ୍ୟ ସ୍ଥାନଟି ଖାଲି ପଡ଼ିଥିଲା। ସେହି ସ୍ଥାନରେ ଝାଙ୍କୁ ଅସ୍ଥାୟିତ କରାଯାଇଛି। ଏ ସଂକ୍ରାନ୍ତରେ ନିଯୁକ୍ତି ସଂକ୍ରାନ୍ତୀୟ କମିଟି ନିଷ୍ପତ୍ତି ନେଇଛି ବୋଲି ନିର୍ଦ୍ଦେଶରେ କୁହାଯାଇଛି।

### ମିନ୍ତ୍ରା, ଜବଙ୍ଗରୁ ଅନନ୍ତ ନାରାୟଣଙ୍କ ଇସ୍ତଫା



ନୂଆଦିଲ୍ଲୀ,୧୪-୧: ଫ୍ୟାଶନ ଇ-ଟେଲର ମିନ୍ତ୍ରା ଓ ଜବଙ୍ଗର ସିଇଓ ପଦରୁ ଅନନ୍ତ ନାରାୟଣନ ଇସ୍ତଫା ଦେଇଛନ୍ତି। ତାଙ୍କ ସ୍ଥାନରେ ଅମର ନଗରମଙ୍କୁ ଉକ୍ତ ଦୁଇଟି କମ୍ପାନୀର ସିଇଓ ପଦରେ ନିଯୁକ୍ତ କରାଯାଇଛି ବୋଲି ଫ୍ଲିପକାର୍ଟ ଗ୍ରୁପ୍ ସିଇଓ କଲ୍ୟାଣ କୃଷ୍ଣମୂର୍ତ୍ତିଙ୍କ ନିକଟରେ ଉପଲବ୍ଧ ରିପୋର୍ଟରୁ ଜଣାପଡ଼ିଛି। ଏ ବର୍ଷ ହେଲା ଅମର ଫ୍ଲିପକାର୍ଟ ସହ ଜଡ଼ିତ ରହିଛନ୍ତି। ମୋବାଇଲ ଇଡିଆରେ ଶପିଙ୍କୁ ଲୋକପ୍ରିୟ କରାଇବାରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ନିଜ ସଂସ୍ଥାରେ ନାରାୟଣନଙ୍କ ଅବଦାନ ଖୁବଶୀଘ୍ର ନିଜ ପଦରୁ ଓହରିଯିବେ ବୋଲି ଚର୍ଚ୍ଚା ହେଉଥିଲା। ତାଙ୍କ ନେତୃତ୍ୱରେ ମିନ୍ତ୍ରା ଓ ଜବଙ୍ଗ ଫ୍ୟାଶନ ଇ-କମର୍ସ କ୍ଷେତ୍ରରେ ଶୀର୍ଷ ସ୍ଥାନ ହାସଲ କରିପାରିଛି। ଅନନ୍ତ ତାଙ୍କର ନୂଆ ଉଦ୍ୟୋଗ ଇନଭେଷ୍ଟମେଣ୍ଟ ପ୍ଲାଟଫର୍ମ ହସ୍ତକ୍ଷେପରେ ଆରମ୍ଭ କରିପାରନ୍ତି। ତେବେ ଏ ସଂକ୍ରାନ୍ତରେ ସ୍ଥିତି ସ୍ପଷ୍ଟ ହୋଇନାହିଁ।

## ଚାଷୀଙ୍କ ମୁହଁରେ ହସ ଫୁଟାଇବା ଉଦ୍ୟମ
# ତେଲେଙ୍ଗାନାର ପନ୍ଥାଙ୍କ ଅନୁସରଣ କରିପାରେ କେନ୍ଦ୍ର



ନୂଆଦିଲ୍ଲୀ,୧୪-୧

ନିକଟରେ ୩ଟି ରାଜ୍ୟର ବିଧାନସଭା ନିର୍ବାଚନରେ ପରାଜୟ ପରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଆଉ ଚାଷୀଙ୍କୁ ଅଣଦେଖା କରିବାକୁ ଚାହୁଁନାହାନ୍ତି। ସେମାନଙ୍କ ମୁହଁରେ ହସ ଫୁଟାଇ ନିଜ ଆଡ଼କୁ ଆକର୍ଷିତ କରିବା ଲାଗି କେନ୍ଦ୍ର ସରକାର ଏକ ଟ୍ରମ୍ପ କାର୍ଡ ଖେଳିପାରନ୍ତି। କେନ୍ଦ୍ର ସରକାର କୃଷକଙ୍କୁ ମାସକୁ ଏକ ନିର୍ଦ୍ଧାରିତ ଅଙ୍କର ପାଣ୍ଠି ଦେଇପାରନ୍ତି। ଏହା କେନ୍ଦ୍ରୀୟ ସ୍ତରରେ ଏକ ନୂଆ ଚାଷୀ ସହାୟକ ଯୋଜନା ହେବାକୁ ଯାଉଥିଲେ ହେଁ ଏହାର ପ୍ରେରଣା ତେଲେଙ୍ଗାନାରୁ ମିଳିଛି ବୋଲି କୁହାଯାଉଛି। ଅସଲରେ ତେଲେଙ୍ଗାନାର କେ. ଚନ୍ଦ୍ରଶେଖର ରାଓ (କେସିଆର)ଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର 'ରାୟତୁ ବନ୍ଧୁ' ନାମରେ ଏକ ଚାଷୀ ସହାୟକ ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନାର ପ୍ରଭାବ ଏତେ ଥିଲା ଯେ, ଗତବର୍ଷ ନଭେମ୍ବରରେ ଦିଲ୍ଲୀରେ ସାରା ଦେଶର ଚାଷୀ ଏକାଠି ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜି ଥିଲା ବେଳେ ତେଲେଙ୍ଗାନାର ଜଣେ ହେଲେ ଚାଷୀ ସେଥିରେ ସାମିଲ ହୋଇ ନ ଥିଲେ। ଚାଷୀ ବିରୋଧୀ ମନୋଭାବ କାରଣରୁ ଭାଜପା ସରକାର ୩ଟି ରାଜ୍ୟରେ କ୍ଷମତାଚ୍ୟୁତ ହୋଇଥିଲା। କିନ୍ତୁ ରାୟତୁ ବନ୍ଧୁ ଯୋଜନା ଯୋଗୁ କେସିଆର ପୁନର୍ବାର କ୍ଷମତାକୁ ଫେରିପାରିଛନ୍ତି। ୨୦୧୯ରେ ଚାଷୀଙ୍କୁ ଖୁସି କରି ଦ୍ୱିତୀୟଥର କ୍ଷମତାକୁ ଫେରିବାକୁ ଚାହୁଁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ତେଲେଙ୍ଗାନା ସରକାରଙ୍କ ଉକ୍ତ ଯୋଜନାକୁ କପି କରିବାକୁ ଯାଉଛନ୍ତି। ଏନେଇ ଗଭୀର ଭାବେ ବିଚାର ବିମର୍ଶ ଚାଲିଛି। ଅସଲରେ ତେଲେଙ୍ଗାନା ସରକାର ଉକ୍ତ ଯୋଜନାରେ ପ୍ରତି ଚାଷ ସିଜନରେ ଏକର ପିଛା ୪ ହଜାର ଟଙ୍କା ଲେଖାଏ ବର୍ଷକୁ ଦୁଇଥର ଅର୍ଥାତ୍ ୮ ହଜାର ଟଙ୍କା ଲେଖାଏ ଚାଷୀଙ୍କ ଆକାଉଣ୍ଟରେ ପଠାଇ ଦେଉଛନ୍ତି। ଏହାଦ୍ୱାରା ରାଜ୍ୟ ସରକାରଙ୍କ ଉପରେ ପ୍ରାୟ ୧୦ ହଜାର କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ପଡ଼ୁଛି। ତେଲେଙ୍ଗାନା ସରକାରଙ୍କ ଉକ୍ତ ଯୋଜନା ଯୋଗୁ ରାଜ୍ୟର ୫୭ ଲକ୍ଷ ଚାଷୀ ଉପକୃତ ହେଉଛନ୍ତି। ତେଲେଙ୍ଗାନାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଛତିଶଗଡ଼, ଝାଡ଼ଖଣ୍ଡ, ଓଡ଼ିଶା ଓ ପଶ୍ଚିମବଙ୍ଗ ଭଳି କେତେକ ରାଜ୍ୟ ଏଭଳି ଯୋଜନା ଆଣିବାକୁ ଯାଉଛନ୍ତି ଅଥବା ଘୋଷଣା କରିଛନ୍ତି। ବିଧାନସଭା ନିର୍ବାଚନ ପରେ କେନ୍ଦ୍ର କୃଷି ମନ୍ତ୍ରାଳୟ ପକ୍ଷରୁ ମଧ୍ୟ ଏହି ଯୋଜନା ସମ୍ପର୍କରେ ତଥ୍ୟ ଲୋଡ଼ାଯାଇଛି।

## ଜିନି ଆଣ୍ଡ ଜନିର ନୂଆ ଷ୍ଟୋର



ଭୁବନେଶ୍ୱର,୧୪-୧

ଶିଶୁଙ୍କ ପୋଷାକ ବ୍ରାଣ୍ଡ ଜିନି ଆଣ୍ଡ ଜନି ପକ୍ଷରୁ ନୂଆ ଆଉଟଲେଟ ଭୁବନେଶ୍ୱରର ପାତ୍ରପଡ଼ାସ୍ଥିତ ଡିଏନ୍ ରେଗାଲିଆ ମଲରେ ଖୋଲିଛି। ଷ୍ଟୋରକୁ କମ୍ପାନୀର ପୂର୍ବାଞ୍ଚଳ ଜୋନାଲ ମୁଖ୍ୟ ଚନ୍ଦନ ମହାନ୍ତି ଏବଂ ଷ୍ଟୋରର ସ୍ୱତ୍ୱାଧିକାରୀ ଅରୁଣକାନ୍ତି ଦାସ ଶୁଭାରମ୍ଭ କରିଥିଲେ। ଏଠାରେ ଶିଶୁଙ୍କର ବିଭିନ୍ନ ବର୍ଗରେ ପୋଷାକପତ୍ର ଉପଲବ୍ଧ ହେବ। ଷ୍ଟୋରଟି ୯୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ଏହା ଭୁବନେଶ୍ୱରରେ କମ୍ପାନୀର ତୃତୀୟ ଷ୍ଟୋର। ଆସନ୍ତା ଆର୍ଥିକ ବର୍ଷ ସୁଦ୍ଧା ରାଜ୍ୟରେ ଆଉ ୧୦ ଷ୍ଟୋର ଖୋଲିବା ନେଇ ଯୋଜନା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଠାରେ ୨୯୯ଟଙ୍କାଠାରୁ ୨,୯୯୯ ଟଙ୍କା ମଧ୍ୟରେ ଶିଶୁଙ୍କ ପୋଷାକପତ୍ର ଉପଲବ୍ଧ ହେବ।

## ଇକ୍‌ଫାଇ ବିଜନେସ ସ୍କୁଲରେ ସ୍ୱତନ୍ତ୍ର ଲେକଚର




ହାଇଦ୍ରାବାଦ,୧୪-୧

ବର୍ତ୍ତମାନ ବିଶ୍ୱ ବାଣିଜ୍ୟ ସ୍ଥିତିରେ ଦ୍ରୁତ ପରିବର୍ତ୍ତନ ଆସିଛି। ଏହି କ୍ଷେତ୍ରରେ ନୂଆ ନେତୃତ୍ୱ ସୃଷ୍ଟି ହେବା ସହ ଭାରତ, ଚାଇନା, ୟୁଏସ୍‌ଏ ଏବେ ପ୍ରମୁଖ ସ୍ଥାନରେ ରହିଛନ୍ତି। ଏହି ସମୟରେ ଭାରତ ଏହାର ଫାଇଦା ନେବା ସହ ବିଶ୍ୱ ସ୍ତରରେ ସ୍ଥିତିକୁ ଆହୁରି ଦୃଢ଼ କରିପାରିବ ବୋଲି ଇମୋରୀ ୟୁନିଭର୍ସିଟିର ମାର୍କେଟିଂ ପ୍ରଫେସର ଜଗଦିଶ ସେଠ ସୂଚନା ଦେଇଛନ୍ତି। ହାଇଦ୍ରାବାଦ ସ୍ଥିତ ଇକ୍‌ଫାଇ ବିଜନେସ ସ୍କୁଲଠାରେ ଅନୁଷ୍ଠିତ 'ଇଣ୍ଡିଆ ଆଣ୍ଡ ନ୍ୟୁ ୱାର୍ଲ୍ଡ ଅର୍ଡର' ଶୀର୍ଷକ ସ୍ୱତନ୍ତ୍ର ଲେକଚର କାର୍ଯ୍ୟକ୍ରମରେ ପ୍ରଫେସର ସେଠ କହିଛନ୍ତି ଯେ, ଏକ ପ୍ରମୁଖ ସ୍ଥାନରେ ରହିବା ଲାଗି ଭାରତ ନିକଟରେ ସମସ୍ତ କ୍ଷମତା ରହିଛି। ପୂର୍ଣ୍ଣଗତ ଭାବେ ଏହି ଦିଗରେ ଆଗକୁ ବଢ଼ିଲେ ଏକ ଘରୋଇ ଅର୍ଥନୀତି ପରିବର୍ତ୍ତେ ବିଶ୍ୱ ସ୍ତରର ଅର୍ଥନୀତି ପରିବର୍ତ୍ତିତ କରିବାରେ ସକ୍ଷମ ହେବ। ସମନ୍ୱିତ ଅର୍ଥନୀତି ସହ କୂଟନୀତି କ୍ଷେତ୍ରରେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ପ୍ରଫେସର ସେଠ କହିଛନ୍ତି।

# ୧୫୩ ଟଙ୍କାରେ ଦେଖିହେବ ୧୦୦ ଚାନେଲ


ଆଉ ମାଗଣା ଚାନେଲ ନାହିଁ

ନୂଆଦିଲ୍ଲୀ,୧୪-୧

ଟିଭି ଦର୍ଶକଙ୍କୁ ଫେବୃଆରୀ ପହିଲାରୁ ୧୦୦ ଚାନେଲ ପାଇଁ ମାସକୁ ଅତିକମ୍‌ରେ ୧୫୩ ଟଙ୍କା ଦେବାକୁ ପଡ଼ିବ। ଏଥିରେ ସମସ୍ତ ଚାନେଲ ଫ୍ରି-ଟୁ ଏୟାର ରହିଛି ବୋଲି ଟେଲିକମ୍ ରେଗୁଲେଟରି ଅଥରିଟି ଅଫ୍ ଇଣ୍ଡିଆ(ଟ୍ରାଇ) କହିଛି। ଆଜି ଯାଏ ଦର୍ଶକ ଫ୍ରି-ଟୁ ଏୟାର ଚାନେଲ ପାଇଁ ଟଙ୍କା ଶୁଝୁ ନ ଥିବା ବେଳେ ଆଗାମୀ ଦିନରେ ଆଉ କିଛି ମାଗଣାରେ ପାଇବେ ନାହିଁ। ନୂଆ ବ୍ୟବସ୍ଥା ଆପଣାଇବା ଲାଗି ଟ୍ରାଇ ନିର୍ଦ୍ଦେଶ ପରେ ମୋବାଇଲରେ ଏସ୍‌ଏମ୍‌ଏସ୍ ଜରିଆରେ ଏ ସମ୍ପର୍କରେ ସୂଚନା ଦେବା ଆରମ୍ଭ ହୋଇଛି। ଏହାଛଡ଼ା ଟ୍ରାଇ ପକ୍ଷରୁ ୨ଟି ଫୋନ୍ ନମ୍ବର ଓ ଇ-ମେଲ୍ ଆଇଡି ଜାରି କରାଯାଇଛି, ଯାହା ମାଧ୍ୟମରେ ଦର୍ଶକ ସହଜରେ ଅଧିକ ସୂଚନା ପାଇପାରିବେ। ଟ୍ରାଇ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ୧୦୦ ଫ୍ରି ଟୁ ଏୟାର ଚାନେଲ ପରେ ଦର୍ଶକ ଅଧିକ ଚାନେଲ ଦେଖିବାକୁ ଚାହିଁଲେ ଚାନେଲ ଅଥବା ବୁକେ ହିସାବରେ ଧାର୍ଯ୍ୟ ଦର ଦେବାକୁ ହେବ। ଯଦି ଜଣେ ଦର୍ଶକ ୧୦୦ରୁ ଅଧିକ ଚାନେଲ ଦେଖିବାକୁ ଚାହାନ୍ତି(ଏଭଳି ଦର୍ଶକଙ୍କ ସଂଖ୍ୟା ମାତ୍ର ୧୦ରୁ ୧୫%) ତେବେ ପରବର୍ତ୍ତୀ ୨୫ ଚାନେଲ ପାଇଁ ଅତିରିକ୍ତ ୨୦ ଟଙ୍କା ଦେବାକୁ ହେବ। ଟ୍ରାଇର ନିର୍ଦ୍ଦେଶ ଅନୁଯାୟୀ ବେସ୍ ପ୍ୟାକରେ ଏଚ୍‌ଡି ଚାନେଲ ସାମିଲ ହୋଇନାହିଁ। ତେବେ କିଛି ମିଡିଆ ଏଜେନ୍ସି ଏଚ୍‌ଡି ପ୍ୟାକ୍ ଚୟନ କରିବାର ସୁବିଧା ଦେଉଛନ୍ତି। ଗୋଟିଏ ଏଚ୍‌ଡି ଚାନେଲ ଦେୟ ଦୁଇଟି ଏସ୍‌ଡି ଚାନେଲ ସହ ସମାନ। ଗ୍ରାହକ ନିଜର ସେବା ଯୋଗାଣକାରୀଙ୍କଠାରୁ ଏ ସମ୍ପର୍କରେ ସୂଚନା ପାଇପାରିବେ।

## ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ଅର୍ଥ ମନ୍ତ୍ରାଳୟର ପରାମର୍ଶ
# ସରକାରଙ୍କ ଅଂଶଧନ ୫୨%କୁ କମାଅ

ନୂଆଦିଲ୍ଲୀ,୧୪-୧

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ସରକାରଙ୍କ ଅଂଶଧନକୁ ଧୀରେ ଧୀରେ ୫୨%କୁ ହ୍ରାସ କରିବା ଲାଗି କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ବ୍ୟାଙ୍କିଙ୍ଗ ସେକ୍ଟରରେ କର୍ପୋରେଟ ଢାଞ୍ଚାର ପ୍ରବର୍ତ୍ତନ ଲାଗି ଏଭଳି ପଦକ୍ଷେପ ନେବା ଆବଶ୍ୟକ ବୋଲି ଅର୍ଥ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ମନ୍ତ୍ରାଳୟର ଆର୍ଥିକ ସେବା ବିଭାଗ ସଚିବ ରାଜୀବ କୁମାର କହିଛନ୍ତି ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ସରକାରଙ୍କ ଅଂଶଧନ ସର୍ବାଧିକ। ଏହି କାରଣରୁ ବ୍ୟାଙ୍କଗୁଡ଼ିକ କର୍ପୋରେଟ ଢାଞ୍ଚାରେ ପରିଚାଳନା ହେବା ଆବଶ୍ୟକ। ପ୍ରଥମ ପର୍ଯ୍ୟାୟରେ ସରକାରଙ୍କ ଅଂଶଧନକୁ ୫୨%କୁ ହ୍ରାସ କରାଯିବା ଆବଶ୍ୟକ। ଷ୍ଟକ୍ ମାର୍କେଟରେ ସ୍ଥିତିକୁ ଦେଖିବା ପରେ ବ୍ୟାଙ୍କ ଏ ଦିଗରେ ପରବର୍ତ୍ତୀ ପଦକ୍ଷେପ ନେଇପାରିବେ। ଏଥିପାଇଁ ସେମାନଙ୍କୁ ପୂର୍ବରୁ ଅନୁମତି ପ୍ରଦାନ କରାଯିବ। ଷ୍ଟକ୍ ମାର୍କେଟ ନିୟନ୍ତ୍ରକ ସେବିର ନିୟମ ଅନୁଯାୟୀ ତାଲିକାଭୁକ୍ତ କମ୍ପାନୀର ଅତିକମ୍‌ରେ ୨୫% ଅଂଶଧନକୁ ବଜାରରେ ବିକ୍ରି କରିବାକୁ ପଡ଼ିବ। କେତେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ସରକାରଙ୍କ ଅଂଶଧନ ୭୫% ରହିଛି।

# ପାଇକାରୀ ୩.୮%, ଖୁଚୁରା ମୁଦ୍ରାସ୍ଫୀତି ୨.୧୯%କୁ ହ୍ରାସ

ନୂଆଦିଲ୍ଲୀ,୧୪-୧

ଡିସେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତିରେ ଆଶ୍ୱସ୍ତି ମିଳିଛି ଏବଂ ୮ ମାସର ସର୍ବନିମ୍ନ ସ୍ତର ୩.୮%ରେ ପହଞ୍ଚିଛି। ନଭେମ୍ବରରେ ଏହା ୪.୬୪ ପ୍ରତିଶତ ଥିବା ବେଳେ ୨୦୧୭ରେ ଏହି ସମୟରେ ୩.୫୮ ପ୍ରତିଶତ ଥିଲା। ସେହିଭଳି ଖୁଚୁରା ମୁଦ୍ରାସ୍ଫୀତି ୧୮ ମାସର ସର୍ବନିମ୍ନ ସ୍ତର ୨.୧୯%କୁ ହ୍ରାସ ପାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସୋମବାର ଜାରି ତଥ୍ୟ ଅନୁଯାୟୀ ଅଶୋଧିତ ତେଲ ଓ ପନିପରିବା ଦର ହ୍ରାସ ପାଇବା କାରଣରୁ ମୁଦ୍ରାସ୍ଫୀତି ହ୍ରାସ ପାଇଛି। ଡିସେମ୍ବରରେ ଖାଦ୍ୟପଦାର୍ଥ ମୁଦ୍ରାସ୍ଫୀତି-୦.୦୭ପ୍ରତିଶତ ହ୍ରାସ ପାଇଛି, ଯାହାକି ନଭେମ୍ବରରେ ୩.୩୧ ପ୍ରତିଶତ ଥିଲା। ସେହିଭଳି ପନିପରିବା ମୁଦ୍ରାସ୍ଫୀତି ୧୭.୫୫ ପ୍ରତିଶତକୁ ଖସି ଆସିଛି। ନଭେମ୍ବରରେ ଏହା ୨୬.୯୮ ପ୍ରତିଶତ ଥିଲା। ଡିସେମ୍ବରରେ ଇନ୍ଧନ କ୍ଷେତ୍ରରେ ମୁଦ୍ରାସ୍ଫୀତି ୮.୩୮%କୁ ହ୍ରାସ ପାଇଥିବା ବେଳେ ନଭେମ୍ବରରେ ଏହା ୧୬.୨୮ ପ୍ରତିଶତ ଥିଲା। ଅନୁରୂପ ଭାବେ ଖୁଚୁରା ମୁଦ୍ରାସ୍ଫୀତି ନଭେମ୍ବରରେ ୨.୩୩% ରହିଥିଲା। ଗତବର୍ଷ ଡିସେମ୍ବରରେ ଏହା ୫.୨୧ ପ୍ରତିଶତ ଥିଲା। ଏଥିପୂର୍ବରୁ ୨୦୧୭ ଜୁନରେ ଖୁଚୁରା ମୁଦ୍ରାସ୍ଫୀତି ୧.୪୬ ପ୍ରତିଶତ ରହିଥିଲା। ଖାଦ୍ୟ ମୁଦ୍ରାସ୍ଫୀତି ଡିସେମ୍ବରରେ-୨.୫୧ ପ୍ରତିଶତ ରହିଛି, ଯାହାକି ନଭେମ୍ବରରେ -୨.୬୧ ପ୍ରତିଶତ ଥିଲା।

## ଫେବୃଆରୀ ୩ରେ ଫିଟ୍‌ଜୀର ଫର୍ଚୁନେଟ ୪୦ ପରୀକ୍ଷା

ଭୁବନେଶ୍ୱର,୧୪-୧

ପ୍ରମୁଖ କୋଚିଂ ପ୍ରତିଷ୍ଠାନ ଫିଟ୍‌ଜୀ ପକ୍ଷରୁ ଫର୍ଚୁନେଟ ୪୦ ପରୀକ୍ଷା ଫେବୃଆରୀ ୩ରେ ଅନୁଷ୍ଠିତ ହେବ। ଯେଉଁ ଅଭିଭାବକମାନଙ୍କ ମାସିକ ଆୟ ୧୦ ହଜାର ଟଙ୍କାରୁ କମ୍ ଏବଂ ସେମାନଙ୍କ ପିଲା ନବମ ଏବଂ ଏକାଦଶ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବାକୁ ଥିଲେ, ଉକ୍ତ ପଦକ୍ଷେପ ଦ୍ୱାରା ଫିଟ୍‌ଜୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବ। ଫିଟ୍‌ଜୀ ପକ୍ଷରୁ ଏଥିରେ ୧୦୦% ସ୍କଲାରଶିପ ଏବଂ ହଷ୍ଟେଲ ଚାର୍ଜ ଉପରେ ୧୦୦% ଛାଡ଼ ସୁବିଧା ଦେବ। ଆର୍ଥିକ ସମସ୍ୟା ଥିବା ପିଲାମାନଙ୍କୁ କୋଚିଂ ପାଇଁ ସାଧାରଣତଃ ଅସୁବିଧା ଉପୁଜିଥାଏ। ଫର୍ଚୁନେଟ ୪୦ ପରୀକ୍ଷା ଛାତ୍ରଛାତ୍ରୀଙ୍କ ପାଇଁ ଉପାଦେୟ ହୋଇପାରିବ ବୋଲି ଫିଟ୍‌ଜୀର ନିର୍ଦ୍ଦେଶକ ଆର୍.ଏଲ୍. ତ୍ରାଖୀ ସୂଚନା ଦେଇଛନ୍ତି।

## ଭାରତରେ ଆୟ ଅସମାନତା
# ୧୦% ଉଚ୍ଚବର୍ଗଙ୍କ ନିକଟରେ ୬୦ ପ୍ରତିଶତ ସମ୍ପତ୍ତି



ନୂଆଦିଲ୍ଲୀ,୧୪-୧

ଭାରତରେ ଆୟ ଅସମାନତା ବେଶ୍ ପରିଲକ୍ଷିତ ହୁଏ। ଉଚ୍ଚବର୍ଗ ପରିବାରର ଆୟ ଜାତୀୟ ହାରାହାରି ବାର୍ଷିକ ଆୟଠାରୁ ୪୭% ଅଧିକ। ୨୦୧୨ ସୁଦ୍ଧା ଶୀର୍ଷ ୧୦% ଉଚ୍ଚବର୍ଗ ପରିବାର ନିକଟରେ ୬୦% ସମ୍ପତ୍ତି ରହିଛି। ବିଶ୍ୱ ଅସମାନତା ସଂକ୍ରାନ୍ତ ରିପୋର୍ଟରୁ ମିଳିଥିବା ତଥ୍ୟରୁ ଏହା ଜଣାପଡ଼ିଛି। ରିପୋର୍ଟରେ କୁହାଯାଇଛି ଯେ, ୨୦୧୨ ସୁଦ୍ଧା ଦେଶର ଭିତରେ ଏମାନଙ୍କ ମଧ୍ୟରୁ ୧% ପାଖାପାଖି ୧୬% ପଏଣ୍ଟ ହିସାବରେ ୨୯.୪% ସମ୍ପତ୍ତି ବୃଦ୍ଧି କରିଛନ୍ତି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆର୍ଥିକ ଦୃଷ୍ଟିରୁ ଗରିବ ଶ୍ରେଣୀଙ୍କ ପାଇଁ ୧୦% ସଂରକ୍ଷଣ ବିଲ୍ ଅନୁମୋଦନ କରିସାରିଥିବା ବେଳେ 'ୱେଲଥ ଇନଇକ୍ୱାଲିଟି, କ୍ଲାସ୍ ଆଣ୍ଡ କାଷ୍ଟ ଇନ୍ ଇଣ୍ଡିଆ, ୧୯୬୧-୨୦୧୨' ଶୀର୍ଷକ ରିପୋର୍ଟରେ ଜାତି ଭିତରେ ଆୟ ଓ ସମ୍ପତ୍ତି ଦୃଷ୍ଟିରେ ଅସମାନତା ଉପରେ ଦୃଷ୍ଟିନିବଦ୍ଧ କରାଯାଇଛି। ୨୦୧୨ ସୁଦ୍ଧା ଗତ ୩୨ ବର୍ଷରେ ଉଚ୍ଚବର୍ଗର ଶୀର୍ଷ ୧୦%ଙ୍କ ସମ୍ପତ୍ତି ପରିମାଣରେ ୨୨% ପଏଣ୍ଟ ହିସାବରେ ୫୫% ବୃଦ୍ଧି ଘଟିଛି। ଏହି ଦୃଷ୍ଟିରୁ ଦେଖିଲେ ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି) ଏବଂ ଅନ୍ୟ ପଛୁଆ ବର୍ଗ(ଓବିସି)ଙ୍କ ଆୟ ଜାତୀୟ ପାରିବାରିକ ଆୟଠାରୁ କମ୍। ଏସ୍‌ସି ଓ ଏସ୍‌ଟିଙ୍କ ପାରିବାରିକ ଆୟ ଯଥାକ୍ରମେ ୨୧% ଓ ୩୪% ପ୍ରତିଶତ ରହିଛି। ସେହିପରି ଓବିସିଙ୍କ ଆୟ ଏବେସୁଦ୍ଧା ୮% ରହିଛି ଉଚ୍ଚବର୍ଗ ଭିତରେ ବ୍ରାହ୍ମଣଙ୍କ ଆୟ ଜାତୀୟ ହାରଠାରୁ ୪୮% ଅଧିକ। ଅନୁରୂପ ଭାବେ ଅଣ-ବ୍ରାହ୍ମଣ ଅଗ୍ରଣୀ ଜାତିଙ୍କ ଆୟ ୪୫% ରହିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ୨୦୧୫-୧୬ ଅନୁଯାୟୀ ୪୫.୯% ଏସ୍‌ଟି ବର୍ଗଙ୍କ ସମ୍ପତ୍ତି ପରିମାଣ ୨୬.୭% ଏସ୍‌ସି,ଓବିସିଙ୍କ ୧୮.୩୧%, ୯.୭% ଅନ୍ୟ ଜାତି ଏବଂ ଅନ୍ୟାନ୍ୟ ଜାତିଙ୍କ ୨୫.୩୧%ଙ୍କ ଠାରୁ କମ୍ ରହିଛି।

DADLS-245

ମହାନ୍ ବିପ୍ଳବୀ ଚକରା ବିଷୋୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା

ତା୧୬।୦୧।୨୦୧୯ — ସ୍ଥାନ- ଗୀତଗୋବିନ୍ଦ ସଦନ

ପ୍ରବନ୍ଧ ପ୍ରତିଯୋଗିତା — ସମୟ- ପୂର୍ବାହ୍ନ ଘ.୧୧.୩୦ମି.
ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

ବକ୍ତୃତା ପ୍ରତିଯୋଗିତା — ସମୟ- ଅପରାହ୍ନ ଘ.୧.୩୦ମି.
ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ଏକ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ଏକ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ବିଷୟବସ୍ତୁ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ / ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା୧୬।୦୧।୨୦୧୯ରିଖ ସନ୍ଧ୍ୟା ଘ.୫.୩୦ ମିନିଟ୍ ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ।

ନିର୍ଦ୍ଦେଶକ
ସୂଚନା ଲୋକସମ୍ପର୍କ ବିଭାଗ

15001/13/0544/1819

MCL Mahanadi Coalfields Limited
(A Subsidiary of Coal India Limited)
Jagruti Vihar, Burla - 768020, Dist. - Sambalpur, Odisha
Ph. (EPABX) : 0663-2542461 to 469 Website : www.mahanadicoal.in

GENERAL TENDER NOTICE FOR e-PROCUREMENT

Mahanadi Coalfields Limited (MCL) is inviting its Tenders having estimated value of ₹2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, coal loading, extraction of coal by Surface Miner, Overburden removal etc.) and GOODS (Procurement of equipments, spares, consumables, medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of CIL (https://coalindiatenders.nic.in) as well as on the Central Public Procurement portal of Govt. of India (http://eprocure.gov.in). Bids are to be submitted ONLINE on the above e- Procurement portal of CIL by enrolled Bidders. EMD can also be submitted online. Enrollment of Bidders on the eProcurement portal of CIL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of CIL for enrollment and participation in Tenders. [Contact details: Tel.- 0663- 2542264/2542695 (available during office hours only); email- hlp-eproc.mcl@nic.in]
R-4877

Give a missed call on toll free number 1800 200 3004 to get our Apps.

NOTICE

No. 477 Date: 11.01.19

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH

In pursuance to advt. No. 11810, dt-28.12.2018, Zilla Swasthya Samiti, Bargarh invites objections, if any from the candidates for the Post of Addl. ANM through walk-in interview held on dtd. 10.01.2019. Candidates are requested to log in the official website of Bargarh District www.bargarh.nic.in to view the database. The candidates are requested to send their objections if any, to the O/o, Chief District Medical & Public Health Officer, Bargarh, Pin-768028 with superscription on the envelope "Objection for the Post of through Regd. Post/Speed Post only by 21.01.2019 up to 12.00 Noon. No personal contacts and after due date no applications will be entertained.

Sd./-
Chief District Medical & Public Health Officer-Cum
District Mission Director, NHM, Bargarh

ଧରିତ୍ରୀ
DHARITRI
ରାୟଗଡା, ମଙ୍ଗଳବାର, ୧୫ ଜାନୁୟାରୀ, ୨୦୧୯





ଏସିଆ କପ୍ ଟାଇଟଲ ଫେଭରାଇଟ୍ ଦଳ ଇରାନ ଓ ଦକ୍ଷିଣ କୋରିଆକୁ ସାମ୍ନା କରିବା ଲାଗି ଅତିରିକ୍ତ ପ୍ରଚେଷ୍ଟା ଆବଶ୍ୟକ ।

–ମାୟା ୟେଶିଦା, ଜାପାନ ଫୁଟ୍‌ବଲ ଟିମ୍ ଅଧିନାୟକ



ମହିଳାଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇ ଅଡୁଆରେ ପଡ଼ିଥିବା ହାର୍ଦ୍ଦିକ ପାଣ୍ଡ୍ୟା ଓ ଲୋକେଶ ରାହୁଲଙ୍କୁ ପ୍ରଥମ ଥର କ୍ଷମା ଦେଇଦେବା ଉଚିତ୍ ।

–ସାଇମନ ଟଫେଲ, ବିଶିଷ୍ଟ ଅମ୍ପାୟର

## ସଂକ୍ଷେପରେ

### ଅମ୍ପାୟରଙ୍କ ତ୍ରୁଟି: ଓଭରର ୭ମ ବଲ୍‌ରେ ବ୍ୟାଟ୍ସମ୍ୟାନ ଆଉଟ୍

**ପର୍ଥ, ୧୪।୧(ଏଏଫ୍‌ପି):** ଏଠାରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ଟି୨୦ ଟୁର୍ଣ୍ଣାମେଣ୍ଟ ବିଗ୍ ବାସ୍ ଲିଗ୍ (ବିବିଏଲ୍)ରେ ଅମ୍ପାୟରଙ୍କ ତ୍ରୁଟି ଯୋଗୁ ମାଇକେଲ କ୍ଲିଙ୍ଗରଙ୍କୁ ଉଇକେଟ୍ ହରାଇବାକୁ ପଡ଼ିଛି। ରବିବାର ରାତିରେ ଏଠାରେ ଘରୋଇ ପର୍ଥ ସ୍କଚର୍ସ ଓ ସିଡ୍‌ନୀ ସିକ୍ସର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ଅମ୍ପାୟର ଗୋଟିଏ ଓଭରରେ ଠିକ୍ ଭାବେ ବଲ୍ ଗଣିପାରି ନ ଥିଲେ। ଫଳରେ ବୋଲର ସେହି ଓଭରରେ ୭ଟି ବଲ୍ ପକାଇଥିଲେ। ଦୁର୍ଭାଗ୍ୟବଶତଃ ସ୍କଚର୍ସର ଭେଟେରାନ ବ୍ୟାଟ୍ସମ୍ୟାନ କ୍ଲିଙ୍ଗର ସେହି ୭ମ ବଲରେ ହିଁ ଆଉଟ୍ ହୋଇଥିଲେ। ତଥାପି ଅମ୍ପାୟର ନିଜ ଭୁଲ ବୁଝିପାରି ନ ଥିଲେ। ମ୍ୟାଚ୍‌ରେ ସିଡ୍‌ନୀ ପ୍ରଥମେ ବ୍ୟାଟିଂ କରି ୧୭୭ ରନ୍ କରିଥିଲା। ଜବାବରେ ସ୍କଚର୍ସ ଇନିଂସ୍‌ର ୨ୟ ଓଭରରେ ହିଁ ଏହି ତ୍ରୁଟିପୂର୍ଣ୍ଣ ଘଟଣା ଦେଖିବାକୁ ମିଳିଥିଲା। ସିଡ୍‌ନୀର ବେନ୍ ଡ୍ୱାରସୁଇସ୍ ଏହି ଓଭରଟି ବୋଲିଂ କରୁଥିଲେ। ବେନ୍ ଗୋଟିଏ ଓଭରରେ ୭ଟି ବଲ୍ ପକାଇଥିବାବେଳେ ଅମ୍ପାୟର ମଧ୍ୟ ଏହା ଜାଣିପାରି ନ ଥିଲେ। ଓଭରର ଅତିରିକ୍ତ ତଥା ୭ମ ବଲ୍‌ରେ କ୍ଲିଙ୍ଗର ଷ୍ଟିଭ୍ ଓ'କିଫ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ତେବେ ଓପନର କାମେରୁନ୍ ବ୍ୟାନକ୍ରଫ୍ଟ (୮୭*) ଓ ଅଧିନାୟକ ଆଷ୍ଟନ ଟର୍ନର (୬୦ ରନ, ୩୦ ବଲ)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ସ୍କଚର୍ସ ୩ ଉଇକେଟ୍ ହରାଇ ମ୍ୟାଚ୍ ଜିତିନେଇଥିଲା। 'ଏହା ଏକ ଭୁଲ ଗଣତି ଥିଲା। ଫଳରେ ଅମ୍ପାୟର ବୋଲରଙ୍କୁ ୭ମ ବଲ୍ ପକାଇବାକୁ ଅନୁମତି ଦେଇଥିଲେ' ବୋଲି କ୍ରିକେଟ ଅଷ୍ଟ୍ରେଲିଆର ଜଣେ ଅଧିକାରୀ କହିଛନ୍ତି।

### ମାଲେସିଆ ମାଷ୍ଟର୍ସରୁ ସାଇନା, ଶ୍ରୀକାନ୍ତଙ୍କ ସିଜନ ଆରମ୍ଭ

**କୁଆଲାଲମ୍ପୁର, ୧୪।୧(ପି.ଟି.):** ଦୁଇ ଭାରତୀୟ ସଟ୍‌ଲର କିଡାମ୍ବି ଶ୍ରୀକାନ୍ତ ଓ ସାଇନା ନେହ୍ୱାଲ ମଙ୍ଗଳବାରଠାରୁ ଅନୁଷ୍ଠିତ ହେବାକୁ ଥିବା ମାଲେସିଆ ଓପନ୍ ୱାର୍ଲ୍ଡ ଟୁର୍ ସୁପର୍ ୫୦୦ ଟୁର୍ଣ୍ଣାମେଣ୍ଟରୁ ସେମାନଙ୍କ ସିଜନ ଆରମ୍ଭ କରିବେ। ବିଶ୍ୱ ମାନ୍ୟତାର ୮ମ ସ୍ଥାନରେ ରହିଥିବା ଶ୍ରୀକାନ୍ତ ୨୦୧୭ରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। କିନ୍ତୁ ଗତ ସିଜନରେ ସେ କେବଳ ରାଜ୍ୟଗୋଷ୍ଠୀ ରୌପ୍ୟ ପଦକ ଜିତିବା ସହ ଶୀର୍ଷ ସ୍ଥାନ ହାସଲ କରିଥିଲେ ମଧ୍ୟ ଗୋଟିଏ ବି ଟାଇଟଲ ଜିତିପାରି ନ ଥିଲେ। ୨୫ ବର୍ଷୀୟ ଶ୍ରୀକାନ୍ତ ହଂକଂର ଏନ୍ କା ଲଙ୍ଗ୍‌ଙ୍କ ବିପକ୍ଷରୁ ଖେଳି ବୁଧବାର ପ୍ରତିଯୋଗିତାରେ ତାଙ୍କ ଅଭିଯାନ ଆରମ୍ଭ କରିବେ। ଅପରପକ୍ଷରେ ସାଇନାଙ୍କ ପାଇଁ ୨୦୧୮ ସିଜନ ସଫଳମୟ ବର୍ଷ ରହିଥିଲା। ସାଇନା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୨ୟ ସ୍ୱର୍ଣ୍ଣପଦକ ଜିତିବା ସହ ଏସିଆନ୍ ଗେମ୍ସ ଓ ଏସିଆନ୍ ଚାମ୍ପିୟନଶିପ୍‌ରେ ୩ୟ ସ୍ଥାନ ହାସଲ କରି ବ୍ରୋଞ୍ଜରେ ସନ୍ତୁଷ୍ଟ ରହିଥିଲେ। ସେହିଭଳି ଇଣ୍ଡୋନେସିଆ ମାଷ୍ଟର୍ସ, ଡେନ୍‌ମାର୍କ ଓପନ୍ ଓ ସୟଦ ମୋଦି ଇଣ୍ଟରନ୍ୟାଶନାଲର ଫାଇନାଲକୁ ମଧ୍ୟ ପ୍ରବେଶ କରିଥିଲେ। ନିକଟରେ ସାଥୀ ଖେଳାଳି ପି. କାଶ୍ୟପଙ୍କୁ ବିବାହ କରିଥିବା ସାଇନା ମାଲେସିଆ ମାଷ୍ଟର୍ସ ମହିଳା ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ହଂକଂର ଡେଙ୍ଗ୍ ଜୟ୍ ଜୁଆନଙ୍କୁ ଭେଟିବେ। ତେବେ ବି. ସାଇ ପ୍ରଣୀଥ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ନାହିଁ ବୋଲି ଜଣାପଡ଼ିଛି। ପୁରୁଷ ଡବଲ୍ସରେ ସାତ୍ୱିକ ସାଇରାଜ ରାନ୍‌କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ଏବଂ ମହିଳା ଡବଲ୍ସରେ ଅଶ୍ୱିନୀ ପୋନାପ୍ପା ଓ ଏନ୍. ସିକ୍କି ରେଡ୍ଡୀ ଯୋଡ଼ି ମଧ୍ୟ ମାଲେସିଆ ମାଷ୍ଟର୍ସରୁ ସିଜନ ଭଲ ଆରମ୍ଭ କରିବା ଲକ୍ଷ୍ୟରେ ରହିଛନ୍ତି।

### ନୂଆସାହି ପ୍ରିମିୟର ଲିଗ୍ ଉଦ୍‌ଯାପିତ

**ଫୁଲନଖରା,୧୪।୧:** କଟକ ଥାନା ଅଧିନସ୍ଥ ଗୋପାଳପୁର ତାରିଣୀ ପୀଠ ଖେଳ ପଡିଆରେ ଦୁଇ ଦିନଧରି ଚାଲିଥିବା ନୂଆସାହି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌କୁ କର୍ପୋରେଟର ଲଳିତ ଶେଖର ନାୟକ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଜାଗୁଆର ଓ ବଣ୍ଡଷ୍ଟ୍ରାଇକର ଦଳ ପରସ୍ପରକୁ ଭେଟିଥିଲେ। ଏଥିରେ ବଣ୍ଡ ଷ୍ଟ୍ରାଇକର ଟିମ୍ ୧୨ ରନରେ ବିଜୟୀ ହୋଇଥିଲା। ଅଖିଳେଶ୍ୱର ଯୁବ ପରିଷଦ ପକ୍ଷରୁ ଆୟୋଜିତ ଏହି ମ୍ୟାଚ୍‌ରେ କଟକ ସଦର ନେତା ଦିଲିପ କୁମାର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ।





ଅଷ୍ଟ୍ରେଲିଆନ୍ ଓପନ ଟେନିସ ପ୍ରଥମ ରାଉଣ୍ଡ ମ୍ୟାଚ୍ ଜିତିବା ପରେ ସ୍ପେନ୍‌ର ରାଫାଲ ନାଡାଲ ଓ ଡାନିଏଲ କଲିନ୍ସ

# ପ୍ରଥମ ରାଉଣ୍ଡରୁ ମୁରେଙ୍କ ବିଦାୟ

## ଅଷ୍ଟ୍ରେଲିଆନ ଓପନ ଟେନିସ



ଆଣ୍ଡି ମୁରେ

**ମେଲବୋର୍ଣ୍ଣ, ୧୪।୧(ଏଏଫପି)**

ବ୍ରିଟେନର ଆଣ୍ଡି ମୁରେ ସୋମବାର ଆରମ୍ଭ ହୋଇଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ ଟେନିସର ପ୍ରଥମ ବାଧା ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ମେଲବୋର୍ନ ପାର୍କରେ ପୂର୍ବରୁ ୫ ଥର ଫାଇନାଲରେ ପ୍ରବେଶ କରିଥିବା ମୁରେ ଏଥର ସଂଘର୍ଷପୂର୍ଣ୍ଣ ପ୍ରଥମ ରାଉଣ୍ଡ ମ୍ୟାଚରେ ସ୍ପେନର ୨୨ତମ ସିଡ୍ ରବର୍ଟୋ ବାଟିଷ୍ଟା ଅଗଟ୍‌ଙ୍କଠାରୁ ୪-୬, ୪-୬, ୭-୬(୭-୫), ୭-୬(୭-୪), ୨-୬ ସେଟ୍‌ରେ ହାରି ବିଦାୟ ନେଇଛନ୍ତି। ୩୧ ବର୍ଷୀୟ ମୁରେ ଚଳିତ ବର୍ଷର ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ପରେ ଅବସର ନେବେ ବୋଲି ସୂଚନା ଦେଇ ସାରିଛନ୍ତି। ଏପରିକି ଅଷ୍ଟ୍ରେଲିଆନ ଓପନ ମଧ୍ୟ ତାଙ୍କର ଶେଷ ଇଭେଣ୍ଟ ହୋଇପାରେ ବୋଲି ମତବ୍ୟକ୍ତ କରିଛନ୍ତି। ଆସନ୍ତା ସପ୍ତାହରେ ସେ ନିଜ କ୍ୟାରିୟର ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ରୋଜର ଫେଡରର, ରାଫାଲ ନାଡାଲ ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ରେକର୍ଡ ୭ମ ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତିବା ଲକ୍ଷ୍ୟରେ ଥିବା ସୁଇଜରଲାଣ୍ଡର ଫେଡରର ୬-୩, ୬-୪, ୬-୪ ସେଟ୍‌ରେ ଉଜବେକିସ୍ତାନର ଡେନିସ ଇସ୍ତୋମିନଙ୍କୁ ହରାଇ ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି। ପାଦରେ ଅସ୍ତ୍ରୋପଚାର ଯୋଗୁ ୨୦୧୮ ସିଜନରେ କମ୍ ମ୍ୟାଚ ଖେଳିଥିବା ନାଡାଲ ଏଠାରେ ୱାଇଲ୍ଡକାର୍ଡ ଧାରୀ ଜେମ୍ସ ଡକ୍‌ୱର୍ଥଙ୍କୁ ୬-୪, ୬-୩, ୭-୫ ସେଟ୍‌ରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦୀର୍ଘଦିନ ଖେଳରୁ ଦୂରେଇ ରହିବାପରେ ପ୍ରତ୍ୟାବର୍ତ୍ତନ ସହଜ ନୁହେଁ। ତେବେ ମୁଁ ଏବେ ପାଦରେ ଯନ୍ତ୍ରଣା ଅନୁଭବ କରୁନାହିଁ ବୋଲି ୧୭ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନାଡାଲ ପ୍ରକାଶ କରିଛନ୍ତି। ଓପନ ଯୁଗର ପ୍ରଥମ ଖେଳାଳି ଏବଂ ରୟ ଏମରସନ ଓ ରଡ୍ ଲାଭରଙ୍କ ପରେ ଟେନିସ ଇତିହାସର ତୃତୀୟ ଖେଳାଳିଭାବେ ନାଡାଲ ପ୍ରତି ଗ୍ରାଣ୍ଡସ୍ଲାମକୁ ୨ କିମ୍ବା ତଦୂର୍ଦ୍ଧ୍ୱଥର ଜିତିବାର ଦାବିଦାର ହୋଇଛନ୍ତି। ସେ କେବଳ ଅଷ୍ଟ୍ରେଲିଆନ ଓପନକୁ ଥରେ ୨୦୦୯ରେ ଜିତିଥିବାବେଳେ ଅନ୍ୟ ୩ଟି ଯାକ ଗ୍ରାଣ୍ଡସ୍ଲାମକୁ ଏକାଧିକଥର ଜିତି ସାରିଛନ୍ତି। ୫ମ ସିଡ୍ ଦକ୍ଷିଣ ଆଫ୍ରିକାର କେଭିନ ଆଣ୍ଡରସନ ବିଜୟ ହାସଲ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିବାବେଳେ ପ୍ରଥମ ସିଡେଡ୍ ଖେଳାଳିଭାବେ ଆମେରିକାର ଜନ୍ ଇସନେର(୯ମ ସିଡ୍) ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସେ ନିଜ ଦେଶର ରିଲି ଓପେକାଙ୍କଠାରୁ ୬-୭(୪-୭), ୬-୭(୬-୮), ୭-୬(୭-୪), ୬-୭(୫-୭) ସେଟ୍‌ରେ ପରାସ୍ତ ହୋଇଛନ୍ତି।

ମହିଳା ସିଙ୍ଗଲ୍ସରେ କାରୋଲିନ ଓଜନିଆକି ୬-୩, ୬-୪ ସେଟ୍‌ରେ ଆଲିସନ ଭାନ୍ ଉଟ୍‌ଭାନ୍‌କଙ୍କୁ, ଦ୍ୱିତୀୟ ସିଡ୍ ୨୦୧୬ ଚାମ୍ପିୟନ ଆଞ୍ଜେଲିକ୍ କର୍ବର ୬-୨, ୬-୨ ସେଟ୍‌ରେ ପୋଲୋନା ହର୍କଗଙ୍କୁ, ୨୦୦୮ ଚାମ୍ପିୟନ ମାରିଆ ଶାରାପୋଭା ୬-୦, ୬-୦ ସେଟ୍‌ରେ ହାରେଟ୍ ଡାର୍ଟଙ୍କୁ, ଡାନିଏଲ କଲିନ୍ସ ୨-୬, ୭-୬(୭-୫), ୬-୪ ସେଟ୍‌ରେ ଜୁଲିଆ ଜର୍ଜେସଙ୍କୁ, ପେତ୍ରା କ୍ୱିଟୋଭା ୬-୩, ୬-୨ ସେଟ୍‌ରେ ମାଗ୍‌ଡାଲେନା ରିବାରିକୋଭାଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ପ୍ରଜନେଶଙ୍କ ବିଦାୟ

ଭାରତର ପ୍ରଜନେଶ ଗୁଣେଶ୍ୱରମ ନିଜର ପ୍ରଥମ ଗ୍ରାଣ୍ଡସ୍ଲାମରେ ଆରମ୍ଭରୁ ଝୁଣ୍ଟିଛନ୍ତି। ସୋମବାରଠାରୁ ଏଠାରେ ଆରମ୍ଭ ହୋଇଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍ ପୁରୁଷ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ଆମେରିକାର ଫ୍ରାନ୍‌ସେସ୍ ଟିଆଫୋଏ ୭-୬ (୯-୭), ୬-୩, ୬-୩ ସିଧାସଳଖ ସେଟ୍‌ରେ ପ୍ରଜନେଶଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱ ମାନ୍ୟତାର ୩୯ତମ ସ୍ଥାନରେ ରହିଥିବା ଫ୍ରାନ୍‌ସେସଙ୍କୁ ଏହି ମ୍ୟାଚ୍ ଜିତିବାକୁ ମାତ୍ର ୫୨ ମିନିଟ୍ ସମୟ ଲାଗିଥିଲା। ପୂର୍ବରୁ ମହିଳା ସିଙ୍ଗଲ୍ସରେ ଅଙ୍କିତା ରାଇନା ଓ କର୍ମନ କୌର ଥାଣ୍ଡି ଯଥାକ୍ରମେ ଯୋଗ୍ୟତା ପର୍ଯ୍ୟାୟର ୨ୟ ଓ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ।

# ପାଣ୍ଡ୍ୟା, ରାହୁଲଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା

**ନୂଆଦିଲ୍ଲୀ, ୧୪।୧ (ପି.ଟି.)**

ଏକ ଟିଭି ଚ୍ୟାଟ୍ ଶୋ' ବେଳେ ସ୍ତ୍ରୀ ଜାତି ବିରୋଧରେ ଟିପ୍ପଣୀ ପାଇଁ ସସ୍‌ପେଣ୍ଡ ହୋଇଥିବା ଦୁଇ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଓ କେ.ଏଲ. ରାହୁଲ ସୋମବାର ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ଏଣେ ପ୍ରଶାସକ କମିଟି (ସିଓଏ) ମୁଖ୍ୟ ବିନୋଦ ରାୟ କହିଛନ୍ତି, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି ଖେଳାଳି ଦ୍ୱୟଙ୍କ କ୍ୟାରିୟର ଶେଷ କରା ନ ଯାଉ। ସେମାନଙ୍କୁ ସଂଶୋଧନ ହେବା ଲାଗି ସୁଯୋଗ ଦିଆଯାଉ। ଦୁଇ କ୍ରିକେଟରଙ୍କ କ୍ଷମା ପ୍ରାର୍ଥନା ସତ୍ତ୍ୱେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ୧୦ଟି ୟୁନିଟ୍ ସ୍ୱତନ୍ତ୍ର ସାଧାରଣ ବୈଠକ ଡକାଇବା ଲାଗି ଦାବି କରିଛନ୍ତି। ଘଟଣାର ତଦନ୍ତ ପାଇଁ ଜଣେ ଅମ୍ବୁଡ୍‌ସମ୍ୟାନଙ୍କୁ ନିଯୁକ୍ତି ଦେବା ଲାଗି ସେମାନେ ପ୍ରସ୍ତାବ ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରଶାସକ କମିଟି ସଦସ୍ୟା ଡାଏନା ଇଡୁଲ୍‌ଜୀ ପ୍ରଶାସକ କମିଟି ଓ ବିସିସିଆଇ କର୍ମକର୍ତ୍ତାଙ୍କ ଦ୍ୱାରା ତଦନ୍ତ କରାଯିବା ଲାଗି ଅଡ଼ି ବସିଛନ୍ତି। ପାଣ୍ଡ୍ୟା ଓ ରାହୁଲ ଯେଉଁ ମନ୍ତବ୍ୟ ଦେଇଛନ୍ତି ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ମଧ୍ୟ ତାହାର ସମାଲୋଚନା କରିଛନ୍ତି। ତରବରିଆ ତଦନ୍ତ ଦ୍ୱାରା ଘଟଣାକୁ ଘଣ୍ଟ ଘୋଡାଇ ଦିଆଯାଇ ପାରେ ଇଡୁଲ୍‌ଜୀ ଆଶଙ୍କା ପ୍ରକାଶ କରିଛନ୍ତି। ଏଣେ ବିସିସିଆଇର ନୂଆ ସମ୍ବିଧାନର ଧାରା ୪୧ (ସି) ଅନୁସାରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ)ଙ୍କ ଦ୍ୱାରା ଘଟଣାର ତଦନ୍ତ ପାଇଁ ସିଓଏ ମୁଖ୍ୟ ନିର୍ଦ୍ଦେଶ ଦେଇ ସାରିଥିବା ବିସିସିଆଇର ଜଣେ ବରିଷ୍ଠ ଅଫିସିଆଲ ସୂଚନା ଦେଇଛନ୍ତି। ପାଣ୍ଡ୍ୟା ଓ ରାହୁଲଙ୍କୁ ତୁରନ୍ତ ଅଷ୍ଟ୍ରେଲିଆ ଟୁର୍‌ରୁ ଫେରାଇ ଆଣିବା ଦ୍ୱାରା ଆଉ ୪ ମାସରୁ କମ୍ ସମୟ ଥିବା ବିଶ୍ୱକପ୍‌ରେ ସେମାନେ ଖେଳିବେ କି ନା ତାହା ଝୁଲା ଅବସ୍ଥାରେ ରହିଛି। ରାୟ ଇତିମଧ୍ୟରେ ଇଡୁଲ୍‌ଜୀଙ୍କ ନିକଟକୁ ଏକ ଇ-ମେଲ୍ କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି, କୌଣସି ଯୁବ ଖେଳାଳିଙ୍କ କ୍ୟାରିୟରର ଅନ୍ତ ଘଟାଇବା ବିସିସିଆଇର କାର୍ଯ୍ୟ ନୁହେଁ। ପଡ଼ିଆ ବାହାରେ ଖେଳାଳିଙ୍କ ଏଭଳି ଆଚରଣ ଆଦୌ ଶୋଭନୀୟ ନୁହେଁ। ସେମାନଙ୍କୁ ଠିକଣା ରାସ୍ତାକୁ ଆଣିବା ହେଉଛି ଆମର କାର୍ଯ୍ୟ। ଅଷ୍ଟ୍ରେଲିଆ ଟୁର୍‌ରୁ ଖେଳାଳି ଦ୍ୱୟଙ୍କୁ ଫେରାଇ ଆଣିବା ଏବଂ ସେମାନଙ୍କୁ ସସ୍‌ପେଣ୍ଡ କରିବା ଦ୍ୱାରା ସେମାନେ ଲଜ୍ଜିତ ହୋଇଛନ୍ତି। ଆମେ ସେମାନଙ୍କ କ୍ୟାରିୟର ନଷ୍ଟ ନ କରି ସୁଧାରିବା ପାଇଁ ସୁଯୋଗ ଦେବା ଉଚିତ୍।

# ରାମେଶ୍ୱର ସ୍ପୋର୍ଟିଂ ସେମିରେ

**ଭଣ୍ଡାରିପୋଖରୀ,୧୪।୧(ଡି.ଏନ.ଏ.)**

**ଅଦ୍ୱୈତ୍ୟ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ମାଳଦା ପଞ୍ଚାୟତର ରଘୁନାଥପୁର ଖେଳପଡିଆ ଠାରେ ଦ୍ୱାଦଶତମ ଆନ୍ତଜିଲା ଅଦ୍ୱୈତ୍ୟ ନାୟକ ମେମୋରିଆଲ ଗୋପିନାଥ ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ସହିତ ଶ୍ରାବଣୀ କ୍ରିକେଟ କ୍ଲବ ଯାଜପୁର ସିଂହପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ରାମେଶ୍ୱର ସ୍ପୋର୍ଟିଂ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୨୭ ରନ କରିଥିଲା। ଜବାବରେ ଶ୍ରାବଣୀ କ୍ରିକେଟ କ୍ଲବ ୧୦୦ ରନ କରି ୧୯ ଓଭର ୧ ବଲରେ ଅଲଆଉଟ ହୋଇଯାଇଥିଲା। ଶରତ ଚନ୍ଦ୍ର ଜେନା ଓ ଲଲାଟ କେଶରୀ ନନ୍ଦ ଅମ୍ପାୟର ଥିବା ବେଳେ ଚିନ୍ମୟ ରାଉତରାୟ, ବୀରନାରାୟଣ ମାଝୀ, ସୁବ୍ରତ ସ୍ୱାଇଁ ସ୍କୋରର ଥିଲେ। ବିଷ୍ଣୁଚରଣ ବୋଇତାଇ ଓ ପ୍ରଦୀପ୍ତ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଗୋପିନାଥ ନାୟକ, ସଭାପତି ବିଶ୍ୱନାଥ ମାଝୀ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ମଙ୍ଗଳବାର ମ୍ୟାଚ କଟକର ବିଶ୍ୱଭାରତୀ କ୍ରିକେଟ ଟିମ୍ ସହିତ ଭୁବନେଶ୍ୱରର କ୍ରାଉନକ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

# ଲା ଲିଗାରେ ମେସିଙ୍କ ୪୦୦ ଗୋଲ୍

**ବାର୍ସିଲୋନା, ୧୪।୧(ଏଏଫ୍‌ପି)**

ଆର୍ଜେଣ୍ଟିନା ଷ୍ଟାର୍ ଫୁଟ୍‌ବଲର ଲିଓନେଲ ମେସି ସ୍ପାନିଶ୍ ଫୁଟ୍‌ବଲ ଲିଗ୍ ଲା ଲିଗା'ରେ ୪୦୦ତମ ଗୋଲ ସ୍କୋର କରିଛନ୍ତି। ରବିବାର ରାତିରେ ବାର୍ସିଲୋନା ଓ ଇବାର ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଅବସରରେ ମେସି ଏହି କୃତିତ୍ୱ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ ବାର୍ସିଲୋନା ୩-୦ ଗୋଲରେ ବିଜୟ ହାସଲ କରିଥିଲା। ଦ୍ୱିତୀୟାର୍ଦ୍ଧ ତଥା ମ୍ୟାଚ୍‌ର ୫୩ତମ ମିନିଟ୍‌ରେ ମେସି ଏହି ଗୋଲଟି ଦେଇଥିଲେ। ଲା ଲିଗା'ରେ ନିଜର ୪୩୫ତମ ମ୍ୟାଚ୍ ଖେଳିବା ଅବସରରେ ମେସି ଏହି ମାଇଲଷ୍ଟୋନ ଛୁଇଁଥିଲେ। ୪୦୦ ଗୋଲ ମଧ୍ୟରୁ ମେସି ବାମପାଦରେ ସର୍ବାଧିକ ୩୨୬, ଡାହାଣ ପାଦରେ ୫୯, ମୁଣ୍ଡରେ ୧୪ ଓ ଅନ୍ୟ ସ୍ଥାନରେ ଗୋଟିଏ ଗୋଲ କରିଛନ୍ତି। ଏଥିସହ ୟୁରୋପ୍‌ର ଟପ୍-୫ ଲିଗ୍‌ର କୌଣସି ଗୋଟିଏ ଟୁର୍ଣ୍ଣାମେଣ୍ଟରେ ୪୦୦ ଗୋଲ ସ୍କୋର କରିବାରେ ୩୧ ବର୍ଷୀୟ ମେସି ପ୍ରଥମ ଖେଳାଳି ହୋଇଛନ୍ତି। ଅପରପକ୍ଷରେ ୟୁରୋପ୍‌ର ଟପ୍-୫ ଲିଗ୍‌ରେ ୪୦୦ ଗୋଲ କରିବାରେ କ୍ରିଷ୍ଟିଆନୋ ରୋନାଲ୍ଡୋ (୫୦୭ ମ୍ୟାଚ୍‌ରୁ ୪୦୯ ଗୋଲ)ଙ୍କ ପରେ ମେସି ୨ୟ ଖେଳାଳି ହୋଇଛନ୍ତି। ରୋନାଲ୍ଡୋ ଇଂଲଣ୍ଡ, ସ୍ପେନ୍ ଓ ଇଟାଲୀରେ ୟୁରୋପୀୟ ଲିଗ୍‌ରେ ଅଂଶଗ୍ରହଣ କରି ଏହି ସଫଳତା ପାଇଛନ୍ତି। ଲା ଲିଗାରେ ୨୯ଟି ଟିମ୍ ଯେତିକି ସଂଖ୍ୟକ ଗୋଲ କରିନାହାନ୍ତି ମେସି ଏକାକୀ ସେମାନଙ୍କଠାରୁ ଅଧିକ ସ୍କୋର କରିଛନ୍ତି। ସେହିଭଳି ଲା ଲିଗା'ରେ ସେଭିଲା କ୍ଲବ ବିପକ୍ଷରେ ମେସି ସର୍ବାଧିକ ୨୫ ଗୋଲ କରିଛନ୍ତି।



ଲିଓନେଲ ମେସି

# ବାଲିଅନ୍ତା ଚାମ୍ପିୟନ

**ଫୁଲନଖରା, ୧୪।୧ (ଡି.ଏନ.ଏ.):** ଅନନ୍ତପୁର କ୍ରିକେଟ ପଡ଼ିଆରେ ଗତ ୩ ତାରିଖରୁ ଆରମ୍ଭ ହୋଇଥିବା ପ୍ରଥମ ନୀଳକଣ୍ଠେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲରେ ଫୁଲନଖରାକୁ ପରାସ୍ତ କରି ବାଲିଅନ୍ତା ଚାମ୍ପିୟନ ହୋଇଛି। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ବାଲିଅନ୍ତା ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୮୯ ରନ କରିଥିଲା। ଜବାବରେ ଫୁଲନଖରା ୧୭.୫ ଓଭରରେ ୧୩୮ ରନକରି ଅଲଆଉଟ ହୋଇ ଯାଇଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଏବଂ ରନର୍ସଅପ୍ ଦଳକୁ ୧୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ସମିତି ସଭ୍ୟ ମହେଶ୍ୱର ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିତେନ୍ଦ୍ର ସାସମଲ, ନିରଞ୍ଜନ ସାସମଲ, ବିନୋଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।





ଉତ୍କଳ କରାଟେ ସ୍କୁଲ କଟକ ଶାଖାର ବେଲ୍ଟ ଟେଷ୍ଟରେ କୃତିତ୍ୱ ଅର୍ଜନ କରିଥିବା କରାଟେକାମାନେ କର୍ମକର୍ତ୍ତାଙ୍କ ସହ।

# ବୋଧପୁର ଫୁଟବଲ ଟୁର୍ଣ୍ଣାମେଣ୍ଟ: ଏନ୍‌ଆର୍‌ଆର୍‌ଆଇ ବିଜୟୀ

**କଟକ ସଦର, ୧୪।୧(ଡି.ଏନ.ଏ):** କଟକ ସଦର ବ୍ଲକ ଅନ୍ତର୍ଗତ ବୋଧପୁର ସ୍ଥିତ ସ୍ୱସ୍ତିକ ଫୁଟବଲ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଯୁଧିଷ୍ଠିର ସାହୁ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଏନ୍‌ଆରଆରଆଇ (ଜାତୀୟ ଧାନ ଗବେଷଣା ସଂସ୍ଥା) ଟାଇଟଲ ହାସଲ କରିଛି। ରବବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଏନ୍‌ଆରଆରଆଇ ଓ ଏରଞ୍ଚ ଦଳ ପରସ୍ପରକୁ ଭେଟିଥିଲେ। ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହେବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଟାଇବ୍ରେକରରେ ଏନ୍‌ଆରଆରଆଇ ୫-୪ ଗୋଲରେ ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ସରପଞ୍ଚ ସନ୍ଧ୍ୟାରାଣୀ ବେହେରା ମୁଖ୍ୟ ଅତିଥି ଓ ଶକ୍ତିପ୍ରସାଦ ସ୍ୱାଇଁ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ।

# ୧୨୧ ବର୍ଷ ତଳେ ଜୋଏ ମାରିଥିଲେ ପ୍ରଥମ ଟେଷ୍ଟ ଛକା

**ଦୁବାଇ, ୧୪।୧:** କ୍ରିକେଟ୍‌ର ସବୁଠୁ ଲମ୍ବା ଫର୍ମାଟ୍ ଟେଷ୍ଟ ୧୮୭୭ ମାର୍ଚ୍ଚ ୧୯ରେ ଆରମ୍ଭ ହୋଇଥିଲା। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ କ୍ରିକେଟ ଇତିହାସର ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିଲା। ତେବେ ଏହାର ୨୧ ବର୍ଷ ପରେ ତଥା ଆଜକୁ ଦୀର୍ଘ ୧୨୧ ବର୍ଷ ତଳେ ଟେଷ୍ଟ କ୍ରିକେଟର ପ୍ରଥମ ଛକା ଦେଖିବାକୁ ମିଳିଥିଲା। ୧୮୯୮ ଜାନୁୟାରୀ ୧୪ରେ ଅଷ୍ଟ୍ରେଲିଆର ଓପନିଂ ବ୍ୟାଟ୍ସମ୍ୟାନ ଜୋଏ ଡାର୍ଲିଂ ଟେଷ୍ଟର ସର୍ବପ୍ରଥମ ଛକା ମାରିଥିଲେ। ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ବାମହାତୀ ଜୋଏ ଏହି କୃତିତ୍ୱ ହାସଲ କରିଥିଲେ। ଫଳରେ ଟେଷ୍ଟ ଇତିହାସର ପ୍ରଥମ ଛକା ମାରିଥିବା ବ୍ୟାଟ୍ସମ୍ୟାନଭାବେ ଜୋଏଙ୍କ ନାମ ରେକର୍ଡ ବୁକ୍‌ରେ ରହିଗଲା। ସେତେବେଳେ ଯେଉଁ ବ୍ୟାଟ୍ସମ୍ୟାନ ବାଉଣ୍ଡରି କ୍ଲିୟର କରୁଥିଲେ ୫ ରନ୍ ମିଳୁଥିଲା। ଜୋଏ ୧୮୯୪ରୁ ୧୯୦୫ ମଧ୍ୟରେ ଅଷ୍ଟ୍ରେଲିଆ ପକ୍ଷରୁ ୩୪ ଟେଷ୍ଟ ଖେଳି ୩ଟି ଶତକ ସହାୟତାରେ ୧୬୫୭ ରନ କରିଥିଲେ। ଟେଷ୍ଟ ଇତିହାସରେ କୌଣସି ସିରିଜରେ ୫୦୦ ରନ୍ ସଂଗ୍ରହ କରିବାରେ ଜୋଏ ପ୍ରଥମ ବ୍ୟାଟ୍ସମ୍ୟାନ ଥିଲେ।



"ଜଣେ ବୋଲର ନିୟମିତ ଭାବେ ଅନ୍ତର୍ଜାତୀୟ ମ୍ୟାଚ ନ ଖେଳିଲେ ବୋଲିଂର ରିଦିମ ଉପରେ ପ୍ରଭାବ ପଡ଼ିବାର ସମ୍ଭାବନା ଥାଏ ।

–ଭୁବନେଶ୍ୱର କୁମାର, ଭାରତୀୟ ବୋଲର



"ଅଧିନାୟକ ଆରୋନ ଫିଞ୍ଚ୍ ଖୁବ୍ ଶୀଘ୍ର ତାଙ୍କ ଫର୍ମ ଫେରିପାଇବେ ଏବଂ ଦଳ ପାଇଁ ମ୍ୟାଚ ବିଜୟୀ ଇନିଂସ ଖେଳିବେ ବୋଲି ମୋର ଆଶା ।

–ଆଲେକ୍ସ କ୍ୟାରେ, ଅଷ୍ଟ୍ରେଲିଆ ଉପଅଧିନାୟକ



## ସଂକ୍ଷେପରେ

### ଦକ୍ଷିଣ ଆଫ୍ରିକାର ସିରିଜ ସୁଇପ୍

**ଜୋହାନ୍ସବର୍ଗ, ୧୪।୧:** ପାକିସ୍ତାନ ବିପକ୍ଷରେ ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଟେଷ୍ଟ ମ୍ୟାଚ୍‌କୁ ଘରୋଇ ଦକ୍ଷିଣ ଆଫ୍ରିକା ଦଳ ୧୦୭ ରନ୍‌ରେ ଜିତିନେଇଛି। ଦକ୍ଷିଣ ଆଫ୍ରିକା ପକ୍ଷରୁ ଧାର୍ଯ୍ୟ ୩୮୧ ରନ୍‌ର ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ମ୍ୟାଚ୍‌ର ୪ର୍ଥ ଦିବସ ସୋମବାର ୨ୟ ଇନିଂସରେ ୨୭୩ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି। ତୃତୀୟ ଦିବସ ସୁଦ୍ଧା ପାକିସ୍ତାନ ୨ୟ ଇନିଂସରେ ୩ ଉଇକେଟ୍ ହରାଇ ୧୫୩ ରନ୍ କରିଥିଲା। ତେବେ ୪ର୍ଥ ଦିବସରେ ପାକିସ୍ତାନ ଅସମାପ୍ତ ୨ୟ ଇନିଂସ ସ୍କୋରରେ ଆଉ ୧୨୦ ରନ୍ ଯୋଗକରି ବଳକା ୭ଟି ଉଇକେଟ୍ ହରାଇଥିଲା। ପାକିସ୍ତାନ ପକ୍ଷରୁ ଆସଦ୍ ସଫିକ୍ (୬୫), ଶାଦବ ଖାଁ (୪୭*), ବାବର ଆଜମ (୨୧), ଇମାମ୍ ଉଲ୍-ହକ (୩୫) ଓ ଶାନ୍ ମାସୁଦ୍ (୩୭) ଉପଯୋଗୀ ବ୍ୟାଟିଂ କରିଥିଲେ ମଧ ବଡ଼ ଇନିଂସ ଖେଳିବାରେ ବିଫଳ ହୋଇଥିଲେ। ବିଜୟୀ ଦକ୍ଷିଣ ଆଫ୍ରିକା ପକ୍ଷରୁ ଡୁଏନ୍ ଓଲିଭର ଓ କାଗିସୋ ରାବାଡା ୩ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ପୂର୍ବରୁ ଦକ୍ଷିଣ ଆଫ୍ରିକା ପ୍ରଥମ ଓ ୨ୟ ଇନିଂସରେ ଯଥାକ୍ରମେ ୨୬୨ ଓ ୩୦୩ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ପାକିସ୍ତାନ ଏହାର ପ୍ରଥମ ଇନିଂସ୍‌ରେ ୧୮୫ ରନ୍ କରି ସୀମିତ ରହିଥିଲା। ଦ୍ୱିତୀୟ ଇନିଂସ୍‌ରେ ୧୨୯ ରନ୍‌ର ଶତକୀୟ ଇନିଂସ ଖେଳିଥିବା କ୍ୱିଣ୍ଟନ ଡି'କକ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଡିନ୍ ଏଲଗାରଙ୍କ ନେତୃତ୍ୱାଧୀନ ଦକ୍ଷିଣ ଆଫ୍ରିକା ଦଳ ପ୍ରଥମ ଓ ୨ୟ ଟେଷ୍ଟକୁ ଯଥାକ୍ରମେ ୬ ଓ ୯ ଉଇକେଟ୍‌ରେ ଜିତିଥିଲା। ଦୁଇ ଦଳ ମଧ୍ୟରେ ୫ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଜାନୁୟାରୀ ୧୯ରୁ ପୋର୍ଟ ଏଲିଜାବେଥ୍‌ରେ ଆରମ୍ଭ ହେବ।

## ରାଜ୍ୟସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଓଡ଼ିଶା ପୋଲିସ ଚାମ୍ପିୟନ

**ପାରଳାଖେମୁଣ୍ଡି, ୧୪।୧(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହରର ରାମନଗରସ୍ଥ ହାଇଟେକ୍ ପ୍ଲାଜା ଖେଳ ପଡିଆରେ ଗତ ତିନିଦିନ ଧରି ଚାଲିଥିବା ୬୬ତମ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ଓଡ଼ିଶା ପୋଲିସ ଦଳ ଚାମ୍ପିୟନ ଟାଇଟଲ ହାସଲ କରିଛି। ମହିଳା ବିଭାଗରେ କେନ୍ଦ୍ରାପଡା ଦଳ ରନର୍ସ ଅପ ଏବଂ ପୁରୁଷ ବିଭାଗରେ ଢେଙ୍କାନାଳ ଦଳ ରନର୍ସ ଅପ୍ ହୋଇଛନ୍ତି। ସେହିଭଳି ତୃତୀୟ ସ୍ଥାନରେ ମହିଳା ବିଭାଗରେ ଯୁଗ୍ମ ଭାବେ କଟକ ଓ କିଟ୍ ଦଳ ଏବଂ ପୁରୁଷ ବିଭାଗରେ କଟକ ଏବଂ ଏନ୍‌ଆର୍‌ଆଇ ଦଳ ରହିଛନ୍ତି। ପୁରୁଷ ବିଭାଗରେ ମ୍ୟାନ ଅଫ ଦ ଫାଇନାଲ ଭାବେ ଓଡ଼ିଶା ପୋଲିସର ଅନିଲ ପ୍ରଧାନଙ୍କୁ ବିବେଚିତ କରାଯାଇଛି। ବେଷ୍ଟ ରେଡର୍ କଟକ ଦଳର ଅରବିନ୍ଦ ଖୁଣ୍ଟିଆ, ବେଷ୍ଟ ଡିଫେଣ୍ଡର ଭାବେ ଢେଙ୍କାନାଳ ଦଳର ପ୍ରିୟବ୍ରତ ସାମଲ, ବେଷ୍ଟ ପ୍ଲେୟାର ଭାବେ ଓଡିଶା ପୋଲିସର ମନିନ୍ଦର ସାହୁ ବିବେଚିତ ହୋଇଛନ୍ତି । ମହିଳା ଦଳରେ ଓମ୍ୟାନ ଅଫ ଦ ଫାଇନାଲ ଭାବେ ରଶ୍ମିତା ସାହୁ, ବେଷ୍ଟ ରେଡେର୍ ଭାବେ ଝୁନୁବାଲା ବିନ୍ଧାଣି, ବେଷ୍ଟ ଡିଫେଣ୍ଡର ଭାବେ ଶ୍ରଦ୍ଧାଞ୍ଜଳି ପଣ୍ଡା ଏବଂ ବେଷ୍ଟ ଓମେନ ଭାବେ କଟକ ଦଳର ନୀତୁ ବିବେଚିତ ହୋଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରଳା ସ୍ୱାଭିମାନ ମଞ୍ଚର ମୁଖ୍ୟ ତିରୁପତି ପାଣିଗ୍ରାହୀ ଯୋଗଦେଇ ପାରଳା ମାଟି, କଳା ସଂସ୍କୃତି ଏବଂ କ୍ରୀଡା ପାଇଁ ପରିଚିତ ବୋଲି କହିଥିଲେ । ଆଗାମୀ ଦିନରେ ଏହି ମାଟିରୁ ରାଜ୍ୟ ଓ ଜାତୀୟସ୍ତରର କବାଡି ପାଇଁ ପରିଚୟ ସୃଷ୍ଟି କରିବାକୁ ପ୍ରଚେଷ୍ଟା ଜାରି ରହିବ ବୋଲି ସେ ପ୍ରକାଶ କରିଥିଲେ। ଓଡିଶା କବାଡି ସଂଘ ସମ୍ପାଦକ ଅଜୟ କୁମାର ବେହେରା ଯୋଗଦେଇ କବାଡି ଖେଳର ପ୍ରସାର ଓ ପ୍ରଚାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାବିତ୍ରୀ ପାଣିଗ୍ରାହୀ, ଅଙ୍କିତା ପାଣିଗ୍ରାହୀ, ଅଶୋକ ପାଣିଗ୍ରାହୀ, ସୁରେଶ ପାଣିଗ୍ରାହୀଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।




ଚାମ୍ପିୟନ ଓଡ଼ିଶା ପୋଲିସ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ବୋର୍ଡ ଏକାଦଶ ଦଳରେ ପପୁ

**କଟକ ଅଫିସ,୧୪।୧**

ଓଡ଼ିଶାର ବାମହାତୀ ଅର୍ଥୋଡକ୍ସ ବୋଲର ପପୁ ରାୟ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବୋର୍ଡ ସଭାପତି ଏକାଦଶ ଦଳରେ ସ୍ଥାନ ପାଇଛନ୍ତି। ଥିରୁଭାନନ୍ତପୁରମ୍ ଠାରେ ଆସନ୍ତା ୧୮ ଓ ୨୦ ତାରିଖରେ ଇଂଲଣ୍ଡ ଲାୟନ୍ସ ଦଳ ବିପକ୍ଷରେ ଖେଳାଯିବାକୁ ଥିବା ୨ଟି ୱାର୍ମଅପ ମ୍ୟାଚ୍ ନିମନ୍ତେ ପପୁଙ୍କୁ ଚୂଡ଼ାନ୍ତ ୧୫ଜଣିଆ ଦଳରେ ସାମିଲ କରାଯାଇଛି। ଈଶାନ କିଷନ ବୋର୍ଡ ଏକାଦଶ ଦଳର ଅଧିନାୟକ ରହିଛନ୍ତି।

ଚଳିତ ରଣଜୀ ସିଜନରେ ଓଡ଼ିଶା ପକ୍ଷରୁ ପପୁଙ୍କୁ ଖେଳିବାର ଯଥେଷ୍ଟ ସୁଯୋଗ ମିଳି ନ ଥିଲା। ହରିୟାଣା ଓ ଉତ୍ତରପ୍ରଦେଶ ବିପକ୍ଷରେ ପପୁ ୨ଟି ମ୍ୟାଚ୍ ଖେଳିଥିବା ବେଳେ କେବଳ ହରିୟାଣା ବିପକ୍ଷ ମ୍ୟାଚ୍‌ରେ ଗୋଟିଏ ଉଇକେଟ ହାସଲ କରିଥିଲେ। ମାତ୍ର ଗତ ବିଜୟ ହଜାରେ ଟ୍ରଫି ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ନିଜ ପ୍ରତିଭାର ଚମକ ଦେଖାଇ ପପୁ ଜାତୀୟ ସ୍ତରର ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି। ବିଜୟ ହଜାରେ ଟ୍ରଫିରେ ଏହି ବାମହାତୀ ସ୍ପିନର ଜଣଙ୍କ ଓଡ଼ିଶାର ସର୍ବାଧିକ ଉଇକେଟ ଦଖଲକାରୀ ଥିଲେ। ୮ଟି ମ୍ୟାଚ୍‌ରୁ ୧୮.୪୨ ଆଭରେଜରେ ପପୁ ୧୪ଟି ଉଇକେଟ ଅକ୍ତିଆର କରିଥିଲେ । ଏହାଛଡ଼ା ବିଜୟ ହଜାର ଟ୍ରଫି ପରେ ଅକ୍ଟୋବରରେ ଖେଳାଯାଇଥିବା ଦେଓଧର ଟ୍ରଫିରେ ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ପପୁ ଅଂଶ ଗ୍ରହଣ କରିଥିଲେ । ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱାଧୀନ ଇଣ୍ଡିଆ–ସି ଦଳରୁ ପପୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ । ଦେଓଧର ଟ୍ରଫିରେ ୨ଟି ମ୍ୟାଚ ଖେଳିଥିବା ପପୁଙ୍କୁ ୬ଟି ଉଇକେଟ ମିଳିଥିଲା । ଇଣ୍ଡିଆ–ସି ଦଳ ଚାମ୍ପିୟନ ହୋଇଥିବା ବେଳେ ରାହାନେ ପପୁଙ୍କୁ ବୋଲିଂକୁ ନେଇ ପ୍ରଶଂସା କରିଥିଲେ। ଲିଷ୍ଟ–ଏ କ୍ରିକେଟରେ ପପୁଙ୍କ ରେକର୍ଡ ଭଲ ରହିଛି। ୧୦ଟି ଲିଷ୍ଟ–ଏ ମ୍ୟାଚ ଖେଳି ପପୁ ୨୦ଟି ଉଇକେଟ ନେଇଛନ୍ତି। ସୂଚନା ଥାଉକି, ଯାଜପୁରରେ ରହୁଥିବା ପପୁ ଓଡ଼ିଶାର ଜଣେ ପ୍ରତିଭାବାନ ସ୍ପିନ ବୋଲର। ପିଲାଟି ବେଳୁ ପପୁ ମା', ବାପାଙ୍କୁ ହରାଇଥିବାବେଳେ ମାଉସୀଙ୍କ ଘରେ ରହି ସେ କ୍ରିକେଟରେ ନିଜକୁ ଜଡ଼ିତ ରଖିଛନ୍ତି । ମ୍ୟାଚ୍ ଖେଳିବାର ସୁଯୋଗ ମିଳିଲେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବି ବୋଲି ପପୁ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଆସନ୍ତା ୧୬ ତାରିଖରେ ସେ ଥିରୁଭାନନ୍ତପୁରମ ଯାତ୍ରା କରିବେ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇ ପପୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



ପପୁ ରାୟ

**ବୋର୍ଡ ସଭାପତି ଏକାଦଶ**

ଈଶାନ କିଷନ(ଅଧିନାୟକ), ଋତୁରାଜ ଗାଏକ୍ୱାଡ୍, ଅନମୋଲପ୍ରୀତ ସିଂ, ଦୀପକ ହୁଡା, ରଜତ ପଟ୍ଟିଦାର, ରିକି ଭୁଇ, ହିମତ ସିଂ, ମୟଙ୍କ ମର୍କଣ୍ଡେ, ଜୟନ୍ତ ଯାଦବ, ପପୁ ରାୟ, ପଙ୍କଜ ଜୟସ୍ୱାଲ, ତୁଷାର ଦେଶପାଣ୍ଡେ, ନଭଦୀପ ସଇନି।

# କର ବା ମର ସ୍ଥିତିରେ ଭାରତ

**ଆଡିଲେଡ,୧୪।୧(ପି.ଟି.)**

୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମୁକାବିଲାରେ ପରାସ୍ତ ହେବା ପରେ ଭାରତ ଏବେ କର ବା ମର ପରିସ୍ଥିତିର ସମ୍ମୁଖୀନ ହୋଇଛି। ସିରିଜରେ ୧–୦ରେ ପଛରେ ପଡିଥିବା ଭାରତ ମଙ୍ଗଳବାର ଆଡିଲେଡରେ ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଜିତିବା ଅପରିହାର୍ଯ୍ୟ ହୋଇ ପଡିଛି। ହାର୍ଦ୍ଦିକ ପାଣ୍ଡ୍ୟା ବାସନ୍ଦ ହେବା ଫଳରେ ଭାରତୀୟ ବ୍ୟାଟିଂ ପ୍ରଭାବିତ ହୋଇଛି। ଫଳରେ ଉପ–ଅଧିନାୟକ ରୋହିତ ଶର୍ମାଙ୍କ ୨୨ତମ ଦିନିକିଆ ଶତକ ସତ୍ତ୍ୱେ ଭାରତ ବିଜୟୀ ହୋଇପାରି ନାହିଁ।

ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ଖରାପ ଫର୍ମ, ଷ୍ଟ୍ରାଇକ ରେଟ୍ ଓ ଷ୍ଟ୍ରାଇକ୍ ରୋଟେଟ କରିବାର ବିଫଳତାକୁ ନେଇ ଅଧିନାୟକ ବିରାଟ କୋହଲି ଓ କୋଚ୍ ରବି ଶାସ୍ତ୍ରୀ ଚିନ୍ତିତ ଅଛନ୍ତି। ଧୋନୀଙ୍କ ବ୍ୟାଟିଂ ଅର୍ଡର (୪ ନମ୍ବରରେ ଆସିବା)କୁ ନେଇ ଭିନ୍ନ ମତ ପ୍ରକାଶ ପାଇଥିଲେ ମଧ ଟିମ୍ ମ୍ୟାନେଜମେଣ୍ଟ ଏଥିରେ ପରିବର୍ତ୍ତନ କରିବ ନାହିଁ ବୋଲି ସ୍ପଷ୍ଟ କରିଛି। ଅମ୍ବାତି ରାୟୁଡୁ ଗତ ଏସିଆ କପ୍, ୱେଷ୍ଟଇଣ୍ଡିଜ ବିପକ୍ଷ ଘରୋଇ ସିରିଜରେ ଭଲ ଖେଳିଥିଲେ ମଧ ଏହି ଶୃଙ୍ଖଳାରେ ବିଫଳ ହୋଇଛନ୍ତି।

**ଦ୍ୱିତୀୟ ଦିନିକିଆ ଆଜି**
**ସମୟ: ସକାଳ ୮.୫୦।**
**ସ୍ଥାନ: ଆଡିଲେଡ ଓଭାଲ ଗ୍ରାଉଣ୍ଡ**
**ପ୍ରସାରଣ: ସୋନୀ ନେଟଓ୍ୱର୍କ**

ଅଲରାଉଣ୍ଡର ବିଜୟ ଶଙ୍କର ସୋମବାର ଅପରାହ୍ନରେ ଆଡିଲେଡରେ ପହଞ୍ଚିଥିବା ବେଳେ ସେ ଦ୍ୱିତୀୟ ମ୍ୟାଚ ନ ଖେଳି ପାରନ୍ତି। ଅଲରାଉଣ୍ଡର ପାଣ୍ଡ୍ୟାଙ୍କ ଅନୁପସ୍ଥିତି ଦଳରେ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି। ପୁଣି ସନ୍ଦେହଜନକ ଆକ୍ସନ ସତ୍ତ୍ୱେ ରାୟୁଡୁ ବୋଲିଂ କରିପାରିବେ। ତେବେ ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ଏହି ସୁଯୋଗ ଦେବେ କି ନା ତାହା ଦେଖିବାକୁ ବାକି ରହିଲା। ଦୀନେଶ କାର୍ତ୍ତିକଙ୍କ ବଦଳରେ କେଦାର ଯାଦବ ଦଳରେ ସାମିଲ ହେବା ଆଶା କରାଯାଉଛି। ଭାରତୀୟ ବୋଲିଂ ବିଭାଗରେ ପରିବର୍ତ୍ତନ ହେବ ନାହିଁ ବୋଲି ଆଶା କରାଯାଉଛି। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ଉପରେ ଭାରତ ଭରସା କରିବ। କାରଣ ସ୍ପିନର ଯୁଜବେନ୍ଦ୍ର ଚହଲ ଏବେ ଦଳକୁ ସଙ୍ଗେସଙ୍ଗେ ଫେରିବା ଆଶା କରାଯାଉ ନାହିଁ।

ଆଡିଲେଡରେ କୋହଲିଙ୍କ ପାଇଁ ଲକି ଗ୍ରାଉଣ୍ଡ ସାବ୍ୟସ୍ତ ହୋଇଛି। ସେ ପୁଣି ଏଠାରେ ଦମ୍ ଦେଖାଇବା ଆଶା କରାଯାଉଛି। ଓପନର ଶିଖର ଧାଓ୍ୱନଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି।

ଅପରପକ୍ଷରେ ଅଷ୍ଟ୍ରେଲିଆ ଦଳରେ ପରିବର୍ତ୍ତନ କରିବ ନାହିଁ ବୋଲି ଆଶା କରାଯାଉଛି। ତେବେ ଗ୍ଲେନ ମ୍ୟାକ୍ସୱେଲ ତାଙ୍କ ଫେଭରାଇଟ୍ ପୋଜିଶନ ୭ ନମ୍ବରରେ ବ୍ୟାଟିଂ କରିବେ କି ନା, ତାହା ମଙ୍ଗଳବାର ଜଣାପଡିବ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାଓ୍ୱନ, ଅମ୍ବାତି ରାୟୁଡୁ, ଦୀନେଶ କାର୍ତ୍ତିକ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ରବୀନ୍ଦ୍ର ଜାଡେଜା, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ, ମହମ୍ମଦ ସାମି, ମହମ୍ମଦ ସାଇରାଜ ଓ ବିଜୟ ଶଙ୍କର।

**ଅଷ୍ଟ୍ରେଲିଆ ଦଳ:** ଆରୋନ ଫିଞ୍ଚ୍ (ଅଧିନାୟକ),ଜାସନବେହରେନଡୋର୍ଫ,ଆଲେକ୍ସ କେରୀ (ଉଇକେଟ କିପର), ପିଟର ହ୍ୟାଣ୍ଡ୍ସକମ୍ବ, ଉସ୍‌ମାନ ଖ୍ୱାଜା, ନାଥନ ଲିୟନ, ମିଚେଲ ମାର୍ଶ, ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, ଜାୟ ରିଚାର୍ଡସନ, ପିଟର ସିଡଲ, ବିଲି ଷ୍ଟାନଲେକ, ମାର୍କସ ଷ୍ଟୋଇନିସ୍, ଆଷ୍ଟନ ଟର୍ନର ଓ ଆଡାମ ଜାମ୍ପା।

# ଭାରତ ସିରିଜ ଜିତିବା ଅସମ୍ଭବ ନୁହଁ

**ଡିନ୍ ଜୋନ୍ସ**

ପ୍ରଥମ ଦିନିକିଆରେ ଆମେ କେମିତି ଜିତିଲୁ ? ଏ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅଷ୍ଟ୍ରେଲିଆର ଯୁବ ଦ୍ରୁତ ବୋଲରମାନେ କମାଲ କରିଛନ୍ତି। ଖାସ୍ କରି ଜାସନ ବେହେରେନଡୋର୍ଫ ଓ ଜାୟ ରିଚାର୍ଡସନ ଶନିବାର ମିଳିଥିବା ସୁଯୋଗର ସଦ୍ ବ୍ୟବହାର କରିଥିଲେ। ମାତ୍ର ୪ ରନରେ ୩ ଉଇକେଟ ଅକ୍ତିଆର କରି ମ୍ୟାଚ୍‌କୁ ବୋଲରମାନେ ଏକ ପ୍ରକାର ହାତେଇ ନେଇଥିଲେ କହିଲେ ଭୁଲ ହେବ ନାହିଁ। ତେବେ ମ୍ୟାଚ ହାରିବା ପରେ ମହେନ୍ଦ୍ର ସିଂ ଧୋନୀ କେତେ ପରିମାଣରେ ସମାଲୋଚିତ ହେଉଥିବେ ତାହା ମୁଁ ବିଶ୍ୱାସ କରିପାରୁନାହିଁ। ବିଶ୍ୱର ବିଭିନ୍ନ ଗଣମାଧ୍ୟମ ଓ କ୍ରିକେଟ ପଣ୍ଡିତମାନେ କିଭଳି ଧୋନୀଙ୍କ ପଛରେ ପଡିଛନ୍ତି ତାହାକୁ ମଧ ମୁଁ ହଜମ କରିପାରୁ ନାହିଁ।

ଯେତେବେଳେ ଗୋଟିଏ ଦଳ ୪ ରନରେ ୩ ଉଇକେଟ ହରାଏ ସେତେବେଳେ ଲୋକ କ'ଣ ପ୍ରକୃତ ସ୍ଥିତିକୁ ବୁଝିବାରେ ସକ୍ଷମ ହୁଅନ୍ତି ନାହିଁ? ଭାରତ ପରାଜୟ ପାଇଁ ଏକାଧିକ କାରଣ ରହିଛି। କେତୋଟି ଏଲ୍‌ବିଡବ୍ଲ୍ୟୁ ନିଷ୍ପତ୍ତି ଏଥିମଧ୍ୟରୁ ଅନ୍ୟତମ। ମ୍ୟାଚ୍ ୬ ଓଭର ବାକିଥିବା ବେଳେ ଧୋନୀ ଓ ରୋହିତ ଶର୍ମାଙ୍କ ପ୍ରୟାସକୁ ନେଇ ଅଷ୍ଟ୍ରେଲୀୟମାନେ ବେଶ୍ ଚିନ୍ତିତ ଥିଲେ। ପୁଣି ରୋହିତ ଫିଟ୍ ନୁହନ୍ତି ବୋଲି କୁହାଯାଉଛି। ତେଣୁ ଭାରତୀୟ ପ୍ରଶଂସକମାନେ ନିଶ୍ଚିତ ଭାବେ ନିଷ୍ଠୁର ଓ ଅତ୍ୟଧିକ ସମ୍ବେଦନଶୀଳ ବୋଲି ଏଥିରୁ ସ୍ପଷ୍ଟ ହୁଏ।

ବିଜୟର ଶ୍ରେୟ ଅଷ୍ଟ୍ରେଲିଆକୁ ମିଳିବା ଉଚିତ। ପୁଣି ବିଜୟ ପାଇଁ ଅଷ୍ଟ୍ରେଲିଆ ହକ୍‌ଦାର। ରିଚାର୍ଡସନ ଦ୍ରୁତ ଗତିରେ ବୋଲିଂ କରିବା ସହ ରିଭର୍ସ ସୁଇଙ୍ଗ୍ କରିବାରେ ସଫଳ ହୋଇଥିଲେ। ତାଙ୍କ ବୋଲିଂରେ ଦମ୍ ଥିଲା ଓ ସେ ଭବିଷ୍ୟତରେ ମିଚେଲ ଷ୍ଟାର୍କଙ୍କ ବିକଳ୍ପ ରୂପେ ଉଭା ହେବେ ବୋଲି କୁହାଯାଇପାରେ। ବ୍ୟାଟିଂରେ ମଧ ଅଷ୍ଟ୍ରେଲିଆ କମାଲ କରିଥିଲା। ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନମାନେ ଅତି ସୁନ୍ଦର ଭାବେ ସେମାନଙ୍କ ଦାୟିତ୍ୱ ତୁଲାଇଥିଲେ। ପିଟର ହ୍ୟାଣ୍ଡ୍ସକମ୍ବଙ୍କ ବ୍ୟାଟିଂରେ ମୁଁ ବେଶ୍ ପ୍ରଭାବିତ। ଦିନିକିଆରେ ତାଙ୍କ ଫୁଟଓ୍ୱାର୍କ ଦେଖିବାକୁ ମୁଁ ବେଶ୍ ବ୍ୟଗ୍ର। ଆଗକୁ ପୁଣି ସୁଯୋଗ ମିଳିଲେ ଟେଷ୍ଟ ଫର୍ମାଟରେ ମଧ ସେ ଏହି ଭଳି ଖେଳ ପ୍ରଦର୍ଶନ କରିବେ ବୋଲି ମୁଁ ଆଶା କରୁଛି। ଉଭୟ ଦିନିକିଆ ଓ ଟେଷ୍ଟରେ ଫୁଟଓ୍ୱାର୍କରେ ସେତେଟା ଫରକ ନାହିଁ ବୋଲି ହ୍ୟାଣ୍ଡ୍ସକମ୍ବ ଏବେ ହୃଦୟଙ୍ଗମ କରିଥିଲେ। ଟେଷ୍ଟ ମ୍ୟାଚ୍‌ରେ ମଧ ଆମେ ତାଙ୍କଠାରୁ ଏହି ଭଳି କଭର ଡ୍ରାଇଭ ଓ ଅନ୍ୟ ଶଟ୍ ଖେଳିବେ ଓ ଏଥିରୁ ଶିକ୍ଷା କରିବେ ବୋଲି ମୁଁ ଆଶା କରୁଛି।

ପ୍ରତ୍ୟାବର୍ତ୍ତନ କରିବାକୁ ହେଲେ କୋହଲିଙ୍କୁ ଅଷ୍ଟ୍ରେଲିଆ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନଙ୍କୁ ରୋକିବାକୁ ହେବ। ସ୍ପିନ୍ କିପରି ଖେଳିବାକୁ ହୁଏ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନେ ଜାଣି ସାରିଲେଣି। ଖାସ୍ କରି ହ୍ୟାଣ୍ଡ୍ସକମ୍ବ ସ୍ପିନ୍ ଖେଳିବାରେ ଦକ୍ଷ ହେଲେଣି। ପ୍ରଥମ ମ୍ୟାଚ୍‌ର ପ୍ରଦର୍ଶନରୁ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ପ୍ରେରଣା ପାଇବେ। ଲୋକେ ଭାବିବା ଅନୁସାରେ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନମାନେ ସେତେଟା ଖରାପ୍ ନୁହନ୍ତି। ୩ ପ୍ରମୁଖ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ, ଜୋଶ ହାଜେଲଉଡ ଓ ପ୍ୟାଟ୍ କମିନ୍ସଙ୍କ ଅନୁପସ୍ଥିତି ସତ୍ତ୍ୱେ ଅଷ୍ଟ୍ରେଲିଆ ପ୍ରଦର୍ଶନ ପ୍ରଶଂସନୀୟ। ତଥାପି ଭାରତ ସିରିଜ ଜିତିବ ବୋଲି ମୁଁ ଆଶା କରୁଛି। ପ୍ରଥମ ମ୍ୟାଚ୍ ପରାଜୟ ପରେ ଭାରତୀୟ ଅଧିନାୟକ ବିରାଟ କୋହଲି ଓ କୋଚ୍ ରବୀ ଶାସ୍ତ୍ରୀ ନିଶ୍ଚିତ ଭାବେ ଚାପରେ ଥିବେ। ତେଣୁ ମଙ୍ଗଳବାର ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆରେ ଭାରତ ଦମ୍‌ଦାର ପ୍ରଦର୍ଶନ କରି ପ୍ରତ୍ୟାର୍ତ୍ତନ କରିବା ଲକ୍ଷ୍ୟରେ ରହିବ। ପୁଣି ଥରେ ଅଷ୍ଟ୍ରେଲିଆ ଲଢୁଆ ପ୍ରଦର୍ଶନ କରିବ ବୋଲି ମୁଁ ଆଶା କରୁଛି। ଅଷ୍ଟ୍ରେଲିଆ ସର୍ବାଧିକ ୫ ଥର ବିଶ୍ୱକପ୍ ଟାଇଟଲ ଜିତିଛି। ତେଣୁ ଅଷ୍ଟ୍ରେଲିଆ ଦଳକୁ ହେୟ ମନେ କରାଯାଇ ପାରିବ ନାହିଁ ବୋଲି ମୁଁ ଭାବୁଛି।

(ଗେମ୍ ପ୍ଲାନ୍)

THE ULTIMATE INVERTER BATTERY
EXIDE
INVATUBULAR

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର




ଗୋପାଳବଲ୍ଲଭ ରୋଡ୍, ପୁରୀ ସ୍ଥିତ
ନେତାଜୀ ସଂଗ୍ରହାଳୟର ଲୋକାର୍ପଣ
ତା୧୫.୦୧.୨୦୧୯
ଦିବା ୧୦ଘଟିକା
ଏବଂ
ପୁରୀ ଜିଲ୍ଲା ସଂସ୍କୃତି ଭବନ ପରିସରରେ
ପଦ୍ମଶ୍ରୀ ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ
ତା୧୫.୦୧.୨୦୧୯ ଦିବା ୧୦.୧୫ ଘଟିକା
ଏହି ଉତ୍ସବ ଦ୍ୱୟରେ ଯୋଗଦାନ କରିବେ:
ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତି
ମାନ୍ୟବର ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା
ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀଯୁକ୍ତ ପିନାକୀ ମିଶ୍ର
ମାନ୍ୟବର ସାଂସଦ, ପୁରୀ
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀଯୁକ୍ତ ବିଜୟ କୁମାର ନାୟକ
ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ଦାସ
ଜିଲ୍ଲାପାଳ, ପୁରୀ
ଏହି ଉତ୍ସବରେ ଯୋଗଦେବା ପାଇଁ ସାଦର ନିମନ୍ତ୍ରଣ।
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର
03001/13/0053/1819 DSPL-348

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ଜାନୁୟାରୀ ୧୫ /୨୦୧୯ Rayagada, Tuesday, January. 15 / 2019


## ସଂକ୍ଷେପରେ



### ଡାବୁଗାଁସାଇମନ୍ଦିରରେ ମକର ସଂକ୍ରାନ୍ତି ପାଳିତ

**ଡାବୁଗାଁ,୧୪।୧(ଡି.ଏନ.ଏ.):** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡ଼ଙ୍ଗରିଗୁଡା ସ୍ଥିତ ସାଇ ମନ୍ଦିରରେ ଡାବୁଗାଁ ସତ୍ୟସାଇ ସେବା ସମିତି ତରଫରୁ ମକର ସଂକ୍ରାନ୍ତି ସତ୍ୟସାଇ ବାବା ସମତିର ନବବର୍ଷ ସୋମବାର ପାଳିତ ହୋଇଯାଇଛି । ସମିତିର ଆବାହକ ଏ. ବାଲା ରାଜୁ ନବବର୍ଷର ମହତ୍ତ୍ୱ ବିଷୟରେ କହିଥିଲେ। ମୁଖ୍ୟ ଅତିଥି ଭାବେ ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ହୋତା ଯୋଗ ଦେଇ ଆଧାତ୍ମିକ ବିକାଶ ସମ୍ପର୍କରେ କହିଥିଲେ। ସମିତିର ଶପଥ ପାଠ ଉତ୍ସବରେ ସମସ୍ତଙ୍କୁ ଶପଥ ପାଠ କରାଯାଇଥିଲା । ପବିତ୍ର ମକର ସଂକ୍ରାନ୍ତି ଅବସରରେ ସତ୍ୟ ବଦ୍ଧ ଧର୍ମଂ ଚର ବିଷୟରେ ପାଠଚକ୍ର ଅନୁଷ୍ଠିତ ହୋଇଥିଲା ।ଏହି ଅବସରରେ ନିତ୍ୟାନନ୍ଦ ମହାନ୍ତି, ଡଃ . ସୂର୍ଯ୍ୟ ନାରାୟଣ ଟାଟା, ସୁଦର୍ଶନ ମହାଙ୍କୁଡ, ରତିକାନ୍ତ ନାୟକ, ରଇନୁ ସୁନା ଓ ବୋରିପଦର ସତ୍ୟ ସାଇ ଭଜନ ମଣ୍ଡଳୀର ଭକ୍ତମାନେ ଯୋଗ ଦେଇଥିଲେ ।

### ଦୁର୍ଘଟଣାରେ ୨ ଗୁରୁତର

**ଡାବୁଗାଁ,୧୪।୧(ଡି.ଏନ.ଏ.):**ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଧାମନାଗୁଡା ଛକ ନିକଟରେ ସୋମବାର ଦୁର୍ଘଟଣାରେ ୨ ଜଣ ଗୁରୁତର ହୋଇଛନ୍ତି। ଉମରକୋଟ ସହରର ପ୍ରଶାନ୍ତ ଦଳେଇ (୨୨) ଓ ଅରବିନ୍ଦ ମିଶ୍ର (୨୨) ଡାବୁଗାଁରୁ ଉମରକୋଟ ଅଭିମୁଖେ ମୋଟରସାଇକେଲ (ନଂ.ଓଡି଼୨୪ ୭୦୨୩) ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲେ। ଫଳରେ ପ୍ରଶାନ୍ତ ଓ ଅରବିନ୍ଦ ଆହତ ହୋଇଥିଲେ । ସେମାନଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ଡାବୁଗାଁ ଥାନା ଆଇଆଇସି ହିମାଂଶୁ ଭୂଷଣ ବେହେରା (ଓପିଏସ), ଏଏସଆଇ ରାମାନନ୍ଦ ଭକ୍ତ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଥିଲେ।

### ଟ୍ରକ ଚାଳକଙ୍କୁ ଆକ୍ରମଣ ମାମଲା: ୨ ଗିରଫ

**ଦିଗପହଣ୍ଡି,୧୪।୧(ଡି.ଏନ.ଏ.):**ପାଟପୁର ଥାନା ସାତପେଣ୍ଠ ଗୋପାଳପୁର ଗ୍ରାମ ଇଟାଭାଟି ନିକଟରେ ଚଷୁ ବୋଝେଇ ଟ୍ରକକୁ ଅଟକାଇ ଚାଳକଙ୍କୁ ମାଡ଼ ଓ ଲୁଟ ମାମଲାର ପର୍ଦାଫାଶ କରିଛି ପୋଲିସ। ଲୁଟ ମାମଲାରେ ସମ୍ପୃକ୍ତ ଶେରଗଡ଼ ଥାନା କେରିକେରି ଝୋଲା ଗ୍ରାମର କାହ୍ନୁ ଗୌଡ଼ ଏବଂ ସାତପେଣ୍ଠ ଗୋପାଳପୁର ଗ୍ରାମର ଅଶ୍ୱିନୀ ଗୌଡ଼ଙ୍କୁ ସୋମବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ କେସ୍ ନଂ. ୨୫୦/୧୯ ରୁଜୁ କରାଯାଇଛି ।

# ମଙ୍ଗଲମ ଟିମ୍ବର୍ସ: ୮ ମାସ ହେଲା ଉତ୍ପାଦନ ବନ୍ଦ

**ନବରଙ୍ଗପୁର,୧୪।୧(ବି.ପ୍ର.)**

■ସମସ୍ୟାରେ କର୍ମଚାରୀ ଏବଂ ୱାର୍କର୍ସ

■୫ ମାସ ହେଲା ଦରମା ପାଇ ନାହାନ୍ତି କର୍ମଚାରୀ

■ବକେୟା ବିଲ ପାଇ ୯ ଦିନ ହେଲା ବିଦ୍ୟୁତ ସରବରାହ ବନ୍ଦ

ନବରଙ୍ଗପୁର ସହରର ଉପକଣ୍ଠରେ ଥିବା ମଙ୍ଗଲମ ଟିମ୍ବର୍ସରେ କାର୍ଯ୍ୟରତ କର୍ମଚାରୀ ଓ ୱାର୍କସମାନେ ସମସ୍ୟା ଭିତରେ ରହିଛନ୍ତି। ୮ ମାସ ହେବ ମଙ୍ଗଲମ ଟିମ୍ବର୍ସର ଉତ୍ପାଦନ ବନ୍ଦ ରହିଛି। ଅନ୍ୟପକ୍ଷେ ୫ ମାସ ହେଲା କର୍ମଚାରୀଙ୍କୁ ଦରମା ମିଳି ନାହିଁ। ୨ କୋଟି ୪୦ ଲକ୍ଷ ଟଙ୍କାର ବିଦ୍ୟୁତ ବିଲ ବକେୟା ଥିବାରୁ ସାଉଥକୋ ବିଦ୍ୟୁତ ସଂଯୋଗ କାଟି ଦେଇଛି । ଫଳରେ ୮୦ କ୍ୱାର୍ଟସକୁ ବିଦ୍ୟୁତ ସରବରାହ ୯ ଦିନ ହେବ ବନ୍ଦ ରହିଛି। ଅନ୍ଧାରରେ ମଙ୍ଗଲମ ଟିମ୍ବର୍ସ ଅଞ୍ଚଳ ରହିଥିବାରୁ କର୍ମଚାରୀ ଓ ୮୦ ପରିବାର ସୁରକ୍ଷିତ ମଣୁ ନାହାନ୍ତି । ଗୋଟିଏ ଜେନେରେଟର ଲଗାଇ ସକାଳୁ କ୍ୱାର୍ଟରଙ୍କୁ ପାଣି ଓ ସନ୍ଧ୍ୟା ୬ରୁ ରାତି ୧୦ଟା ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ ଯୋଗାଇ ଦିଆଯାଉଛି । କ୍ୱାର୍ଟସରେ ରହୁଥିବା ଲୋକମାନେ ଅନ୍ୟ କାହାଘରୁ ଓ ଦୋକାନରେ ଚାର୍ଜ ଲାଇଟ ଗୁଡିକ ଚାର୍ଜି କରି ରାତି କଟାଉଛନ୍ତି । ପିଲାମାନେ ପାଠ ପଢିବାରେ ବିଭିନ୍ନ ସମସ୍ୟା ଦେଖା ଦେଉଛି । ଏନେଇ ଜିଲାପାଳ ଓ ରାଜ୍ୟ ବିଦ୍ୟୁତ ବିଭାଗ ସଚିବଙ୍କୁ କର୍ମଚାରୀ ଓ ୱାର୍କରମାନେ ଦୃଷ୍ଟି ଆକର୍ଷଣ କରିଛନ୍ତି । ୩ ଶହ ଶ୍ରମିକ ପୂର୍ବରୁ ଏହି କମ୍ପାନୀରେ କାମ କରୁଥିଲେ। ତାହା ଧିରେ ଧିରେ କମି ଏବେ ୮୦କୁ ପହଞ୍ଚିଗଲାଣି । ଶମିକଙ୍କୁ କାମଧନ୍ଦା ମିଳୁନାହିଁ। ନିଜସ୍ୱ ପାୱାର ପ୍ଲାଣ୍ଟ କାର୍ଯ୍ୟ ଅଧୁରା ରହିଛି । ୮ ମାସ ହେବ ଉତ୍ପାଦନ ବନ୍ଦ ରହିଛି । ଶ୍ରମିକମାନଙ୍କୁ ୩ ବର୍ଷ ହେବ ଜୋତା ଓ ପୋଷାକ ମିଳୁନାହିଁ । ଶ୍ରମିକ ସୁରକ୍ଷା ଉପକରଣ ମଧ୍ୟ ଯୋଗାଇ ଦିଆଯାଉ ନାହିଁ ବୋଲି ଅଭିଯୋଗ ହେଉଛି । ଏ ସମ୍ପର୍କରେ କମ୍ପାନୀର ଜେନେରାଲ ମ୍ୟାନେଜର ନିରଞ୍ଜନ ବେହେରାଙ୍କୁ ପଚାରିବାରୁ ସେଣ୍ଟର ଓ ଲାମିଲେସନ କାର୍ଯ୍ୟ ଚାଲିଛି । ଦୈନିକ ୯୨ ଜଣ ୱାର୍କର ଓ ୪୪ ଜଣ ମ୍ୟାନେଜମେଣ୍ଟ କର୍ମଚାରୀ ରହିଛନ୍ତି । ପୂର୍ବରୁ କ୍ୱାର୍ଟର ଗୁଡିକୁ ବିଦ୍ୟୁତ ସଂଯୋଗୀକରଣ କରିବା ପାଇଁ ୧୧ କେଭି ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି । ଏବେ ସାଉଥକୋରୁ ସିଧାସଳଖ କ୍ୱାଟର୍ସ ମାନଙ୍କୁ ବିଦ୍ୟୁତ ସଂଯୋଗ ପାଇଁ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି କହିଛନ୍ତି । କମ୍ପାନୀ ଓ କ୍ୱାର୍ଟରକୁ ବିଦ୍ୟୁତ ସଂଯୋଗ କିଭଳି ହୋଇ ପାରିବ ସେନେଇ ମୁଖ୍ୟାଳୟ ପକ୍ଷରୁ ବିଦ୍ୟୁତ ବିଭାଗ ସହ ଆଲୋଚନା ହୋଇଛି । ପ୍ରଥମେ ୨୫ ଲକ୍ଷ ଟଙ୍କା ଜମା କରାଯିବ । ଫେବୃୟାରୀ ପ୍ରଥମ ସପ୍ତାହରେ ଦ୍ୱିତୀୟ କିସ୍ତି ଓ ମାର୍ଚ୍ଚରେ ଅନ୍ୟ ବକେୟା ବିଦ୍ୟୁତ ଶୁଳ୍କ ପୈଠ କରାଯିବାକୁ ଚିଠି ଆସିଛି । ତାହା ନବରଙ୍ଗପୁର ସାଉଥକୋ ନିର୍ବାହୀ ଯନ୍ତ୍ରୀଙ୍କୁ ଦିଆଯାଇଛି । ୩ ଦିନ ମଧ୍ୟରେ ବିଦ୍ୟୁତ ସମସ୍ୟା ଦୂର ହେବ ବୋଲି ଆଶା ରଖିଛୁ ବୋଲି ସିନିୟର ଆକାଉଣ୍ଟାଣ୍ଟ ରବି କୁମାର କହିଛନ୍ତି। ଅନ୍ୟ ପକ୍ଷେ ସିକ୍ୟୁରିଟି ଡିପୋଜିଟ ଭାବେ ୧ କୋଟି ୧୬ ଲକ୍ଷ ଟଙ୍କା ବିଦ୍ୟୁତ ବିଭାଗ ପାଖରେ ପୂର୍ବରୁ ରହିଛି ବୋଲି କହିଥିଲେ। ମଙ୍ଗଲମ ଟିମ୍ବର୍ସରେ ଏହି ଭଳି ବିଦ୍ୟୁତ କାଟ ଘଟଣା ପୂର୍ବରୁ ଅନେକ ଥର ଘଟିଛି। ନବରଙ୍ଗପୁର ସାଉଥକୋ ସହ ସଲାସୁତୁରାରେ କିଛି ଦିନ ବିଦ୍ୟୁତ ସଂଯୋଗ କରିଦେଉଛନ୍ତି । ଏଥର ବି ସେହି ଭରସାରେ କମ୍ପାନୀ କର୍ତ୍ତୃପକ୍ଷ ରହିଥିଲେ । ତାହା ସମ୍ଭବ ହୋଇ ପାରିଲା ନାହିଁ । ଏଠି ଦେଖିବାକୁ ବାକି ରହିଲା କମ୍ପାନୀ ୨୫ ଲକ୍ଷ ଟଙ୍କା ଜମା କରି ବିଦ୍ୟୁତ ସଂଯୋଗ ନେଉଛି ନାଁ ବକେୟାରେ କିଛି ସଲାସୁତୁରାରେ କାର୍ଯ୍ୟକାରୀ ହେଉଛି।




ମଙ୍ଗଲମ ଟିମ୍ବର୍ସ ।

# ୮ ପରିବାରର ୩୬ ଜଣ ହିନ୍ଦୁ ଧର୍ମକୁ ଫେରିଲେ

**ନବରଙ୍ଗପୁର/ଝରିଗାଁ, ୧୪।୧(ବି.ପ୍ର/ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅନ୍ତର୍ଗତ ଫୁଫୁଗାଁ ପଞ୍ଚାୟତର ତାରାକନାଡି ଗାଁର ୮ ଖ୍ରୀଷ୍ଟଧର୍ମୀ ପରିବାରର ୩୬ ଜଣ ସ୍ୱଇଚ୍ଛାରେ ବୈଦିକ ହିନ୍ଦୁଧର୍ମ ପ୍ରତି ଆକୃଷ୍ଟ ହୋଇ ସ୍ୱଧର୍ମକୁ ଫେରିଛନ୍ତି । ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ସଂସ୍କାର ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତ ଧର୍ମପ୍ରସାର ସଭାପତି ସର୍ବେଶ୍ୱର ତ୍ରିପାଠୀ ଯୋଗଦେଇ ସନାତନ ଧର୍ମର ମହାନ ପରମ୍ପରା ଓ ସଂସ୍କୃତି ସମ୍ପର୍କରେ ଅବଗତ କରାଇଥିଲେ । ପୂର୍ବରୁ ହିନ୍ଦୁଧର୍ମରେ ରହିଥିବା ୮ ପରିବାର ଅନ୍ୟ ଧର୍ମଗ୍ରହଣ କରିଥିବାବେଳେ ସେମାନେ ପୁନର୍ବାର ହିନ୍ଦୁଧର୍ମକୁ ଫେରି ଆସିଥିବା ନେଇ ସ୍ୱାଗତ କରିଥିଲେ । ଏହି ଅବସରରେ ଗ୍ରାମର ପରିବାର ମୁଖିଆ ଦଳସାଇ ସୁନା, ବିଷମ ହରିଜନ, ଅର୍ଜୁନ ହରିଜନ, ସୁଭଦ୍ରା ହରିଜନ, ଭଜନୀରାମ ହରିଜନ, ଧନୀରାମ ହରିଜନ, ଦୈତାରୀ ହରିଜନ, ତ୍ରିନାଥ ହରିଜନ ପ୍ରମୁଖ ଅଦାଲତରେ ସତ୍ୟପାଠ ଦାଖଲ ପୂର୍ବକ ସପରିବାର ସଂସ୍କାରଯଜ୍ଞ କାର୍ଯ୍ୟ ଆୟୋଜନ କରି ହିନ୍ଦୁଧର୍ମ ଗ୍ରହଣ କରିଥିବା ଘୋଷଣା କରିଥିଲେ। ଜୟପୁରର ବରିଷ୍ଠ ସାରସ୍ୱତ ସାଧକ ଡଃ.ଗଙ୍ଗାଧର ନନ୍ଦ , ଜିଲା ବିଶ୍ୱହିନ୍ଦୁ ପରିଷଦର ଅଧକ୍ଷ ନାରାୟଣ ପଣ୍ଡା ,ଜିଲା ସମ୍ପାଦକ ସୁନୀଲ ବେହେରା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବାବୁ ସରକାର, ଅଂଜନ ଜେନା, ବଂଶୀଧର ଦାସ ପ୍ରମୁଖ ସହଯୋଗ କରିଥିଲେ। ପ୍ରଫୁଲ୍ଲ ପାତ୍ର, ଆଇନଜୀବୀ ସନ୍ଦୀପ ପାଣିଗ୍ରାହୀ ମାର୍ଗଦର୍ଶନ କରିଥିଲେ । ପୁରୋହିତ ପ୍ରସନ୍ନ ମହାନ୍ତି ଯଜ୍ଞାଦିକର୍ମ ସମ୍ପନ୍ନ କରିଥିଲେ।



ହିନ୍ଦୁ ଧର୍ମକୁ ଫେରିବା ଅବସରରେ ଯଜ୍ଞ କରାଯାଉଛି।

## ସିଲେଇ ତାଲିମ ଶିବିର ଉଦ୍‌ଘାଟିତ

**ପାରଳାଖେମୁଣ୍ଡି, ୧୪।୧(ସ୍ୱ.ପ୍ର.)**

ଗଜପତି ଜିଲା ନୂଆଗଡ ବ୍ଲକର କେ.ରୋଗେଇସିଂ ଗ୍ରାମରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସିଲେଇ ତାଲିମ ଶିବିର ଆରମ୍ଭ ହୋଇଛି । ଏଥିରେ ୩୫ଜଣ ଯୁବତୀ ଯୁବକ ଯୋଗ ଦେଇଛନ୍ତି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ୱାର୍ଡମେମ୍ବର ଆସିନୀ ମଣ୍ଡଳ ଯୋଗଦେଇ ଏଭଳି ତାଲିମ ଦ୍ୱାରା ବେକାର ଯୁବତୀ ଯୁବକମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଆଶାକର୍ମୀ କେସଲନ୍ ରଇତ, ଅଙ୍ଗନୱାଡ଼ି କର୍ମୀ ଆର.ମଣ୍ଡଳ ଏବଂ ତାଲିମଦାତ୍ରୀ ଭାବେ ସୁବାଷିନୀ ରଇତ ଯୋଗଦେଇଥିଲେ। ନେହେରୁ ଯୁବକେନ୍ଦ୍ରର ସଙ୍ଗୀତା କୁମାରୀ ସାହୁ, ମୋହିନୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଶିବିରରେ ମହିଳାମାନଙ୍କୁ ସିଲେଇ ତାଲିମ ଦିଆଯାଉଛି।

## ବଂଶଧାରା ପାଠାଗାର ପକ୍ଷରୁ ମକର ମିଳନ

**କାଶୀନଗର, ୧୪।୧(ଡି.ଏନ.ଏ)**

ଗଜପତି ଜିଲା କାଶୀନଗର ଏନ୍‌ଏସି ଅଧୀନ ବ୍ଲକ-ହସିପିଟାଲ ଛକ ନିକଟରେ ଥିବା ବଂଶଧାରା ପାଠାଗାର ପରିସରରେ ମକର ମିଳନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ହୃଷିକେଶ ଗୌଡ ପରିଚାଳନା କରିଥିଲେ। ମୁଖ୍ୟବକ୍ତ ଭାବେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର କାର୍ଯ୍ୟକାରୀ ସଭାପତି କବି ପ୍ରଶାନ୍ତ ମିଶ୍ର ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଏବଂ ଫକୀରମୋହନ ସେନାପତିଙ୍କ ସାହତ୍ୟ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ଡାକ୍ତର ଶୁଭେନ୍ଦୁ ପଣ୍ଡା, ପ୍ରାଣୀ ଚିକିତ୍ସକ ଶଶିଭୂଷଣ ସ୍ୱାଇଁ, ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର, ସେକେଣ୍ଡ ଅଫିସର ରଞ୍ଜିତ କୁମାର ମୁନି, ଏସ୍‌ଆଇ ଲକ୍ଷ୍ମୀନାରାୟଣ ବେହେରା, ଏଏସ୍‌ଆଇ ସୁନିଲ ଶବର, ସାମାଜିକ କର୍ମୀ କେ.ରାମାରାଓ ପ୍ରମୁଖ ଯୋଗଦେଇ ମକର ସଂକ୍ରାନ୍ତି ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।



କାର୍ଯ୍ୟକ୍ରମରେ ଅତିଥି ଏବଂ ପାଠାଗାର କର୍ମକର୍ତ୍ତା।

■ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭିନ୍ନକ୍ଷମ ସଶକ୍ତୀକରଣ ଅଭିଯାନ


# ‘ରାଜଯୋଗ ଦ୍ୱାରା ଶରୀର ସୁସ୍ଥ ରହିଥାଏ’

**ନବରଙ୍ଗପୁର,୧୪।୧(ଡି.ଏନ.ଏ.)**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଭିନ୍ନକ୍ଷମ ସଶକ୍ତୀକରଣ ଅଭିଯାନ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷିରେ ଗତ ୪ ତାରିଖରୁ ଭୁବନେଶ୍ୱରରୁ ବାହାରିଥିବା ରଥ ନବରଙ୍ଗପୁରରେ ପହଞ୍ଚିବା ପରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍ଥାନୀୟ ଆଶାକିରଣରେ ଏକ ସଚେତନତା ସଭା କରାଯାଇଥିଲା । ଏଥିରେ ନବରଙ୍ଗପୁର ଆଞ୍ଚଳିକ କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମକୁମାରୀ ନିଲମଜୀ ଯୋଗ ଦେଇ ଦିବ୍ୟାଙ୍ଗମାନେ ଅକ୍ଷମ ନୁହନ୍ତି ବୋଲି କହିଥିଲେ । ଦିବ୍ୟାଙ୍ଗମାନେ ରାଜଯୋଗ ଅଭ୍ୟାସ କଲେ ଶରୀର ସୁସ୍ଥ ରହିବା ସହ ମାନସିକ ବିକାଶ ହୋଇ ପାରିବ ବୋଲି କହିଥିଲେ । ଏଥିପାଇଁ ନିୟମିତ ରାଜଯୋଗ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ । ଆଶା କିରଣର ଅଧକ୍ଷ ଜଗନ୍ନାଥ ବେହେରା ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଜିଲା ଭିନ୍ନକ୍ଷମ ସଂଘର ସଭାପତି ସୁଜିତ କୁମାର ରଥ ଯୋଗ ଦେଇଥିଲେ। ବ୍ରହ୍ମକୁମାରୀ ରାକ୍ଷୀ ଭଉଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ରହ୍ମକୁମାରୀ ନମିତା ଭଉଣୀ ସ୍ୱାଗତ ଭାଷଣ ପ୍ରଦାନ କରି ଏହି ରଥର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ କହିଥିଲେ । ବ୍ରହ୍ମକୁମାର ଅଭିଜିତ ଭାଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଭିଯାନର ପରିଚାଳକ ବ୍ରହ୍ମକୁମାର ସୂର୍ଯ୍ୟମଣି ଭାଇ ମଞ୍ଚାସୀନ ଥିବା ବେଳେ ବ୍ରହ୍ମକୁମାରୀ କବିତା, କଳ୍ପନା, ରୀନା, ମିତା, ମନାଲିଶା ସମେତ ବ୍ରହ୍ମକୁମାର ବଟ, ବୀର, ଜଗା, ପ୍ରମୁଖ ସହଯୋଗ କରିଥିଲେ । ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବ୍ରହ୍ମକୁମାରୀ ନିଲମ ଜୀ ସମସ୍ତ ଅନ୍ତେବାସୀଙ୍କୁ ବେଡସିଟ ପ୍ରଦାନ କରିଥିଲେ ।




ଅତିଥିମାନଙ୍କ ଗହଣରେ ଦିବ୍ୟାଙ୍ଗ ପିଲାମାନେ।


Punjab — ଶ୍ୟାମ ସିଂହ ଦତ୍ତ, ବୟସ ୬୧ ବର୍ଷ, ପେସାରେ ସେ ଷ୍ଟୋର୍ସର ବ୍ୟବସାୟୀ । ସାରା ଦିନ ଆଣ୍ଠୁରୁ କଡ଼-କଡ଼ ଶବ୍ଦ ଆସୁଥିଲା। ମୁଁ ପୂର୍ଣ୍ଣ ବିଶ୍ୱାସ ସହିତ ଡା. ଅର୍ଥୋ ଆୟୁର୍ବେଦିକ ତେଲ ଏବଂ କ୍ୟାପ୍‌ସୁଲ ଦୈନିକ ବ୍ୟବହାର କରିବା ଆରମ୍ଭ କଲି। ମାତ୍ର ୨୦-୨୫ ଦିନରେ ଅଦ୍ଭୁତ ଲାଭ ମିଳିଲା। ଏବେ ମୁଁ ଓ ମୋ ସ୍ତ୍ରୀ ଉଭୟ ଏହାକୁ ବ୍ୟବହାର କରୁଛୁ।

Madhya Pradesh — ଅନୀତା ଓ୍ୱିକଟର ବୟସ ୪୫ ବର୍ଷ, ହାଉସ୍-ୱାଇଫ୍ । କିଛି ବର୍ଷ ହେଲା ମୋ କାନ୍ଧ ଏବଂ ବେକରେ ବହୁତ ପୀଡ଼ା ରହୁଥିଲା । ସମସ୍ୟା ଧୀରେ-ଧୀରେ ବଢ଼ିଚାଲିଥିଲା। ବାନ୍ଧବୀଙ୍କ କହିବା ଅନୁସାରେ ମୁଁ ପ୍ରତିଦିନ ଆୟୁର୍ବେଦିକ ଡା. ଅର୍ଥୋ କ୍ୟାପ୍‌ସୁଲ ସେବନ କରିବା ଆରମ୍ଭ କଲି ଓ ଡା. ଅର୍ଥୋ ତେଲ ମଧ୍ୟ ମାଲିସ୍ କଲି। ଆଜି ମୋତେ ଆଦୌ ଯନ୍ତ୍ରଣା ଅନୁଭବ ହେଉନାହିଁ ।

Uttar Pradesh — ଦିନେଶ ଚନ୍ଦ୍ର ଅଗ୍ରୱାଲ, ବୟସ ୬୧ ବର୍ଷ, ବାସନକୁସନର ପ୍ରସିଦ୍ଧ ଶୋରୁମ୍‌ର ମାଲିକ। ମୋ ଆଣ୍ଠୁ ଓ ଅଣ୍ଟାରେ ଅସହନୀୟ ପୀଡ଼ା ରହୁଥିଲା। ଦିନେ ଟିଭିରେ ଡା. ଅର୍ଥୋ ଆୟୁର୍ବେଦିକ ତେଲର ବିଜ୍ଞାପନ ଦେଖିଲି ଏବଂ ନିର୍ଦ୍ଦେଶାନୁଯାୟୀ ସକାଳେ- ସନ୍ଧ୍ୟାବେଳେ ଏହାକୁ ମାଲିସ କରିବା ଆରମ୍ଭ କରିଦେଲି। ମାତ୍ର କିଛି ସପ୍ତାହରେ ହିଁ ମୋ ଆଣ୍ଠୁ ଓ ଅଣ୍ଟାର ପୀଡ଼ାରୁ ମୋତେ ବହୁତ ଆରାମ ମିଳିଲା।

Maharashtra — ମହାଦେବ ନାରାୟଣ ବାବସ୍କର, ବୟସ ୬୫ ବର୍ଷ, ପାୱାର ହାଉସ୍‌ରେ କାମ କରେ। ଭଲିବଲ୍ ଖେଳିବା ସମୟରେ ମୋ ବାମ କାନ୍ଧରେ ଗଭୀର ଆଘାତ ଲାଗିଥିଲା। ବନ୍ଧୁଙ୍କ ପରାମର୍ଶ ମାନି ସକାଳେ- ସନ୍ଧ୍ୟାବେଳେ ଡା. ଅର୍ଥୋ ଆୟୁର୍ବେଦିକ ତେଲରେ ମାଲିସ କଲି ଓ କ୍ୟାପ୍‌ସୁଲ ସେବନ କଲି । ମୁଁ ବହୁତ ଖୁସି ଯେ ମୋର ୧୦ ବର୍ଷ ପୁରୁଣା କାନ୍ଧ ଯନ୍ତ୍ରଣା ସମ୍ପୂର୍ଣ୍ଣ ଭଲ ହୋଇଯାଇଛି।

Chhattisgarh — ଶ୍ୟାମା ଦେବୀ, ବୟସ ୪୧ ବର୍ଷ, ଅନେକ ବର୍ଷ ଧରି ମୋ ଆଣ୍ଠୁ ଖଞ୍ଜା ଓ ଗୋଡ଼ ପେଣ୍ଡାରେ ଅସହନୀୟ ପୀଡ଼ା ରହିବାକୁ ଲାଗିଥିଲା । ମୋ ପୁଅ ବଜାରରୁ ମୋତେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଏବଂ କ୍ୟାପ୍‌ସୁଲ ଆଣିଦେଲା । ଯାହାକୁ ମୁଁ ଦୁଇ-ଦୁଇ କ୍ୟାପ୍‌ସୁଲ ସକାଳେ- ସନ୍ଧ୍ୟାବେଳେ କ୍ଷୀର ସହିତ ସେବନ କରିବା ସହ ତେଲ ମଧ୍ୟ ମାଲିସ୍ କଲି। କିଛିଦିନ ପରେ ଏବେ ମୁଁ ସମ୍ପୂର୍ଣ୍ଣ ଠିକ୍ ହୋଇଯାଇଛି।

Rajasthan — ତେଜ୍ ସିଂ, ବୟସ ୫୦ ବର୍ଷ, ବନ ବିଭାଗରେ କାର୍ଯ୍ୟରତ। ଅନେକ ବର୍ଷ ଧରି ଆଣ୍ଠୁରେ ପୀଡ଼ା ରହୁଥିଲା, କେବଳ ପେନ୍‌କିଲର୍ ଖାଇଦେଉଥିଲି। ଜଣେ ବନ୍ଧୁଙ୍କ କଥା ମାନି ଆୟୁର୍ବେଦିକ ଡା. ଅର୍ଥୋ କ୍ୟାପ୍‌ସୁଲ ସକାଳେ- ସନ୍ଧ୍ୟାବେଳେ କ୍ଷୀର ସହିତ ସେବନ କଲି। ମାତ୍ର ୪୨ ଦିନ ପ୍ରୟୋଗ ଦ୍ୱାରା ହିଁ ଆଣ୍ଠୁ କଥା ଛାଡ଼ନ୍ତୁ ମୋ ଶରୀରରେ ଏବେ କୌଣସି ପ୍ରକାରର କିଛି ପୀଡ଼ା ନାହିଁ ।

Uttarakhand — ଲକ୍ଷ୍ମୀ ବାନାର୍ଜୀ, ବୟସ ୫୬ ବର୍ଷ, ବିଗତ ୨-୩ ବର୍ଷ ହେଲା ଅଣ୍ଟା ଯନ୍ତ୍ରଣା ଏବଂ ସାଇଟିକା ଯନ୍ତ୍ରଣା ରହିବାକୁ ଲାଗିଥିଲା, କୁଆଡ଼େ ଯିବାର ନାଁ ଶୁଣିଲେ ହିଁ ଡର ଲାଗୁଥିଲା । ମୁଁ ପୂର୍ଣ୍ଣ ଆଶା ସହିତ ଦିନରେ ଦୁଇଥର ଆୟୁର୍ବେଦିକ ଡା. ଅର୍ଥୋ କ୍ୟାପ୍‌ସୁଲ ସେବନ କରିବା ଆରମ୍ଭ କଲି। ମାତ୍ର ଦୁଇ-ତିନି ସପ୍ତାହରେ ହିଁ ୭୦ ପ୍ରତିଶତ ଆରାମ ମିଳିଲା ।

Haryana — ଜୟ ସିଂ, ବୟସ ୬୬ ବର୍ଷ, ସେନାରୁ ଅବସରପ୍ରାପ୍ତ। ଆଣ୍ଠୁ ଓ ଅଣ୍ଟା ଯନ୍ତ୍ରଣା ଏତେ ବଢ଼ିଯାଇଥିଲା ଯେ ବ୍ୟାୟାମ ତ ଦୂରର କଥା ଚଲାବୁଲା ମଧ୍ୟ କଷ୍ଟକର ହୋଇଯାଇଥିଲା। ଦିନେ ଖବରକାଗଜରେ ମୁଁ ଡା. ଅର୍ଥୋ କ୍ୟାପ୍‌ସୁଲର ବିଜ୍ଞାପନ ଦେଖି ନିଜ ପାଇଁ ଟ୍ରିଟ୍‌ମେଣ୍ଟ ଆରମ୍ଭ କଲି । ଏହାଦ୍ୱାରା ମୋତେ ଅଦ୍ଭୁତ ରେଜଲ୍ଟ ମିଳିଲା । ଆଜି ମୁଁ ପୂର୍ବ ଭଳି ସୁସ୍ଥ ଓ ଫିଟ୍ ଅଛି।

0171-3055100 | drorthooil.com | drorthooil | ସବୁ ପ୍ରମୁଖ ମେଡିକାଲ ଷ୍ଟୋର୍‌ରେ ଉପଲବ୍ଧ





Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଯଦି ବହୁକାଳ ଧରି କିଛି କାମରେ ନ ଲାଗିଲା,
ତେବେ ବୁଦ୍ଧିରେ ମଧ କଳଙ୍କି ଲାଗିଯିବା
-ସାଇମନସ୍

## ସଂକ୍ଷେପରେ



### ଫକୀର ମୋହନ ଜୟନ୍ତୀ ପାଳିତ

ଗୁଣପୁର,୧୪।୧(ଡି.ଏନ୍.ଏ.): ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରାର୍ଥନା ଗୃହରେ ସୋମବାର ସନ୍ଧ୍ୟାରେ ବଂଶଧାରା ସାହିତ୍ୟ ସମାଜ ପକ୍ଷରୁ ମକର ମିଳନ ଏବଂ ବ୍ୟାସ କବି ଫକୀର ମୋହନଙ୍କ ଜୟନ୍ତୀ ପାଳିତ ହୋଇଛି। ବଂଶଧାରା ସାହିତ୍ୟ ସମାଜ ଉପସଭାପତି ଉମାଶଙ୍କର ଦାସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଶିଶୁବିଦ୍ୟା ମନ୍ଦିର ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରତାପ ରାୟ ଉପସ୍ଥିତ ରହିଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଫକୀର ମୋହନଙ୍କ ଜୀବନୀ ଓ ମକର ମିଳନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅଶ୍ୱିନୀ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାହିତ୍ୟ ସମାଜ ସମ୍ପାଦକ ରମେଶ ମିଶ୍ର ବିବରଣୀ ପାଠ କରିଥିଲେ। ବିଶିଷ୍ଟ ସାହିତ୍ୟିକ ଭାବେ ସୀମାଞ୍ଚଳ କର, ଯୁବ କବି ଭାବେ ଶିବସୁନ୍ଦର ପାଣିଗ୍ରାହୀ ଏବଂ ନିଃସ୍ୱାର୍ଥପର ସେବା ଯୋଗାଉଥିବା ଦୟାନିଧି ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କବିତା ପାଠୋତ୍ସବ କରାଯାଇଥିଲା। ବେବିରାଣୀ ନନ୍ଦ ଏବଂ କୈଳାସ ଦାସ କବିତା ପାଠ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦୁର୍ଗା ଶତପଥୀ ଧନ୍ୟବାଦ ଦେଇଥିଲେ।

### ଆର୍‌ଏସ୍‌ଏସ୍‌ର ମକର ମିଳନ

ଗୁଣପୁର,୧୪।୧(ଡି.ଏନ୍.ଏ.): ରାୟଗଡା ଜିଲା ଗୁଣପୁର ସହର କନ୍ୟକା ପରମେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସୋମବାର ସନ୍ଧ୍ୟାରେ ଆର୍‌ଏସ୍‌ଏସ୍ ପକ୍ଷରୁ ମକର ମିଳନ କାର୍ଯ୍ୟକ୍ରମ ପାଳନ କରାଯାଇଛି। ଏହି ଅବସରରେ ଜିଲା ସଂଘ ଚାଳକ ନନ୍ଦକିଶୋର ଚୌଧୁରୀ, ୱାଇ ଗଣପତି ରାଓ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଗଣେଶ ମାଳି ଯୋଗଦେଇ ମକର ମିଳନ ସମ୍ପର୍କରେ କହିଥିଲେ।

### ଶନିଶ୍ଚର ମନ୍ଦିର ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ

ମୁନିଗୁଡ଼ା, ୧୪।୧(ଡି.ଏନ୍.ଏ.):ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ମୁନିଖୋଲାସ୍ଥିତ ଶନିଶ୍ଚର ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ ପାଇଁ ମୁନିଖୋଲା ଶିବ ମନ୍ଦିରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମନ୍ଦିର ସଭାପତି ବିନୋଦ କୁମାର ଅଗ୍ରୱାଲ ଓ ଆବାହକ ଚିତ୍ତରଞ୍ଜନ ମିଶ୍ରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୯ ତାରିଖରେ ଶନିଶ୍ଚର ମନ୍ଦିରର ବାର୍ଷିକ ଉତ୍ସବ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପଣ୍ଡିତ ବିଶ୍ୱନାଥ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଉକ୍ତ ଦିନ ଶନିଦେବଙ୍କ ଯଜ୍ଞ, ସୂର୍ଯ୍ୟପୂଜା, ଶନିମନ୍ତ୍ର ଜପ ଆଦି ପୂଜା ସହ ୧୦୮ ମନ୍ତ୍ର ଜପ, ଅନ୍ନ ଭୋଗ, ସନ୍ଧ୍ୟା ଆଳତି କରାଯିବାକୁ ସ୍ଥିର ହୋଇଛି। ପୂର୍ଣ୍ଣାହୁତି ପରେ ପୂଜା ଶେଷ ହେବ ବୋଲି ସୂଚନା ଦିଆଯାଇଛି। କମିଟି ସଦସ୍ୟ ଶିବ ଡାକୁଆ, କାଳିଆ ସାହୁ, ମନୋଜ ସାହୁ, ରମାକାନ୍ତ ମାର୍ଥା ପ୍ରମୁଖଙ୍କ ସହ ଅନ୍ୟମାନେ ବୈଠକରେ ଉପସ୍ଥିତ ଥିଲେ।

### ବକ୍ତୃତାପ୍ରତିଯୋଗିତା



ରାୟଗଡା ଅଫିସ, ୧୪।୧:ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗରେ ସୋମବାର ରାୟଗଡା ନେହେରୁ ଯୁବ କେନ୍ଦ୍ର ଅଧୀନରେ କାର୍ଯ୍ୟରତ ଡା. ବି.ଆର୍ ଆମ୍ବେଡ଼କର ଯୁବକ ସଂଘ ପକ୍ଷରୁ ଏକ ବକ୍ତୃତା ପ୍ରତିଯୋଗିତା କରାଯାଇଛି। ଏଥିରେ ଦିବନ୍ତ ବାଘ ପ୍ରଥମ, ଭାରତ ନାଏକ ଦ୍ୱିତୀୟ ଓ ଲକ୍ଷ୍ମଣ ନାଏକ ତୃତୀୟ ହୋଇଛନ୍ତି। ଏକ ସୁସ୍ଥ ସମାଜ ଗଠନରେ ଯୁବ ସମାଜର ଭୂମିକା କ'ଣ ହେବା ଉଚିତ ଏ ବିଷୟରେ ଅଧକ୍ଷ ସୂର୍ଯ୍ୟନାରାୟଣ ତ୍ରିପାଠୀ ଯୁବଗୋଷ୍ଠୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ଅଧାପକ ଉଦୟ ନାଏକ ଏଥିରେ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧୯ ତାରିଖରେ ପୁରସ୍କୃତ କରାଯିବ। ପ୍ରକାଶ ଯେ, ରାଷ୍ଟ୍ରୀୟ ଯୁବ ଦିବସ ଉପଲକ୍ଷେ ଜାନୁୟାରୀ ୧୨ରୁ ୧୯ତାରିଖ ପର୍ଯ୍ୟନ୍ତ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଜାନୁୟାରୀ ୧୯ରେ ଶେଷ ହେବ।

■ କୁହୁଡ଼ିରେ ଦିଶିଲାନି ରାସ୍ତା: ଟ୍ରେଲ୍‌ରକୁ ଧକ୍କା ଦେଲା ଟ୍ରକ୍

# ୫ ଘଣ୍ଟା ଯାତାୟାତ ଠପ୍

**ରାୟଗଡା ଅଫିସ୍, ୧୪।୧**

ରାୟଗଡା-ଭବାନୀପାଟଣା ୩୨୬ନମ୍ବର ରାଜ୍ୟ ରାଜପଥର ଥେରୁବାଲି ବ୍ରିଜ୍ ନିକଟରେ ସୋମବାର ଏକ ଟ୍ରେଲ୍‌ର ସହ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଏହି ରାସ୍ତାରେ ୫ଘଣ୍ଟା ଧରି ଯାତାୟାତ ଠପ୍ ହୋଇଥିଲା। ଖବରପାଇ ଚାନ୍ଦିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରେଲ୍‌ର ଓ ଟ୍ରକ୍‌କୁ ରାସ୍ତା ଉପରୁ ହଟାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

ପ୍ରକାଶ ଯେ, ଥେରୁବାଲି ବ୍ରିଜ ନିକଟ ବୁର୍ଜୁଗୁଡା ରାସ୍ତା ଦେଇ ସୋମବାର ଭୋରରୁ ବିଶାଖାପାଟଣାରୁ (ଓଆର୍-୧୫.ଏମ୍-୮୪୪୯) ନମ୍ବର ବିଶିଷ୍ଟ ଗୋଟିଏ ଟ୍ରେଲର ଲାଞ୍ଜିଗଡ ଅଭିମୁଖେ ଯାଉଥିଲା। ଘନ କୁହୁଡି ଯୋଗୁ ଆଗକୁ ରାସ୍ତା ଦିଶୁ ନ ଥିବାରୁ ସେ ବୁର୍ଜୁଗୁଡା ବୁଲାଣି ନିକଟରେ ଟ୍ରକଟିକୁ ରଖି ଦେଇଥିଲେ। ଏହି ସମୟରେ ଆନ୍ଧ୍ରରୁ ଆସୁଥିବା ଏକ ଟ୍ରକ୍ (ଏପି-୩୭ୱାଇ-୩୯୭୯) ଟ୍ରଲରକୁ ଧକ୍କା ଦେଇଥିଲା। ଏଥିରେ ଟ୍ରକଟି ଓଲଟି ପଡିଥିଲା। ଏଥିରେ କେହି ମୃତାହତ ହୋଇ ନ ଥିବା ବେଳେ ଉଭୟ ଟ୍ରେଲର ଏବଂ ଟ୍ରକ୍‌ର ଯନ୍ତ୍ରାଂଶରେ ବ୍ୟାପକ କ୍ଷତି ଘଟିଛି। ରାସ୍ତାଟି ବୁଲାଣି ଏବଂ ସଂକୀର୍ଣ୍ଣ ହୋଇଥିବା ଯୋଗୁ ଟ୍ରକ୍‌ଟି ଓଲଟି ପଡିବାରୁ ପ୍ରାୟ ୫ଘଣ୍ଟା ଧରି ଯାତାୟାତ ଠପ୍ ହୋଇଥିଲା। ଏହି ରାସ୍ତାଟି ବିଶାଖପାଟଣା-ରାୟପୁରକୁ ସଂଯୋଗ କରୁଥିବା ଯୋଗୁ ବ୍ୟାପକ ଅସୁବିଧା ହୋଇଥିଲା। ଦୁଇପଟେ ବହୁ ଭାରିଯାନ, ଯାତ୍ରୀବାହୀ ବସ୍ ଓ ଛୋଟଯାନଗୁଡ଼ିକ ଅଟକି ରହିଥିଲା।



ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ଟ୍ରେଲର।

# ରାସ୍ତାକଡ଼ରେ ହାତୀପଲ, ଗ୍ରାମବାସୀ ଆତଙ୍କିତ

■ଆଜି ହାତୀ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ ପିସିସିଏଫ୍

■ହାତୀପଲ ମୂଳସ୍ଥାନକୁ ନ ଯିବା ଯାଏଁ ବିଦ୍ୟୁତ ସରବରାହ ବନ୍ଦ ରହିବ

**ରାୟଗଡା ଅଫିସ୍, ୧୪।୧**

ଆନ୍ଧ୍ରପ୍ରଦେଶ ଜଙ୍ଗଲରୁ ଓଡ଼ିଶା ଭିତରକୁ ଚାଲି ଆସିଥିବା ହାତୀପଲ ଗତ ୯ଦିନଧରି ସୀମାନ୍ତ ଅଞ୍ଚଳରେ ଆତଙ୍କ ଖେଳାଇଛନ୍ତି। ସୋମବାର ଭୋରରୁ ହାତୀପଲ ନାଗାବଳୀ ନଦୀ ପାର ହୋଇ ଆସିଛନ୍ତି ମୁଖ୍ୟ ସଡକକୁ । ଏବେ ସୁଦ୍ଧା ବିଭିନ୍ନ ଗାଁରେ ବିଦ୍ୟୁତ ସେବା ବନ୍ଦ ରହିଛି। ସୋମବାର ଡିଏଫ୍‌ଓ ଦେବାର୍ଚ୍ଚନ ବେହେରା ସେହି ଅଞ୍ଚଳ ଗସ୍ତକରି ସ୍ଥିତି ଅନୁଧାନ କରିଛନ୍ତି। ମଙ୍ଗଳବାର ପିସିସିଏଫ୍ ଦେବବ୍ରତ ସ୍ୱାଇଁ ହାତୀ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ।

କେରେଡା ଗ୍ରାମରୁ ମାତ୍ର ୩କି.ମି ଆନ୍ଧ୍ରପ୍ରଦେଶର ସୋଲପଦର ଗାଁ ନିକଟ ଜମିରେ ହାତୀପଲ ରହିଥିବା ଦେଖିବାକୁ ମିଳିଛି। ଭୋର ପ୍ରାୟ ୩ଟା ବେଳେ ସୋଲପଦର ଗାଁ ନିକଟରେ ନାଗାବଳୀ ନଦୀ ପାର ହୋଇ ସକାଳ ୬ଟାରେ ଗାଁ ନିକଟ ଚାଷଜମିକୁ ଆସି ଧାନ ଖାଇ ଉକ୍ତ ସ୍ଥାନରେ ଦିନ ତମାମ ରହିଛନ୍ତି। ଅପରାହ୍ନରେ ହାତୀପଲ ବାହରକୁ ଆସିଥିଲେ। ହେଲେ ରାଜପଥରେ ଯାନବାହାନ ଯାତାୟାତ ଥିବାରୁ ସେମାନେ ଫେରି ଯାଇଥିଲେ। ତେବେ ଗତିପଥ ବଦଳାଇଥିବାରୁ ବର୍ତ୍ତମାନ କେରେଡା ସମେତ ସୀମାନ୍ତରେ ଥିବା ଗାଜିଗାଁ ଓ ହାଟଶେଷଖାଲ ପଞ୍ଚାୟତରେ ଆତଙ୍କ ଖେଳିଯାଇଛି। ହାତୀପଲ ନିକଟସ୍ଥ ରେଳଧାରଣା ଆଡକୁ ମଧ ଯାଇପାରନ୍ତି ବୋଲି ବନ ବିଭାଗ କର୍ମଚାରୀ ଅନୁମାନକରି ସେଠାରେ ଅନୁଧାନ ଚଳାଇଛନ୍ତି। ହାତୀଙ୍କ ସୁରକ୍ଷା ଦୃଷ୍ଟିରୁ ଆଜି ମଧ ବିଭିନ୍ନ ଗ୍ରାମରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ହାତୀପଲ ନିଜର ମୂଳସ୍ଥାନ ବୀରଗୋଟମ ଜଙ୍ଗଲକୁ ନ ଯିବା ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବନ୍ଦ ରହିବ ବୋଲି ସାଉଥ୍‌କୋ ଘୋଷଣା କରିଛି। ଅଧିକ ବନ କର୍ମଚାରୀଙ୍କୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇ ହାତୀଙ୍କ ଆସିବା ବାଟରେ ନିୟୋଜିତ କରାଯାଇଛି। ହାତୀପଲଙ୍କ ଗତିବିଧି ଉପରେ କଡା ନଜର ରଖିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଡିଏଫ୍‌ଓ ବେହେରା କହିଛନ୍ତି। ହାତୀପଲ କେବେ ଜଙ୍ଗଲକୁ ଫେରୁଛନ୍ତି ଓ ଲୋକେ ଶାନ୍ତି ପାଇଉଛନ୍ତି ତାହା ଦେଖିବାକୁ ବାକି ରହିଲା।



ରାସ୍ତା ନିକଟସ୍ଥ ଜଙ୍ଗଲରେ ହାତୀପଲ ବୁଲୁଛନ୍ତି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ: ଅଭିଯୁକ୍ତ କୋର୍ଟ ଚାଲାଣ

**ଜୟପୁର,୧୪।୧ (ଡି.ଏନ.ଏ/ସ୍ୱ.ପ୍ର.)**

ଜୟପୁର ସଦର ଥାନା ସ୍ଥାନୀୟ ବାୟାଗୁଡ଼ା ଗ୍ରାମ ନିକଟରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ବାୟାଗୁଡା ଗ୍ରାମର ଗୌର କେନ୍ଦୁ (୨୪) । ଉକ୍ତ ଘଟଣାକୁ ନେଇ ଗ୍ରାମର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଉତ୍ତେଜନା ଲାଗି ରହିଥିବା ଯୋଗୁ ଥାନା ଅଧିକାରୀଙ୍କ ସହ ଦୁଇ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ପୂର୍ବ ଶତ୍ରୁତାକୁ ନେଇ ଗତ ଶୁକ୍ରବାର ସନ୍ଧ୍ୟାରେ ଉକ୍ତ ଗ୍ରାମର ବିପକ୍ଷ ଗୋଷ୍ଠୀର ରାମ ନାଗ ଏବଂ ଅଭିଯୁକ୍ତ ଗୌରଙ୍କ ମଧ୍ୟରେ ବାଇକ୍ ଧକ୍କାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଗୌର ଛୁରାରେ ରାମଙ୍କ ବେକକୁ ଚୋଟ ମାରିବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାରେ ୬ଜଣଙ୍କ ନାମରେ ରାମଙ୍କ ଗୋଷ୍ଠୀ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। କିନ୍ତୁ ଏତଲା ହୋଇଥିବା ବ୍ୟକ୍ତିମାନେ ଉପସ୍ଥିତ ନ ଥାଇ ବି ଅନ୍ୟପକ୍ଷର ଲୋକେ ସେମାନଙ୍କୁ ମିଥ୍ୟା ମାମଲାରେ ଫସାଇବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଥିଲା। ଏପରି ଅଭିଯୋଗ ନେଇ ସମ୍ପୃକ୍ତ ଗୋଷ୍ଠୀର ମହିଳା ଓ ଗ୍ରାମବାସୀ ସଦର ଥାନା ଘେରାଉ କରିବା ସହ ଏତଲା ଦେଇଥିଲେ।

■ସିବିଏସ୍‌ଟି ପରୀକ୍ଷାରେ ସ୍ଥାନୀୟ ଯୁବତୀ ଯୁବକଙ୍କୁ ଅବହେଳା

# ଜିଲାପାଳଙ୍କୁ ଦାବିପତ୍ର

**ରାୟଗଡା ଅଫିସ୍, ୧୪।୧**

ଏଏନ୍‌ଏମ୍, ଜିଏନ୍‌ଏମ୍, ଏଲ୍‌ଟିଏସ୍, ବିଡିଏମ୍ ପଦବୀ ପାଇଁ ହେବାକୁ ଥିବା ସିବିଏସ୍‌ଟି ପରୀକ୍ଷାରେ ସ୍ଥାନୀୟ ଯୁବତୀଯୁବକଙ୍କୁ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି। ସୋମବାର ସେମାନେ ଜିଲାପାଳଙ୍କୁ ଭେଟି ଏ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୧୬, ୧୭, ୧୮ ତାରିଖରେ ବିଭିନ୍ନ ସିବିଏସ୍‌ଟି ପରୀକ୍ଷା କରିବାକୁ ଧାର୍ଯ୍ୟ କରାଯାଇଛି, ଏଥିପାଇଁ ବାହାରିଥିବା ତାଲିକାରେ ସ୍ଥାନୀୟ ଛାତ୍ରୀଛାତ୍ରଙ୍କୁ ଅବହେଳା କରାଯାଇଛି ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଯୋଗେଶ୍ୱର ଦାସଙ୍କ ନେତୃତ୍ୱରେ ସେମାନେ ଜିଲାପାଳ ଗୁହାପୁନମ ତାପସ କୁମାରଙ୍କୁ ଭେଟିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଦେବନ୍ତୀ କନ୍ଧପାଣି, ଝାନ୍‌ସି ରାଣୀ ମିଶାଲ, ଗୌରୀ ଶବର, ସଞ୍ଜୁକ୍ତା କାଡ୍ରାକା, ଆଶିଷ ଦାସ, ସ୍ୱପ୍ନାରାଣୀ କମଲ, ରଶ୍ମିତା ଟାକ୍ରି, ରଜନୀ ଜିଲାକାରା, ସରିତା ଦୀପ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

# ରାସ୍ତାକଡ଼ରେ ଚାଲିଛି ବେଆଇନ ଇଟାଭାଟି

**ଟିକିରି,୧୪।୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଇଟାଭାଟିମାନ ଗଢ଼ି ଉଠିଛି। ବ୍ଲକର ଟିକିରି ନିକଟସ୍ଥ ସୋରିଷପଦର ଛକ, ଗାକୁଲମୁଣ୍ଡା, ଡଙ୍ଗାସିଲ, ସୁଙ୍ଗେର ଭଳି ଅନେକ ସ୍ଥାନରେ ଚାଲିଥିବା ଇଟାଭାଟି ସରକାରଙ୍କର ଗାଇଡ୍‌ଲାଇନ ପାଳନ କରୁ ନ ଥିବା ଅଭିଯୋଗ ହୋଇଛି। ସେହିଭଳି କେତେକ ଇଟାଭାଟି ରାଜସ୍ୱ ଦେଉ ନଥିବା ଅଭିଯୋଗ ହୋଇଛି। ଜନବସତି ନିକଟରେ ଗଢି ଉଠୁଥିବା ଇଟାଭାଟିରେ ଇଟା ପୋଡିବା ଦ୍ୱାରା ଧୂଆଁରେ ପରିବେଶ ଦୂଷିତ ହେଉଛି । ସିମେଣ୍ଟ ଇଟା ନିର୍ମାଣ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ଥିଲେ ସୁଧା ଏହାକୁ ଖାତିର ନ କରି ବେଆଇନ ଇଟାଭାଟି ଗଢି ଉଠୁଛି। କିଛି ଇଟାଭାଟିରେ ଶିଶୁ ଶ୍ରମିକମାନେ ନିୟୋଜିତ ହୋଇଥିବାର ଦେଖିବାକୁ ମିଳୁଛି । ଏହିପରି ବେଆଇନ ଇଟାଭାଟି ଉପରେ ପ୍ରଶାସନର ନଜର ପଡୁ ନ ଥିବା ଅଭିଯୋଗ ହୋଇଛି। ଇଟାଭାଟିରୁ ବାହାରୁଥିବା ଧୂଳି ଓ ଧୂଆଁ ନିକଟସ୍ଥ ଜମିରେ ପଡୁଥିବାରୁ ଏହାର ଉର୍ବରତା ଦିନକୁ ଦିନ କମୁଛି ବୋଲି ଚାଷୀମାନେ କହିଛନ୍ତି। ଏ ନେଇ ନେଇ ତହସିଲଦାର ସୌଭାଗ୍ୟ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି କେତେ ଜଣ ଇଟାଭାଟି ମାଲିକ ରୟାଲଟି ଦେଇଛନ୍ତି। ଯେଉଁମାନେ ରୟାଲଟି ଦେଇ ନାହାନ୍ତି ସେମାନେ କିଛି ଦିନ ମଧ୍ୟରେ ଦେଇଦେବେ।



ଟିକିରି ଅଞ୍ଚଳରେ ଗଢ଼ିଉଠିଥିବା ବେଆଇନ ଇଟାଭାଟି।



ରାମନାଗୁଡ଼ା ବ୍ଲକର ସରପଞ୍ଚ ଓ ସମିତି ସଭ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

■ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରକଳ୍ପ ପ୍ରଶାସକଙ୍କୁ ଦାବିପତ୍ର

# ପିଠା କାର୍ଯ୍ୟକ୍ରମରେ ସହଯୋଗ କରିବେନି ଲୋକ ପ୍ରତିନିଧି

**ରାମନାଗୁଡ଼ା, ୧୪।୧(ଡି.ଏନ୍.ଏ.)**

**ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ**

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ସଦର ମହକୁମାସ୍ଥିତ କଲ୍ୟାଣ ମଣ୍ଡପରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠଅନୁଷ୍ଠିତ ହୋଇଛି। ଏଥିରେ ପ୍ରକଳ୍ପ ପ୍ରଶାସକ ଅମ୍ରିତ ଋତୁରାଜ ୨୭ ବ୍ୟକ୍ତିଗତ ଓ ୧୦ ଗୋଷ୍ଠୀଗତ ଅଭିଯୋଗ ଶୁଣାଣି କରିଥିଲେ। ରାମନାଗୁଡ଼ା ବ୍ଲକର ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ଆଗାମୀ ପିଠା କାର୍ଯ୍ୟକ୍ରମରେ କୌଣସି ସହଯୋଗ କରିବେ ନାହିଁ ବୋଲି ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରକଳ୍ପ ପ୍ରଶାସକଙ୍କୁ ଦାବିପତ୍ର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏଫ୍‌ଓ ଅଲେଖ ସାମଲ, ଏଡିଏମ୍‌ଓ ଲକ୍ଷ୍ମୀନାରାୟଣ ପୃଷ୍ଟି, ଗୁଣପୁର ଉପଜିଲାପାଳ ବିଏସ୍ ବଳିରାମ, ବ୍ଲକ ଅଧକ୍ଷା ରଜନୀ ମାଣ୍ଡାଙ୍ଗି, ପିଏ ଗୋରାଚାନ୍ଦ ଗମାଙ୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। ବିଡିଓ ସୁଧାକର ରଇତ, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ପାଣିଗ୍ରାହୀ, ତହସିଲଦାର ଜୟଶ୍ରୀ ମଲ୍ଲିକ, ଜିପିଇଓ ପ୍ରଭାତ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୪ ଏକର ଗଞ୍ଜେଇ ଗଛ ନଷ୍ଟ



ଗଞ୍ଜେଇ ଗଛ କଟାଯାଉଛି।

**ମୁନିଗୁଡା, ୧୪।୧**

ମୁନିଗୁଡା ପୋଲିସ ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡା ପଞ୍ଚାୟତ ଅଧୀନ ଡେଲିଗୁଡା ଓ ମାଦାଗୁଡା ଅଞ୍ଚଳର ପ୍ରାୟ ୧୪ ଏକର ଜମିରେ ହୋଇଥିବା ଗଞ୍ଜେଇ ଚାଷ ନଷ୍ଟ କରିଛି। ଏହାର ଆନୁମାନିକ ମୂଲ୍ୟ ୫୦ଲକ୍ଷରୁ ଅଧିକ ହେବ ବୋଲି ଜଣାପଡିଛି। ଏହି ସମୟରେ ମୁନିଗୁଡା ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା, ଆଇଆଇସି ରାମେଶ୍ୱର ପ୍ରଧାନ, ଚନ୍ଦ୍ରପୁର ତହସିଲଦାର ଫେରନାଣ୍ଡ ଏକ୍କା, ଅବକାରୀ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଗଞ୍ଜେଇ ଗଛକଟା ଅଭିଯାନ ଦୁଇଦିନ ଧରି ଚାଲିବ। ଏଥିସହ ଅଞ୍ଚଳରେ ଗଞ୍ଜେଇ ଗଛ ନ ଲଗାଇବାକୁ ସଚେତନତା ମଧ କରାଯିବ ବୋଲି ମୁନିଗୁଡ଼ା ଏସ୍‌ଡିପିଓ ହୋତା ସୂଚନା ଦେଇଛନ୍ତି।

■ ବିଭିନ୍ନ ସ୍ଥାନରେ ମକର ସଂକ୍ରାନ୍ତି, ପୋଙ୍ଗଲ

# ଭୋଗୀ ପାଳିଲେ ତେଲୁଗୁ ସମ୍ପ୍ରଦାୟ

**ରାୟଗଡା ଅଫିସ, ଟିକିରି, ୧୪।୧(ଡି.ଏନ୍.ଏ.)**

ରାୟଗଡାର ବିଭିନ୍ନ ସ୍ଥାନରେ ମକର ସଂକ୍ରାନ୍ତି ଏବଂ ତେଲୁଗୁ ସମ୍ପ୍ରଦାୟ ଲୋକେ ପୋଙ୍ଗଲ ପାଳନ କରିଛନ୍ତି। ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା। ଶ୍ରଦ୍ଧା ଶ୍ରୀକ୍ଷେତ୍ରସ୍ଥିତ ସୂର୍ଯ୍ୟ ନାରାୟଣ ଏବଂ ପାଇକପଡାରେ ଥିବା ବିରଞ୍ଚିନାରାୟଣ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ ଜମିଥିଲା। ସମସ୍ତ ମନ୍ଦିରରେ ମକର ଚାଉଳ ପ୍ରସାଦ ଭାବେ ଠାକୁରଙ୍କୁ ଅର୍ପଣ କରାଯାଇଛି। ରାୟଗଡ଼ାରେ ଓଡ଼ିଆ ଓ ତେଲୁଗୁ ସମ୍ପ୍ରଦାୟ ମିଳିତ ଭାବେ ପୋଙ୍ଗଲ ପାଳନ କରିଛନ୍ତି। ପୋଙ୍ଗଲର ପୂର୍ବଦିନ ରାତିରେ ତେଲୁଗୁ ସମ୍ପ୍ରଦାୟ ଲୋକେ ବିଭିନ୍ନ ଛକରେ କାଠଜାଳି ଭୋଗୀ ପାଳନ କରିଥିଲେ। ସୋମବାର ସନ୍ଧ୍ୟାରେ ତେଲୁଗୁ ସମ୍ପ୍ରଦାୟ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପର୍ବ ମୁଖ୍ୟତଃ ୩ଦିନଧରି ପାଳନ କରାଯାଇଥାଏ। ପ୍ରଥମ ଦିନକୁ ଭୋଗୀ, ଦ୍ୱିତୀୟ ଦିନକୁ ସଂକ୍ରାନ୍ତି ଓ ତୃତୀୟ ଦିନକୁ କାନୁମା କୁହାଯାଏ। ପୋଙ୍ଗଲ ଅବସରରେ ଗାଁଗୁଡ଼ିକରେ କୁକୁଡାଗାଳି ଖେଳ ଅନୁଷ୍ଠିତ ହୋଇଛି। ଏହି ଖେଳରେ ଭାଗନେବା ପାଇଁ ପଡୋଶୀ କୋରାପୁଟ ଓ କଳାହାଣ୍ଡି ଜିଲାରୁ ମଧ ଲୋକ ଏଠାକୁ ଆସିଥିଲେ। ରାୟଗଡା ଜିଲା କାଶୀପୁର ବ୍ଲକର ବିଭିନ୍ନ ସ୍ଥାନରେ ମଧ ମକର ସଂକ୍ରାନ୍ତି ଓ ପୋଙ୍ଗଲ ପାଳି ହୋଇଛି। ମକର ସଂକ୍ରାନ୍ତି ପାଇଁ ଶୈବାଳୟରେ ଭିଡ଼ ଜମିଥିଲା। ମକର ସଂକ୍ରାନ୍ତି ପୂର୍ବଦିନ ତେଲୁଗୁ ସମ୍ପ୍ରଦାୟର ଲୋକେ ଏଠାରେ ମଧ ଭୋଗୀ ଉତ୍ସବ ପାଳନ କରିଛନ୍ତି। ସେମାନେ ପିଠାପଣା ସହ ଭୋଜିଭାତର ଆୟୋଜନ କରି ବନ୍ଧୁ ବାନ୍ଧବଙ୍କୁ ନିମନ୍ତ୍ରଣ ଦେଇଥିଲେ। ବ୍ଲକର ଟିକିରି, ଦୋରାସାହି ଓଷପଡ଼ା, ଦୋରାଗୁଡା ସହିତ ବିଭିନ୍ନ ଗ୍ରାମରେ ଏହି ଉତ୍ସବ ପାଳନ କରାଯାଇଛି।



ଟିକିରିଠାରେ ତେଲୁଗୁ ସମ୍ପ୍ରଦାୟ ଲୋକେ ଭୋଗୀ ପାଳନ କରୁଛନ୍ତି।